# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଡିସେମ୍ବର ୨୦/୨୦୧୮ (୧୬ ପୃଷ୍ଠା) | Sambalpur, Thursday, December 20/ 2018 | ★★

୧୫୩ ଭାଗ ୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଚିଦାମ୍ବରମ୍‌ଙ୍କୁ ଇଡି ଜେରା**

ଆଇଏନ୍‌ଏକ୍ସ ମିଡିଆ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କୁ ଜେରା କରିଛି।

୦୯

୧୫

**୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ପ୍ରତ୍ୟାଶାଙ୍କୁ ରୌପ୍ୟ**

ଦିଲ୍ଲୀର ତାଲକୋଟ୍ରା ଷ୍ଟାଡିୟମରେ ଅନୁଷ୍ଠିତ ନ୍ୟାଶନାଲ ସ୍କୁଲ ଗେମ୍ସ ସନ୍ତରଣର ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ଓଡ଼ିଶାର ପ୍ରତ୍ୟାଶା ରାୟ ରୌପ୍ୟ ପଦକ ହାସଲ କରିଛନ୍ତି ।



# ବୋର୍ଡ ଅଫିସ ପୋଡ଼ିଦେଲେ







ସମ୍ବଲପୁର ସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ ଅଫିସରେ ଲାଗିଥିବା ନିଆଁ, ପୋଡ଼ିଯାଇଥିବା କାଗଜପତ୍ର ଓ ହୋଇଥିବା ଭଙ୍ଗାରୁଜା ।

**ସମ୍ବଲପୁର,୧୯।୧୨(ବ୍ୟୁରୋ)**

ସମ୍ବଲପୁର ସହରର ଧନୁପାଲି ଥାନା ଅଧୀନ ଜେଲ ଛକରେ ଥିବା ମାଧ୍ୟମିକ ଶିକ୍ଷା ପରିଷଦ ଅଫିସ (ବୋର୍ଡ କାର୍ଯ୍ୟାଳୟ)କୁ ବୁଧବାର କେତେଜଣ ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ି ଦେଇଛନ୍ତି। ଦୁର୍ବୃତ୍ତମାନେ ଅଫିସରେ ପଶି ଭଙ୍ଗାରୁଜା କରିବା ପରେ ଏହି କାଣ୍ଡ ଭିଆଇଛନ୍ତି। ଏହାକୁ ପ୍ରତିରୋଧ କରୁଥିବା କେତେଜଣ କର୍ମଚାରୀ ଓ ଉପସ୍ଥିତ ଶିକ୍ଷକମାନଙ୍କୁ ବି ସେମାନେ ଆକ୍ରମଣ କରିଛନ୍ତି। ଏହି ପୋଡ଼ାଜଳା ଓ ଭଙ୍ଗାରୁଜାରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି। ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ି ପାଉଁଶ ହୋଇଛି। ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ବହୁ କାଗଜପତ୍ରର ପତ୍ତା ମିଳୁନି। ଓକିଲଙ୍କ ଆନ୍ଦୋଳନ ଯୋଗୁ ଗତ କିଛିଦିନ ହେବ ସହରର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି। ବୁଧବାର ମାଟ୍ରିକ ପରୀକ୍ଷାର୍ଥୀଙ୍କ ତାଲିକା ପ୍ରଦାନର ଶେଷ ଦିନ ଥିବାରୁ ଏହି କାର୍ଯ୍ୟାଳୟ ଖୋଲିଥିଲା। ଏଥିପାଇଁ ଜିଲାପାଳଙ୍କୁ ବହୁ ପୂର୍ବରୁ ଅବଗତ କରାଯିବା ସହ ଓକିଲ ସଂଘକୁ ମଧ୍ୟ କୋହଳ ମନୋଭାବ ପୋଷଣ କରିବାକୁ ଲିଖିତ ଭାବେ ଅନୁରୋଧ କରାଯାଇଥିଲା। ଏହା ପରେ ମଧ୍ୟ ଏପରି ଘଟଣା ଘଟିଥିବାରୁ ଏଥିରେ କେତେଜଣ ଓକିଲଙ୍କ ହାତଥିବା ଚର୍ଚ୍ଚା ଜୋର ଧରିଛି। ତେବେ ଏହି ଚର୍ଚ୍ଚାକୁ ଓକିଲ ସଂଘର କର୍ମକର୍ତ୍ତା ଖଣ୍ଡନ କରିଛନ୍ତି। ଏହି ଘଟଣାକୁ ନେଇ ରାତିରେ ବୋର୍ଡ ଅଫିସ ପକ୍ଷରୁ ଧନୁପାଲି ଥାନାରେ ଅଭିଯୋଗ କରାଯାଇଛି।

**ସମ୍ବଲପୁରରେ ଲଙ୍କାକାଣ୍ଡ**

- ମାଟ୍ରିକ ପରୀକ୍ଷାର୍ଥୀଙ୍କ ତାଲିକା ପ୍ରଦାନର ଆଜି ଥିଲା ଶେଷ ତାରିଖ
- ଜଳିଗଲା ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର
- ଅଫିସ ଭିତରେ ଭଙ୍ଗାରୁଜା,ମାରପିଟ୍
- ଆକ୍ରମଣରୁ ବାଦ୍ ପଡ଼ିଲେନି କର୍ମଚାରୀ, ଶିକ୍ଷକ
- ଓକିଲଙ୍କ ସମ୍ପୃକ୍ତି ଚର୍ଚ୍ଚାକୁ ସଂଘର ଖଣ୍ଡନ
- ୮ ଅଭିଯୁକ୍ତ ଫେରାର

ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ପ୍ରାୟ ୨ଟା। ବୋର୍ଡ ଅଫିସ କାମ ସ୍ୱାଭାବିକ ଭାବେ ଚାଲୁଥିଲା। ୮ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଅଫିସ ଭିତରକୁ ପଶିଥିଲେ। ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ସହରର ସମସ୍ତ ସରକାରୀ ଅଫିସ ବନ୍ଦ ଅଛି। ତୁମେମାନେ କାହିଁକି ଅଫିସ ଖୋଲିଛ କହି ଦୁର୍ବୃତ୍ତମାନେ ପାଟିତୁଣ୍ଡ କରିଥିଲେ। ଏହାପରେ ସବୁ କର୍ମଚାରୀଙ୍କୁ ବାହାରକୁ ଚାଲିଯିବାକୁ କହି ବେଞ୍ଚ, ଟେବୁଲ, କମ୍ପ୍ୟୁଟର, ଆଲମିରା ଆଦି ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ପରେ କାଗଜପତ୍ରରେ ନିଆଁ ଲଗାଇ ଦେଇଥିଲେ। କେତେଜଣ କର୍ମଚାରୀ ଏହାକୁ ପ୍ରତିରୋଧ କରିବାରୁ ଦୁର୍ବୃତ୍ତମାନେ ☞ପୃଷ୍ଠା-୪

## ୨ ସମ୍ପର୍କୀୟ ଭାଇଙ୍କ ସଲିଳ ସମାଧି

**ଭୋଗରାଇ, ୧୯।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ନାରାଣପୁର ଗ୍ରାମରେ ବୁଧବାର ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି ୨ ସମ୍ପର୍କୀୟ ଭାଇ। ସେମାନେ ହେଲେ ସହଦେବ ସାହୁଙ୍କ ୪ ବର୍ଷର ପୁଅ ରାଜକୁମାର ଏବଂ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ୩ ବର୍ଷର ପୁଅ ରଞ୍ଜନ କୁମାର। ଦୁଇଭାଇ ପୂର୍ବାହ୍ନ ୧୧ଟା ବେଳେ ଖେଳୁଥିଲେ। ଏହି ସମୟରେ ଘର ସମ୍ମୁଖରେ ଥିବା ଏକ ପୋଖରୀରେ ସେମାନେ ଅଜାଣତରେ ପଡ଼ିଯାଇଥିବା ଅନୁମାନ କରାଯାଉଛି। ଘରଲୋକ ଶିଶୁଦ୍ୱୟଙ୍କୁ ଖୋଜି ନ ପାଇବାରୁ ପୋଖରୀରେ ପଡିଯାଇଥିବା ସନ୍ଦେହ କରିଥିଲେ। ଶେଷରେ ପୋଖରୀରେ ଜାଲ ପକାଇ ଗଭୀର ପାଣି ମଧ୍ୟରୁ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ତୁରନ୍ତ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ଭୋଗରାଇ ପୋଲିସ ଦୁଇଟି ଅପମୃତ୍ୟୁ ମାମଲା (ନଂ. ୪୩ ଓ ୪୪/୧୮) ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି।

**ଆଜିର ସମ୍ପାଦକୀୟ**

ଜିରାଫ ବଂଶ ବିପଦରେ

**ଆଜିର ମନ୍ତବ୍ୟ**

ବିରୋଧୀଙ୍କ ମହାମେଣ୍ଟ ଏକ ଭ୍ରମ।

-ଅମିତ୍ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

**କିଛି ତଥ୍ୟ**

୨୦୧୭-୧୮ରେ ଭାରତ-ଚାଇନା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ପୂର୍ବ ବର୍ଷ ତୁଳନାରେ ୧୮.୬୩% ବୃଦ୍ଧି ଘଟି ୮୪.୪୪ ବିଲିୟନ ଡଲାର ଛୁଇଁଛି।

-ବାଣିଜ୍ୟ ମନ୍ତ୍ରଣାଳୟ

**CBSE Exam Mate**

ପୃଷ୍ଠା -୧୧


NECC NATIONAL EGG CO-ORDINATION COMMITTEE 19.12.2018 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 71 | 120 | 130 |
| DKL | 72 | 122 | 132 |
| BDK | 71 | 120 | 130 |
| BLS | 73 | 123 | 133 |
| ANG | 74 | 124 | 134 |

*Conditions Apply

Eggs Retail Price- 53/-Dozen

Issued in the Interest of Consumers


## ରାଜସ୍ଥାନରେ କୃଷିଋଣ ଛାଡ଼

**ଜୟପୁର,୧୯।୧୨**

ରାଜସ୍ଥାନର ନବଗଠିତ କଂଗ୍ରେସ ସରକାର ଚାଷୀଙ୍କ କୃଷିଋଣ ଛାଡ଼ କରିଛନ୍ତି। ମଧ୍ୟପ୍ରଦେଶ ଓ ଛତିଶଗଡ଼ ପରେ କୃଷକଙ୍କ ମୁଣ୍ଡରୁ ଋଣବୋଝ ହଟାଇବାରେ ରାଜସ୍ଥାନ ହେଉଛି ତୃତୀୟ ରାଜ୍ୟ। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ନିଜ ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିଛନ୍ତି। ସଦ୍ୟ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଚାଷୀଙ୍କ ସମସ୍ୟା ମୁଖ୍ୟ ପ୍ରସଙ୍ଗ ପାଲଟିଥିଲା। କଂଗ୍ରେସ ସରକାର ଗଠନ କଲେ ୧୦ ଦିନ ମଧ୍ୟରେ ରାଜ୍ୟର କୃଷକମାନଙ୍କ ଋଣଛାଡ଼ କରାଯିବ ବୋଲି ପ୍ରଚାର ବେଳେ ଦଳ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଶପଥଗ୍ରହଣର ଦୁଇଦିନ ପରେ ଗେହଲଟ ଏଦିଗରେ ପଦକ୍ଷେପ ନେଇଛନ୍ତି। ସରକାରଙ୍କ ଘୋଷଣା ଅନୁସାରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷିଋଣ ଛାଡ଼ କରାଯିବ। ଏଥିଯୋଗୁ ରାଜ୍ୟ ରାଜକୋଷ ଉପରେ ଅତିରିକ୍ତ ୧୮,୦୦୦ କୋଟି ଟଙ୍କା ବୋଝ ପଡ଼ିବ। ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ମଙ୍ଗଳବାର ସଚିବାଳୟ ଯାଇ ବରିଷ୍ଠ ଅଧିକାରୀମାନଙ୍କ ସହ କୃଷିଋଣ ଛାଡ଼ ନେଇ ଆଲୋଚନା କରିଥିଲେ। ଏହାର ଦିନକ ପରେ ଏହି ଘୋଷଣା ଚାଷୀଙ୍କୁ ଆଶ୍ୱସ୍ତି ଦେଇଛି।

## ନାସାରେ ତଥ୍ୟ ଚୋରି

**ସାନ୍‌ଫ୍ରାନ୍‌ସିସ୍କୋ,୧୯।୧୨**

ସୁରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଥିବା ଆମେରିକାର ମହାକାଶ ଗବେଷଣା ସଂସ୍ଥା (ନାସା)ରେ କାର୍ଯ୍ୟରତ ଓ ପୂର୍ବତନ କର୍ମଚାରୀମାନଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି ହୋଇଥିବା ସାମ୍ନାକୁ ଆସିଛି। ତଥ୍ୟ କିଏ ଚୋରି କରିଛି ଓ ଏଥିଯୋଗୁ କେତେ କର୍ମଚାରୀ ପ୍ରଭାବିତ ହେବେ ତାହା ସ୍ପଷ୍ଟ ହୋଇନାହିଁ। ସବୁଠୁ ଆଶ୍ଚର୍ଯ୍ୟ କଥା ହେଉଛି ତଥ୍ୟ ଚୋରି ନେଇ ନାସା ଏହାର ଦୁଇମାସ ପରେ ଜାଣିବାକୁ ପାଇଛି।

ବିଜିନେସ୍ ଟେକ୍ନୋଲୋଜି ନ୍ୟୁଜ୍ ୱେବ୍‌ସାଇଟ୍ ଜେଡ୍‌ଡିଏନଟ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ନାସାର ସମସ୍ତ କର୍ମଚାରୀଙ୍କ ନିକଟକୁ ମଙ୍ଗଳବାର ଏକ ମେମୋ ପଠାଯାଇଛି। ସେଥିରେ ସେମାନଙ୍କ ତଥ୍ୟ ଚୋରି ହୋଇଥିବା ସମ୍ପର୍କରେ ସ୍ୱୀକାର କରାଯାଇଛି। ଜଣେ ଅଜ୍ଞାତ ଅନୁପ୍ରବେଶକାରୀ ନାସାର କର୍ମଚାରୀଙ୍କ ବ୍ୟକ୍ତିଗତ ତଥ୍ୟ ଥିବା ସର୍ଭରଗୁଡ଼ିକୁ ପରିଦର୍ଶନ କରିବାରେ ସକ୍ଷମ ହୋଇଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ପାରିନାହିଁ। କିନ୍ତୁ ଆଗକୁ ସେମାନେ ଯେପରି ସତର୍କ ହେବେ ସେଥିପାଇଁ କର୍ମଚାରୀମାନଙ୍କ ନିକଟକୁ ତଥ୍ୟ ଚୋରି ସମ୍ପର୍କରେ ଅବଗତ କରାଯାଇଥିବା ମହାକାଶ ଗବେଷଣା ସଂସ୍ଥା କହିଛି। ମିଳିଥିବା ସୂଚନାନୁସାରେ ନାସା ଏହି ତଥ୍ୟ ଚୋରି ସମ୍ପର୍କରେ ଅକ୍ଟୋବର ୨୩ରେ ଜାଣିବାକୁ ପାଇଥିଲା। ଏହାସହ ସଂଘୀୟ ସାଇବର ସିକ୍ୟୁରିଟି ସହଯୋଗୀଙ୍କ ସହାୟତା ନେଇ ପୁଙ୍ଖାନୁପୁଙ୍ଖ ଯାଞ୍ଚ ☞ପୃଷ୍ଠା-୪




## କକ୍ଷପଥରେ ଜିସାଟ୍-୭ଏ

**ଶ୍ରୀହରିକୋଟା,୧୯।୧୨(ପି.ଟି.)**

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ଜିଓସିଂକ୍ରୋନିୟସ୍ ସାଟେଲାଇଟ ଲଞ୍ଚ ଭେହିକିଲ୍ ଜିଏସ୍‌ଏଲ୍‌ଭି-ଏଫ୍୧୧ ବୁଧବାର ଅତ୍ୟାଧୁନିକ ଉପଗ୍ରହ ଜିସାଟ-୭ଏକୁ ସଫଳତାର ସହ କକ୍ଷପଥରେ ଅବସ୍ଥାପିତ କରିଛି। ଏହା ଭାରତୀୟ ବାୟୁସେନାର ଯୋଗାଯୋଗ ବ୍ୟବସ୍ଥାକୁ ବଢ଼ାଇବାରେ ସହାୟକ ହେବ। ୨୬ ଘଣ୍ଟାର ଅବଗଣନା ପରେ ଜିଏସ୍‌ଏଲ୍‌ଭି-ଏଫ୍୧୧ ଅପରାହ୍ନ ୪ଟା ୧୦ ମିନିଟ ସମୟରେ ଶ୍ରୀହରିକୋଟା ସତୀଶ ଧାୱନ ମହାକାଶ କେନ୍ଦ୍ରର ଦ୍ୱିତୀୟ ଲଞ୍ଚପ୍ୟାଡ୍‌ରୁ ୨୨୫୦ କିଲୋଗ୍ରାମ ଓଜନ ବିଶିଷ୍ଟ ଜିସାଟ-୭ଏକୁ ନେଇ ମହାକାଶ ଅଭିମୁଖେ ଯାଇଥିଲା ଏବଂ ୧୯ ମିନିଟ ପରେ ଏହାକୁ କକ୍ଷପଥରେ ସ୍ଥାପନ କରିଥିଲା। ଏହା ବାୟୁସେନାର ନେଟୱାର୍କ କୈନ୍ଦ୍ରିକ ଯୁଦ୍ଧକ୍ଷମତା ବଢ଼ାଇବ। ଏହି ସାଟେଲାଇଟ ସମସ୍ତ ରାଡାର, ଏୟାରବେସ୍ ଏବଂ ଆକାଶମାର୍ଗର ସମସ୍ତ ସତର୍କ ସୂଚନାକୁ ଇଣ୍ଟରଲିଙ୍କ୍ କରିବା ସହ ଅନ୍ୟ ଯୁଦ୍ଧବିମାନ, ଜାହାଜଗୁଡିକର ଗତିବିଧିକୁ ଅନୁଧ୍ୟାନ କରି ଗୋଇନ୍ଦା ସୂଚନା ଯୋଗାଇଦେବ। ୩୫ ଦିନ ମଧ୍ୟରେ ଏହା ଇସ୍ରୋର ତୃତୀୟ ସଫଳ ଏବଂ ନିରାପଦ ଉତ୍‌କ୍ଷେପଣ ବୋଲି ମିଶନ କଣ୍ଟ୍ରୋଲ ରୁମ୍‌ରୁ ଏହାର ଅଧ୍ୟକ୍ଷ କେ. ଶିବନ୍ କହିଛନ୍ତି। ଏହା ପୂର୍ବରୁ ନଭେମ୍ବର ମାସରେ ଦୁଇଟି ମିଶନକୁ ବଡ଼ ସଫଳତା ମିଳିଥିଲା।



■ ମହଙ୍ଗା ପଡ଼ିବ ଆଧାର ଲାଗି ବାଧ କରିବା

## କୋଟିଏ ଜରିମାନା, ୧୦ ବର୍ଷ ଯାଏ ଜେଲ

**ନୂଆଦିଲ୍ଲୀ,୧୯।୧୨**




ନୂଆ ସିମ୍ ନେବା ଅଥବା ବ୍ୟାଙ୍କ ଆକାଉଣ୍ଟ ଖୋଲିବା ବେଳେ ରେଶନ କାର୍ଡ, ପାସପୋର୍ଟ ଆଦି ଅନ୍ୟାନ୍ୟ ପରିଚୟପତ୍ର ବଦଳରେ ଆଧାର କାର୍ଡ ଦେବା ଲାଗି ବ୍ୟାଙ୍କ ଅଥବା ଟେଲିକମ୍ କମ୍ପାନୀ ବାଧ କଲେ ସେମାନଙ୍କଠାରୁ ୧ କୋଟି ଟଙ୍କା ଜରିମାନା ଆଦାୟ କରାଯିବ। ଏଥିସହ ସମ୍ପୃକ୍ତ ଅଧିକାରୀ/କର୍ମଚାରୀଙ୍କୁ ୩ରୁ ୧୦ ବର୍ଷ ଯାଏ ଜେଲ୍‌ଦଣ୍ଡ ହୋଇପାରେ।

କେନ୍ଦ୍ର ସରକାର ପ୍ରିଭେନ୍ସନ ଅଫ୍ ମନି ଲଣ୍ଡରିଂ ଆକ୍ଟ ଓ ଭାରତୀୟ ଟେଲିଗ୍ରାଫ୍ ଆକ୍ଟରେ ସଂଶୋଧନ କରି ଏହି ନୂଆ ନିୟମକୁ ସାମିଲ କରିଛନ୍ତି। ଏନେଇ କେନ୍ଦ୍ର କ୍ୟାବିନେଟ୍‌ରେ ଏକ ପ୍ରସ୍ତାବ ଇତିମଧ୍ୟରେ ଅନୁମୋଦନ ଲାଭ କରିସାରିଛି। ଏହାଛଡ଼ା ଗ୍ରାହକ ଚାହିଁଲେ କେୱାଇସି ପୂରଣ ପାଇଁ ଆଧାର କାର୍ଡକୁ ବ୍ୟବହାର କରିପାରିବେ। ସୁପ୍ରିମକୋର୍ଟ ରାୟ ଆଧାରରେ ଉକ୍ତ ଦୁଇଟି ଆଇନରେ ☞ପୃଷ୍ଠା-୪




# ବସ୍ତି ବାସିନ୍ଦାଙ୍କୁ ମିଳିବ ଉତ୍ତମ ସହରୀ ସୁବିଧା

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ)**

ସହରାଞ୍ଚଳ ଲୋକଙ୍କୁ ରହିବା ପାଇଁ ଉତ୍ତମ ପରିବେଶ ଓ ଜୀବିକାର୍ଜନ ବ୍ୟବସ୍ଥା କରିବା ଲାଗି ରାଜ୍ୟ ସରକାର ଆରମ୍ଭ କରିଛନ୍ତି ଓଡ଼ିଶା ଜାଗା ମିଶନ । ଏଥିରେ ପ୍ରତିବର୍ଷ ୧୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ଥିବା ସମସ୍ତ ୧୧୪ ସହରାଞ୍ଚଳରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ସ୍ୱୀକୃତିପ୍ରାପ୍ତ ବସ୍ତିଗୁଡ଼ିକରେ ବାସକରୁଥିବା ଲୋକମାନଙ୍କୁ ସମସ୍ତ ସହରୀ ସୁବିଧା ଯୋଗାଇ ଦିଆଯିବ। ଅବ୍ୟବସ୍ଥିତ ହୋଇଥିବା ଓ ଅସ୍ୱାସ୍ଥ୍ୟକର ପରିବେଶରେ ଗଢ଼ି ଉଠିଥିବା ବସ୍ତିଗୁଡ଼ିକୁ ଉନ୍ନତ ସହରାଞ୍ଚଳରେ ପରିଣତ କରାଯିବ। କେଉଁ ବସ୍ତିଗୁଡ଼ିକୁ କିଭିଳି ଢଙ୍ଗରେ ସଂଗଠିତ କରାଯିବ ସେ ନେଇ ପ୍ରାଥମିକ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ପୌର ସଂସ୍ଥା ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ କହିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହରାଞ୍ଚଳରେ ଗରିବ ଲୋକଙ୍କୁ ଉତ୍ତମ ପରିବେଶ ସହ ରୋଜଗାର ବ୍ୟବସ୍ଥା ଯୋଗାଇ ଦେବାକୁ ଜାଗା ମିଶନ ଆରମ୍ଭ କରିଛନ୍ତି। ନଗର ଉନ୍ନୟନ ବିଭାଗ ପାଇଁ ହେଉଥିବା ବଜେଟର ୨୫% ଅଂଶଧନକୁ ଏ ଦିଗରେ ଖର୍ଚ୍ଚ କରିବାକୁ ନିଷ୍ପତ୍ତି ହୋଇଛି। ଏହି ମିଶନ ଜରିଆରେ ବସ୍ତି ଲୋକମାନଙ୍କୁ ରାସ୍ତା, ଡ୍ରେନ, କମ୍ୟୁନିଟି ସେଣ୍ଟର, ଆଲୋକୀକରଣ, ପାର୍କ, ଅଙ୍ଗନୱାଡି ସେଣ୍ଟର, ପ୍ରାଥମିକ ଚିକିତ୍ସା କେନ୍ଦ୍ର, ଜୀବିକାର୍ଜନ ପାଇଁ ବ୍ୟବସ୍ଥା କରାଯିବ। ଚିଲିକା, ପାରାଦୀପ ଏବଂ ପୁରୀ ସମୁଦ୍ରକୂଳରେ ରହୁଥିବା ମତ୍ସ୍ୟଜୀବୀମାନଙ୍କୁ ମଧ୍ୟ ଉତ୍ତମ ସହରାଞ୍ଚଳ ସୁବିଧା ଯୋଗାଇ ଦିଆଯିବ। ଏହି ମିଶନକୁ କାର୍ଯ୍ୟକାରୀ କରିବା ପାଇଁ ଅଭିଜ୍ଞତା ସମ୍ପନ୍ନ ସଂସ୍ଥା ତଥା ଟାଟା ଟ୍ରଷ୍ଟ, ଉମିଦ୍‌ୱାର ନେଟ୍‌ୱର୍କ, ଶିକାଗୋ ବିଶ୍ୱବିଦ୍ୟାଳୟ ଗୁଡ଼ିକରୁ ବୈଷୟିକ ସହାୟତା ନିଆଯିବ। ସେମାନଙ୍କ ବିଶେଷଜ୍ଞ ଟିମ୍ ବସ୍ତି ଅଞ୍ଚଳ ବୁଲି କେଉଁ ଅଞ୍ଚଳରେ ଜୀବିକା ନିର୍ବାହ ପାଇଁ କ'ଣ ସୁବିଧା ହୋଇପାରିବ ସେ ନେଇ ସରକାରଙ୍କୁ ସହାୟତା କରିବେ ବୋଲି ସଂଗ୍ରାମଜିତ୍ କହିଛନ୍ତି।

- 'ଜାଗା ମିଶନ'ରେ ସାମିଲ ହେବେ ୩ ହଜାର ବସ୍ତି
- ମାର୍ଚ୍ଚ ସୁଦ୍ଧା ୩୦ ହଜାର ପରିବାରଙ୍କୁ ମିଳିବ ଜମି ଅଧିକାର ସାର୍ଟିଫିକେଟ୍

ସୂଚନାଯୋଗ୍ୟ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ଦେବାକୁ ରାଜ୍ୟ ସରକାର ଘୋଷଣା କରି ସାରିଛନ୍ତି। ୧୦୯ ପୌରାଞ୍ଚଳରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଭୂମିହୀନ ପରିବାରଙ୍କୁ ୫ ମହାନଗରକୁ ଛାଡ଼ି ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) ଗୁଡ଼ିକରେ ଗୋଟିଏ ପରିବାରକୁ ୬୪୬ ବର୍ଗଫୁଟ ଏବଂ ମ୍ୟୁନିସିପାଲିଟି ଅଞ୍ଚଳରେ ୩୨୩ ବର୍ଗଫୁଟ ଜାଗା ମାଗଣାରେ ଯୋଗାଇ ଦିଆଯିବ। ରାଜ୍ୟ ସରକାର ୨ ଲକ୍ଷ ପରିବାରଙ୍କୁ ମାଗଣାରେ ଜମି ଅଧିକାର ସାର୍ଟିଫିକେଟ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏ ପର୍ଯ୍ୟନ୍ତ ପୁରୀ ମ୍ୟୁନିସିପାଲିଟିରେ ୧୦ ହଜାର ଜମି ପଟ୍ଟା ଦିଆଯାଇଥିବାବେଳେ ଗଞ୍ଜାମ ଏନଏସିରେ ୨ ହଜାର ଦିଆଯାଇଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ଆଉ ୩୦ ହଜାର ପଟ୍ଟା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଜମି ଅଧିକାର ସାର୍ଟିଫିକେଟ ୧୦୯ଟି ସହରାଞ୍ଚଳରେ ପ୍ରଦାନ କରାଯାଉଥିବା ବେଳେ ଜାଗା ମିଶନ ସମସ୍ତ ସହରାଞ୍ଚଳ ପାଇଁ କାର୍ଯ୍ୟକ୍ଷମ ହେବ। ରାଜ୍ୟରେ ସ୍ୱୀକୃତି ପ୍ରାପ୍ତ ୩ ହଜାର ବସ୍ତି ରହିଛି। ଏହି ସମସ୍ତ ବସ୍ତିରେ ଜାଗା ମିଶନ ଅନ୍ତର୍ଭୁକ୍ତ ହୋଇଛି। ଡ୍ରୋନ ସାହାଯ୍ୟରେ ବସ୍ତିଗୁଡ଼ିକୁ ଚିହ୍ନଟ କରାଯାଇଛି ।



ଯାହାର ଲୋଭ, ମାନ ଓ ଅପମାନ ନ ଥାଏ, ସିଏ ସମ୍ପଦ ଓ ବିପଦକୁ ସମାନ ମଣେ। ତାଙ୍କୁ ହିଁ ଭକ୍ତ କୁହାଯାଏ।
- ସନ୍ଥ ତୁଳସୀଦାସ

# ସମ୍ବଲପୁର ବୋର୍ଡ ଅଫିସରେ ନିଆଁ...







ସମ୍ବଲପୁର ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟରେ ବୁଧବାର ପୋଡାଜଳା ପରେ ଅଗ୍ନିଶମ ଅଧିକାରୀ ଓ ପୋଲିସ ଅଧିକାରୀମାନେ ପହଞ୍ଚି ଘଟଣାର ଅନୁଧ୍ୟାନ କରୁଛନ୍ତି (ବାମ)। ଅଗ୍ନିଶମ କର୍ମଚାରୀମାନେ ବୋର୍ଡ ଅଫିସରେ ଲାଗିଥିବା ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଚଳାଇଛନ୍ତି (ମଝି)। ନିଆଁ ଲିଭାଇବାକୁ ଅଗ୍ନିନିର୍ବାପକ ଯନ୍ତ୍ର ସହ ବୋର୍ଡ ଅଫିସ ଭିତରକୁ ଯିବାକୁ ପ୍ରସ୍ତୁତ ହେଉଛନ୍ତି ଅଗ୍ନିଶମକମାନେ।







ବୋର୍ଡ ଅଫିସ ପୋର୍ଟିକୋରେ ଥିବା ୨ଟି ସ୍କୁଟିକୁ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବାରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି (ବାମ)। ସମ୍ବଲପୁର କବୋର୍ଡ ଅଫିସ ଭିତରେ ଦୁର୍ବୃତ୍ତ ନିଆଁ ଲଗାଇ ଦେବା ପରେ ଜରୁରୀ କାଗଜପତ୍ର ପୋଡି ଯାଇଛି (ମଝି)। ବୋର୍ଡ ଅଫିସ ଭିତରେ ଦୁର୍ବୃତ୍ତ ପୋଡାଜଳା କରିବା ସହ ଟେବୁଲ, ଚେୟାର ଭଙ୍ଗାରୁଜା କରିଛନ୍ତି।

## ‘ବିଜେଡି ପ୍ରତିଷ୍ଠା ଦିବସରେ ତୃଣମୂଳ ସଭାକୁ ଗୁରୁତ୍ୱ’

**ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ):** ଆସନ୍ତା ୨୬ତାରିଖରେ ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ଦଳର ପ୍ରତିଷ୍ଠା ଦିବସ ପାଳନ କରାଯିବ। ପୂର୍ବବର୍ଷ ଭଳି ଚଳିତ ବର୍ଷ ବଡ଼ ସମାବେଶ ହେବ ନାହିଁ। ହେଲେ ପ୍ରତି ବିଧାନସଭା ନିର୍ବାଚନମଣ୍ଡଳୀରେ ଦଳୀୟ କର୍ମୀ ଏବଂ ନେତାମାନଙ୍କୁ ନେଇ ପ୍ରତିଷ୍ଠା ଦିବସ ଦିନ ସଭା ଆୟୋଜନ କରାଯିବ। ଏହା ପୂର୍ବରୁ ଅର୍ଥାତ ୨୦ରୁ ୨୫ ଯାଏ ଜିଲା ପରିଷଦ ଜୋନସ୍ତରୀୟ ସଭା ଆୟୋଜନ କରାଯିବ। ସ୍ଥଳ ବିଶେଷରେ ସଂଗଠନକୁ ଦୃଷ୍ଟିରେ ରଖି ନିୟମିତ ବ୍ୟବଧାନରେ ୱାର୍ଡ କମିଟି ବୈଠକ ବସିବ। ଦଳୀୟ କାର୍ଯ୍ୟାଳୟରେ ମଧ୍ୟ କ୍ଷୁଦ୍ର ସଭାରେ ପ୍ରତିଷ୍ଠା ଦିବସ ପାଳନକୁ ସୀମିତ ରଖାଯିବ ବୋଲି ଦଳର ଜଣେ ସାଧାରଣ ସମ୍ପାଦକ କହିଛନ୍ତି। ନିର୍ବାଚନ ବର୍ଷ ହେଉଥିବାରୁ ଆଡମ୍ବର ଅପେକ୍ଷା ତୃଣମୂଳସ୍ତରୀୟ ସଭାକୁ ବିଜେଡି ଗୁରୁତ୍ୱ ଦେଉଥିବା କୁହାଯାଉଛି।

# ଦୂର ହୋଇନି ଜାତିଭିତ୍ତିକ ଅସ୍ପୃଶ୍ୟତା

**ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)**

- ୯୦ ପ୍ରତିଶତ ଗାଁରେ ଅନୁସୂଚିତ ବର୍ଗଙ୍କୁ ମନ୍ଦିର ପ୍ରବେଶ ମନା
- ୮୦ ପ୍ରତିଶତ ଅଞ୍ଚଳରେ ଅନୁସୂଚିତ ଜାତିର ଲୋକଙ୍କଠୁ ପାଣି ଗ୍ରହଣ କରନ୍ତିନି ଲୋକେ

ଓଡ଼ିଶାର ୮୦ ପ୍ରତିଶତ ଗାଁରେ ଲୋକେ ଅନୁସୂଚିତ ଜାତିର ଲୋକଙ୍କଠୁ ପାଣି ଗ୍ରହଣ କରନ୍ତି ନାହିଁ। ୭୦ ପ୍ରତିଶତ ଗାଁରେ ଧର୍ମୀୟ କ୍ଷେତ୍ରରେ ପକ୍ଷପାତିତା ରହିଛି। ବିଶେଷକରି ପ୍ରସାଦ ସେବନ, ମନ୍ଦିର ପ୍ରବେଶ, ଠାକୁର ସ୍ପର୍ଶ, ପୂଜା ସାମଗ୍ରୀ ସ୍ପର୍ଶ, ଦେବ ଦର୍ଶନ, ଭଜନ କୀର୍ତ୍ତନ, ସତ୍‌ସଙ୍ଗ ଆଦି କ୍ଷେତ୍ରରେ ଛୁଆଁ, ଅଛୁଆଁ ଭେଦଭାବ ଦେଖିବାକୁ ମିଳେ। ୯୦ ପ୍ରତିଶତ ଗାଁରେ ଅନୁସୂଚିତ ବର୍ଗଙ୍କୁ ମନ୍ଦିର ପ୍ରବେଶ ବାରଣ ଥିବା ବେଳେ ଗାଁର ସାମୂହିକ ପୂଜା ପାର୍ବଣରେ ସେମାନେ ସାମିଲ ହୋଇପାରନ୍ତି ନାହିଁ। ଜାତିଭିତ୍ତିକ ଅସ୍ପୃଶ୍ୟତା ମାନବିକ ଅଧିକାରକୁ କ୍ଷୁଣ୍ଣ କରୁଥିବା ବେଳେ ଓଡ଼ିଶାର ଗ୍ରାମାଞ୍ଚଳରେ ଏବେ ବି ଏହି କୁପ୍ରଥା ଦେଖିବାକୁ ମିଳୁଛି। ଆଇନଗତ ବିଧି ବ୍ୟବସ୍ଥା ଥିଲେ ମଧ୍ୟ ସଚେତନତା ଓ ଆଇନର କାର୍ଯ୍ୟକାରିତା ଅଭାବ ହେତୁ ଏଭଳି ସ୍ଥିତି ସୃଷ୍ଟି ହେଉଥିବା କୁହାଯାଇଛି।

ଆକ୍ସନଏଡ୍ ଓ ଦଳିତ ଅଧିକାର ସଙ୍ଗଠନର ମିଳିତ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ସମାବେଶରେ ଉପସ୍ଥାପନ କରାଯାଇଥିବା ଏକ ରିପୋର୍ଟରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ଆକ୍ସନଏଡ୍ ତରଫରୁ ୮ ଜିଲାର ୧୦ ବ୍ଲକ ଅନ୍ତର୍ଗତ ୧୦ ପଞ୍ଚାୟତର ୧୦ଟି ଗ୍ରାମରେ ଅସ୍ପୃଶ୍ୟତା ସମ୍ପର୍କରେ କରାଯାଇଥିବା ଏକ ପ୍ରାଥମିକ ଅଧ୍ୟୟନରୁ ଏ ସମ୍ପର୍କରେ ଜଣାପଡ଼ିଛି। ଅସ୍ପୃଶ୍ୟତା ଏକ ସାମାଜିକ ବ୍ୟାଧି ହୋଇଥିବା ବେଳେ ଅନୁସୂଚିତ ବର୍ଗ ନିର୍ଯାତନାର ଶିକାର ହେଉଛନ୍ତି। ୭୦ ପ୍ରତିଶତ ଗ୍ରାମାଞ୍ଚଳରେ ଅଜାତିକ ବିବାହକୁ ବାରଣ କରାଯାଇଛି। ୩୦ ପ୍ରତିଶତ ଗାଁରେ ଅନୁସୂଚିତ ବର୍ଗଙ୍କୁ ଭଡ଼ା ଦେବା ପାଇଁ ବାରଣ ଅଛି। ସେହିଭଳି ୧୦ ପ୍ରତିଶତ ଗାଁରେ ଶବ ଶୋଭାଯାତ୍ରା ଓ ବିବାହ ଶୋଭାଯାତ୍ରାକୁ ମନା କରାଯାଏ। ୭୦ ପ୍ରତିଶତ ଗାଁରେ ଅନୁସୂଚିତ ଜାତିର ଲୋକମାନଙ୍କୁ ପାଣିପାତ୍ର ଛୁଇଁବା ମନା ଏବଂ ୩୦ ପ୍ରତିଶତ ଗାଁରେ ଉଚ୍ଚ ଜାତିର ଲୋକଙ୍କୁ ଅନୁସୂଚିତ ଜାତିର ଲୋକେ ଛୁଇଁଲେ ଶୁଦ୍ଧସ୍ନାନ ହେବାକୁ ପଡ଼ିଥାଏ ବୋଲି ଏହି ଅନୁଧ୍ୟାନରୁ ଜଣାପଡ଼ିଛି। ଏହି ଅବସରରେ ଅନୁସୂଚିତ ବର୍ଗ ଇସ୍ତାହାର ସମ୍ପର୍କରେ ଜମି, ଘର, ଚାଷ, ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱତନ୍ତ୍ର ପାଣ୍ଠି, ଜନମଙ୍ଗଳ, ସାମାଜିକ ସୁରକ୍ଷା ଓ ମୌଳିକ ସୁବିଧା ସୁଯୋଗ ଉପରେ ଆଲୋଚନା ହୋଇଥିଲା। ଏହାସହ ‘ଗ୍ରାମୀଣ ଓଡ଼ିଶାରେ ଅସ୍ପୃଶ୍ୟତା’ ସମ୍ପର୍କିତ ଏକ କ୍ଷୁଦ୍ର ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଏହି ରାଜ୍ୟସ୍ତରୀୟ ସମାବେଶରେ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା, ପୂର୍ବତନ ଏମ୍‌ପି ମୋହନ ଜେନା, ପୂର୍ବତନ ଡିଜି(କାରାଗାର) ଭି. ତ୍ୟାଗରାଜନ, ଆକ୍ସନଏଡ୍‌ର ଆଞ୍ଚଳିକ ପରିଚାଳକ ଦେବବ୍ରତ ପାତ୍ର, ଉତ୍କଳ ସର୍ବୋଦୟ ମଣ୍ଡଳର ରମାକାନ୍ତ ମଣ୍ଡଳ, ଶିକ୍ଷାବିତ୍ ସୁପ୍ରିୟା ମଲ୍ଲିକ, ଡ. କୁମୁଦ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ।

## ଆଜି ରାଜ୍ୟ ସଭାରେ ତିତ୍‌ଲି କ୍ଷୟକ୍ଷତି ଆଲୋଚନା

**ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)**

ରାଜ୍ୟ ସଭାରେ ଗୁରୁବାର ତିତ୍‌ଲି କ୍ଷୟକ୍ଷତି ନେଇ ଆଲୋଚନା ହେବ। ବିଜେଡଇ ପକ୍ଷରୁ ଏ ନେଇ ଦିଆଯାଇଥିବା ମୁଲତବି ପ୍ରସ୍ତାବକୁ ରାଜ୍ୟ ସଭା ଅଧ୍ୟକ୍ଷ ଭେଙ୍କାୟା ନାଇଡୁ ବୁଧବାର ଗ୍ରହଣ କରିଛନ୍ତି। ଉଚ୍ଚ ସଦନରେ ବିଜେଡିର ସଂସଦୀୟ ଦଳ ନେତା ପ୍ରସନ୍ନ ଆଚାର୍ଯ୍ୟ ଏ ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ସାମୁଦ୍ରିକ ଝଡ ତିତ୍‌ଲି ଏବଂ ପରବର୍ତ୍ତୀ ବନ୍ୟା ଦ୍ୱାରା ଓଡ଼ିଶାର ବହୁତ କ୍ଷତି ହୋଇଛି। କ୍ଷୟକ୍ଷତିର ପରିମାଣ ୨୭୭୯.୩୨ କୋଟି ଟଙ୍କା ବୋଲି ଆକଳନ କରାଯାଇଥିଲା। ଏଥିସହିତ କେନ୍ଦ୍ର ସରକାରଙ୍କୁ ୨୦୨୩.୧୦ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଇଥିଲା। ଅନ୍ତରୀଣ ସହାୟତା ଭାବେ ୧୦୦୦ କୋଟି ଘୋଷଣା କରିବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ନିବେଦନ କରିଥିଲେ। ହେଲେ ବିପର୍ଯ୍ୟୟ ଭୋଗିଥିବା ଅନ୍ୟ ରାଜ୍ୟ ଯଥା- କେରଳ, ଆନ୍ଧ୍ର ପ୍ରଦେଶକୁ ଯେଉଁ ପରିମାଣରେ ସହାୟତା ରାଶି ଘୋଷଣା କରାଯାଇଛି, ସେହି ପରିମାଣ ସହାୟତା ଓଡ଼ିଶା ପାଇଁ ଘୋଷଣା ହୋଇନାହିଁ। ନିକଟରେ କେନ୍ଦ୍ର ପକ୍ଷରୁ ମାତ୍ର ୧୦୨୩.୬୯ କୋଟି ଟଙ୍କାର ସହାୟତା ପ୍ରଦାନ ନେଇ ଘୋଷଣା କରାଯାଇଥିବା ପ୍ରସନ୍ନ କହିଛନ୍ତି। ତେଣୁ ଗୃହରେ ତିତ୍‌ଲି କ୍ଷୟକ୍ଷତି ଏବଂ ସହାୟତା ରାଶି ସମ୍ପର୍କିତ ବିଶଦ୍ ଆଲୋଚନା ହେବାର ଆବଶ୍ୟକତା ଦଳ ଅନୁଭବ କରିଛି। ଏହାକୁ ଅନ୍ୟ କେତେକ ରାଜନୈତିକ ଦଳ ମଧ୍ୟ ସମର୍ଥନ କରିଥିବା ପ୍ରସନ୍ନ ସୂଚନା ଦେଇଛନ୍ତି।

# ଗୋପପୁରରେ ଶୁଭଧ୍ୱଜା ସ୍ଥାପିତ

**ବରଗଡ଼ ଅଫିସ, ୧୯।୧୨**

**ବରଗଡ଼ ଧନୁଯାତ୍ରା ମହୋତ୍ସବ**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ୨୦୧୯ ଜାନୁୟାରୀ ୧୧ରୁ ଆରମ୍ଭ ହେବ । ଏହି ଉପଲକ୍ଷେ ଗତ ୧୨ତାରିଖରେ ମଥୁରାନଗରୀ (ବରଗଡ଼)ର ହାଟପଦା ସଞ୍ଚାର ମଣ୍ଡଳୀରେ ଶୁଭଧ୍ୱଜା ସ୍ଥାପିତ ହୋଇଥିବାବେଳେ ବୁଧବାର ସନ୍ଧ୍ୟାରେ ଗୋପପୁର(ଅମ୍ବାପାଲି)ରେ ଶୁଭଧ୍ୱଜା ସ୍ଥାପନ କରାଯାଇଛି । ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଧନୁଯାତ୍ରା ମହୋତ୍ସବକୁ ପ୍ରଥମଥର ପାଇଁ କୃଷ୍ଣ, ବଳରାମ ଭୂମିକାରେ ଅଭିନୟ ପାଇଁ ଦୁଇ ଶିଶୁ କଳାକାର ଆୟୁଷ ବିର୍ତ୍ତିଆ ଏବଂ ଆଶୁତୋଷ ବିର୍ତ୍ତିଆଙ୍କୁ ବରଣ କରାଯାଇଥିଲା। ଗୋପପୁର (ଅମ୍ବାପାଲି)ବାସୀ ଶିଶୁ କଳାକାରଙ୍କ ଗହଣରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଜୀରାନଦୀ (ଯମୁନା) କୂଳ ବୃନ୍ଦାବନ ପଡ଼ିଆରେ ପହଞ୍ଚିଥିଲେ । ସେଠାରେ ପୁରୋହିତ ଭଗବାନ ବିର୍ତ୍ତିଆ ପୂଜାର୍ଚ୍ଚନା କରିବା ପରେ ଶୁଭଧ୍ୱଜା ସ୍ଥାପନ କରାଯାଇଥିଲା । ଗୋପପୁର କମିଟିର ଆବାହକ ତଥା ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ପୌର ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ରାଉତ, ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, କୋର୍ କମିଟି ସଦସ୍ୟ ସୁଶୀଳ ମହାପାତ୍ର, କୃଷ୍ଣଚନ୍ଦ୍ର ମହାପାତ୍ର, ଅଶୋକ ବେହେରା, ଦୟାନିଧି ପ୍ରଧାନ, ଅଗ୍ନି ଥପା, ସୁବ୍ରତ ବିର୍ତ୍ତିଆ, ସତ୍ୟନାରାୟଣ ପୋଢ଼, ପଦ୍ମଲୋଚନ ମଲ୍ଲିକ, ରାଜଗୋପାଳ ଦାଶ, ସୁନୀଲ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।



ଶୁଭଧ୍ୱଜା ସ୍ଥାପନ ପାଇଁ ପୂଜାର୍ଚ୍ଚନା ଚାଲିଛି।

## ଶୀତ ବଢ଼ିବ

**ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ):** ବାତ୍ୟା ‘ପେଥାଇ’ ଚାଲିଯିବା ପରେ ରାଜ୍ୟରେ ଥଣ୍ଡା ସାମାନ୍ୟ ବୃଦ୍ଧି ପାଇଛି। ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ତଳକୁ ଖସିଯାଇଛି। ଅଧିକାଂଶ ସ୍ଥାନରେ ତାପମାତ୍ରା ୧୦ରୁ ୧୪ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଛି। ଆସନ୍ତା ୨/୩ଦିନ ମଧ୍ୟରେ ଥଣ୍ଡାର ପ୍ରକୋପ ଆହୁରି ବଢ଼ିବ। ପାରଦ ପୁଣି ୨ରୁ ୩ ଡିଗ୍ରୀ ସେଲସିୟସ ତଳକୁ ଖସିବ। ଆଭ୍ୟନ୍ତରୀଣ ଏବଂ ଉପକୂଳ ଓଡିଶାରେ ଶୀତ ପ୍ରକୋପ ଆହୁରି ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୫ ଦିନ ଯାଏ ରାଜ୍ୟରେ ବର୍ଷାର ସମ୍ଭାବନା ନାହିଁ। ପାଗ ଶୁଖିଲା ରହିବା ସହ କେତେକ ସ୍ଥାନରେ ସାମାନ୍ୟ କୁହୁଡି ହେବ ବୋଲି କୁହାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ସୁନ୍ଦରଗଡରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ କଟକରେ ୧୩.୮ ଡିଗ୍ରୀ, ଝାରସୁଗୁଡା ୧୨.୨, ବାରିପଦା ୧୩.୫, ଅନୁଗୋଳ ୧୩, କେନ୍ଦୁଝର ୧୨, ସମ୍ବଲପୁର ୧୧.୫, ହୀରାକୁଦ ୧୨.୧, ତାଳଚେର ୧୨.୫, ବଲାଙ୍ଗୀର ୧୩.୨, କୋରାପୁଟ ୧୩.୪, ସୋନପୁର ୧୩ଏବଂ ଦାରିଙ୍ଗିବାଡିରେ ୧୨.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ

**ଶିଶୁ ବଳି ମାମଲା**

**ବାଲେଶ୍ୱର ଅଫିସ, ୧୯।୧୨**

ଶିଶୁ ବଳି ମାମଲାର ବିଚାର କରି ବାଲେଶ୍ୱର ଅତିରିକ୍ତ ଜିଲା ଦୌରାଜଜ୍ ୨ନଂ.କୋର୍ଟର ଜଜ୍ ଦେବାଶିଷ ରାଉତ ବୁଧବାର ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୧ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ୧ବର୍ଷ ୩ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ବାଲେଶ୍ୱର ଜିଲା ଔପଦା ଥାନା ବୋଧି ଗ୍ରାମର କମଳାକାନ୍ତ ସୂତାରଙ୍କ ୬ବର୍ଷର ଝିଅ ଗତ ୨୦୧୭ ଏପ୍ରିଲ ୩ ତାରିଖରେ ନିଖୋଜ ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଉକ୍ତ ନାବାଳିକାଙ୍କ ମୃତଦେହ ୪ଦିନ ପରେ ଅର୍ଥାତ୍ ୭ ତାରିଖରେ କମଳାକାନ୍ତଙ୍କ ଦାଦା ମଦନ ସୂତାର (୫୪)ଙ୍କ ବାଡ଼ି ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଲିସ ସହାୟତାରେ ମୃତଦେହକୁ ଉଦ୍ଧାର କରାଯିବା ପରେ ତା’ର ଡାହାଣ ହାତର ଶିର କଟାଯାଇଥିବା ସହ ବେକରେ ଏକ ପତଳା ଦାଗ ଥିବାର ଦେଖିବାକୁ ମିଳିଥିଲା। କମଳାକାନ୍ତଙ୍କ ବାପା ଶ୍ରୀଧର ସୂତାର ତାଙ୍କ ନାତୁଣୀକୁ ହତ୍ୟା କରାଯାଇଥିବା ଏନେଇ ଔପଦା ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା (ନଂ.୧୭/୨୦୧୭) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ପୋଲିସ ମଦନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

ମିଳିଥିବା ତଥ୍ୟ ଅନୁସାରେ ମଦନ ଗୁଣି ଗାରେଡ଼ି କରିବା ସହ ଘରେ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରନ୍ତି। ଗତ ୨୦୧୭ ଏପ୍ରିଲ ୩ ତାରିଖ ଦ୍ୱିପ୍ରହର ସମୟରେ ନିଜ ବଡ଼ଭାଇଙ୍କ ପୁଅର ୬ବର୍ଷର ନାବାଳିକା ଝିଅକୁ ଖାଇବାକୁ ଦେବାକୁ ଡାକି ଆଣି ଘରେ ଥିବା ଦେବୀଙ୍କ ଆଗରେ ମନ୍ତ୍ର ପଢ଼ି ତା’ର ହାତକୁ କାଟି ରକ୍ତ ବାହାର କରିଥିଲେ। ଏହାପରେ ଏକ ଦଉଡି ସାହାଯ୍ୟରେ ବେକକୁ ବାନ୍ଧି ଦେବା ପରେ ବାଡ଼ି ପୋଖରୀରେ ଫିଙ୍ଗି ଦେଇଥିଲେ। କୋର୍ଟରେ ୧୩ଜଣ ସାକ୍ଷ୍ୟ ପ୍ରମାଣ ସହ ମଦନଙ୍କ ସାନପୁଅ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଅନୁସାରେ କୋର୍ଟ ଅଭିଯୁକ୍ତ ମଦନଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ଉକ୍ତ ମାମଲାରେ ସରକାରଙ୍କ ତରଫରୁ ଆଇନଜୀବୀ ବିନୋଦ କୁମାର ପାଣି ଓ ଦୀପକ କୁମାର ଦାଶ ପରିଚାଳନା କରୁଥିଲେ।

ଧରିତ୍ରୀ DHARITRI
ସମ୍ବଲପୁର, ଗୁରୁବାର, ଡିସେମ୍ବର ୨୦/୨୦୧୮

ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



ଛତିଶଗଡ଼ରେ ଧାନର ଏମ୍ଏସ୍‌ପି ୨୫୦୦ଟଙ୍କା/କ୍ୱିଣ୍ଟାଲ




# ବିଭିନ୍ନ ଉପଜାତିଙ୍କୁ ମିଳିବ ଅନୁସୂଚିତ ଜନଜାତି ମାନ୍ୟତା

- ଭାଷାବିତ୍ ଏବଂ ନୃତତ୍ତ୍ୱବିଦ୍‌ମାନଙ୍କୁ ନେଇ କମିଟି ଗଠିତ
- ରାଜସ୍ୱ ବିଭାଗ ବୈଠକରେ ପ୍ରସ୍ତାବ
- କେନ୍ଦ୍ରର ବିଚାରାଧୀନ

ଭୁବନେଶ୍ୱର,୧୯।୧୨(ବ୍ୟୁରୋ)

ଦୁରୁଆ, ଧୁରୁଆ, ଦୋରୁଆ ଆଦି ଉପଜାତିଗୁଡ଼ିକୁ ଅନୁସୂଚିତ ଜନଜାତିରେ ଅନ୍ତର୍ଭୁକ୍ତ କରାଯିବ। ଏଥିସହିତ ସଉରା ଉପଜାତିକୁ ସଅର ଭାବରେ ଉଚ୍ଚାରଣ କରାଯିବ। ଏନେଇ ଆବଶ୍ୟକ ପ୍ରଶାସନିକ ପଦକ୍ଷେପ ଖୁବ୍‌ଶୀଘ୍ର ନିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି। ସଚିବାଳୟଠାରେ ବୁଧବାର ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକ ପରେ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି।

କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଟାସ୍କଫୋର୍ସ କମିଟି ଏ ସମ୍ପର୍କରେ ଦେଇଥିବା ପ୍ରସ୍ତାବ ବର୍ତ୍ତମାନ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟର ବିଚାରାଧୀନ ରହିଛି । ତେବେ କେନ୍ଦ୍ର ପକ୍ଷରୁ ଅନୁସୂଚିତ ଜନଜାତି ଓ ଉପଜାତି ଆଦି ଇଂଲିଶ ଏବଂ ହିନ୍ଦୀରେ ପ୍ରକାଶିତ ହୋଇଥିବାରୁ ଏ ବାବଦରେ ଅନୁବାଦ ଓ ଉଚ୍ଚାରଣ ନେଇ ଆଞ୍ଚଳିକ ଭାଷାରେ ଦ୍ୱନ୍ଦ୍ୱ ଦେଖାଦେଉଛି। ଏହାଦ୍ୱାରା ଲୋକମାନେ ସରକାରୀ ସୁବିଧାସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଇଂଲିଶ ଶବ୍ଦଗୁଡ଼ିକ ଓଡ଼ିଆ ଭାଷାରେ ଠିକ୍ ଭାବରେ ଅନୁବାଦ କରିବା ନିମନ୍ତେ ଏକ ବିଶେଷଜ୍ଞ କମିଟି ଗଠନ କରିବା ପାଇଁ ବୁଧବାର ବୈଠକରେ ନିଷ୍ପତ୍ତି ନିଆଯାଇଛି । ଭାଷାବିତ୍ ଏବଂ ନୃତତ୍ତ୍ୱବିଦ୍‌ମାନଙ୍କୁ ନେଇ ଗଠିତ ଏହି କମିଟିକୁ ୨ ମାସ ମଧ୍ୟରେ ରିପୋର୍ଟ ଦେବା ପାଇଁ କୁହାଯାଇଛି। କମିଟିର ସୁପାରିସ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ମହାନ୍ତି ସୂଚନା ଦେଇଛନ୍ତି। ବୈଠକରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ରାଜସ୍ୱ ସଚିବ ଡ.ଚନ୍ଦ୍ରଶେଖର କୁମାର, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ କମିଶନର ତଥା ଶାସନ ସଚିବ ଆର୍. ରଘୁ ପ୍ରସାଦ, ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ପ୍ରଫେସର ଡ. ଅଖିଳ ବିହାରି ଓତା ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

# ନିଜେ ପଢ଼ି ଅନ୍ୟଙ୍କୁ ପଢ଼ିବାକୁ ଉତ୍ସାହିତ କର

ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)

ଶିକ୍ଷା ହେଉଛି ବିକାଶର ସବୁଠାରୁ ବଡ଼ ଉପାଦାନ। ତେଣୁ ନିଜେ ପାଠ ପଢ଼ିବା ସହିତ ନିଜ ପରିବାର ଓ ଗାଁର ସବୁ ପିଲାଙ୍କୁ ପାଠ ପଢ଼ିବା ପାଇଁ ଉତ୍ସାହିତ କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ଅନୁସୂଚିତ

### 'ସରଗିଫୁଲ୍' ଉଦ୍‌ଘାଟିତ

ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ବୁଧବାର ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ 'ସରଗିଫୁଲ୍' ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ୩ ଦିନିଆ ଉତ୍ସବକୁ ଉଦ୍‌ଘାଟନ କରି ପିଲାମାନଙ୍କୁ ପାଠ ପଢ଼ି ସୁନାମ ଅର୍ଜନ କରିବା ପାଇଁ ପରାମର୍ଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ରାଜ୍ୟର ପ୍ରାୟ ୬ଲକ୍ଷ ଜନଜାତି ଛାତ୍ରୀଛାତ୍ରଙ୍କୁ ଆବାସିକ ସୁବିଧା ଯୋଗାଇ ଦିଆଯାଇଛି। ସାରା ଦେଶରେ ସବୁ ରାଜ୍ୟ ମଧ୍ୟରୁ ଓଡ଼ିଶାରେ ହିଁ ସର୍ବାଧିକ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କୁ ଆବାସିକ ସୁବିଧା ଦିଆଯାଉଛି। ଓବିସି ଏବଂ ଏସ୍‌ଇବିସି ପିଲାମାନଙ୍କ ପାଇଁ ୧୦୦ଟି ହଷ୍ଟେଲ ଓ ସଂଖ୍ୟାଲଘୁ ପିଲାମାନଙ୍କ ଲାଗି ୪୦ଟି ହଷ୍ଟେଲ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ବିଭାଗୀୟ ମନ୍ତ୍ରୀ ରମେଶ ମାଝି ଯୋଗଦେଇ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ପ୍ରତିଭା ଲୋକଲୋଚନକୁ ଆଣି ସେମାନଙ୍କ ଦକ୍ଷତାକୁ ବିକଶିତ କରିବା ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। କେନ୍ଦ୍ର ସରକାର ଓଡ଼ିଶାରେ ୪ଟି ଏକଲବ୍ୟ ସ୍କୁଲ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତେବେ ପ୍ରତି ବ୍ଲକରେ ଗୋଟିଏ ଲେଖାଏ ଏକଲବ୍ୟ ସ୍କୁଲ ଖୋଲିବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଅନୁରୋଧ କରିଥିବା ମନ୍ତ୍ରୀ ମାଝି କହିଥିଲେ। ଏହି ଅବସରରେ ୨୦୧୮ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ୧୩୨ ଛାତ୍ରୀଛାତ୍ରଙ୍କ ସମେତ ୫୦ ସ୍କୁଲକୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭାଗୀୟ ସଚିବ ଆର. ରଘୁପ୍ରସାଦ ସ୍ୱାଗତ ଭାଷଣ ଦେଇଥିଲେ। ନିର୍ଦ୍ଦେଶକ ଅଖିଳ ବିହାରୀ ଓତା ଧନ୍ୟବାଦ ଅର୍ପଣ କରିଥିଲେ।

ଉତ୍ସବରେ ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ସ୍କୁଲ, ସେବାଶ୍ରମ, ଉଚ୍ଚ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଓ ଶିକ୍ଷାପୁଞ୍ଜି ସମୂହରେ ପଞ୍ଚମରୁ ଦଶମ ଶ୍ରେଣୀରେ ପଢ଼ୁଥିବା ୯୨୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ପ୍ରତିଦିନ ପୂର୍ବାହ୍ନ ସାଢ଼େ ୮ଟାରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ବିଭିନ୍ନ ବିଷୟରେ ବରିଷ୍ଠ ଓ କନିଷ୍ଠ ବର୍ଗ ପାଇଁ କର୍ମଶାଳା ଅନୁଷ୍ଠିତ ହେବ। ଅପରାହ୍ନ ସାଢ଼େ ୨ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ହେବ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ରଥଯାତ୍ରା ତୀର୍ଥଯାତ୍ରୀଙ୍କୁ ଦେବାକୁ ପଡିବନି ମେଳା ସରଚାର୍ଜ

### ରେଲୱେ ବୋର୍ଡ ପ୍ରତ୍ୟାହାର କଲା ନିଷ୍ପତ୍ତି

ନୂଆଦିଲ୍ଲୀ,୧୯।୧୨

ରଥଯାତ୍ରା, କୁମ୍ଭମେଳା ଭଳି ବଡ଼ ଧାର୍ମିକ ଉତ୍ସବରେ ଯୋଗ ଦେବାକୁ ଆସୁଥିବା ଭକ୍ତଙ୍କ ଠାରୁ ନିଆଯାଉଥିବା ମେଳା ସରଚାର୍ଜକୁ ଭାରତୀୟ ରେଲୱେ ପ୍ରତ୍ୟାହାର କରିନେଇଛି। ଏ ସମ୍ପର୍କରେ ରେଳ ମନ୍ତ୍ରୀ ପୀୟୂଷ ଗୋଏଲ ବୁଧବାର ଟୁଇଟ୍ ଯୋଗେ ଜଣାଇଛନ୍ତି। ଫଳରେ ରଥଯାତ୍ରା ଦେଖିବାକୁ ରେଳ ଯୋଗେ ରାଜ୍ୟ ବାହାରୁ ଆସୁଥିବା ଯାତ୍ରୀଙ୍କୁ ଏଣିକି କମ୍ ଖର୍ଚ୍ଚ ବହନ କରିବାକୁ ପଡିବ। ଏ ସମ୍ପର୍କରେ ରେଲୱେ ବୋର୍ଡ ନିଷ୍ପତ୍ତି ନେଇଛି। ସୂଚନାଥାଉ କି, ପୂର୍ବତଟ ରେଳପଥ ପ୍ରତିବର୍ଷ ବାହାରୁ ଆସୁଥିବା ରଥଯାତ୍ରା ଦର୍ଶନାର୍ଥୀଙ୍କଠାରୁ ମେଳା ସରଚାର୍ଜ ଆଦାୟ କରିଆସୁଛି। ଚଳିତବର୍ଷ ଅନୁଷ୍ଠିତ ରଥଯାତ୍ରାରେ ରେଳପଥ ପ୍ରାୟ ୩୦ ଲକ୍ଷ ଟଙ୍କା ଆଦାୟ କରିଥିଲା ବୋଲି ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ। ରେଲୱେ ବୋର୍ଡର କମର୍ସିଆଲ ସର୍କୁଲାର ବଳରେ ଚଳିତ ବର୍ଷ ଜୁଲାଇ ୧୩ ଓ ୨୪ରେ ଯାତ୍ରୀଙ୍କଠାରୁ ମେଳା ସରଚାର୍ଜ ଆଦାୟ କରାଯାଇଥିଲା। ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ, ରଥଯାତ୍ରା ବେଳେ ପୁରୀରୁ ଯାଉଥିବା ଗାଡ଼ିଗୁଡିକରୁ ସରଚାର୍ଜ ଆଦାୟ ହୁଏ। ସେହିପରି ମେଳା ଷ୍ଟେଶନରୁ (ରଥଯାତ୍ରା ବେଳେ ପୁରୀରୁ) ରିଟର୍ନ ଟିକେଟ ପାଇଁ ମଧ ଏହା ଆଦାୟ ହେଉଥିଲା। ତେବେ ବାହାରୁ ଆସୁଥିବା ଯାତ୍ରୀଙ୍କ ଷ୍ଟେଶନରୁ ଏହି ସରଚାର୍ଜ ଆଦାୟ କରାଯାଉ ନ ଥିଲା। ଅର୍ଡିନାରୀ ଅଥବା ମେଲ୍ କିମ୍ବା ଏକ୍ସପ୍ରେସ ଟ୍ରେନର ସ୍ଲିପର କ୍ଲାସ ଅଥବା ଦ୍ୱିତୀୟ ଶ୍ରେଣୀ ଲାଗି ୫ରୁ ୨୦ ଟଙ୍କା ପର୍ଯ୍ୟନ୍ତ ସରଚାର୍ଜ ଆଦାୟ ହେଉଥିଲା। ପୂର୍ବତଟ ରେଳପଥ ଏସି ଚେୟାର କାର୍, ଏସି-୩ ଟାୟାର ପାଇଁ ୪୦ ଟଙ୍କା, ଏସି-୨ ଓ ଏସି ଫାଷ୍ଟ କ୍ଲାସ ଟିକେଟ ପାଇଁ ଯଥାକ୍ରମେ ୬୦ ଓ ୮୦ ଟଙ୍କା ସରଚାର୍ଜ ଆଦାୟ କରୁଥିଲା। ରେଲୱେ ବୋର୍ଡର ନିଷ୍ପତ୍ତି ଯୋଗୁ ରଥଯାତ୍ରା ବେଳେ ପୂର୍ବତଟ ରେଳପଥ ୩୦ ଲକ୍ଷ ଟଙ୍କାର ରାଜସ୍ୱ ହରାଇବାକୁ ଯାଉଥିଲେ ହେଁ ମେଳାରେ ଭାଗନେବାକୁ ଆସୁଥିବା ଦର୍ଶନାର୍ଥୀଙ୍କ ପାଇଁ ଏହା ଏକ ଭଲ ପଦକ୍ଷେପ ବୋଲି ସେ କହିଛନ୍ତି।

## ବିଷ ପିଇ ଯୁବଚାଷୀଙ୍କ ଆତ୍ମହତ୍ୟା

ପୁରୁଷୋତ୍ତମପୁର,୧୯।୧୨ (ଡି.ଏନ୍.ଏ.) - ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଟଙ୍କାଛାଇ ଗ୍ରାମର ଯୁବଚାଷୀ ସନ୍ନ୍ୟାସୀ ସ୍ୱାଇଁ (୩୫) କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡମେଡିକାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

THE KOSALA SCHOOL, Estd-1979
English Medium Residential School, At-Nuakhairpali, Po-Larasara, Via- Attabira, Dist-Bargarh, Pin-768027
Mob- 8249962606 / 8249564622 / 7682032632

KOSALA ENTRANCE TEST 2019-20

- Admissions open for classes LKG to Std- IX for the Academic Session 2019-20.
- Limited seats are available for Boarders and Dayscholars.
- Interested candidates are to appear entrance test in English, Mathematics and General Awareness on the 10th February / 17th February 2019.
- Candidates qualified in entrance test will get admission.
- Enquiry time over phone - 10.00 AM to 2.00 PM
- Entrance test timings - 10.30 AM to 12.30 PM
- Selling of Admission Forms will start from 1st February 2019.

Sd/- (Principal)

ଗୁଜବ ଆଉ ମିଛ ଖବର କୁ WhatsApp ରେ ପ୍ରସାରିତ ହେବା ରୁ ଅଟକାଇବାରେ ସାହାଯ୍ୟ କରନ୍ତୁ

Forwarded

1. ଏଭଳି ଖବରଙ୍କୁ ଚିହ୍ନନ୍ତୁ, ଯାହା ମିଛ (ଫେକ୍) ହୋଇଥାଇ ପାରେ

ଏଭଳି ସଙ୍କେତଙ୍କୁ ଯାଞ୍ଚ କରନ୍ତୁ, ଯାହା ଖବର ସତ କି ମିଛ ଜାଣିବାରେ ସାହାଯ୍ୟ କରିବ । ଉଦାହରଣ ରୂପେ, ଫର୍‌ୱାର୍ଡେଡ୍ ମେସେଜ୍‌ସବୁ, ଯାହାର କୌଣସି ଉତ୍ସ ନଥିବ, ପ୍ରମାଣ ନଥିବ ବା ଯାହା ଆପଣଙ୍କୁ ଉସ୍‌କାଉଥିବ, ସଙ୍କେତ ହୋଇପାରେ ଯେ ତାହା ସତ୍ୟ ନୁହେଁ । ଆପଣଙ୍କୁ ଭ୍ରମରେ ପକାଇବା ପାଇଁ ଫୋଟୋ, ଭିଡିଓ ଏବଂ ଭଏସ୍ ରେକର୍ଡିଙ୍ଗଗୁଡିକୁ ମଧ ଏଡିଟ୍ କରାଯାଇପାରିବ।

2. ଅନ୍ୟ ଉତ୍ସରୁ ସେଗୁଡ଼ିକୁ ଯାଞ୍ଚ କରନ୍ତୁ

ସତ୍ୟ ଜାଣିବା ପାଇଁ, ଅନ୍‌ଲାଇନ୍ ସର୍ଚ୍ଚ କରନ୍ତୁ ଏବଂ ନିର୍ଭରଯୋଗ୍ୟ ସମାଚାର ସାଇଟ୍ ରୁ ଜାଣନ୍ତୁ ଯେ ଏହି ଷ୍ଟୋରୀ କେଉଁଠୁ ଆସିଛି । ତଥାପି ସନ୍ଦେହ ରହିଲେ, ସତ୍ୟତା ଯାଞ୍ଚ କରୁଥିବା ୱେବ୍‌ସାଇଟ୍‌ସ, ଭରସାଯୋଗ୍ୟ ବ୍ୟକ୍ତି ବା କମ୍ୟୁନିଟୀ ଲୀଡର୍ ମାନଙ୍କ ଠାରୁ ଅଧିକ ଖବର ସଂଗ୍ରହ କରନ୍ତୁ ।

3. ଗୁଜବ ବ୍ୟାପିବା ଅଟକାନ୍ତୁ

ଆପଣଙ୍କୁ କିଛି ଫେକ୍ ଲାଗୁଥିଲେ, ଲୋକଙ୍କୁ କୁହନ୍ତୁ ଯେ ଖବର ଶେୟାର୍ କରିବା ଆଗରୁ ତାକୁ ଯାଞ୍ଚ କରନ୍ତୁ । ମେସେଜ୍ କୁ ଏଇଥିପାଇଁ ଶେୟାର୍ କରନ୍ତୁନି ଯେ କେହି ଆପଣଙ୍କୁ ଶେୟାର୍ କରିବାକୁ କହୁଛି, ତେଣିକି ସିଏ ଆପଣଙ୍କ ମିତ୍ର ହେଉ ପଛେ !

ଖୁସି ବାଣ୍ଟନ୍ତୁ, ଗୁଜବ ନୁହେଁ ।

ସରି ସରି ଆସୁଛି ବର୍ଷ ୧୮ । ପଛରେ ରହିଯାଇଛି ନାନା ଘଟଣା, ଦୁର୍ଘଟଣା। କେଉଁଠି ପାର୍ସଲ ବୋମା ବିସ୍ଫୋରଣରେ ଛାରଖାର ହୋଇଯାଇଛି ନବ ଦମ୍ପତିଙ୍କ ସ୍ୱପ୍ନ ତ ଆଉ କେଉଁଠି ଦୁର୍ଘଟଣାରେ ସରିଯାଇଛି ବହୁ ଜୀବନ । ମୁଖ୍ୟମନ୍ତ୍ରୀଙ୍କ ସଭାମଞ୍ଚକୁ ଜୋତା ଫୋପଡା ହେଉ କି ଓକିଲଙ୍କ ମହାବନ୍ଦ ଡାକରା ଏ ବର୍ଷ ଚର୍ଚ୍ଚାରେ ରହିଛି । କିଛି ଲୋକଙ୍କୁ ଆମେ ହରାଇ ଥିବା ବେଳେ ଗର୍ବ ଓ ସଫଳତା ସାଉଁଣିଛୁ ଅନେକ.. ।

## ପାର୍ସଲ ବୋମା ବିସ୍ଫୋରଣ





କିଛିଦିନ ତଳେ ସରିଥିଲା ବିବାହ ଭୋଜି । ବାହାଘରକୁ ଆସିଥିବା ବନ୍ଧୁ, ସମ୍ପର୍କୀୟମାନେ ଫେରିଯାଇଥିଲେ ନିଜ ନିଜ ଘରକୁ । ନବବଧୂର ହାତରୁ ଲିଭି ନ ଥିଲା ମେହେନ୍ଦୀ, ବାହା ଅଳତା ବି ଅସ୍ପଷ୍ଟ ହୋଇ ନ ଥିଲା ବରର ପାଦରୁ। ଆସ୍ତେ ଆସ୍ତେ କମି ଆସୁଥିଲା ବାହାଘରର ଗହଳି । ଏମିତି ଏକ ମୁହୂର୍ତ୍ତରେ ହେଲା ବିସ୍ଫୋରଣ । ଛାରଖାର ହୋଇଗଲା ସବୁ କିଛି...। ଫେବୃୟାରୀ ୨୩ରେ ବଲାଙ୍ଗୀର ଜିଲା ପାଟଣାଗଡ଼ରେ ଘଟିଥିବା ଏହି ପାର୍ଶଲ ବୋମା ବିସ୍ଫୋରଣ ଘଟଣା ଚଳିତ ବର୍ଷର ସବୁଠୁ ଦୁଃଖଦ ଖବର ଥିଲା। ବିସ୍ଫୋରଣରେ ପାଟଣାଗଡ଼ ଜବାହରଲାଲ କଲେଜର ଅଧାପକ ରବୀନ୍ଦ୍ର ସାହୁଙ୍କ ନବବିବାହିତ ପୁଅ ସୌମ୍ୟ ଶେଖର ସାହୁ ଓ ତାଙ୍କ ସମ୍ପର୍କୀୟ ଜେଜେମା'ଙ୍କ ମୃତ୍ୟୁ ଘଟିଥିଲା । ନବବଧୂ ରିମା ସାହୁ ଗୁରୁତର ଆହତ ହୋଇଥିଲେ । ଶେଷରେ କ୍ରାଇମବ୍ରାଞ୍ଚ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଭଇଁଷା କଲେଜର ଅଧ୍ୟାପକ ପ୍ରଫେସର ପୁଞ୍ଜିଲାଲ ମେହେରଙ୍କୁ ଗିରଫ କରିଥିଲା । ଏହି ଖବର କେବଳ ଓଡ଼ିଶାରେ ନୁହେଁ ଜାତୀୟସ୍ତରରେ ବି ଆଲୋଡ଼ନ ସୃଷ୍ଟି କରିଥିଲା। ଏହି ଘଟଣାକୁ ନେଇ ଏବେ ଏକ ସିନେମାର ଶୁଟିଂ ଚାଲିଛି ।

## ବିଜେପୁର ଉପନିର୍ବାଚନ, ଜୋତା ଫିଙ୍ଗା



ଫେବୃୟାରୀରେ ବରଗଡ଼ ଜିଲା ବିଜେପୁରରେ ଅନୁଷ୍ଠିତ ହୋଇଥିଲା ଉପନିର୍ବାଚନ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥିନୀ ରୀତା ସାହୁଙ୍କ ପାଇଁ ପ୍ରଚାରରେ ଆସିଥିଲେ। ସଭାମଞ୍ଚରେ ମୁଖ୍ୟମନ୍ତ୍ରୀ ଭାଷଣ ଦେଉଥିବା ବେଳେ କାର୍ତ୍ତିକ ମେହେର ନାମକ ଜଣେ ଯୁବକ ସଭାମଞ୍ଚକୁ ଜୋତା ଫିଙ୍ଗିଥିଲେ। ସେ ୨ଟି ଜୋତା ଫିଙ୍ଗିଥିଲେ ହେଁ ମୁଖ୍ୟମନ୍ତ୍ରୀଙ୍କ ଦେହରେ ତାହା ବାଜି ନ ଥିଲା । କାର୍ତ୍ତିକଙ୍କୁ ପୋଲିସ ଗିରଫ କରିଥିଲା। ଏହି ନିର୍ବାଚନରେ ବିଜେଡି ପ୍ରାର୍ଥୀ ରୀତା ସାହୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଅଶୋକ କୁମାର ପାଣିଗ୍ରାହୀଙ୍କୁ ପରାସ୍ତ କରି ବିଜୟ ହୋଇଥିଲେ ।



## ଲିଟିଲ ମିସ୍ ୱାର୍ଲ୍ଡ ଅର୍ପିତା

ଚଳିତ ବର୍ଷ ମାର୍ଚ୍ଚରେ ୟୁରୋପର ବୁଲଗେରିଆ (ସୋଫିଆ)ରେ ଲିଟିଲ ମିସ୍ ୱାର୍ଲ୍ଡ ଟାଇଟଲ୍ ହାସଲ କରିଛନ୍ତି ସମ୍ବଲପୁର ସାକ୍ଷୀପଡାର ଝିଅ ଅର୍ପିତା ବେହେରା। ଏହି ପ୍ରତିଯୋଗିତାରେ ବିଭିନ୍ନ ଦେଶରୁ ୪୩ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଅର୍ପିତା କିନ୍ତୁ ୭ଟି ରାଉଣ୍ଡରେ ସମସ୍ତଙ୍କୁ ପଛରେ ପକାଇ ଲିଟିଲ ମିସ୍ ୱାର୍ଲ୍ଡ ଟାଇଟଲ୍ ହାସଲ କରିଥିଲେ। ରାଜେଶ କୁମାର ବେହେରା ଓ ବୀଣା କୁମାରୀ ବେହେରାଙ୍କ ଝିଅ ଅର୍ପିତାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ ।


ପ୍ରିୟଦର୍ଶନୀ ପଣ୍ଡା

ସମ୍ବଲପୁରର ଝିଅ ପ୍ରିୟଦର୍ଶନୀ ପଣ୍ଡା ସିଙ୍ଗାପୁରଠାରେ ଫେବୃୟାରୀ ୨ରେ ଆୟୋଜିତ ମିସେସ୍ ଇଣ୍ଟରନ୍ୟାଶନାଲ-୨୦୧୮ ପ୍ରତିଯୋଗିତାରେ ସଫଳତା ହାସଲ କରିଥିଲେ । ମିସେସ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲ, ମୋଷ୍ଟ ବ୍ୟୁଟିଫୁଲ ମମ୍ ଇଣ୍ଟରନ୍ୟାଶନାଲ, ରୟାଲ ବ୍ୟୁଟି ଇଣ୍ଟରନ୍ୟାଶନାଲ ମୁକୁଟ ହାସଲ କରି ସମ୍ବଲପୁର ପାଇଁ ଗୌରବ ଆଣିଥିଲେ।



## ମହାବଳ ବାଘକୁ ମାରି ପୋତିଦେଲେ

ଅକ୍ଟୋବର ୨୮ରେ ମହାବଳ ବାଘର ମୃତଦେହକୁ ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ଉଦ୍ଧାର କରିଥିଲେ । ବରଗଡ ଜିଲା ଭଟଲି ବ୍ଲକ ଖଜୁରିଆ ଗ୍ରାମ ନିକଟ ଦାମୋଦରପଡ଼ା ଜଙ୍ଗଲରେ ସେହି ବାଘକୁ ମାରି ପୋତି ଦିଆଯାଇଥିଲା। ଦେବ୍ରିଗଡ଼ ଅଭୟାରଣ୍ୟ ପାଦଦେଶରେ ଏହି ଘଟଣା ଘଟିଥିଲା । ବିଦ୍ୟୁତ୍ ତାର ବିଛାଇ ବାଘକୁ ହତ୍ୟା କରାଯାଇଥିଲା । ଶେଷରେ ଏନଟିସିଏ (ନ୍ୟାଶନାଲ ଟାଇଗର କଞ୍ଜର୍ଭେଶନ ଅଥରିଟି) ଏବଂ କ୍ରାଇମବ୍ରାଞ୍ଚ(ବନ୍ୟପ୍ରାଣୀ) ତଦନ୍ତ ଆରମ୍ଭ କରିବା ପରେ ଏହି ଘଟଣା ଚଳିତ ବର୍ଷ ଚହଳ ପକାଇଥିଲା। ସେହିପରି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରେଞ୍ଜ ଗନ୍ଧମାର୍ଦ୍ଦନ ପାହାଡରୁ ଏକ ମାଈ ଚିତାବାଘର ମୃତଦେହ ବନ ବିଭାଗ ଉଦ୍ଧାର କରିଥିଲା ।

## ବିଜୁ ଏକ୍ସପ୍ରେସ୍ ୱେ,ରମ୍ଭେଲା ସେତୁ

ମାର୍ଚ୍ଚ ୧୨ରେ ସମ୍ବଲପୁରରୁ ରାଉରକେଲା ପର୍ଯ୍ୟନ୍ତ ୧୬୩ କି.ମି ବିଶିଷ୍ଟ ଚାରିଥାକିଆ ବିଜୁ ଏକ୍ସପ୍ରେସ୍‌ୱେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ସେହିପରି ଏପ୍ରିଲ ୧୫ରେ ବହୁ ପ୍ରତୀକ୍ଷିତ ଇବ୍‌ସେତୁ(ରମ୍ଭେଲା ବ୍ରିଜ୍) ଉଦ୍‌ଘାଟିତ ହୋଇ ଗମନାଗମନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା ।

## ଟ୍ରେନ୍ ନେଲା ୪ ହାତୀ ଜୀବନ



ଏପ୍ରିଲ ୧୬ । ହାତୀ ବଞ୍ଚାଅ ଦିବସ । ହେଲେ ସେ ଦିବସ ପାଳନର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ୧୫ ତାରିଖ ଭୋରୁ ଝାରସୁଗୁଡ଼ା ଜିଲା ବାଗଡିହି ରେଞ୍ଜର ତେଲିଡିହିଠାରେ ଏକ ଏକ୍ସପ୍ରେସ୍ ଟ୍ରେନ୍ ଧକ୍କାରେ ଛୋଟ ବଡ ୪ ହାତୀର ମୃତ୍ୟୁ ଘଟିବା ଘଟଣା ଆଲୋଡ଼ନ ସୃଷ୍ଟି କରିଥିଲା । ଏହି ଦୁର୍ଘଟଣା ପରେ ସେହି ଲାଇନ୍‌ରେ ଦୀର୍ଘ ୪ ଘଣ୍ଟା କାଳ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ବନ ବିଭାଗ ୪ ହାତୀର ମୃତଦେହ ହଟାଇବା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହା ସହିତ ଚଳିତ ବର୍ଷ ଏକାଧିକ ହାତୀଙ୍କ ବିଭିନ୍ନ କାରଣରୁ ମୃତ୍ୟୁ ଘଟିଥିଲା । ଏଥିପାଇଁ ଏଲିଫ୍ୟାଣ୍ଟ ଡାଇଭିଂ ସ୍କ୍ୱାର୍ଡ(ଇଡିଏସ୍)ର ୩ ଜଣ ଫରେଷ୍ଟର ଏବଂ ବାଗଡିହିର ରେଞ୍ଜର ଜଣେ ଫରେଷ୍ଟ ଗାର୍ଡ ନିଲମ୍ବିତ ହୋଇଥିଲେ ।





## କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

୨୦୧୮ ମସିହା ଲାଗି ଓଡ଼ିଶାରୁ ୪ ବିଶିଷ୍ଟ ସାହିତ୍ୟିକ ସମ୍ମାନଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ସମ୍ବଲପୁରୀ ଭାଷା ସମ୍ମାନ ପାଇଁ ପ୍ରଫୁଲ୍ଲ ତ୍ରିପାଠୀ ଓ ହଳଧର ନାଗ ମନୋନୀତ ହୋଇଛନ୍ତି । ଏଥର ପ୍ରଥମ ଥର ଲାଗି ଅଣସ୍ୱୀକୃତିପ୍ରାପ୍ତ ସମ୍ବଲପୁରୀ ଭାଷାକୁ ସମ୍ମାନିତ କରିବାକୁ ଘୋଷଣା କରାଯାଇଛି । ସେହିପରି ପ୍ରଖ୍ୟାତ ସାହିତ୍ୟ ସମାଲୋଚକ ଡ. ଦାଶରଥି ଦାସ ତାଙ୍କ ନିବନ୍ଧ ଗ୍ରନ୍ଥ 'ପ୍ରସଙ୍ଗ ପୁରୁଣା ଭାବନା ନୂଆ' ପାଇଁ କେନ୍ଦ୍ର ସାହିତ୍ୟ ପୁରସ୍କାର ପାଇବେ । ଡ.ଗଗନେନ୍ଦ୍ର ନାଥ ଦାସ ମର୍ଯ୍ୟାଦାଜନକ ଭାଷା ସମ୍ମାନ ପାଇବେ ବୋଲି ଘୋଷଣା କରାଯାଇଛି ।

## କଳାହାଣ୍ଡି ଜିଲାର ୫ ଚାଷୀଙ୍କ ଆତ୍ମହତ୍ୟା

ଚାଷୀ ଆତ୍ମହତ୍ୟା ଖବର ଚଳିତବର୍ଷ ମଧ୍ୟ ବିଭିନ୍ନ ଗଣମାଧ୍ୟମରେ ସ୍ଥାନ ପାଇଥିଲା । ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ଏପରି ଅଭିଯୋଗ ଆସିଥିଲା । ହେଲେ କଳାହାଣ୍ଡି ଜିଲାରୁ ଚଳିତ ବର୍ଷ ୫ ଜଣ ଚାଷୀ ଆତ୍ମହତ୍ୟା କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଥିଲା । କୋକସରା ବ୍ଲକ ଗମ୍ଭାରୀଗୁଡ଼ା ଗାଁର ଯୁବଚାଷୀ ପରମାନନ୍ଦ ଲହଜଲ(୨୮), ଲଡୁଗାଁ ପଞ୍ଚାୟତ ସୁନାମାଳ ଗ୍ରାମର ଗଣେଶ ସାହୁ (୨୨)। କନ୍ଦାବୁରୁରା ପଞ୍ଚାୟତ ଡୁନଗାଁ ଗ୍ରାମର ଚାଷୀ ସୁଦର୍ଶନ ମାଝି (୬୫) ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ମାଦିଗୁଡ଼ା ଗାଁର ବାହାଦୁର ରଣା (୪୨) ବି ଆତ୍ମହତ୍ୟା କରିଥିଲେ। କଳମପୁର ବ୍ଲକ ସାନକୁଟ୍ଟ ଗ୍ରାମର ଯୁବ ଚାଷୀ ବିନୋଦ ବିହାରୀ ମାଝି ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିଲେ ।

## ପୁଣି ଚାଷ ଜମିରେ ନିଆଁ



ଗତ ବର୍ଷ ମାଟିଆଗୁଣ୍ଡି ପୋକ ପ୍ରାଦୁର୍ଭାବ ଚରମ ସ୍ଥିତିରେ ପହଞ୍ଚି ଥିଲା । ଚକଡ଼ା ରୋଗରେ ପଶ୍ଚିମ ଓଡ଼ିଶାର ଅଧିକାଂଶ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ । ଏହି କାରଣରୁ ଏକାଧିକ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ଆସିଥିଲା । ଚଳିତବର୍ଷ ବି ଚକଡ଼ା ରୋଗ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା । ଏହି କାରଣରୁ ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ସାହାଜବାହାଲ ଓ ଝରେଇବାହାଲି ଗାଁର ୨ ଚାଷୀ ନିଜ କ୍ଷେତରେ ନିଆଁ ଲଗାଇ ଦେଇଥିଲେ। କେବଳ ବଲାଙ୍ଗୀର ଜିଲା ନୁହେଁ, ଅନ୍ୟାନ୍ୟ ଜିଲାରୁ ମଧ୍ୟ ଏହି ଖବର ଆସିଥିଲା ।



## ମନ୍ଦିରରୁ ଫେରିବା ବେଳେ ୧୦ ଜୀବନ ଗଲା

ଅକ୍ଟୋବର ୧୬ । ରାତି ପ୍ରାୟ ୨ଟା। ନୂଆପଡ଼ା-ଖରିଅମାରରୋଡ୍ ୩୫୩ନଂ. ଜାତୀୟ ରାଜପଥର ସିଲଦା ନାଳ ନିକଟରେ ଏକ ଟ୍ରକ୍ ସହ ବୋଲେରୋ ମୁହାଁମୁହିଁ ଧକ୍କା ହେଲା। ଏହି ହୃଦୟ ବିଦାରକ ଦୁର୍ଘଟଣାରେ ୧୦ ଜଣଙ୍କ ଜୀବନ ଦୀପ ଲିଭିଗଲା । ଛତିଶଗଡ଼ ମହାସମୁନ୍ଦ ଜିଲା ସାକରା ଗାଁର ଲୋକମାନେ ଏକ ବୋଲେରୋରେ ନୂଆପଡ଼ା ଜିଲା କୋମନାସ୍ଥିତ ବୈଷ୍ଣୋଦେବୀ ମନ୍ଦିରକୁ ଆସିଥିଲେ। ଦର୍ଶନ ସାରି ଘରକୁ ଫେରୁଥିବା ବେଳେ ସବୁ ଯେମିତି ଓଲଟ ପାଲଟ ହୋଇଯାଇଥିଲା । କେବଳ ଏହି ଗୋଟିଏ ଘଟଣା ନୁହେଁ, ଏମିତି ଏକାଧିକ ସଡ଼କ ଦୁର୍ଘଟଣା ଚଳିତ ବର୍ଷ ନେଇଥିଲା ଜୀବନ। ସେହିପରି ଫେବୃୟାରୀ ମାସରେ କଳାହାଣ୍ଡି ଜିଲା ଜୟପାଟଣା ଥାନା କଳମପୁର ବ୍ଲକ ଅନ୍ତର୍ଗତ ବନ୍ଧକନା ମଣ୍ଡି ନିକଟରେ ଏକ ୪୦୭ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବାରୁ ୪ଜଣଙ୍କ ମୃତ୍ୟୁ ଘଟିଥିଲା ।



## ଝାରସୁଗୁଡାରେ ବିମାନବନ୍ଦର

୧୦୨୭.୫ ଏକର ପରିମିତ ଜମିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ୨୧୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଝାରସୁଗୁଡା ବିମାନବନ୍ଦର ସେପ୍ଟେମ୍ବର ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ସେଦିନ ରିଜିଓନାଲ କନେକ୍ଟିଭିଟି ସ୍କିମ୍(ଆରସିଏସ୍) ଅନ୍ତର୍ଗତ ଉଡାନ୍ ଯୋଜନାରେ ଏୟାର ଓଡ଼ିଶାର ବିମାନ ଝାରସୁଗୁଡ଼ାରୁ ଉଡିଥିଲା । ହେଲେ ମାତ୍ର ୧୫ ଦିନର ଅବ୍ୟବସ୍ଥିତି ସେବାର ଅବସାନ ଘଟିଲା । ଅକ୍ଟୋବର ୬ରୁ ଏୟାର ଓଡ଼ିଶାର ବିମାନ ଆଉ ଉଡି ନ ଥିଲା । ଶେଷରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଣାଳୟ ଏୟାର ଓଡ଼ିଶାର ଲାଇସେନ୍ସ ରଦ୍ଦ କରିଥିଲା ।

## ଇଞ୍ଜିନ ଛାଡ଼ି ୧୦ କି.ମି. ଗଡ଼ିଲା ୨୧ ବଗି



ଏପ୍ରିଲ ୭ ତାରିଖ ରାତି । ବଲାଙ୍ଗୀର ଜିଲା ଟିଟିଲାଗଡ଼ ରେଳ ଜଙ୍କସନ୍‌ରେ ଏକ ଅଭାବନୀୟ ଘଟଣା ଘଟିଥିଲା । ଇଞ୍ଜିନ ପରିବର୍ତ୍ତନ ବେଳେ ଅହମ୍ମଦାବାଦ୍-ପୁରୀ ଏକ୍ସପ୍ରେସ୍ ଟ୍ରେନ୍‌ର ୨୧ ବଗି ମୂଳ ଇଞ୍ଜିନ ଧକ୍କାରେ ଅଲଗା ହୋଇ ପ୍ରାୟ ୧୦କିଲୋମିଟର ଦୂରକୁ ଗଡ଼ିଯାଇଥିଲା । ଏଭଳି ଏକ ଅପ୍ରତ୍ୟାଶିତ ଘଟଣାରେ ଯାତ୍ରୀମାନେ ଭୟଭୀତ ହୋଇଯାଇଥିଲେ । ସେହି ଟ୍ରାକ୍‌ରେ ସେତେବେଳେ ଅନ୍ୟ କୌଣସି ଟ୍ରେନ୍ ଆସୁ ନ ଥିବାରୁ ଏକ ବଡଧରଣର ଦୁର୍ଘଟଣାରୁ ଯାତ୍ରୀମାନେ ବର୍ତ୍ତିଯାଇଥିଲେ । କେବଳ ଏହି ଗୋଟିଏ ଘଟଣା ନୁହେଁ, ଏମିତି ଏକାଧିକ ଘଟଣା ଚଳିତ ବର୍ଷ ଘଟିଥିବା ନଜରକୁ ଆସିଥିଲା ।





## ହାଜତ ମୃତ୍ୟୁରୁ ଥାନା ପୋଡ଼ି

ସମ୍ବଲପୁର ଅଇଁଠାପାଲି ଥାନାରେ ଅଟକ ଥିବା ଜଣେ ଯୁବକଙ୍କ ହାଜତ ମୃତ୍ୟୁକୁ ନେଇ ଲଙ୍କାକାଣ୍ଡ ଘଟିବା ପୋଲିସ ଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ଉତ୍ତ୍ୟକ୍ତ ଲୋକେ ବ୍ୟାପକ ଜଳାପୋଡ଼ା ଓ ଭଙ୍ଗାରୁଜା କରିବା ସହ ଥାନାରେ ପଶି ନିଆଁ ଲଗାଇ ଦେଇଥିଲେ । ଏଥିଯୋଗୁ ଥାନା ପରିସରରେ ୮ ଚାରି ଚକିଆ ଗାଡ଼ି, ୯ ବାଇକ୍ ଓ ୨ଟି ସାଇକେଲ ପୋଡି ନଷ୍ଟ ହୋଇଥିଲା । ପୋଲିସ-ଜନତା ଖଣ୍ଡଯୁଦ୍ଧରେ ୨ ଏସ୍‌ଡିପିଓଙ୍କ ସମେତ ୩୦ରୁ ଅଧିକ ପୋଲିସ କର୍ମଚାରୀ, ୬ ଖବରଦାତା ଓ କେତେଜଣ ଉତ୍ତ୍ୟକ୍ତ ଲୋକ ଆହତ ହୋଇଥିଲେ ।

## ମାଓବାଦୀଙ୍କ ଗୁଳିମାଡ଼ ଢଳିପଡ଼ିଲେ ଅଚ୍ୟୁତାନନ୍ଦ



ଅକ୍ଟୋବର ୩୦ । ଛତିଶଗଡ଼ର ଦାନ୍ତେୱାଡା ଜିଲାରେ ଚାଲିଥିଲା ସାଧାରଣ ନିର୍ବାଚନ ପାଇଁ ଜୋର୍‌ଦାର ପ୍ରସ୍ତୁତି। ଖବର ସଂଗ୍ରହ ପାଇଁ ଯାଇଥିଲେ ଦୂରଦର୍ଶନର କ୍ୟାମେରା ମ୍ୟାନ ଅଚ୍ୟୁତାନନ୍ଦ ସାହୁ। ହଠାତ୍ ମାଓବାଦୀଙ୍କ ଗୁଳିମାଡ଼ରେ ଅଚ୍ୟୁତାନନ୍ଦଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ପୋଲିସ କର୍ମଚାରୀ ଶହୀଦ ହୋଇଥିଲେ। ମୃତ ଅଚ୍ୟୁତାନନ୍ଦଙ୍କ ଘର ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଘୁଷୁରାମୁଣ୍ଡା ଗାଁରେ । ଏହି ଖବର ମିଳିବା ପରେ ଘୁଷୁରାମୁଣ୍ଡାରେ ଶୋକର ଛାୟା ଖେଳିଯାଇଥିଲା ।

## ୩.୧ ଭିଏସଏଲଭିର ସଫଳ ପରୀକ୍ଷଣ



ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) ଆଇଡିଆ ଇନୋଭେସନ୍ ସେଲ୍ (ଆଇଆଇସି) ଛାତ୍ର ଭେଇକିଲ (ଭିଏସଏଲଭି – ୩.୧) ସଫଳତାର ସହ ପରୀକ୍ଷଣ କରିଥିଲେ । ଗୋଶାଳା ପଡିଆଠାରେ ଭିଏସଏଲଭି–୩.୧କୁ ଆକାଶ ମାର୍ଗକୁ କ୍ଷେପଣ କରିଥିଲେ, ଯାହାକି ପୃଥିବୀ ପୃଷ୍ଠରୁ ୧୩ ହଜାର ଫୁଟ ଉପରକୁ ଯାଇ ତାହା ପାରାଚୁଟ୍‌ରେ ଫେରି ଆସିଥିଲା ।

ଅତିମାନବ ନିଶ୍ଚୟ ପୃଥିବୀରେ ଉଦ୍ଭବ ହେବ। କିନ୍ତୁ ଅତିରଂଜିତ ଏକ ମାନସିକ ବୁଦ୍ଧିସମ୍ପନ୍ନ ମଣିଷ ରୂପେ ନୁହେଁ। ଏକ ଅତିମାନସ ଶକ୍ତିର ଅବତରଣ ପାଇଁ ସେ ହେବ ଏକ ମାଧ୍ୟମ। ତା'ଫଳରେ ସେ ଏକ ନୂତନ ଜୀବନ ବଞ୍ଚିବ ଓ ଏକ ରୂପାନ୍ତରିତ ଦିବ୍ୟ ଶରୀରର ଅଧିକାରୀ ହେବ। -ଶ୍ରୀଅରବିନ୍ଦ



# ଜିରାଫ ବଂଶ ବିପଦରେ

ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

୧୯୯୦ ମସିହାରେ ମୁଁ ବୀଭତ୍ସ କୋଲକାତା ଚିଡ଼ିଆଖାନାକୁ ଯାଇଥିଲି। ସେମାନେ ଆଫ୍ରିକାରୁ ଏକ ମାଈ ଯୁବ ଜିରାଫ ଆଣିଥିଲେ, ଯେଉଁ ପରମ୍ପରାକୁ ଆମେ ବନ୍ଦ କରିବା ଉଚିତ। ଜିରାଫଟି ବାସ୍ତବରେ ଖୁବ୍ ସୁନ୍ଦର ଥିଲା। ମୁଁ ତା'ର ନାଁ ଦେଇଥିଲି ତିସ୍ତା- ଏକ ରହସ୍ୟମୟ ଓ ଚିତ୍ତାକର୍ଷକ ନଦୀର ନାମାନୁସାରେ। କୋଲକାତା ଚିଡ଼ିଆଖାନାର କର୍ମକର୍ତ୍ତା ତଥା ବିଭାଗୀୟ ମନ୍ତ୍ରୀ ମୋ ଆଗରେ କଥା ଦେଇଥିଲେ ଯେ, ସେମାନେ ଚିଡ଼ିଆଖାନାଟିକୁ ଏକ ବୃହତ୍ତର ଜାଗାକୁ ଉଠାଇନେବେ, ଯେଉଁଠି ପ୍ରାଣୀମାନେ ସ୍ୱଚ୍ଛନ୍ଦରେ ବିଚରଣ କରିପାରିବେ। କିନ୍ତୁ ଏହା ଭିତରେ ଅନେକ ବର୍ଷ ବିତିଯାଇଥିଲେ ବି ଏବଂ ପ୍ରାୟ ୪୦୦୦ ପ୍ରାଣୀଙ୍କ ଅକାଳ ମୃତ୍ୟୁ ଘଟିଥିଲେ ମଧ୍ୟ ସେ ପ୍ରତିଶ୍ରୁତି ଏଯାଏ ପାଳନ ହୋଇନାହିଁ। ତିସ୍ତା ଏବେ ମୃତ। କୋଲକାତା ଚିଡ଼ିଆଖାନା କର୍ତ୍ତୃପକ୍ଷ ଜିରାଫମାନଙ୍କୁ ଓଡ଼ିଶାର ନନ୍ଦନକାନନ ପଠାଇଦେବାକୁ ନିଷ୍ପତ୍ତି ନେଲେ। ସେମାନେ ଏକ ଖୋଲା ଟ୍ରକ୍‌ରେ ପ୍ରାଣୀମାନଙ୍କୁ ଭର୍ତ୍ତି କଲେ। ରାସ୍ତାରେ ଗଲାବେଳେ ଏକ ବାଙ୍କ ମୋଡ଼ିବା ବେଳେ ପ୍ରାଣୀମାନଙ୍କ ମୁଣ୍ଡ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯିବା ଯୋଗୁ ସେମାନେ ମୃତ୍ୟୁବରଣ କଲେ।

ସିଂହମାନଙ୍କ ସୁରକ୍ଷା ପ୍ରତି ବେଶି ଧ୍ୟାନ ଦିଆଯାଉଥିବା ବେଳେ ଗରିଲା ଓ ହାତୀମାନେ ବହୁ ସଂଖ୍ୟାରେ ମରୁଛନ୍ତି ଏବଂ ଜିରାଫ ଏକ ପ୍ରକାର ବିଲୁପ୍ତିର ଦ୍ୱାରଦେଶରେ ପହଞ୍ଚିଗଲେଣି। ଗତ ୧୫ ବର୍ଷ ଭିତରେ ଜିରାଫଙ୍କ ସଂଖ୍ୟା ୪୦% କମିଗଲାଣି। ବର୍ତ୍ତମାନ ଆଉ ମାତ୍ର ୮୦,୦୦୦ ଜିରାଫ ବଞ୍ଚିଥିବା ବେଳେ ସେମାନଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଛି। ଆଉ କିଛିବର୍ଷ ପରେ ସେମାନେ କେବଳ ଚିଡ଼ିଆଖାନାରେ ଦେଖିବାକୁ ମିଳିବେ ଓ ତା'ପରେ କେବଳ ବହିର ଛବିରେ।

ଜିରାଫଙ୍କ ବଂଶନାଶର ମୁଖ୍ୟ ଅପରାଧୀ ହେଉଛନ୍ତି ଆମେରିକୀୟମାନେ। ଜିରାଫମାନଙ୍କୁ ବିପନ୍ନ ପ୍ରଜାତି ଆଇନ ଅନୁଯାୟୀ ସୁରକ୍ଷା ଦେବାକୁ ଦୁଇବର୍ଷ ହେଲା ଉଦ୍ୟମ କରାଯାଇଆସୁଛି। କିନ୍ତୁ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଜିରାଫଙ୍କ ହାଡ଼ରେ କାରୁକାର୍ଯ୍ୟ କରି ବିକ୍ରି କରିବା ପାଇଁ ସେମାନଙ୍କୁ ଶିକାର କରାଯାଉଛି। ଆମେରିକା ଏହାର ସବୁଠାରୁ ବଡ଼ ଆମଦାନିକାରୀ। ଯଦି ଚାଇନା ଏହି ବ୍ୟବସାୟରେ ସାମିଲ ହୋଇଯାଏ, ତେବେ ଛଅମାସ ଭିତରେ ଜିରାଫ ବଂଶ ଲୋପ ପାଇଯିବ। ବର୍ତ୍ତମାନ ଆଫ୍ରିକାରେ ଯେତିକି ହାତୀ ଅଛନ୍ତି, ତା'ଠୁ କମ୍ ଜିରାଫ ଅଛନ୍ତି।

ଜିରାଫ ହେଉଛନ୍ତି ପୃଥିବୀର ସବୁଠାରୁ ଡେଙ୍ଗା ସ୍ତନ୍ୟପାୟୀ ପ୍ରାଣୀ। କେବଳ ସେମାନଙ୍କ ଗୋଡ଼ ଅନେକ ମଣିଷଙ୍କଠାରୁ ଲମ୍ବା। ସେମାନେ ଘଣ୍ଟାକୁ ୩୫ ମାଇଲ ବା ୫୬ କିଲୋମିଟର ବେଗରେ ଦୌଡ଼ିପାରନ୍ତି। କିନ୍ତୁ ଶିକରୀଙ୍କ ଗୁଳିଠାରୁ ଅଧିକ ବେଗରେ କିଏ ଦୌଡ଼ିପାରିବ? ଆଫ୍ରିକାର ଶୁଷ୍କ ସାଭାନ୍ନା ତୃଣଭୂମି ଅଞ୍ଚଳରେ ସେମାନେ ଦେଖିବାକୁ ମିଳନ୍ତି। ସେମାନେ ଆକାଶିଆ ଗଛର ପତ୍ର ଖାଆନ୍ତି। ସେମାନେ ଦୈନିକ ୫୦ କେଜି ପର୍ଯ୍ୟନ୍ତ ଡାଳପତ୍ର ଭାଙ୍ଗି ଖାଇପାରନ୍ତି। ଉଚ୍ଚତା ଓ ଦୃଷ୍ଟିଶକ୍ତି ଯୋଗୁ ସେମାନେ ବହୁ ଦୂରରୁ ସିଂହ, ହେଟା ବାଘ ପ୍ରଭୃତି ଶିକାରୀଙ୍କୁ ଠାବ କରିପାରନ୍ତି। ସେମାନେ ନାତ ମାରି ବେଳେ ବେଳେ ଶିକାରୀ ପ୍ରାଣୀଙ୍କୁ ମାରିଦେଇପାରନ୍ତି।

ଜିରାଫମାନେ ହେଉଛନ୍ତି ସାମାଜିକ ପ୍ରାଣୀ ଏବଂ ଅଣ୍ଡିରା ଜିରାଫଙ୍କ ନେତୃତ୍ୱରେ ମାଈ ଜିରାଫ ଓ ଛୁଆମାନେ ଦଳ ଦଳ ହୋଇ ବୁଲନ୍ତି। ସେମାନଙ୍କ ପରମାୟୁ ପ୍ରାୟ ୪୦ ବର୍ଷ। ସେମାନଙ୍କ ଚମଡ଼ାର ଦାଗ ଯେତେ କଳା, ସେମାନେ ସେତେ ବୟସ୍କ ହୋଇଥାନ୍ତି। ମାଈ ଜିରାଫ ଠିଆ ଠିଆ ସନ୍ତାନ ପ୍ରସବ କରନ୍ତି। ଛୁଆମାନେ ଛଅଫୁଟ୍ ତଳକୁ ପଡ଼ି ଅଧଘଣ୍ଟା ଭିତରେ ଠିଆ ହୁଅନ୍ତି ଓ ଅଳ୍ପ କେଇ ଘଣ୍ଟା ଭିତରେ ମାଆ ସହ ଦୌଡ଼ିବାକୁ ସକ୍ଷମ ହୁଅନ୍ତି। ମାଈ ଜିରାଫ ୪୫୭ ଦିନ ବା ପ୍ରାୟ ୧୫ ମାସ ଗର୍ଭଧାରଣ କରିବା ପରେ ଛୁଆ ଜନ୍ମ କରେ ଏବଂ ଥରକେ ମାତ୍ର ଗୋଟିଏ ଛୁଆ ଜନ୍ମ କରେ। ଗୋଟିଏ ମାଈ ଜିରାଫ ଜୀବନକାଳ ଭିତରେ ପ୍ରାୟ ୫ଟି ଛୁଆ ଜନ୍ମ କରେ। ପ୍ରାୟ ୫୦ ପ୍ରତିଶତ ଛୁଆ ଗୋଟିଏ ବର୍ଷରୁ କମ୍ ସମୟ ବଞ୍ଚନ୍ତି। ଜିରାଫଙ୍କ ଶିଶୁ ମୃତ୍ୟୁହାର ଅଞ୍ଚଳରେ ବାସ କରୁଥିବା ସିଂହ ସଂଖ୍ୟା ଉପରେ ନିର୍ଭର କରେ। ନିକଟରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ସିଂହବହୁଳ ଅଞ୍ଚଳରେ ୮୨ ପ୍ରତିଶତ ଜିରାଫ ଛୁଆ ମରନ୍ତି।

ଜିରାଫମାନେ ସାହାରା ମରୁଭୂମି ସମେତ ଉତ୍ତର ଓ ପଶ୍ଚିମ ଆଫ୍ରିକାରେ ଏବଂ ନୀଳନଦୀ ତଟ ଅଞ୍ଚଳରେ ବାସ କରୁଥିଲେ। ବର୍ତ୍ତମାନ ସେମାନେ କେବଳ ଆଫ୍ରିକାର ଉପସାହାରା ଅଞ୍ଚଳରେ ଦେଖିବାକୁ ମିଳୁଛନ୍ତି। ୯୦ ଦଶକରେ ଗୋଟିଏ ଦଳରେ ୨୦ରୁ ୩୦ ଜିରାଫ ରହୁଥିଲେ। ବର୍ତ୍ତମାନ ଗୋଟିଏ ଦଳରେ ୬ରୁ କମ୍ ପ୍ରାଣୀ ଦେଖିବାକୁ ମିଳୁଛନ୍ତି। ଆଇୟୁସିଏନ୍ ମତରେ ଜିରାଫମାନେ 'ନୀରବ ବିଲୁପ୍ତି' (ସାଇଲେଣ୍ଟ ଏକ୍ସଟିଙ୍କ୍‌ଶନ) ଦେଇ ଗତି କରୁଛନ୍ତି। ଏହିପରି ଭାବେ ଜିରାଫ ବଂଶ ଲୋପ ପାଇଚାଲିଲେ ତାହା ଆଫ୍ରିକାର ପ୍ରାକୃତିକ ପରିସ୍ଥିତିକୁ ବିଗାଡ଼ିଦେବ, ତା' ପଛକୁ ପଡ଼ିବ ସିଂହଙ୍କ ପାଳି। ଯୁଦ୍ଧବିଧ୍ୱସ୍ତ କେନିଆ, ସୋମାଲିଆ, ଇଥିଓପିଆ ଓ ଦକ୍ଷିଣ ସୁଦାନରେ ଲୋକମାନେ ଖାଇବାକୁ ନ ପାଇ ଜିରାଫ ମାଂସ ଖାଉଛନ୍ତି ଏବଂ ସେମାନଙ୍କ ପାଇଁ ଗୋଟିଏ ଜିରାଫର ମୂଲ୍ୟ ଗୋଟିଏ ଗୁଳିର ମୂଲ୍ୟ ସହ ସମାନ। ବର୍ତ୍ତମାନ ଜିରାଫମାନେ ୨୧ଟି ଦେଶର ଜାତୀୟ ପ୍ରାଣୀ ଉଦ୍ୟାନ, ଘରୋଇ ଓ ଗୋଷ୍ଠୀ ଭୂମିରେ ଅଛନ୍ତି। ୯ଟି ଉପଜାତି ମଧ୍ୟରୁ ପଶ୍ଚିମ ଆଫ୍ରିକୀୟ ଜିରାଫଙ୍କ ସଂଖ୍ୟା ଏବେ ୩୦୦ରୁ ବି କମ୍ ରହିଛି। ସେମାନେ ନାଇଜର ଅଞ୍ଚଳରେ ଅଛନ୍ତି। ସେହିପରି ରଥ୍‌ସ୍କିଲ୍‌ଡସ ଜିରାଫଙ୍କ ସଂଖ୍ୟା ମାତ୍ର ୭୦୦ରୁ କମ୍ ରହିଛି। ସେମାନେ ଉଗାଣ୍ଡା ଓ କେନିଆ ଅଞ୍ଚଳରେ ଅଛନ୍ତି। କେନିଆରେ ୧୯୯୦ ଦଶକରେ ୩୦,୦୦୦ରୁ ଅଧିକ ଜିରାଫ ଥିବାବେଳେ ସେମାନଙ୍କ ସଂଖ୍ୟା ଏବେ ୫,୫୦୦ ତଳକୁ ଖସିଯାଇଛି। ଦକ୍ଷିଣ ଆଫ୍ରିକାରେ ଜିରାଫ ସଂଖ୍ୟା ଆଶାଜନକ ଭାବେ ରହିଥିବା ବେଳେ ପୂର୍ବ ଆଫ୍ରିକାରେ ୯୫% ହ୍ରାସ ପାଇଛି। ସଫଳ ବନ୍ୟପ୍ରାଣୀ ଅଞ୍ଚଳ ପରିଚାଳନା ଯୋଗୁ ଦକ୍ଷିଣ ଆଫ୍ରିକାରେ ସେମାନଙ୍କ ସଂଖ୍ୟା ଅଧିକ ରହିଛି।

ତାଞ୍ଜାନିଆରେ ଲୋକଙ୍କ ଅନ୍ଧବିଶ୍ୱାସ ରହିଛି ଯେ, ଜିରାଫଙ୍କ ମସ୍ତିଷ୍କ ଓ ଅସ୍ଥିମଜ୍ଜା ଖାଇଲେ ଏଡ୍‌ସ ଭଲ ହୋଇଯିବ। ସେହି କାରଣରୁ ସେଠାରେ ଗୋଟିଏ ଜିରାଫ ମୁଣ୍ଡ ଓ ଅସ୍ଥିର ଦାମ୍ ୧୪୦ ଡଲାର ପର୍ଯ୍ୟନ୍ତ ହୋଇଛି। ଅନେକ ଆଫ୍ରିକୀୟ ଜନଜାତି ଜିରାଫ ମାଂସ ଖାଆନ୍ତି। ଜିରାଫର ଚମଡ଼ାରୁ ପୋଷାକ, ଜୋତା, ବ୍ୟାଗ୍, ବେଲ୍ଟ, ଟୋପି ଓ ଡ୍ରମ୍ କଭର ତିଆରି ହେଉଛି। ତାଙ୍କ ବାଳକୁ ଗହଣା, ବୁଣାବୁଣି ସୂତା ଓ ମାଳିଗୁନ୍ଥାର ରଜ୍ଜୁ ଭାବେ ବ୍ୟବହାର କରାଯାଉଛି। ସ୍ୱିସ୍ ମାଛି ଘଉଡ଼େଇବା ପାଇଁ ଜିରାଫ ଲାଞ୍ଜକୁ ବ୍ୟବହାର କରାଯାଉଛି। ଅନେକ ଆଫ୍ରିକୀୟ ଦେଶର ସରକାର ଜାତୀୟ ଉଦ୍ୟାନଗୁଡ଼ିକରେ ଶିକାରକୁ ନିଷିଦ୍ଧ କରିଛନ୍ତି। କିନ୍ତୁ ଲୋକମାନେ ବେଆଇନଭାବେ ଶିକାର କରୁଛନ୍ତି। ଆମେରିକୀୟ ପର୍ଯ୍ୟଟକମାନେ ସ୍ଥାନୀୟ ଶିକାରୀଙ୍କୁ ଟଙ୍କା ଦେଇ ଶିକାର କରାଉଛନ୍ତି ଏବଂ ଜିରାଫଙ୍କ ଅବୟବକୁ କୋରିୟର ମାଧ୍ୟମରେ କିଣି ନେଉଛନ୍ତି। ଜିରାଫ ଅସ୍ଥିରେ ତିଆରି ହୋଇଥିବା ଟ୍ରଫିର ସବୁଠାରୁ ବଡ଼ କ୍ରେତା ହେଉଛି ଆମେରିକା।

ଜନସଂଖ୍ୟା ବୃଦ୍ଧି ସହ କୃଷି ଓ ଶିଳ୍ପର ସମ୍ପ୍ରସାରଣ ଏବଂ ଜଙ୍ଗଲ ଧ୍ୱଂସ ଯୋଗୁ ଜିରାଫମାନେ ସେମାନଙ୍କ ଖାଦ୍ୟର ମୁଖ୍ୟ ଉତ୍ସ ଆକାଶିଆ ଗଛ ପାଉନାହାନ୍ତି। ସେମାନେ ଗାଡ଼ିମୋଟରର ଧକ୍କା ହୋଇ ଓ ବିଜୁଳି ତାର ଲାଗି ମରୁଛନ୍ତି। କିନ୍ତୁ ସେମାନଙ୍କର ସବୁଠାରୁ ବଡ଼ ଶତ୍ରୁ ହେଉଛନ୍ତି 'ଟ୍ରଫି' ଶିକାରୀ ଏବଂ ଏହି ଶିକାରୀମାନେ ମୁଖ୍ୟତଃ ଆମେରିକାରୁ ଯାଇ ଶିକାର କରନ୍ତି ବା ସ୍ଥାନୀୟ ଶିକାରୀଙ୍କ ସାହାଯ୍ୟ ନିଅନ୍ତି। ତେଣୁ ଜିରାଫ ବଂଶ ଏବେ ବିପନ୍ନ। ଆମେରିକା ସରକାର ତୁରନ୍ତ ଏହା ହୃଦୟଙ୍ଗମ କରି ଜିରାଫ ଟ୍ରଫି ଉପରେ ନିଷେଧାଦେଶ ଲାଗୁ କରିବା ଉଚିତ। ପଲାଙ୍କ ବହିରେ ଲେଖାଥାଏ 'ଜି' ଫର୍ ଜିରାଫ। ମାତ୍ର ଆଉ ୧୦ ବର୍ଷ ପରେ ଜିରାଫ କେମିତିକା ପ୍ରାଣୀ ଥିଲା ବୋଲି ଆମେ ପିଲାଙ୍କୁ କ'ଣ ବୁଝାଇବା?

Email: gandhim@nic.in

## ଏଇ ଭାରତରେ

ସେ ଜନ୍ମରୁ ଭିନ୍ନକ୍ଷମ। ହାତ ୨ଟି ନାହିଁ। କିନ୍ତୁ ନିଜର ଦୃଢ଼ ପ୍ରଚେଷ୍ଟା ବଳରେ ଆଜି ବେଶ୍ ରୋଜଗାରକ୍ଷମ ହୋଇପାରିଛନ୍ତି । ସେ ହେଉଛନ୍ତି ଉତ୍ତରାଖଣ୍ଡ ଋଷିକେଶର ସ୍ୱର୍ଗାଶ୍ରମ ଅଞ୍ଚଳରେ ରହୁଥିବା ୩୨ବର୍ଷୀୟା ଅଞ୍ଜନା। ଗତ ୧୨ବର୍ଷ ଧରି ରାସ୍ତା ପାର୍ଶ୍ୱରେ ଭିକ ମାଗି ଚଳି ଆସୁଥିବା ଅଞ୍ଜନା ଜଣେ ବିଦେଶିନୀଙ୍କ ପ୍ରେରଣା ଓ ସହଯୋଗରେ ଏବେ ଜଣେ ବିଶିଷ୍ଟ ଚିତ୍ରକର ହୋଇପାରିଛନ୍ତି। ଆଉ ତାଙ୍କର ବିଭିନ୍ନ ଚିତ୍ରକୁ ଲୋକମାନେ କିଣି ନେଉଛନ୍ତି। ଗୋଟିଏ ଗୋଟିଏ ଚିତ୍ରକୁ ଅଞ୍ଜନା ୨ହଜାର ଟଙ୍କା ଏବଂ ତା'ଠାରୁ ଅଧିକ ଦରରେ ମଧ୍ୟ ବିକ୍ରି କରୁଛନ୍ତି। ୨୦୧୫ରେ ଅଞ୍ଜନା ରାସ୍ତା ପାର୍ଶ୍ୱରେ ଭିକ୍ଷାବୃତ୍ତି କରୁଥିବାବେଳେ ତାଙ୍କ ଉପରେ ଜଣେ ବିଦେଶିନୀଙ୍କ ନଜର ପଡ଼ିଥିଲା। ସେତେବେଳେ ଅଞ୍ଜନା ନିଜ ପାଦରେ ଏକ କୋଇଲା ଖଣ୍ଡରେ ତଳେ କିଛି ଚିତ୍ର ଆଙ୍କୁଥିଲେ। ଏହା ଦେଖି ବିଦେଶିନୀ ଜଣକ ଅଞ୍ଜନାଙ୍କୁ ଚିତ୍ରକଳା ଶିଖିବାକୁ ପ୍ରବର୍ତ୍ତାଇଥିଲେ। ଏପରିକି ତାଙ୍କୁ ଏକ କେନ୍ଦ୍ରରେ ଚିତ୍ରକଳା ପ୍ରଶିକ୍ଷଣ ମଧ୍ୟ ଦେଇଥିଲେ। ଏହା ପରେ ଅଞ୍ଜନା ନିଜର ସାଧନା ବଳରେ ଜଣେ ଭଲ ଚିତ୍ରକର ହୋଇପାରିଲେ। ସେ ଏବେ ବିଭିନ୍ନ ପ୍ରକାର ପେଣ୍ଟିଂ କରି ରାସ୍ତା ପାର୍ଶ୍ୱରେ ରଖି ବିକ୍ରି କରୁଛନ୍ତି। ତାହାକୁ ଲୋକମାନେ ଭଲ ଦାମ୍ ଦେଇ କିଣି ନେଉଛନ୍ତି। ଭିନ୍ନକ୍ଷମ ହୋଇ ସୁଦ୍ଧା ଜଣେ ବିଦେଶିନୀଙ୍କ ପ୍ରେରଣାରେ ଆଜି ଅଞ୍ଜନା ସ୍ୱାବଲମ୍ବୀ ହୋଇପାରିଥିବାରୁ ସେ ଏହାର ସମସ୍ତ ଶ୍ରେୟ ଉକ୍ତ ବିଦେଶିନୀଙ୍କୁ ଦେଉଛନ୍ତି।

## ଚିରନ୍ତନୀ

ଆଦର୍ଶ ଯାହାର ମହା ସାମ୍ୟ-ନୀତି ନାହିଁ ଭେଦଜ୍ଞାନ,
ମାନବ-ଶିଶୁର ଯହିଁ ନାହିଁ ଜାତି ଦ୍ୱେଷ ଅପମାନ,
କବୀର, ନାନକ, ବୁଦ୍ଧ, ଚୈତନ୍ୟ, ଶଙ୍କର
କଲେ ଯହିଁ ସମାବେଶ ସକଳ ଧର୍ମର,
ଲେଖିଲେ ଏ ପାଷାଣର ଗତେ
''ସକଳ ଯେ ସମାନ ଜଗତେ''
ସବୁ ବଡ଼ ସାନ
ଦୀନ ଧନବାନ
ନତ ମୁଣ୍ଡ
ଏଥି ରୁଣ୍ଡ। (ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 4 | | C | | | | 7 | E | 2 | | | | | |
| | A | | | 9 | | | | B | | | 0 | 7 | | |
| | | E | 5 | B | | | 4 | 0 | 7 | | | | 8 | 6 |
| 2 | | | 6 | | | 8 | D | | | | 5 | C | 1 | 4 |
| | | 7 | | | | | | | | 8 | | | | |
| 5 | | 6 | E | | A | | | 1 | | | | | | |
| | | | | | | | 6 | | | 7 | B | | | |
| | 2 | | | | 1 | | | | | | | 8 | | D |
| 8 | | A | B | | | D | | C | 4 | | | | | 5 |
| | 7 | 1 | D | 8 | 6 | | | 5 | 9 | 3 | | 2 | | A |
| | | | | 4 | | B | 5 | | | D | | | | 2 |
| | 9 | | | | C | 6 | 8 | | A | | | | D | |
| | B | 4 | 8 | | | | 1 | | | | | 5 | | |
| | 5 | C | | A | | 4 | | | | | | | | 0 |
| 1 | | | 2 | 0 | 3 | | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 5 | 4 | B | 9 | 8 | E | 1 | 2 | D | C | 3 | 7 | A | 6 |
| 8 | 2 | B | C | D | 5 | 3 | 9 | A | 7 | 6 | 4 | E | 1 | 0 |
| C | D | A | 0 | 6 | 1 | 7 | 4 | 5 | E | B | 2 | 8 | 9 | 3 |
| 7 | 1 | 9 | E | 3 | 4 | 6 | D | 0 | 8 | 5 | A | B | C | 2 |
| 6 | 3 | E | A | 2 | 7 | 8 | C | B | 1 | 0 | 9 | D | 4 | 5 |
| A | 7 | 5 | 3 | 1 | D | 2 | B | C | 9 | 8 | 6 | 4 | 0 | E |
| 2 | 0 | 3 | 7 | 4 | A | D | 8 | 1 | C | E | 5 | 6 | B | 9 |
| B | 6 | 8 | 2 | C | 9 | 4 | A | E | 0 | D | 1 | 5 | 3 | 7 |
| 9 | 4 | D | 5 | E | 6 | 0 | 7 | 3 | A | 2 | B | C | 8 | 1 |
| 1 | E | C | 8 | 0 | B | 9 | 5 | 6 | 3 | 4 | 7 | A | 2 | D |
| E | 8 | 7 | 4 | A | C | 5 | 2 | 9 | 6 | 3 | 0 | 1 | D | B |
| 3 | A | 6 | D | B | 0 | 1 | E | 4 | 2 | 7 | C | 9 | 5 | 8 |
| D | 9 | 0 | 1 | 5 | 3 | C | 6 | 8 | B | A | E | 2 | 7 | 4 |
| 4 | C | 1 | 6 | 8 | 2 | B | 0 | 7 | 5 | 9 | D | 3 | E | A |
| 5 | B | 2 | 9 | 7 | E | A | 3 | D | 4 | 1 | 8 | 0 | 6 | C |

ଗତକାଲିର ଉତ୍ତର

# କରତାଳି ସଂଗ୍ରହ

ଡ. ସୁବାସ ଚନ୍ଦ୍ର ପାତ୍ର

କ୍ରିକେଟ ଖେଳର ବର୍ଣ୍ଣନାକ୍ରମରେ ଏକ ପ୍ରକାର ରୂଢ଼ି ପ୍ରୟୋଗ କରାଯାଏ- 'ପ୍ଲେ ଟୁ ଦ ଗ୍ୟାଲେରି' ଅର୍ଥାତ୍ ଗ୍ୟାଲେରିରେ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ଖେଳିବା, ସ୍ଥଳବିଶେଷରେ ଦଳର ସ୍ୱାର୍ଥକୁ ନଜର ଅନ୍ଦାଜ କରି। ଚଉକା ଓ ଛକା ବର୍ଷଣ କରୁଥିବା ଏହି ଗୋଷ୍ଠୀର ଖେଳାଳିମାନେ ଦର୍ଶକମାନଙ୍କର ଭାରି ପ୍ରିୟ କିନ୍ତୁ ଦଳର ଦଳପତି ଓ ଅନ୍ୟାନ୍ୟ ସମ୍ପର୍କିତ ବ୍ୟକ୍ତିମାନଙ୍କର ଏମାନଙ୍କୁ ଥାଏ ଘୋର ସନ୍ଦେହ, କାରଣ ଏମାନଙ୍କର ମନୋରଞ୍ଜନଧର୍ମୀ ଖେଳ ବେଳେବେଳେ ଦଳପାଇଁ ମହଙ୍ଗା ପଡ଼େ। ସତୁରି ଦଶକରେ ସଲିମ ଦୁରାନୀ ଏବଂ ନିଜ ପ୍ରାରମ୍ଭିକ ବେଳର କପିଳଦେବ ଏ ପ୍ରକାର ଖେଳାଳି ଥିଲେ, ଯଦିଚ ପରେ କପିଳ ଅଧିକ ଦାୟିତ୍ୱବାନ୍ ହୋଇ ଖେଳିଲେ। କ୍ରିକେଟ ପାଇଁ ବ୍ୟବହୃତ ଏ ରୂଢ଼ି ତା' ପୃଷ୍ଠଭୂମିରେ ଥିବା ଲୋକପ୍ରିୟତା ବନାମ ଦାୟିତ୍ୱଶୀଳତାର ସଂଘର୍ଷ ଯୋଗୁ ପରବର୍ତ୍ତୀ ସମୟରେ ଏହା ବିଭିନ୍ନ ଅଣକ୍ରୀଡ଼ା ପ୍ରସଙ୍ଗରେ ବ୍ୟବହୃତ ହେଲା। ସଙ୍ଗୀତ, ରାଜନୀତି, ସାହିତ୍ୟ, ସାମାଜିକ ଗଣମାଧ୍ୟମ ପ୍ରମୁଖ କେତେକ କ୍ଷେତ୍ର ଉପରେ ନଜର ପକାଇଲେ ଦେଖାଯିବ, କିପରି ଏହି ଗ୍ୟାଲେରି ଚିନ୍ତା ସମସ୍ତଙ୍କୁ ଘାଇଲା କରିଛି।

କ୍ରିକେଟ ପରି ନାଟକ ଏକ ମନୋରଞ୍ଜନଧର୍ମୀ କଳା। କିନ୍ତୁ ବେଳେ ବେଳେ ଦର୍ଶକମାନଙ୍କ ପାଖରୁ ଆବଶ୍ୟକତାଠୁ ଅଧିକ କରତାଳି ସଂଗ୍ରହ କରିବାକୁ ଯାଇ ଅଭିନେତାଟିଏ ଲିଖିତ ନାଟକର ମୂଳ ସଂଳାପଠୁ ହଟିଯାଇ ଏମିତି କିଛି ସଂଳାପ, ଭାବଭଙ୍ଗୀ ପ୍ରଦର୍ଶନ କରେ ଯାହା ତାକୁ ଉଚ୍ଛ୍ୱସିତ ପ୍ରଶଂସା ଓ 'ଗ୍ୟାଲେରି' ଭାଙ୍ଗି ପଡ଼ିଲା ଭଳି କରତାଳି ସାଉଁଟିବାରେ ସାହାଯ୍ୟ କରେ। ଅବଶ୍ୟ ଏହାର ଶିକାର ସାଜନ୍ତି ସାଥୀ କଳାକାରମାନେ, ଯେଉଁମାନେ ନିଜ ସଂଳାପ ଠିକ୍‌ଭାବେ କହିପାରନ୍ତି ନାହିଁ ଏବଂ ଏହାଠୁ ବଳି ଶିକାର ହୋଇ ନୀରବରେ ଅଶ୍ରୁପାତ କରନ୍ତି ସେ ନାଟକର ଲେଖକଟିଏ। କାରଣ କରତାଳି ସଂଗ୍ରହ କରିବାକୁ ଯାଇ ତାଙ୍କ ନାଟକ ସାମୟିକ ବଳାତ୍କାରର ଶରବ୍ୟ ହୁଏ। ଗୀତ ରଚନା ଓ ଗାଇବା କ୍ଷେତ୍ରରେ ବେଳେବେଳେ ଏହି 'ଗ୍ୟାଲେରି ଦୃଷ୍ଟି' ଗୀତ ଲେଖକ ଓ ଗାୟକମାନଙ୍କୁ ପଥଚ୍ୟୁତ କରେ। ଶ୍ରୋତାଙ୍କ ମନୋରଞ୍ଜନ ପାଇଁ ଶସ୍ତା ଗୀତ ଲେଖି ବା ଗାଇ ସେମାନେ ବେଶ୍ ଦୁଇପଇସା କମେଇ ପାରନ୍ତି କିନ୍ତୁ ନିଜର ଗୁଣବତ୍ତା, ପ୍ରତିଭା ପ୍ରତି ଅନ୍ୟାୟ କରି ପରବର୍ତ୍ତୀ ସମୟରେ ବ୍ୟକ୍ତିଗତ ଭାବରେ ସେମାନେ ଦୁଃଖିତ ହେବା ସହ ସମାଜକୁ ଅପସଂସ୍କୃତି ଭିତରକୁ ଠେଲିଦେବାର ଅପଯଶ ମୁଣ୍ଡାନ୍ତି। ପ୍ରଚଣ୍ଡ ପ୍ରତିଭାଧର ଅକ୍ଷୟ ମହାନ୍ତିଙ୍କ ବାବଦରେ ସେମିତି କିଛି ଅପବାଦ ଶୁଣିବାକୁ ମିଳେ।

କ୍ରିକେଟ ପରି ରାଜନୀତିର ପାଞ୍ଚବର୍ଷିଆ ମ୍ୟାଚ୍‌ରେ ଭୋଟର ଗ୍ୟାଲେରି ଉପରେ ସମସ୍ତଙ୍କ ଆଖି। ଏକ ସୀମିତ ଓଭର ଲଢ଼େଇ- ପାଞ୍ଚବର୍ଷ- ହୋଇଥିବାରୁ ରାଜ୍ୟ ବା ରାଷ୍ଟ୍ରର ଦୀର୍ଘମିଆଦୀ ସ୍ୱାର୍ଥ ଅପେକ୍ଷା ଭୋଟଦାତାଙ୍କ ମନ ମୋହନକାରୀ ଚଉକା ଓ ଛକା ବର୍ଷଣର ଔଚିତ୍ୟ ଓ ଅନୌଚିତ୍ୟ କେହି ଦେଖନ୍ତି ନାହିଁ। ବରଂ କେତେ ଆକର୍ଷଣୀୟ ଛକା ମାରି ବିପକ୍ଷ ଶିବିରରେ ଆତଙ୍କ ଖେଳେଇହେବ ତାହା ହିଁ ପ୍ରମୁଖ ଚିନ୍ତା। ରାଷ୍ଟ୍ରନୀତିଜ୍ଞ, ଅର୍ଥନୀତିଜ୍ଞ, କଳା ଓ ସଂସ୍କୃତିରକ୍ଷକମାନଙ୍କୁ ପୁରୁଣାକାଳିଆ ଛଅଦିନିଆ ଟେଷ୍ଟମ୍ୟାଚ୍‌ର ପ୍ରଶିକ୍ଷକ ହିସାବରେ ଦେଖାଯାଏ ଏବଂ ସେମାନଙ୍କ ଚେତାବନୀକୁ ନିର୍ବାଚନର ବିଜୟ ମାଧ୍ୟମରେ ସୀମା ସେପାରିକୁ ପଠେଇ ଦିଆଯାଏ। ଏ ଖେଳରେ ଚୌକା-ଛକା ଜୋତା, ଛତା, କମ୍ବଳ, ମୋବାଇଲ ଫୋନ, ଗାଈ, ଟିଭି ସେଟ୍, ମଙ୍ଗଳସୂତ୍ର, ରଣଛାଡ଼ ନାମରେ ବର୍ଷେ। ୫ ବର୍ଷ ପରେ ରାଜ୍ୟ ବା ରାଷ୍ଟ୍ରର ଅବସ୍ଥା କ'ଣ ହେବ, ଏମାନେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଅନ୍ୟ ରାଜ୍ୟ ବା ରାଷ୍ଟ୍ର ସହ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହେବେ କି ନାହିଁ, ତାହାକୁ କେହି ଗୁରୁତ୍ୱ ଦିଅନ୍ତି ନାହିଁ। ରାଜ୍ୟ ବା ରାଷ୍ଟ୍ରର ତଥାକଥିତ ହିତ ପାଇଁ ନିଆଯାଉଥିବା ମୂଳତଃ ଏହି ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକ ଖାଲି ନିର୍ବାଚନ ପୂର୍ବରୁ ଦେଖିବାକୁ ମିଳେନାହିଁ। ପ୍ରତ୍ୟେକ ନାଗରିକଙ୍କୁ ୩୬୫ ଦିନିଆ ଭୋଟଦାତା କରି ରଖିବା ପାଇଁ 'ଯୁଦ୍ଧ' ଅପେକ୍ଷା 'ଶାନ୍ତି' ସମୟରେ ମଧ୍ୟ କମ୍ କସରତ କରାଯାଏ ନାହିଁ। ଲୋକଙ୍କୁ ମନୋରଞ୍ଜନ ଚର୍ଚ୍ଚାର ଖୋରାକ ଯୋଗାଇବା ପାଇଁ ଅଣନିର୍ବାଚନୀ ଋତୁ ବା ଦିନଗୁଡ଼ିକରେ ଭାଷଣବାଜି, ବୟାନବାଜି ଜାରି ରଖି ରାଜନୈତିକ ତାୱାକୁ ସବୁବେଳେ ଗରମ ରଖାଯାଏ। ସୌଭାଗ୍ୟକୁ ପୂର୍ବର ଗୋଟିଏ ଦୂରଦର୍ଶନ ବା ଆକାଶବାଣୀ କେନ୍ଦ୍ର ବା ଗୋଟିଏ ଦୁଇଟି ଖବରକାଗଜ ସ୍ଥାନରେ ଆଜି ଶହ ଶହ ଘରୋଇ ଚ୍ୟାନେଲ ଓ ସମ୍ବାଦପତ୍ର। ତେଣୁ ତାୱା ଗରମ ପାଇଁ ପରିସରର ଅଭାବ ନାହିଁ। ଛତା, ଜୋତା ବାଣ୍ଟିଲା ଭଳି ଆଜି ରାଜନେତାମାନଙ୍କ ଭାଷଣର ବ୍ୟାକରଣ, ଶୈଳୀ ସବୁ ବଦଳିଯାଇଛି। ଗ୍ୟାଲେରିଧର୍ମୀ ରାଜନୀତିକୁ ଆହୁରି ଆକର୍ଷଣୀୟ ଓ ରଙ୍ଗିନ କରିବା ପାଇଁ ସବୁ ଦଳରେ ପୁଳାପୁଳା ଅଭିନେତା ଓ ଅଭିନେତ୍ରୀ। ଆଗାମୀ ୫୦ବର୍ଷ ଭିତରେ ରାଜ୍ୟ ବା ରାଷ୍ଟ୍ରକୁ ନେଇ ଆପଣଙ୍କ ସ୍ୱପ୍ନ କ'ଣ ଜାଣିବା ପରିବର୍ତ୍ତେ ଦର୍ଶକ-ଭୋଟର ଚାହାନ୍ତି କୌଣସି ଦମ୍‌ଦାର ଫିଲ୍ମର ଜବରଦସ୍ତ 'ଡାଏଲଗ୍'ର ଆବୃତ୍ତି। ଏ ପ୍ରକାର ମନୋଭାବାପନ୍ନ ରାଜନୀତିରେ ବଲ୍ ଦର୍ଶକ ଗ୍ୟାଲେରିରେ ପଡ଼ିବା ଥୟ, ଦଳ (ରାଜ୍ୟ ବା ରାଷ୍ଟ୍ର) ହାରୁ କି ଜିତୁ!

ଏବେ ସାମାଜିକ ଗଣମାଧ୍ୟମ କରତାଳି ସଂଗ୍ରହର ନୂଆରାସ୍ତା ଫିଟେଇଛି। ଫେସ୍‌ବୁକ୍ ପରି କୌଣସି ସାମାଜିକ ଗଣମାଧ୍ୟମରେ କିଛି ଲୋକ ନିଜର ଚିନ୍ତନଟି ଛାଡ଼ି କେତେଜଣ ବୃଦ୍ଧାଙ୍ଗୁଷ୍ଠି ଟେକିଲେ ଅବା 'ଲାଇକ୍' କଲେ ତାକୁ ଦିନସାରା ଗଣୁଛନ୍ତି। ଆଉ ଥୋକେ ସେ ପ୍ରକାର ବଡ଼ଲୋକଙ୍କ ପାଇଁ ବୁଢ଼ା ଆଙ୍ଗୁଳି ଟେକିଥିବାରୁ ପ୍ରତିଫଳିତ ଗୌରବରେ ଉଲ୍ଲସିତ ହୋଇ ନିଜ ପରିବାରବର୍ଗଙ୍କୁ ମଧ୍ୟ 'ପ୍ରତିଫଳିତ' କରାନ୍ତି। ଏହା ଆଜିର ଯୁଗଧର୍ମ। ଏହାକୁ ରୋକିହେବ ନାହିଁ, ଏହା କୌଣସି ଖରାପ କଥା ବି ନୁହେଁ। ତେବେ ଏଥିରେ ଏକ ସୂକ୍ଷ୍ମ ବିପଦ ଅଛି। ପ୍ରଖ୍ୟାତ ଇଂଲିଶ୍ ଉପନ୍ୟାସ 'ଆନିମଲ ଫାର୍ମ'ର ପଶୁପକ୍ଷୀମାନେ ମଣିଷ ବିଷୟରେ ଯେଉଁ ଅଭିଯୋଗ କରନ୍ତି, ଭାରତୀୟମାନଙ୍କ ବିରୋଧରେ ସମାନ ଅଭିଯୋଗ ଆଣନ୍ତି ଜାତୀୟ ତଥା ଅନ୍ତର୍ଜାତୀୟ ଚିନ୍ତାନାୟକମାନେ। ପଶୁପକ୍ଷୀଙ୍କ ଅଭିଯୋଗ, 'ଆମେ କ୍ଷୀର ଦେଉ, ଅଣ୍ଡା ଦେଉ, ମଣିଷ ତାକୁ ଖାଏ ବା ପିଏ। ଅର୍ଥାତ୍ ଆମେ ଉତ୍ପାଦକ, ସେମାନେ ଗ୍ରାହକ।' ଭାରତୀୟଙ୍କ ସମ୍ବନ୍ଧରେ ଅଭିଯୋଗ, 'ଏମାନେ ମୋବାଇଲ ଫୋନ ବ୍ୟବହାର କରନ୍ତି, ତିଆରି କରନ୍ତି ନାହିଁ।' ସାମାଜିକ ଗଣମାଧ୍ୟମରେ କାହାରି ଚିନ୍ତନକୁ ତାରିଫ କରିବାରେ ଅସୁବିଧା ନାହିଁ କିନ୍ତୁ ସେହି ତାରିଫ ଭିତରେ ନିଜର ଅନୁଗାମୀପଣକୁ ସୀମିତ ନ ରଖି ସମସ୍ତେ ଅଳ୍ପବହୁତେ ଯଦି ସର୍ଜନଶୀଳ ହୁଅନ୍ତେ ତା'ହେଲେ ଆମେ ଖାଲି ତାଳି ମାରନ୍ତୁ ନାହିଁ ଆମର ପିଠି ମଧ୍ୟ କେହି ଥାପୁଡ଼େଇ ପାରନ୍ତେ।

କ୍ରିକେଟ ହେଉ ଅବା କଳା, ରାଜନୀତି ହେଉ ଅବା ଗଣମାଧ୍ୟମ- ନିଃସ୍ୱାର୍ଥପର ଭାବରେ, ନିରହଂକାର ଭାବରେ କାମ କରୁ କରୁ ଯଦି କେଉଁଠୁ କେମିତି କରତାଳିଟିଏ ମିଳିଗଲା ତାହା ଏକ ବୋନସ, ଏକ ଅପ୍ରତ୍ୟାଶିତ ପାରିଶ୍ରମିକ। ସେ ପ୍ରକାର ପ୍ରଶଂସା ଏକ ପ୍ରେରଣା। କିନ୍ତୁ ବ୍ୟକ୍ତିଗତ, ସାମାଜିକ ଏବଂ ଜାତୀୟ ଦୀର୍ଘମିଆଦୀ ସ୍ୱାର୍ଥକୁ ବଳିଦେଇ ଗ୍ୟାଲେରିକୁ ବଲ ପଠାଇବା ନ୍ୟାୟରେ କୌଣସି ସୂକ୍ଷ୍ମ ବା ସ୍ଥୂଳ ସ୍ତରରେ ଆତ୍ମହତ୍ୟାକାରୀ ପଦକ୍ଷେପ ସମାଜ ପାଇଁ ଗ୍ରହଣୀୟ ନୁହେଁ।

ମୋ. : ୯୪୩୭୩ ୭୬୨୧୯,
subashbls56@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରେଣୀପରୀକ୍ଷା ଢିଲା ନ ହେଉ

ମହାଶୟ,

ପ୍ରତ୍ୟେକ ବିଦ୍ୟାଳୟରେ ଶ୍ରେଣୀ ପରୀକ୍ଷା ହେଉଛି। ଉକ୍ତ ପରୀକ୍ଷାଗୁଡ଼ିକ କଡ଼ାକଡ଼ି ହେଉନାହିଁ। ଏହି ପରୀକ୍ଷାଗୁଡିକ ଯଦି ଢିଲା ହେବ, ତେବେ ପରବର୍ତ୍ତୀ ବୋର୍ଡ ପରୀକ୍ଷାରେ ପିଲାମାନେ ଶୃଙ୍ଖଳିତ ହେବେ କିପରି? ତେଣୁ ପ୍ରତ୍ୟେକ ସ୍କୁଲକୁ ଶିକ୍ଷା ଦପ୍ତରରୁ ଏକ ସୂଚକ ବା ବିଜ୍ଞପ୍ତି ପ୍ରକାଶ କରି ଶୃଙ୍ଖଳିତ ପରୀକ୍ଷା ପାଇଁ ବ୍ୟବସ୍ଥା କରାଯାଉ। ତାହା ଠିକ୍ ଅନୁପାଳିତ ହେଉଛି କି ନାହିଁ ଜିଲାର ବିଇଓ କିମ୍ବା ଡିଇଓ ତଦାରଖ କରନ୍ତୁ।

ମନୋରମା ଛାଟୋଇ, ମହୁରା, ପୁରୀ

### ସିଟି ବସ୍ ସେବା

ଗତ ନଭେମ୍ବର ୬ତାରିଖରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଭୁବନେଶ୍ୱର ମେୟର ଏବଂ ସ୍ଥାନୀୟ କର୍ପୋରେଟରମାନଙ୍କ ଉପସ୍ଥିତିରେ ଦୁର୍ଗାମଣ୍ଡପଠାରେ ମୋ ବସ୍ ସେବା ଲୋକାର୍ପିତ କରିଥିଲେ, ଯେଉଁଥିରେ ଆମ୍ଭମାନଙ୍କର ବହୁ ପ୍ରତୀକ୍ଷିତ ଦାବିକୁ ଉପେକ୍ଷା କରାଯାଇଛି। ମନ୍ତ୍ରୀ ଓ ମେୟର ଉଭୟ ଏଥିପ୍ରତି ଧ୍ୟାନ ଦେଇ ରୁଟ୍ ଚାର୍ଟ ଯଥା ଡୁମ୍‌ଡୁମା ପାଲାମଣ୍ଡପ, ଚତୁର୍ଥ ପର୍ଯ୍ୟାୟ ରାମମନ୍ଦିର, କଲ୍ପୋପଲିସ ଦେଇ ୬ ନମ୍ବର ମେଡିକାଲ, ଷ୍ଟେଶନ ଯିବ ବୋଲି ଆଶ୍ୱାସନା ଦେଇଥିଲେ। ସୁତରାଂ ଆବଶ୍ୟକତା ଦୃଷ୍ଟିରୁ ଉକ୍ତ ରୁଟ୍‌ରେ ତୁରନ୍ତ ମୋ ବସ ସେବା ଯୋଗାଇଦେବା ପାଇଁ ଏ ଅଞ୍ଚଳର ଜନସାଧାରଣ ଓ ବିଭିନ୍ନ ସଙ୍ଗଠନ ତରଫରୁ ଦାବି ହେଉଛି। ଫଳରେ ବରିଷ୍ଠ ନାଗରିକ, ମହିଳା, ଛାତ୍ରୀଛାତ୍ର, ବିଭିନ୍ନ ଦପ୍ତରର କର୍ମଚାରୀ ତଥା ବ୍ୟବସାୟୀମାନେ ଉପକୃତ ହେବା ସଙ୍ଗେ ସଙ୍ଗେ ଓଡ଼ିଶା ସରକାରଙ୍କର ରାଜସ୍ୱ ବଢ଼ିବ।

ବିଶ୍ୱନାଥ ଜେନା, ବରିଷ୍ଠ ନାଗରିକ, ଏଲଆଇଜି-୨୭୪,
ଚତୁର୍ଥ ପର୍ଯ୍ୟାୟ, ଡୁମ୍‌ଡୁମା, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅଭିଯାନର ନାଁ ରହୁ 'ଓ୍ବିଟୂ'

ଦ୍ୱିତୀ ଚନ୍ଦ୍ର ସାହୁ

ଲୋକଙ୍କ ମୁହଁରୁ ଅନେକ ସମୟରେ ଶୁଣିବାକୁ ମିଳେ 'ସବୁ ଯାଉ ପଛେ ଚରିତ୍ର ଥାଉ'। ଆତ୍ମ ସ୍ୱାଭିମାନ ସମାଜର ପ୍ରତ୍ୟେକ ବ୍ୟକ୍ତି ଲାଗି ବଡ଼ ସମ୍ପତ୍ତି। ମଣିଷକୁ ଆଉ ମଣିଷ ନିକଟରେ ପରିଚିତ କରାଏ ସେ। ଦୁନିଆରେ ପରିଚୟ ନଷ୍ଟ ହୋଇଗଲେ କିଛି ବାକି ରହେନା। ଏଇ କାରଣରୁ ବିଗତ ଦିନଗୁଡ଼ିକରେ ନିଜର ସମ୍ମାନ ଓ ଆଦର୍ଶକୁ ନେଇ ସମାଜରେ ସ୍ଥାନ ମିଳୁଥିଲା। ନିଚ୍ଛକ ଭଲ ମଣିଷଟିଏ ପାଖରେ ଲୋକଙ୍କ ଭିଡ଼ ଜମୁଥିଲା। ସହାୟତାର ହାତ ଲମ୍ବୁଥିଲା। ଏସବୁ ସତ୍ତ୍ୱେ ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ'ର ରାମଚନ୍ଦ୍ର ମଙ୍ଗରାଜ, ଗୋପୀନାଥ ମହାନ୍ତିଙ୍କ 'ପରଜା' ଉପନ୍ୟାସର ରାମଚନ୍ଦ୍ର ବିଶୋଇଙ୍କ ଭଳି ବହୁ ଚରିତ୍ର ଥିଲେ। ଯେଉଁମାନେ ଧନ ଓ ଜନ ବଳରେ ବ୍ୟଭିଚାରକୁ ଆଚାର ଏବଂ ଅନ୍ୟାୟକୁ ନ୍ୟାୟ ଭାବେ ପ୍ରତିପାଦିତ କରୁଥିଲେ। ସମାଜକୁ ନିଜ ଅଙ୍ଗୁଳି ଅଗରେ ନଚେଇବାକୁ ପଛେଇ ନ ଥିଲେ। ସମାଜରେ ଏମିତି ଅନେକ ଚରିତ୍ର ବିଧିବ୍ୟବସ୍ଥାକୁ ଗୋଡ଼ରେ ମକଚି ନୂଆ ସମ୍ବିଧାନ ତିଆରି କରୁଥିଲେ ନିମିଷକରେ। ଏହାର ପ୍ରତିବାଦ କରିବାକୁ ଇଚ୍ଛା ଥିଲେ ବି କରିପାରୁ ନ ଥିଲେ ନିରୀହ ଲୋକେ। ସେମାନଙ୍କ ଆୟତ୍ତରେ ଥିବା ଅର୍ଥ, ବ୍ୟବସ୍ଥା ଓ ନ୍ୟାୟ ସବୁ ପାଦତଳେ ଲୋଟୁଥିଲେ ବିନା ସର୍ତ୍ତରେ। ବଦଳିଯାଉଥିଲା ପରିସ୍ଥିତି ସାମାନ୍ୟ ଇଶାରାରେ। ଆଉ ଯେଉଁମାନେ ବିରୋଧ କରୁଥିଲେ ସେମାନେ ତଳିତଳାନ୍ତ ହୋଇ ଯାଉଥିଲେ। ଏଇସବୁ ଘଟଣାକ୍ରମ ଅନ୍ୟମାନଙ୍କ ପାଟିକୁ ବନ୍ଦ କରିଦେଉଥିଲା ଅକ୍ଳେଶରେ।

ଏବେ ସମାଜ ବଦଳିଯାଇଛି। ବ୍ୟବସ୍ଥାରେ ବି ଅନେକ ସୁଧାର ଆସିଛି। ନିରୀହ ଲୋକଟି ବି ମୁହଁ ଖୋଲି କହିବାର ଆସ୍ପର୍ଦ୍ଧା ରଖିପାରୁଛି। ତା'ର କଥାକୁ ସମର୍ଥନ ଜଣାଇବା ଲାଗି ଗଣମାଧ୍ୟମ ଅଛି। କିଛି ନ ହେଲେ ବି ସାମାଜିକ ଗଣମାଧ୍ୟମ ରହିଛି। ଆଜି ନିମିଷକରେ କାୟା ପଲଟିଯାଉଛି। ପ୍ରତିପତ୍ତି, କ୍ଷମତା, ବ୍ୟବସ୍ଥା ଭିତରେ ଥିବା ମଣିଷ ବି ମାମୁଲି ଲାଗୁଛି। ଏଥିପାଇଁ 'ମିଟୂ'ର ଝଡ଼। ନିଜ ପ୍ରତି ହୋଇଥିବା ଅନ୍ୟାୟକୁ ମୁହଁ ଖୋଲି କହିପାରୁଛି ମହିଳାଟିଏ। ଅନେକଙ୍କ ଭଦ୍ରମୁଖା ଖୋଲିଯାଉଛି। ଅନ୍ତର୍ଜାତୀୟଠାରୁ ପ୍ରାନ୍ତୀୟ ସ୍ତର ଯାଏ ଧୀରେ ଧୀରେ ଏଇ ଅଭିଯାନ ଏକ ଆନ୍ଦୋଳନ ରୂପ ନେଇଛି। ଅନେକ ବଡ଼ପଣ୍ଡା ଭୟ ଓ ଆଶା ଆଶଙ୍କା ଭିତରେ ବଞ୍ଚୁଛନ୍ତି। କେତେବେଳେ କିଏ ଏଇ ଆନ୍ଦୋଳନରେ ନିଜକୁ ଛନ୍ଦି ଦେବନି ତ- ଏଇ ଚିନ୍ତା ଘାରୁଛି। ନିଜର ଅତୀତକୁ ରୋମନ୍ଥନ କରୁଛନ୍ତି। ନିଜର କୃତକର୍ମ ଲାଗି ଅନେକେ ଭିତିରି ପ୍ରାୟଶ୍ଚିତ୍ତ କରିବାକୁ ମଧ୍ୟ ପଛାଉ ନ ଥିବେ। ଅବଶ୍ୟ ଚରିତ୍ର ଯାଉ ପଛେ ସବୁ ଥାଉ ବୋଲି ଚିନ୍ତା କରୁଥିବା ଆଜିକାର କିଛି ମଣିଷଙ୍କ ଲାଗି ଏଇ ଝଡ଼ର କିଛି ମାନେ ନାହିଁ। କିନ୍ତୁ ବଦନାମ ହେବାର ଭୟ ନିଶ୍ଚିତ ଉଣାଅଧିକେ ରହିଛି ସେମାନଙ୍କ ଭିତରେ। ଏଇ ଡର ଅନେକମାତ୍ରାରେ ସମାଜ ଭିତରେ ଚେତନା ଜାଗ୍ରତ କରିଛି। ତଥାପି ଆଜି ବି ଅନେକ ମହିଳା ନିଜ ନିଜ କର୍ମକ୍ଷେତ୍ରରେ ଅତ୍ୟାଚାରିତ। ଅଶ୍ଳୀଳ ଇଙ୍ଗିତ ଭିତରେ ବି ବୃତ୍ତିଗତ କାରଣରୁ ନିଜ ପିଲାକୁଟୁମ୍ବର ଭବିଷ୍ୟତ ଲାଗି ସହିଯାଉଛନ୍ତି ସବୁକିଛି। ଦାରିଦ୍ର୍ୟ, ଆତ୍ମସମ୍ମାନ, ପାରିବାରିକ ତାଡନାର ଭୟ ସେମାନଙ୍କୁ ନିରସ୍ତ କରୁଛି ଏଇ 'ମିଟୂ'ରେ ସାମିଲ ହେବାରୁ। ହୁଏତ ଅନ୍ୟମାନଙ୍କ ଭଳି ସମୟ ଲାଗିପାରେ ଏଇ ଅଭିଯାନରେ ସାମିଲ ହେବାକୁ।

'ମିଟୂ' ଅତ୍ୟାଚାରୀ ମଣିଷଙ୍କ ବିରୋଧରେ ଗୋଟିଏ ଅଭିଯାନ। ତାଡନାର ଶିକାର ହୋଇଥିବା ମହିଳାଙ୍କ ଶାଣିତ ସ୍ୱର। ଯୁଗେ ଯୁଗେ ମହିଳାମାନେ ହିଁ ସମାଜକୁ ରକ୍ଷା କରି ଆସିଛନ୍ତି। ନିଜ ପାଇଁ ଯେତିକି, ପର ପାଇଁ ଅଧିକ ବଳିଦାନ ଦେଇଛନ୍ତି। ଏଇ ଅଭିଯାନ ଆମ ସମାଜ ଭିତରେ ଚେତନା ଜାଗ୍ରତ କରିଛି। ବାସ୍ତବରେ ଆମେ ସମସ୍ତେ ଜଣେ ଜଣେ ଅତ୍ୟାଚାରୀ ନିଜ ନିଜ ସ୍ତରରେ। ସେ ଅତ୍ୟାଚାର ହୁଏତ ମଣିଷ ବିରୋଧରେ ହୋଇ ନ ପାରେ, ହୋଇପାରେ ପ୍ରକୃତି ବିରୋଧରେ। ଆମେ ପ୍ରତି ମୁହୂର୍ତ୍ତରେ ଅତ୍ୟାଚାର କରୁଛୁ। ଅନ୍ୟର ଅତ୍ୟାଚାରକୁ ଦେଖି ଚୁପ୍ ରହୁଛୁ। ଅନ୍ୟ ପ୍ରତି ଅନ୍ୟାୟକୁ ଦେଖି ବି ଅଣଦେଖା କରୁଛୁ। ପ୍ରତିବାଦ ନ କରିବା ହୁଏ ତ ଅନ୍ୟାୟକୁ ସହୁଥିବା ଲୋକଟିର ବିବଶତା ହୋଇପାରେ। କିନ୍ତୁ ପାପକୁ ଦେଖି ଚୁପ୍ ରହିବା ବି ପାପ। କେବଳ ମହିଳାଙ୍କ ବିରୋଧରେ ହେଉଥିବା ଅତ୍ୟାଚାର, ଅଶ୍ଳୀଳ ଆଚରଣ ଭିତରେ 'ମିଟୂ' ଅଭିଯାନ ସୀମିତ।

ଏବେ ସମୟର ଆହ୍ୱାନ। ସମସ୍ତଙ୍କୁ ପ୍ରାୟଶ୍ଚିତ୍ତ କରିବାର ସମୟ ଆସିଛି। ଆରମ୍ଭ ହେଉ ଆଉ ଏକ ଭିନ୍ନ ଅଭିଯାନ 'ଓ୍ବିଟୂ', ଯେଉଁଥିରେ କେବଳ ନାରୀ ପ୍ରତି ବା ମଣିଷ ପ୍ରତି ହେଉଥିବା ଅତ୍ୟାଚାର, ଅନ୍ୟାୟକୁ ସ୍ଥାନ ଦିଆ ନ ଯାଉ। ସେଥିରେ ପ୍ରକୃତି ଉପରେ ହେଉଥିବା ଅତ୍ୟାଚାର ବି ସ୍ଥାନ ପାଉ। ଆଉ ସ୍ଥାନ ପାଉ ପ୍ରକୃତିକୁ ସୁରକ୍ଷିତ ରଖିବା ଲାଗି ସମାଜରେ ହେଉଥିବା ମହତ୍ ପ୍ରୟାସସବୁ। ଏସବୁକୁ ସାମିଲ କରି ଅନ୍ୟକୁ ପ୍ରେରିତ କରିବା ଦିଗରେ ସମ୍ଭାବନା ସୃଷ୍ଟି କରାଯାଉ। ବୃକ୍ଷରୋପଣ, ସ୍ୱଚ୍ଛ ଅଭିଯାନଠାରୁ ଆରମ୍ଭକରି ପଲିଥିନ ବିରୋଧୀ ଅଭିଯାନ, ସମୁଦ୍ରତଟ ସୁରକ୍ଷା ଅଭିଯାନ, ମୁକ୍ତ ମଳତ୍ୟାଗ ବିରୋଧୀ ଅଭିଯାନ, ପକ୍ଷୀ, ପଶୁ ସଂରକ୍ଷଣ ଅଭିଯାନ, ପରିବେଶ ସୁରକ୍ଷା ଦିଗରେ ହେଉଥିବା ଅହରହ ପ୍ରୟାସ ଭଳି ବହୁ ଭଲ କଥାକୁ ନିଜ ଭିତରେ କିମ୍ବା ନିଜ ଅଞ୍ଚଳ ଭିତରେ ଆଉ ସୀମିତ ନ ରଖି ଏହାକୁ ଜଗତବ୍ୟାପୀ କରାଯାଉ। ସମସ୍ତଙ୍କ ହାତପାଆନ୍ତାରେ ଥିବା ସ୍ମାର୍ଟଫୋନର ପ୍ରକୃତ ଉପଯୋଗ କରି ଏ ସଂପର୍କିତ ଭିଡିଓ କିମ୍ବା ଫଟୋକୁ ଏହି ଅଭିଯାନରେ ସାମିଲ କରି ଅନ୍ୟକୁ ସାମିଲ ହେବା ଲାଗି ପ୍ରେରଣା ପାଲଟିଯାଆନ୍ତୁ। ହୁଏତ ଏହା ନିଜକୁ ଆତ୍ମତୁଷ୍ଟି ଦେବା ସହ କୋଟିଏ ଲୋକଙ୍କୁ ବି ପ୍ରଭାବିତ କରିପାରିବ। ଏଇକ୍ରମରେ ସମାଜ ଓ ପ୍ରକୃତି ସୁଧାର ଦିଗରେ ଇଏ ହୁଏତ ବଡ ପଦକ୍ଷେପ ହୋଇପାରିବ। ଏହା ଆପଣଙ୍କୁ ଅବଗତ କରାଇ ମୁଁ ନିଜେ ତ ସାମିଲ ହୋଇଗଲି। ଆପଣଙ୍କର ଏଥର ପାଳି। ଆରମ୍ଭ କରନ୍ତୁ ଭଲ କାମ ଓ ଆଗକୁ ବଢାନ୍ତୁ 'ଓ୍ବିଟୂ' ଅଭିଯାନ।

ଇନ୍ଦିରା ନଗର, ରାୟଗଡା, ମୋ- ୯୫୫୬୨୮୭୭୭୫

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଡିସେମ୍ବର ୧୯୯୩

- କଲମ୍ବିଆର ଉତ୍ତର ପଶ୍ଚିମାଞ୍ଚଳସ୍ଥିତ ଏକ ସହର ମଧ୍ୟକୁ କାଦୁଅ ଅତଡା ମାଡିଯିବା ଫଳରେ ୬୦ ଜଣ ଲୋକଙ୍କ ମୃତ୍ୟୁ।
- କାଏରୋର ମୋକ୍ୱାଟାମ ପର୍ବତମାଳାରୁ ଖସି ପଡିଥିବା ଏକ ତିନି ହଜାର ଟନବିଶିଷ୍ଟ ଶିଳାଖଣ୍ଡରେ ଚାପି ହୋଇ ୪୨ ଜଣଙ୍କ ମୃତ୍ୟୁ।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ

## ଆଜି କ'ଣ କେଉଁଠି

ସମ୍ବଲପୁର

- ସମ୍ବଲପୁର ପୁସ୍ତକ ମେଳା । ସ୍ଥାନ- ଅଇଁଠାପାଲି ପିଏଚଡି ପଡିଆ। ସମୟ- ଅପରାହ୍ନ ୨ଟା।
- ଶ୍ରୀମଦ୍ ଭାଗବତ କଥାଜ୍ଞାନ ଯଜ୍ଞ। ସ୍ଥାନ- ଧନୁପାଲି ଗୋପାଳଜୀ ମଠ। ସମୟ- ଅପରାହ୍ନ ସାଢ଼େ ୩ଟା।

## ସଂକ୍ଷେପରେ

### ବିଷ ପିଇ ସ୍ୱାମୀ, ସ୍ତ୍ରୀ ମୃତ

**ପଡ଼ିଆବାହାଲ, ୧୯।୧୨ (ଡି.ଏନ.ଏ.)-** ସମ୍ବଲପୁର ଜିଲା ଜମନକିରା ବ୍ଲକ କୁଲୁଣ୍ଡି ପଞ୍ଚାୟତ ବନମାଳ ଗ୍ରାମରେ ବିଷ ପିଇ ଦୁଇ ଜଣଙ୍କ ଜୀବନ ଯାଇଛି। ମୃତକ ଦ୍ୱୟ ହେଲେ ଦିଲେଶ୍ୱର ବେହେରା (୫୦) ଓ ତାଙ୍କ ସ୍ତ୍ରୀ ଦୀପାଞ୍ଜଳି ବେହେରା। ଘରୋଇ ଅଶାନ୍ତିରୁ ଏହା ଘଟିଥିବା ଗାଁ ଲୋକେ କହିଛନ୍ତି। ତେବେ ଗାଁ ଲୋକେ ଉଭୟଙ୍କୁ ସମ୍ବଲପୁର ସଦର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେମାନଙ୍କ ଜୀବନ ରକ୍ଷା କରାଯାଇ ପାରିନାହିଁ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ।

### ବରଗାଁରେ କୌଶଳ ବିକାଶ କାର୍ଯ୍ୟକ୍ରମ

**ସମ୍ବଲପୁର, ୧୯।୧୨ (ବ୍ୟୁରୋ)-** ମାନେଶ୍ୱର ବ୍ଲକ ଅନ୍ତର୍ଗତ ବରଗାଁଠାରେ ପରମ ଜ୍ୟୋତି ବିଦ୍ୟା ନିକେତନ ପକ୍ଷରୁ ଜିଲା କୌଶଳ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗରିବ ଓ ଅନୁନ୍ନତ ଶ୍ରେଣୀର ମହିଳାମାନଙ୍କୁ ସିଲେଇ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଆଇଓସିଏଲ୍ ଜେନେରାଲ ମ୍ୟାନେଜର ପ୍ରମୋଦ ତିଲ୍ଲି, ମ୍ୟାନେଜର ବାସୁ ସାହୁ, ମାନବସମ୍ବଳ ଅଧିକାରୀ ଅନନ୍ତ ପଟେଲ, ନାବାର୍ଡ ଏଜିଏମ ଦେବେଶ ବେହେରା, ଏଲଡିଏମ ଦେବରାଜ ସାହୁ, ଡା. ପୁଷ୍ପଶ୍ରୀ ନାୟକ, ପ୍ରେମ ପ୍ରସାଦ ହୋତା, ସରପଞ୍ଚ ହରିହର ମହାନନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ । ପରମ ଜ୍ୟୋତି ବିଦ୍ୟା ନିକେତନର ସହ ସମ୍ପାଦକ ବିକାଶ ତାଣ୍ଡି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମନୋଜ କୁମାର ସିହ୍ନା ଓ ଇଷାନନ୍ଦ ସାଗର ସହଯୋଗ କରିଥିଲେ ।

### ଗୀତା ଶ୍ଳୋକ ପାଠ ପ୍ରତିଯୋଗିତା

**ରେଙ୍ଗାଲି, ୧୯।୧୨ (ଡି.ଏନ.ଏ)-** ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୀତା ଶ୍ଳୋକ ପାଠ ପ୍ରତିଯୋଗିତା କରାଯାଇଛି । ଏହି ଅବସରରେ ଗୋପାଳମାଲ କ୍ରିୟାଯୋଗ ଆଶ୍ରମର ସ୍ୱାମୀ ଗୁରୁ ସେବାନନ୍ଦ ଗିରି ମୁଖ୍ୟଅତିଥି ଓ ରେଙ୍ଗାଲି ବ୍ଲକ ଏବିଡିଓ ରବୀନ୍ଦ୍ର ରଣା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ବିଚାରକ ଭାବରେ ରାମଚନ୍ଦ୍ର ନଗର ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ବିଭୂତିଭୂଷଣ ମହାନ୍ତି ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ଗ୍ରୁପ-ଏରେ ଶ୍ରୀଜିତ ସାହୁ ପ୍ରଥମ, ବିଦୁସ୍ମିତା ତ୍ରିପାଠୀ ଦ୍ୱିତୀୟ ଓ କ୍ରିଷ୍ଣା ତାନ୍ୟା ମହାଲିଗ୍ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ଜଗଦୀଶ ପୂଜାରୀ, ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର ନାଏକ ଓ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ।



ସମ୍ବଲପୁର ବୋର୍ଡ଼ ଅଫିସରେ ବୁଧବାର ଦୁର୍ବୃତ୍ତ ପୋଡ଼ାଜଳା କରିବା ଘଟଣାରେ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି।



ହୀରାକୁଦ ଲକ୍ଷ୍ମୀନଗରରେ ବୁଲୁଥିବା ଜଣେ ଅସହାୟ ବୃଦ୍ଧଙ୍କୁ ଲାୟନ୍ସ କ୍ଲବର କର୍ମକର୍ତ୍ତା ଉଦ୍ଧାର କରି ବରଗଡର ଏକ ସଂସ୍ଥାରେ ଥଇଥାନ କରିଛନ୍ତି।




ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବିରେ ସମ୍ବଲପୁର ଓକିଲ ସଂଘ ପକ୍ଷରୁ ଚାଲିଥିବା ରିଲେ ଆମରଣ ଅନଶନରେ ବୁଧବାର ବସିଥିବା ବ୍ୟକ୍ତିବିଶେଷ।

# ୨୧ରୁ ଜିଲାସ୍କୁଲରେ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା

## ■ ୩୦ ଜିଲାର ୧୮୦ ପ୍ରକଳ୍ପ ପ୍ରଦର୍ଶିତ ହେବ

**ସମ୍ବଲପୁର, ୧୯।୧୨ (ବ୍ୟୁରୋ)**

୫୪ତମ ରାଜ୍ୟସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଚଳିତ ମାସ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ ପରିସରରେ ହେବ। ରାଜ୍ୟର ୩୦ଟି ଜିଲାର ୧୮୦ଟି ପ୍ରକଳ୍ପ ପ୍ରଦର୍ଶିତ ହେବ । ଏଥିରେ ୧୮୦ଜଣ ଛାତ୍ରୀଛାତ୍ର ଓ ୧୮୦ଜଣ ଗାଇଡ୍ ଟିଚର୍ ସାମିଲ ହେବ । ଏଥିସହ ସମ୍ବଲପୁର ଜିଲାରେ ଗଣିତ ମାରାଥନ୍‌ର ଶୁଭାରମ୍ଭ କାର୍ଯ୍ୟକ୍ରମ ରହିଛି । ଭୁବନେଶ୍ୱର ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଓ ଶିକ୍ଷା ଗବେଷଣା ପ୍ରଶିକ୍ଷଣ ପରିଷଦ ଏବଂ ସମ୍ବଲପୁର ଜିଲା ଶିକ୍ଷା ଅଫିସ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବୁଧବାର ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲସ୍ଥିତ ମନମୋହନ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ସମର୍ଥ ବର୍ମା ଏହି ସୂଚନା ଦେଇଛନ୍ତି । ଜିଲା ଶିକ୍ଷା ଅଧିକାରୀ ସୁବୋଧ କୁମାର ଦାଶ ସୂଚନା ଦେଇ କହିଥିଲେ ଯେ, ଜୀବନ ପ୍ରତି ଆହ୍ୱାନର ବୈଜ୍ଞାନିକ ସମାଧାନ ଚଳିତ ବର୍ଷର ଭିତ୍ତି ପ୍ରସଙ୍ଗ ରହିଛି । ଏଥିରେ କୃଷି ଓ ଜୈବିକ କୃଷି, ଗଣିତ ମଡେଲ୍, ବର୍ଜ୍ୟବସ୍ତୁ ପରିଚାଳନା, ସମ୍ବଳ ପରିଚାଳନା, ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ବିଷୟ ବସ୍ତୁ ରଖାଯାଇଛି। ମୁଖ୍ୟତୋରଣ ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମ୍ ଓ ମଞ୍ଚ ପଦ୍ମଶ୍ରୀ ଡା. ପର୍ଶୁରାମ ମିଶ୍ରଙ୍କ ନାମରେ ନାମିତ କରାଯାଇଛି । ପ୍ରତିଦିନ ପ୍ରଦର୍ଶନୀ ସହ ସ୍ୱାସ୍ଥ୍ୟ, ଗଣିତ ଓ ବିଜ୍ଞାନ ବିଷୟରେ ବକ୍ତୃତା ମାଳା ହେବ । ଏଥିସହ ସ୍ୱାସ୍ଥ୍ୟ ସଚେତନତା କଥନ, ବିଜ୍ଞାନ କୁଇଜ୍, ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଛି । ସେହିପରି ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ, ଶିକ୍ଷକଙ୍କ ରହିବା ସକାଶେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ଅପରପକ୍ଷେ ସମ୍ବଲପୁର ଜିଲାର ସମସ୍ତ ବ୍ଲକରୁ ଛାତ୍ରୀଛାତ୍ର ଓ ଶିକ୍ଷୟତ୍ରୀ, ଶିକ୍ଷକମାନେ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ଦେଖିବାକୁ ଆସିବେ । ସେଥିପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି । ଖବରଦାତା ସମ୍ମିଳନୀରେ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ସାହୁ, ଜିଲା ବିଜ୍ଞାନ ନିରୀକ୍ଷିକା ଦୀପାଳୀ ଚୌଧୁରୀ, ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଦୟାନିଧି ପୂଜାରୀ ମଞ୍ଚାସୀନ ଥିଲେ ।



ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ସମ୍ମିଳନୀ କକ୍ଷରେ ଜିଲାପାଳ ସମର୍ଥ ବର୍ମା ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ସମ୍ପର୍କରେ ସୂଚନା ଦେଉଛନ୍ତି ।

### ଜାତୀୟ ପେନଚାକ୍ ସିଲଟ୍ ଚାମ୍ପିୟନଶିପ୍

# ତପସ୍ୱିନୀ ନାୟକଙ୍କୁ ବ୍ରୋଞ୍ଜ ପଦକ



ତପସ୍ୱିନୀ ନାୟକ ବ୍ରୋଞ୍ଜ ପଦକ ସହ ।

**ସମ୍ବଲପୁର,୧୯।୧୨ (ବ୍ୟୁରୋ)**

୧୮ ତମ ବିଶ୍ୱ ପେନଚାକ୍ ସିଲଟ୍ ଚାମ୍ପିୟନଶିପ୍‌ରେ ଦେଶରୁ ପ୍ରତିନିଧିତ୍ୱ କରି ଓଡିଶାର ତପସ୍ୱିନୀ ନାୟକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ସେ ଟ୍ରେଡ଼ିଂ ଫାଇଟ୍ ୬୫ରୁ ୭୦ କେଜି ବର୍ଗରେ ଭାଗନେଇ ସଫଳତା ହାସଲ କରିଛନ୍ତି। ଗତ ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ସିଙ୍ଗାପୁରର ଓସିବିସି ଆରିନାଠାରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ୪୯ଟି ଦେଶର ୪ଶହ ଜଣ ମହିଳା ଓ ପୁରୁଷ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ପେନଚାକ୍ ସିଲଟ୍ ସଂଘ ରାଜ୍ୟ ସଭାପତି ସୁରଜ ଲାମା, ଉପସଭାପତି ରବୀନ୍ଦ୍ର କୁମାର ଚୌଧୁରୀ, ଉପଦେଷ୍ଟା ସୁନ୍ଦରମଣୀ ବାରିକ, ଝାରସୁଗୁଡା କ୍ରୀଡା ସଂଘ ତାପସ ରାୟ ଚୌଧୁରୀ ପ୍ରମୁଖ ତପସ୍ୱିନୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# ବୃଦ୍ଧାଙ୍କୁ ଦଳିଦେଲା ଦନ୍ତା ହାତୀ

**ସମ୍ବଲପୁର,୧୯।୧୨ (ବ୍ୟୁରୋ)**

ସମ୍ବଲପୁର ବନଖଣ୍ଡ ପଡିଆବାହାଲ ରେଞ୍ଜ ଅନ୍ତର୍ଗତ ବୁରୋମାଲ ଗ୍ରାମରେ ବୁଧବାର ଭୋରରେ ଜଣେ ବୃଦ୍ଧାଙ୍କୁ ଏକ ହାତୀ ଦଳି ଦେଇଛି। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ଏହି ବୃଦ୍ଧା ଜଣକ ହେଲେ ପାର୍ବତୀ ପ୍ରଧାନ (୭୦)। ପରିବାର ଲୋକେ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ପଡିଆବାହାଲ ରେଞ୍ଜର ସୁରେଶ ମିର୍ଦ୍ଧା ପାର୍ବତୀଙ୍କ ପରିବାରକୁ ୪୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି । ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଘର ପଛପଟକୁ ପାର୍ବତୀ ଶୌଚ ପାଇଁ ଯାଇଥିଲେ । ଏହି ସମୟରେ ଏକ ଦନ୍ତା ହାତୀ ତାଙ୍କ ପାଖକୁ ଚାଲି ଆସିଥିଲା । ସେ ଜୀବନ ବିକଳରେ ଦୌଡି ପଳାଇବାକୁ ଚେଷ୍ଟା କରିଥିଲେ । ଦନ୍ତା ତାଙ୍କୁ ଶୁଣ୍ଢରେ ଟେକିନେଇ ପ୍ରାୟ ୩୦ରୁ ୪୦ ଫୁଟ ହେବ ଦୂରକୁ ଫୋପାଡି ଦେଇଥିଲା।



ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିବା ପାର୍ବତୀ ପ୍ରଧାନଙ୍କ ପରିବାର ସଦସ୍ୟଙ୍କୁ ସହାୟତା ରାଶି ବାବଦକୁ ଚେକ୍ ପ୍ରଦାନ କରାଯାଉଛି।

# ଜିଆର୍‌ଏସ୍‌ଙ୍କ ଆନ୍ଦୋଳନ ୩୫ ଦିନରେ ପହଞ୍ଚିଲା

**ରେଢ଼ାଖୋଲ,୧୯।୧୨(ଡି.ଏନ.ଏ.)**

ସ୍ଥାୟି ନିଯୁକ୍ତି ଦାବିରେ ପଞ୍ଚାୟତରେ କାର୍ଯ୍ୟରତ ଗ୍ରାମ ରୋଜଗାର ସେବକ(ଜିଆରଏସ)ଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ୩୫ ଦିନରେ ପହଞ୍ଚିଛି। ଏଥିଯୋଗୁ ପଞ୍ଚାୟତରେ ଚାଲୁଥିବା ଏମଜିଏନଆରଇଜିଏସ ଯୋଜନାରେ ଶ୍ରମିକ ପାଉଣା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନାରେ ହିତାଧିକାରୀ ଚିହ୍ନଟ, ଗୃହ ନିର୍ମାଣର ଅଗ୍ରଗତି ପ୍ରଭୃତି ଅନେକ କାର୍ଯ୍ୟ ଠପ୍ ହୋଇପଡିଛି। ଗତ ନଭେମ୍ବର ୧୫ ତାରିଖଠାରୁ ରାଜ୍ୟ ସଂଘର ଆହ୍ୱାନକ୍ରମେ ଗ୍ରାମରୋଜଗାର ସେବକମାନଙ୍କୁ ସ୍ଥାୟି ନିଯୁକ୍ତ କରାଯିବା ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିଛି। ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ଜିଆରଏସମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଗତ ୧୩ ବର୍ଷ ଧରି ଜିଆରଏସମାନେ ସରକାରଙ୍କ ବିଭିନ୍ନ ଯୋଜନାରେ ନିର୍ଦ୍ଦେଶ ମୁତାବକ କାମ କରି ଆସୁଛନ୍ତି। ଅନ୍ୟବିଭାଗ ଗୁଡିକରେ ୬ବର୍ଷ ନିୟମିତ ଭାବେ କାର୍ଯ୍ୟ କଲେ ସ୍ଥାୟି ନିଯୁକ୍ତି ଦିଆଯାଉଛି। ଜିଆରଏସମାନଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖା ଦେଇଛି। ଅପରପକ୍ଷରେ ଅନୁସୂଚିତ ଜାତି ଓ ଜନ ଜାତି ବର୍ଗର ଜିଆରଏସମାନଙ୍କୁ ୬ ବର୍ଷ ପରେ ଏହି ପଦବୀରେ ସ୍ଥାୟି ନିଯୁକ୍ତି କରାଯାଇଛି। ଆବଶ୍ୟକ ସ୍ଥଳରେ ପଦୋନ୍ନତି ଦିଆଯାଇଛି। ଏପରିକି ସେମାନଙ୍କୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ମଧ୍ୟ ନିଯୁକ୍ତ କରାଯାଇଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏଣୁ ସବୁ ଜିଆରଏସମାନଙ୍କୁ ସ୍ଥାୟି ନିଯୁକ୍ତି ଦିଗରେ ସରକାର ପଦକ୍ଷେପ ନ ନେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

# ନବଙ୍କ ଗୁପ୍ତ ବୈଠକରେ ବିଜେଡି କର୍ମୀ

**ସମ୍ବଲପୁର/ଜମନକିରା, ୧୯।୧୨(ବ୍ୟୁରୋ/ଡି.ଏନ.ଏ)**

ଝାରସୁଗୁଡା ବିଧାୟକ ନବ ଦାସ କଂଗ୍ରେସ ଛାଡି ବିଜେଡିରେ ମିଶିବେ। କିଛି ଦିନ ହେଲା ଏହି ଚର୍ଚ୍ଚା ଜୋର ଧରିଛି। ଗଣମାଧ୍ୟମରେ ବି ଏହା ପୃଷ୍ଠାମଣ୍ଡନ କରିଥିଲା। ରାଜନୈତିକ ଆଲୋଚକ, କର୍ମୀ, ସାଧାରଣ ଲୋକଙ୍କ ମଧ୍ୟରେ ଏବେ ଏହି ଗୋଟିଏ ଆଲୋଚନା ହେଉଛି। ବିଜେଡି ବିରୋଧରେ ନବ ଏବେ ଆଉ ସେମିତି କିଛି ପଦଟେ ବି କହୁନାହାନ୍ତି। ହେଲେ ସେ କଂଗ୍ରେସରେ ରହିଛନ୍ତି ଆଉ ରହିବେ। ଦଳ ପରିବର୍ତ୍ତନ କଥା ସ୍ୱପ୍ନରେ ବି ଭାବି ନାହାନ୍ତି ବୋଲି ନିକଟରେ ଗଣମାଧ୍ୟମକୁ ସଫେଇ ଦେଇଛନ୍ତି। ହେଲେ ସେ ବୁଧବାର ସମ୍ବଲପୁର ଜିଲା କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ଜମନକିରା ବ୍ଲକ ବଡରମା ପଞ୍ଚାୟତ କୁରେଇବାହାଲ ନିକଟରେ ଏକ ଗୁପ୍ତ ବୈଠକ କରିଛନ୍ତି। ଏଥିରେ କଂଗ୍ରେସ ଦଳ ଅପେକ୍ଷା ବିଜେଡିର ନେତା ଓ କର୍ମୀ ଉପସ୍ଥିତ ଥିଲେ। ଏଣୁ ନବଙ୍କ ଦଳବଦଳ ନେଇ ପୁଣି ଚର୍ଚ୍ଚା ସୃଷ୍ଟି ହୋଇଛି। ଗଣମାଧ୍ୟମ ବିନା ନବ କୌଣସି ସଭାସମିତି କରନ୍ତି ନାହିଁ, ହେଲେ ଏହି ବୈଠକ ସମ୍ପର୍କରେ ଜମନକିରା ଅଞ୍ଚଳର କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦିଆଯାଇ ନ ଥିଲା। ଏହି ବୈଠକରେ ନବଙ୍କ ବଡ଼ଭାଇ ରାଜକିଶୋର ଦାସ ଯୋଗ ଦେଇଥିଲେ। ତେବେ ଉକ୍ତ ବୈଠକ ସମ୍ପର୍କରେ ନବଙ୍କୁ ପଚାରିବାରୁ ଏହା ମିଛ। ସେ ରାଜ୍ୟ ବାହାରକୁ ଯାଇଥିଲେ। ଆଜି ଫେରିଛନ୍ତି ବୋଲି କହି ବାଏଁ ବାଏଁ ଉଡାଇ ଦେଇଛନ୍ତି।



କୁରେଇବାହାଲ ନିକଟରେ ଏକ ଗୁପ୍ତ ବୈଠକରେ ଝାରସୁଗୁଡ଼ା ବିଧାୟକ ନବ ଦାସ (ବାମରୁ ୪ର୍ଥ) ଅନ୍ୟମାନଙ୍କ ସହ।

# ସିଆର୍‌ପିଏଫ ଯବାନଙ୍କ ଯୋଗ ପ୍ରଶିକ୍ଷଣ ଶିବିର

**ଚିପିଲିମା, ୧୯।୧୨ (ଡି.ଏନ.ଏ)**

ବୁର୍ଲା ଥାନା ବସନ୍ତପୁରସ୍ଥିତ ସମ୍ବଲପୁର କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ ଗ୍ରୁପ ସେଣ୍ଟରରେ ୩ ଦିନିଆ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ସିଆରପିଏଫ ପୋଲିସ ଉପମହାନିରୀକ୍ଷକ ରାଜକୁମାର ଯୋଗ ଦେଇଥିଲେ। ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ସିପାହିମାନଙ୍କୁ ସେ ପ୍ରମାଣପତ୍ର ସହ ଯୋଗପୁସ୍ତକ ପ୍ରଦାନ କରି ସୁସ୍ଥ ସ୍ୱାସ୍ଥ୍ୟ ଗଠନ ପାଇଁ ଯୋଗର ଆବଶ୍ୟକତା ଜରୁରୀ ବୋଲି ପରାମର୍ଶ ଦେଇଥିଲେ ।

# ୩୧ ପର୍ଯ୍ୟନ୍ତ ଓକିଲଙ୍କ ଆନ୍ଦୋଳନ ଜାରି ରହିବ

**ସମ୍ବଲପୁର, ୧୯।୧୨ (ବ୍ୟୁରୋ)**

ପଶ୍ଚିମଓଡ଼ିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ସ୍ଥାପନ କରିବାକୁ ଓକିଲମାନେ ଦୀର୍ଘବର୍ଷ ଧରି ଆନ୍ଦୋଳନ କରିଆସୁଛନ୍ତି। ଏବେ ଏହି ଆନ୍ଦୋଳନ ୧୦୭ ଦିନ ଅତିକ୍ରମ କରିଛି। ସମ୍ବଲପୁର କଚେରି ଛକଠାରେ ଜିଲା ଓକିଲ ସଂଘ ପକ୍ଷରୁ ରିଲେ ଆମରଣ ଅନଶନ ଚାଲିଛି। ଏଥିରେ ବିଭିନ୍ନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ଯୋଗ ଦେଉଛନ୍ତି। ହେଲେ ରାଜ୍ୟ ସରକାର ଏ ଦିଗରେ ସମ୍ପୂର୍ଣ୍ଣ ନୀରବ ରହିଛନ୍ତି। ମାସ ମାସ ଧରି କୋର୍ଟ, କଚେରୀ, ସରକାରୀ ଅଫିସ ବନ୍ଦ ରହିଛି। ଏଣୁ ଲୋକେ ନାନା ହଇରାଣ ହେଉଛନ୍ତି। ଜାମିନ ପାଇଁ ଆବେଦନ କରି ନ ପାରି ଜେଲ୍‌ରେ ଶଢ଼ୁଛନ୍ତି ଅଭିଯୁକ୍ତ। ତେବେ ଏହି କ୍ରମରେ ବୁଧବାର ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। ଏଥିରେ ସଂଘର ସଭାପତି ବିଜିତେନ୍ଦ୍ରିୟ ପ୍ରଧାନ ସଭାପତିତ୍ୱ କରିଥିଲେ। ଆଗାମୀ ୩୧ ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଛି।



ସମ୍ବଲପୁର ବାର୍ ଅଫିସ୍‌ରେ ବୁଧବାର ଅନୁଷ୍ଠିତ ବୈଠକରେ ଉପସ୍ଥିତ ଓକିଲମାନେ।

### ଦେଉଳଝରି ଗୁମ୍ଫାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାକୁ ଦାବି

# ପର୍ଯ୍ୟଟନ ନିର୍ଦ୍ଦେଶକଙ୍କୁ ଚିଠି ଲେଖିଲେ ସ୍ଥାନୀୟ ଲୋକେ

**ରେଢ଼ାଖୋଲ,୧୯।୧୨ (ଡି.ଏନ.ଏ.)**

ରେଢ଼ାଖୋଲ ବ୍ଲକର ଭରତାପୁର ପଞ୍ଚାୟତରେ ଅବସ୍ଥିତ ଦେଉଳଝରି ଗୁମ୍ଫାକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦିଆଯାଉ। ଏହି ଦାବି କରି ଭରତାପୁର ପଞ୍ଚାୟତବାସୀଙ୍କ ପକ୍ଷରୁ ପର୍ଯ୍ୟଟନ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ ବଣପାହାଡ ଘେରା ଏହି ଅଞ୍ଚଳରେ ସ୍ଥଳଭାଗଠାରୁ ପ୍ରାୟ ୩ ରୁ ୪ ହଜାର ଫୁଟ ଉଚ୍ଚରେ ରହିଛି ଏହି ବୃହତ ଦେଉଳଝରି ଗୁମ୍ଫା। ଏହି ଗୁମ୍ଫାରେ ଏକ ସୁଡଙ୍ଗ ରହିଛି, ଯାହାକି ଚନ୍ଦନ ଅର୍ଗଳି ଭାବେ ଅଞ୍ଚଳବାସୀଙ୍କ ମଧ୍ୟରେ ପରିଚିତ। ଗୁମ୍ଫା ମଧ୍ୟରେ ବହୁ ବର୍ଷ ହେଲା ବାବା ସିଦ୍ଧେଶ୍ୱର ପୂଜା ପାଇ ଆସୁଛନ୍ତି। ପାହାଡ ତଳେ ଏକ ଚିରସ୍ରୋତା ଝରଣା ବହି ଯାଇଛି। ଅନେକ ଗୁଡିଏ ପଥର ନିର୍ମିତ ପାଣି କୁଣ୍ଡ ଆବାହମାନ କାଳରୁ ରହିଛି। ବିଶ୍ୱାସ ରହିଆସିଛି ଯେ ଏହି ଝରଣାର ଜଳ ସ୍ପର୍ଶ କଲେ ପାପରୁ ମୁକ୍ତି ମିଳେ । ଚାଷ ସମୟରେ ବର୍ଷାର ଅଭାବ ହେଲେ ଅଞ୍ଚଳବାସୀ ଏହି ପିଠକୁ ଯାଇ ନାମ ଯଜ୍ଞ ଓ ସଂକୀର୍ତ୍ତନ କଲେ ବର୍ଷା ହୋଇଥାଏ। ଅଞ୍ଚଳବାସୀଙ୍କ ଉଦ୍ୟମ ଓ ସହଯୋଗ କ୍ରମେ ଏଠାରେ ଏକ ଆଶ୍ରୟ ସ୍ଥଳ, ଯଜ୍ଞ ମଣ୍ଡପ ଓ ବୈଠକ ମଣ୍ଡପ ନିର୍ମାଣ କରାଯିବା ସହ ଏକ ଖୋଲା କୂପ ଖନନ କରାଯାଇଛି।

ଭରତାପୁର ପଞ୍ଚାୟତ ସଦର ମହକୁମାରୁ ପ୍ରାୟ ୧୫ କି.ମି. ଦୂରରେ ଥିବା ଏହି ଦେଉଳଝରି ଗୁମ୍ଫାକୁ ସବୁଦିନିଆ ରାସ୍ତାଟିଏ ନାହିଁ। ବିଭିନ୍ନ ଅଞ୍ଚଳରୁ ଆସୁଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେକ ମାସରେ ଅଞ୍ଚଳବାସୀ ସିଦ୍ଧେଶ୍ୱର ବାବାଙ୍କ ପିଠରେ ସଂକ୍ରାନ୍ତି ଉତ୍ସବ ପାଳନ କରିଆସୁଛନ୍ତି। ଦୀର୍ଘ ବର୍ଷ ହେବ ଏହି ଗୁମ୍ଫାରେ ୨ଜଣ ସନ୍ନ୍ୟାସୀ ରହୁଛନ୍ତି। ଏହି ଦେଉଳଝରି ଗୁମ୍ଫାର ଉନ୍ନତି କରାଯାଇ ପର୍ଯ୍ୟଟନସ୍ଥଳର ମାନ୍ୟତା ପ୍ରଦାନ କରାଗଲେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ପଞ୍ଚାୟତବାସୀ ପର୍ଯ୍ୟଟନ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦେଉଳଝରି ଆଶ୍ରମର କର୍ତ୍ତା ମନୋହର ଦାସ, ଶରତଚନ୍ଦ୍ର ସାହୁ, କୃଷ୍ଣ ପ୍ରଧାନ, ସନତ କୁମାର ଦାସ, ଅଖୁଜ ନାଏକ, ନାରାୟଣ ପ୍ରଧାନ, ହରି ଭୋଇ, ଅନ୍ତର୍ଯ୍ୟାମୀ ସାହୁ, ରାମକୃଷ୍ଣ ପ୍ରଧାନ, ଶାନ୍ତନୁ ପ୍ରଧାନ, ଧୋବେଇ ବିଶ୍ୱାଳଙ୍କ ସମେତ ଶତାଧିକ ଅଞ୍ଚଳବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଏହି ଦାବିପତ୍ର ପର୍ଯ୍ୟଟନ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ପଠା ଯାଇଛି।

## ସର୍ବସାଧାରଣ ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ., ଭୁବନେଶ୍ୱର, ସତ୍ୟନଗର ଅଞ୍ଚଳରେ ୮୮୫୫୪.୮୩ ବର୍ଗ ପରିମିତ ଅଞ୍ଚଳରେ ଏକ ନୂତନ ବାସୋପଯୋଗୀ ବିଶିଷ୍ଟ (B2+B1+LGF+M2+M1+UGF+G+29) ମହଲା ଆପାର୍ଟମେଣ୍ଟ ଘର ସ୍ଥାପନ ନିମନ୍ତେ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କଠାରୁ ଅନୁମତି ହାସଲ କରିଛନ୍ତି। ଏହାସହିତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ପ୍ରକଳ୍ପ ସରକାରୀ ଏବଂ ବେସରକାରୀ ସହଭାଗୀତା ଯୋଜନାର ଅନ୍ତର୍ଭୁକ୍ତ ଅଟେ। ଉପରୋକ୍ତ ଅନୁମତି ପତ୍ରର ଏକକିତା ନକଲ ଚିଠି ନଂ. ୬୩୬୫/ଏସ୍.ଇ.ଆଇ.ଏ.ଏ., ତା୦୩।୧୨।୨୦୧୮ରିଖ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କ ୱେବ୍‌ସାଇଟ୍ http://www.orissaseiaa.gov.in/ରେ ଉପଲବ୍ଧ ଅଟେ।

–ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ.

## ସର୍ବସାଧାରଣ ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ., ଭୁବନେଶ୍ୱର, ସତ୍ୟନଗର ଅଞ୍ଚଳରେ ୪୯୯୨୭.୧୧ ବର୍ଗ ପରିମିତ ଅଞ୍ଚଳରେ ଏକ ନୂତନ ବାସୋପଯୋଗୀ ବିଶିଷ୍ଟ (B2+B1+G+25) ମହଲା ଆପାର୍ଟମେଣ୍ଟ ଘର ସ୍ଥାପନ ନିମନ୍ତେ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କଠାରୁ ଅନୁମତି ହାସଲ କରିଛନ୍ତି। ଏହାସହିତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ପ୍ରକଳ୍ପ ସରକାରୀ ଏବଂ ବେସରକାରୀ ସହଭାଗୀତା ଯୋଜନାର ଅନ୍ତର୍ଭୁକ୍ତ ଅଟେ। ଉପରୋକ୍ତ ଅନୁମତି ପତ୍ରର ଏକକିତା ନକଲ ଚିଠି ନଂ. 63F/ଏସ୍.ଇ.ଆଇ.ଏ.ଏ., ତା୦୩।୧୨।୨୦୧୮ରିଖ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କ ୱେବ୍‌ସାଇଟ୍ http://www.orissaseiaa.gov.in/ରେ ଉପଲବ୍ଧ ଅଟେ।

–ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ.

ଧରିତ୍ରୀ
DHARITRI
ଗୁରୁବାର, ୨୦ ଡିସେମ୍ବର, ୨୦୧୮



"କଂଗ୍ରେସ ଆସାମ ଓ ଗୁଜରାଟ ମୁଖ୍ୟମନ୍ତ୍ରୀଙ୍କୁ ଜାଗ୍ରତ କରି କୃଷିଋଣ ଛାଡ଼ କରାଇବାରେ ସକ୍ଷମ ହୋଇଛି। ଶୋଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିଦରୁ ଉଠାଇବା ଏବେ ବିରୋଧୀ ଦଳଙ୍କ ପ୍ରାଥମିକତା।

-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ



## ସଂକ୍ଷେପରେ

### ବେଲ୍‌ଜିଅମ୍ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା



**ବ୍ରସେଲ୍ସ,୧୯।୧୨(ଏ.ଏଫ୍.ପି.):** ବେଲ୍‌ଜିଅମ୍ ପ୍ରଧାନମନ୍ତ୍ରୀ ଚାର୍ଲସ ମିଶେଲ ବୁଧବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ନ୍ୟୁ ଫ୍ଲେମିଶ୍ ଆଲାଏନ୍ସ (ଏନ୍-ଭିଏ)ର ସମର୍ଥନ କ୍ରମେ ମିଶେଲ ୨୦୧୪ରେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେତେବେଳେ ସହଯୋଗୀ ଦଳ ଜାତିସଂଘ ଶରଣାର୍ଥୀ ଚୁକ୍ତିକୁ ସମର୍ଥନ କରିଥିଲା। ନିକଟରେ ଏହି ଦଳ ମିଶେଲ ସରକାରରୁ ସମର୍ଥନ ପ୍ରତ୍ୟାହାର କରିଥିଲା। ଏହି ଚୁକ୍ତିକୁ ବିରୋଧ କରି ଦୁଇଦିନ ତଳେ ବ୍ରସେଲ୍ସରେ ବିକ୍ଷୋଭ କରାଯାଇଥିଲା। ଲୋକଙ୍କୁ ଘଉଡାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ଓ ୱାଟର କ୍ୟାନନ୍ ପ୍ରୟୋଗ କରିଥିଲା। ଆସନ୍ତା ବର୍ଷ ମେ'ରେ ଦେଶରେ ହେବାକୁ ଥିବା ନିର୍ବାଚନ ଯାଏ ସରକାର ଚଳାଇ ରଖିବାକୁ ମିଶେଲ୍ ବିରୋଧୀ ଦଳଗୁଡ଼ିକୁ ଅନୁରୋଧ କରିଥିଲେ। ହେଲେ ଏନେଇ ପାର୍ଲାମେଣ୍ଟରେ ହୋଇଥିବା ବିତର୍କ ବେଳେ ବିରୋଧୀ ମନାକରିଦେଇଥିଲେ। ଫଳରେ ମିଶେଲ ନିଜ ଇସ୍ତଫା ଘୋଷଣା କରିଛନ୍ତି। ସେ ରାଜା ଫିଲିପ୍ସେଙ୍କୁ ଭେଟି ନିଜ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି।

### ହାଜତକୁ ଗଲେ ମିଶେଲ୍

**ନୂଆଦିଲ୍ଲୀ,୧୯।୧୨(ପି.ଟି.):** ୩୬୦୦ କୋଟି ଟଙ୍କା ଅଗୁସ୍ତା ୱେଷ୍ଟଲାଣ୍ଡ ଭିଭିଆଇପି ହେଲିକପ୍ଟର କିଣା ଦୁର୍ନୀତି ମାମଲାର ମଧ୍ୟସ୍ଥି କ୍ରିଷ୍ଟିଆନ ମିଶେଲ୍‌ଙ୍କୁ ଦିଲ୍ଲୀର ଏକ ଅଦାଲତ ବୁଧବାର ୧୦ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ତାଙ୍କର ୧୪ ଦିନିଆ ସିବିଆଇ ରିମାଣ୍ଡ ଶେଷହେବା ପରେ ସ୍ୱତନ୍ତ୍ର ବିଚାରପତି ଅରବିନ୍ଦ କୁମାରଙ୍କ କୋର୍ଟରେ ହାଜର କରାଯାଇଥିଲା। ତାଙ୍କ ଜାମିନ ଆବେଦନର ରାୟ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ସଂରକ୍ଷିତ ରଖାଯାଇଛି। ହେଲିକପ୍ଟର କିଣା ଦୁର୍ନୀତି ମାମଲାରେ ମିଶେଲ୍‌ଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ହେବା ସହ ତାଙ୍କୁ ଚଳିତ ମାସ ୪ ତାରିଖରେ ୟୁଏଇରୁ ଗିରଫ କରାଯାଇ ଭାରତ ଅଣାଯାଇଥିଲା।

### ଦୁର୍ଘଟଣାରେ ୧୯ ମୃତ

**କାମ୍ପାଲା,୧୯।୧୨(ପି.ଟି.):** ପୂର୍ବ ଉଗାଣ୍ଡାରେ ଏକ ବସ୍ ଦୁର୍ଘଟଣାରେ ଆମେରିକା ଏନ୍‌ଜିଓ ସଂସ୍ଥାର ୧୯ କର୍ମଚାରୀ ପ୍ରାଣ ହରାଇଥିଲାବେଳେ ଅନ୍ୟ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ବସ୍‌ଟି ରାସ୍ତାରୁ ଖସି ଏକ ଘାଟିକୁ ଧକ୍କା ଦେଇଥିଲା। ଏନ୍‌ଜିଓ କର୍ମଚାରୀମାନେ ବାର୍ଷିକ ଉତ୍ସବ ଲାଗି କାପଚୋରୱା ଅଞ୍ଚଳକୁ ଯାଉଥିବାବେଳେ ସିପି ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଖରାପ ରାସ୍ତା ଏବଂ ପୁରୁଣା ଗାଡ଼ି ଯୋଗୁ ଏଠାରେ ଅନେକ ସମୟରେ ଦୁର୍ଘଟଣା ଘଟିଥାଏ। ଜାତିସଂଘ ରିପୋର୍ଟ ଅନୁଯାୟୀ ଉଗାଣ୍ଡାରେ ସଡକ ଦୁର୍ଘଟଣାରେ ଦିନକୁ ହାରାହାରି ୧୦ ଜଣ ଲୋକଙ୍କ ମୃତ୍ୟୁ ହୋଇଥାଏ।

### [ଇତିହାସର ଆଇନାରେ]

### ଡିସେମ୍ବର ୨୦ର ପ୍ରମୁଖ ଘଟଣା

୧୯୪୨ ଡିସେମ୍ବର ୨୦ରେ ଜାପାନ ବାୟୁସେନା କୋଲକାତା ସହର ଉପରେ ବୋମାମାଡ଼ କରିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିଲାବେଳେ ଭାରତ ବ୍ରିଟେନ ନେତୃତ୍ୱାଧୀନ ମିତ୍ରଶକ୍ତି ପଟେ ରହିଥିବାରୁ ଜାପାନ ଏଭଳି ଆକ୍ରମଣ କରିଥିଲା। ହାୱଡ଼ା ବ୍ରିଜ ଏବଂ କୋଲକାତା ବନ୍ଦରକୁ ଧ୍ୱଂସ କରିବା ଜାପାନର ଉଦ୍ଦେଶ୍ୟ ଥିଲା। ବୋମାମାଡ଼ ଯୋଗୁ ସହରର ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିଲା।

୧୯୮୭ ଡିସେମ୍ବର ୨୦ରେ ଫିଲିପାଇନ୍ସର ଯାତ୍ରୀବାହୀ ଜାହାଜ ଏମ୍‌ଭି ଡୋନା ପାଜ୍ ଏମ୍‌ଭି ଭେକ୍ଟର ନାମକ ଏକ ତେଲ ଟ୍ୟାଙ୍କରରେ ଧକ୍କା ଖାଇ ବୁଡ଼ିଯିବାରୁ ୪୩୮୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଯାତ୍ରୀମାନେ ଲେଟେ ଦ୍ୱୀପରୁ ଫିଲିପାଇନ୍ସ ରାଜଧାନୀ ମାନିଲା ଅଭିମୁଖେ ଯାଉଥିଲେ।

# କାମ କରୁନି ମୋଦି ମ୍ୟାଜିକ୍

**ନୂଆଦିଲ୍ଲୀ,୧୯।୧୨**



**ପ୍ରଧାନମନ୍ତ୍ରୀ ପ୍ରଚାର କରିଥିବା ୭୦%ରୁ ଊର୍ଦ୍ଧ୍ୱ ଆସନରେ ହାରିଛି ଭାଜପା**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମ୍ୟାଜିକ୍ ଆଉ କାମ କରୁନାହିଁ। ସଦ୍ୟ ଅନୁଷ୍ଠିତ ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳରୁ ଏହାକୁ ପ୍ରମାଣିତ କରିଛି। ମୋଦି ଷ୍ଟାର କ୍ୟାମ୍ପେନର ଭାବେ ଯେଉଁ ନିର୍ବାଚନମଣ୍ଡଳୀଗୁଡ଼ିକରେ ପ୍ରଚାର କରିଥିଲେ, ତହିଁରୁ ୭୦%ରୁ ଊର୍ଦ୍ଧ୍ୱ ଆସନରେ ଭାଜପା ହାରିଛି। ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ତେଲେଙ୍ଗାନା ଓ ମିଜୋରାମ ବିଧାନସଭା ନିର୍ବାଚନ ଫଳାଫଳକୁ ବିଶ୍ଳେଷଣ କରିବା ପରେ ଏହି ତଥ୍ୟ ପ୍ରଘଟ କରିଛି ଇଣ୍ଡିଆସ୍ପେଣ୍ଡ।

ମିଳିଥିବା ସୂଚନାନୁସାରେ ପ୍ରଧାନମନ୍ତ୍ରୀ ମୋଦି ୮୦ ନିର୍ବାଚନମଣ୍ଡଳୀର ୩୦ଟି ସ୍ଥାନରେ ଭାଜପା ପାଇଁ ପ୍ରଚାର କରି ସଭାରେ ସମ୍ବୋଧିତ କରିଥିଲେ। ସେଥିରୁ ଭାଜପା ୨୩ ଆସନରେ ଜିତିଥିବାବେଳେ ୫୭ ନିର୍ବାଚନମଣ୍ଡଳୀରେ ହାରିଯାଇଛି। ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଯେଉଁଠି ମୋଦି ୭୦%ରୁ ଅଧିକ (୨୨ଟି) ସଭାରେ ସମ୍ବୋଧିତ କରିଥିଲେ, ସେଠାରେ ଭାଜପା ୫୪ ଆସନ ମଧ୍ୟରୁ ମାତ୍ର ୨୨ ଆସନରେ ସଫଳତା ପାଇଛି। ଅର୍ଥାତ୍ ଏହି ଦୁଇରାଜ୍ୟରେ ସଫଳତା ହାର ୪୧%। ଛତିଶଗଡ଼, ତେଲେଙ୍ଗାନା ଓ ମିଜୋରାମରେ ମୋଦି ୮ଟି ସଭା କରିଥିଲେ। ଏହି ୩ ରାଜ୍ୟରେ ୨୬ ନିର୍ବାଚନମଣ୍ଡଳୀରୁ ମାତ୍ର ଗୋଟିଏରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଛନ୍ତି।

ଅନ୍ୟପକ୍ଷରେ ମୋଦିଙ୍କ ଅପେକ୍ଷା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଧିକ ସଫଳ ପ୍ରଚାରକ ଭାବେ ଉଭା ହୋଇଛନ୍ତି। ୩ ହିନ୍ଦୀଭାଷୀ ରାଜ୍ୟ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ ସମେତ ତେଲେଙ୍ଗାନାରେ ଯୋଗୀ ଭାଜପା ପକ୍ଷରୁ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ। ଯୋଗୀ ଏହି ୪ ରାଜ୍ୟରେ ୫୮ ସଭାରେ ଭାଷଣ ଦେଇଥିଲେ। ସେଠାରେ ଭାଜପା ୨୭ ଆସନ ଦଖଲ କରିଥିବାବେଳେ ୪୨ ନିର୍ବାଚନମଣ୍ଡଳୀରେ ହାରିଛି। ଏହି କ୍ଷେତ୍ରରେ ମୋଦିଙ୍କ ପ୍ରଚାର ସଫଳତା ହାର ୨୮.୭୫% ହୋଇଥିବାବେଳେ ଯୋଗୀଙ୍କ ସଫଳତା ହାର ୩୯.୧୩%। ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଯୋଗୀ ୨୭ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ। ସେଠାରେ ୩୭ ଆସନ ମଧ୍ୟରୁ ୨୧ଟିରେ ଭାଜପାକୁ ସଫଳତା ମିଳିଛି। ଛତିଶଗଡ଼ର ୨୩ ନିର୍ବାଚନମଣ୍ଡଳୀରେ ୨୩ଟି ସଭା କରିଥିଲେ ଯୋଗୀ। ସେଥିରୁ ୫ ଆସନରେ ଭାଜପା ପ୍ରାର୍ଥୀ ଜିତିଛନ୍ତି।

## ସରୋଗେଟ୍ ବିଲ୍ ଲୋକ ସଭାରେ ଗୃହୀତ

**ନୂଆଦିଲ୍ଲୀ,୧୯।୧୨(ପି.ଟି.)**

ଲୋକ ସଭାରେ ବିଭିନ୍ନ ପ୍ରସଙ୍ଗକୁ ନେଇ କଂଗ୍ରେସ ଏବଂ ଏଆଇଏଡିଏମ୍‌କେ ସଦସ୍ୟମାନଙ୍କ ହଟ୍ଟଗୋଳ ମଧ୍ୟରେ ସରୋଗେଟ୍ ବିଲ୍ ବୁଧବାର ଗୃହୀତ ହୋଇଛି। ଏହା ଆଇନରେ ପରିଣତ ହେଲେ ବ୍ୟବସାୟିକ ସରୋଗେସୀ (ଭଡ଼ାରେ ଗର୍ଭ ସ୍ଥାନାନ୍ତର) ବନ୍ଦ ହେବ। କେବଳ ଅନ୍ୟର ଉପକାର ପାଇଁ ଘନିଷ୍ଠ ସମ୍ପର୍କୀୟ ଗର୍ଭଦାନ କରିପାରିବେ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଏହି ପ୍ରସ୍ତାବିତ ବିଧେୟକକୁ ଐତିହାସିକ ବୋଲି କହିଥିଲେ। ବ୍ୟବସାୟିକ ସରୋଗେସୀ ବନ୍ଦକରିବା ଲାଗି ସମାଜର ବିଭିନ୍ନ ମହଲ, ରାଜନୈତିକ ଦଳ ପକ୍ଷରୁ ଦାବି ହୋଇ ଆସୁଥିଲା। ସୁପ୍ରିମକୋର୍ଟ ଏବଂ ନ୍ୟାୟିକ ଆୟୋଗ ମଧ୍ୟ ସରୋଗେସୀକୁ ବିରୋଧ କରିଥିଲେ। ଭାରତ ବ୍ୟବସାୟିକ ସରୋଗେସୀର କେନ୍ଦ୍ରସ୍ଥଳ ପାଲଟିଥିଲା ଏବଂ ଗର୍ଭରେ ଅନ୍ୟର ପିଲାକୁ ଧାରଣ କରୁଥିବା ମହିଳା ଶୋଷଣର ଶିକାର ହେଉଥିଲେ। ଲୋକ ସଭାରେ ଅଳ୍ପ କେତେଜଣ ସଦସ୍ୟଙ୍କୁ ବାଦ୍ ଦେଲେ ଅନ୍ୟମାନେ ଏହି ବିଲ୍‌କୁ ସମର୍ଥନ କରିଥିଲେ। ସରୋଗେସୀର ପରିସର ବଢ଼ାଇବାକୁ ଏନ୍‌ସିପି ସଦସ୍ୟା ସୁପ୍ରିୟା ସୁଲେ ପରାମର୍ଶ ଦେଇଥିଲେ। ତେବେ ଫେଶନ ସରୋଗେସୀ ବନ୍ଦ ହେବା ଆବଶ୍ୟକ ବୋଲି ସେ କହିଥିଲେ। ନିୟାମକ ବ୍ୟବସ୍ଥାରେ ବ୍ୟବଧାନ ଯୋଗୁ ସରୋଗେସୀ ବଢ଼ିଚାଲିଛି। ଘନିଷ୍ଠ ସମ୍ପର୍କୀୟ କେଉଁମାନେ ହୋଇପାରିବେ ତାହା ସରକାର ଉଲ୍ଲେଖ କରିବା ଉଚିତ ବୋଲି ବିଜେଡି ସଦସ୍ୟ ଭର୍ତ୍ତୃହରି ମହତାବ କହିଥିଲେ। ବ୍ୟବସାୟିକ ସରୋଗେସୀ ବନ୍ଦକରିବା ବିଲ୍‌ର ଉଦ୍ଦେଶ୍ୟ। ତେବେ ଆଧୁନିକ ବିଜ୍ଞାନର ଉପଯୋଗରେ ନିଃସନ୍ତାନ ଦମ୍ପତିଙ୍କୁ ବଂଶରକ୍ଷା ଲାଗି ଅନୁମତି ଦେବାକୁ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ। ଲିଭ୍-ଇନ-ପାର୍ଟନର କିମ୍ବା ସିଙ୍ଗଲ୍ ପ୍ୟାରେଣ୍ଟଙ୍କୁ ଏଥିପାଇଁ ଅନୁମତି ମିଳିବ ନାହିଁ। ସରୋଗେସୀର ଅପବ୍ୟବହାର ଲାଗି ବିଲ୍‌ରେ ଦଣ୍ଡବିଧାନ ବ୍ୟବସ୍ଥା ରହିଛି ବୋଲି ନଡ୍ଡା କହିଥିଲେ।

## କଶ୍ମୀରରେ ରାଷ୍ଟ୍ରପତି ଶାସନ

**ନୂଆଦିଲ୍ଲୀ,୧୯।୧୨(ପି.ଟି.)**



ରାମନାଥ କୋବିନ୍ଦ

ଜମ୍ମୁ-କଶ୍ମୀରରେ ବୁଧବାର ମଧ୍ୟରାତ୍ରିରୁ ରାଷ୍ଟ୍ରପତି ଶାସନ ଜାରି ହୋଇଛି। ଉପତ୍ୟକାରେ ୬ ମାସ ଧରି ଚାଲିଥିବା ରାଜ୍ୟପାଳ ଶାସନର ଅବଧି ଶେଷ ହେବା ପରେ ରାଷ୍ଟ୍ରପତି ଶାସନ ଜାରି ହୋଇଥିବା ଏକ ନିର୍ଦ୍ଦେଶନାମାରେ କୁହାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଘୋଷଣାନାମାରେ ସ୍ୱାକ୍ଷର କରି ରାଜ୍ୟରେ କେନ୍ଦ୍ରୀୟ ଶାସନ ଲାଗୁକରିବା ପାଇଁ ପଥ ପରିଷ୍କାର କରିଛନ୍ତି। ଗତ ଜୁନ୍‌ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତିଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାରରୁ ଭାଜପା ଓହରିଯିବା ପରେ ଜମ୍ମୁ-କଶ୍ମୀରରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିଲା। ରାଜ୍ୟପାଳ ସତ୍ୟପାଳ ମଲିକ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରିବା ପାଇଁ ସୁପାରିସ କରି ରିପୋର୍ଟ ଦେବା ପରେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର କ୍ୟାବିନେଟ ଏହି ନିଷ୍ପତ୍ତି ନେଇଥିଲା। ଏହି ଘୋଷଣା ପରେ ରାଜ୍ୟ ବିଧାନସଭାର ସମସ୍ତ କ୍ଷମତା ପାର୍ଲାମେଣ୍ଟ ଅଧୀନକୁ ଚାଲିଯାଇଛି। ପିଡିପି, ନ୍ୟାଶନାଲ କନ୍‌ଫରେନ୍ସ ଏବଂ କଂଗ୍ରେସ ମେଣ୍ଟ ସରକାର ଗଠନ ପାଇଁ ଦାବି ଜଣାଇବା ପରେ ବିରୋଧୀ ପିପୁଲ୍ସ କନ୍‌ଫରେନ୍ସ ପକ୍ଷରୁ ଅନୁରୂପ ଦାବି କରାଯାଇଥିଲା। ଫଳରେ ନଭେମ୍ବର ୨୧ରେ ରାଜ୍ୟପାଳ ଘୋଡ଼ାବେପାର ହେବା ଆଶଙ୍କା କରି ୮୭ ସଦସ୍ୟ ବିଶିଷ୍ଟ ବିଧାନସଭାକୁ ଭଙ୍ଗକରି ଦେଇଥିଲେ।

## ସିରିଆରୁ ହଟିବ ଆମେରିକା ସେନା

**ୱାଶିଂଟନ,୧୯।୧୨:** ଗୃହଯୁଦ୍ଧ ଲାଗିରିହିଥିବା ସିରିଆରୁ ଆମେରିକା ଖୁବ୍‌ଶୀଘ୍ର ନିଜ ସେନା ପ୍ରତ୍ୟାହାର କରିବ। ସିରିଆରେ ଦୁର୍ଦ୍ଦର୍ଷ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)କୁ ସମ୍ପୂର୍ଣ୍ଣ ଭାବେ ପ୍ରତିହତ କରାଯାଇଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିବାର ଦିନକ ପରେ ଏହି ନିଷ୍ପତ୍ତି ନିଆଯାଇଥିବା ହ୍ୱାଇଟ୍ ହାଉସ୍‌ର ଜଣେ ଅଧିକାରୀ କହିଛନ୍ତି। ଅନ୍ତର୍ଜାତୀୟ ରାଜନୀତି ଉପରେ ଏହି ପଦକ୍ଷେପର ସୁଦୂରପ୍ରସାରୀ ପ୍ରଭାବ ପଡ଼ିବ ବୋଲି କୁହାଯାଉଛି। ତେବେ ଆମେରିକା ନିର୍ଦ୍ଦିଷ୍ଟ ଭାବେ କେବେ ସୈନ୍ୟମାନଙ୍କୁ ଫେରାଇ ଆଣିବ ସେନେଇ କିଛି କୁହାଯାଇନାହିଁ। ସମ୍ପ୍ରତି ସିରିଆରେ ଆମେରିକାର ପ୍ରାୟ ୨ ହଜାର ସୈନ୍ୟ ମୁତୟନ ରହି ସ୍ଥାନୀୟ ସୁରକ୍ଷା ବଳକୁ ତାଲିମ ଓ ପରାମର୍ଶ ଦେଉଛନ୍ତି।



ଡୋନାଲ୍ଡ ଟ୍ରମ୍ପ୍

## ଚିଦାମ୍ବରମ୍‌ଙ୍କୁ ଇଡି ଜେରା

**ନୂଆଦିଲ୍ଲୀ,୧୯।୧୨(ପି.ଟି.)**



ଆଇଏନ୍‌ଏକ୍ସ ମିଡିଆ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କୁ ଜେରା କରିଛି। ଚିଦାମ୍ବରମ୍ ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍ ନିକଟସ୍ଥ ଇଡିର ଜାମ୍‌ନଗର ହାଉସ୍ ଅଫିସରେ ପୂର୍ବାହ୍ନ ୧୧ଟା ୧୫ରେ ହାଜର ହୋଇଥିଲେ। ପୂର୍ବତନ ଅର୍ଥ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଚିଦାମ୍ବରମ୍‌ଙ୍କୁ ଆଇଏନ୍‌ଏକ୍ସ ମିଡିଆ ମାମଲାରେ ଏହା ହେଉଛି ପ୍ରଥମ ଜେରା। ଏହି ବରିଷ୍ଠ କଂଗ୍ରେସ ନେତାଙ୍କୁ ତଦନ୍ତକାରୀ ଅଧିକାରୀଙ୍କ ଆଗରେ ବୟାନ ଦେବାକୁ କୁହାଯାଇଥିଲା। ପୂର୍ବରୁ ଚିଦାମ୍ବରମ୍‌ଙ୍କୁ ଏୟାରସେଲ-ମାକ୍ସିସ୍ ପିଏମ୍‌ଏଲ୍‌ଏ ମାମଲାରେ ଇଡି ଜେରା କରିଥିଲା। ଆଇଏନ୍‌ଏକ୍ସ ମିଡିଆ ମାମଲାର ତଦନ୍ତ ଉଭୟ ଇଡି ଏବଂ ସିବିଆଇ ପକ୍ଷରୁ କରାଯାଉଛି। ଏହି ମାମଲାରେ ଦିଲ୍ଲୀ ହାଇକୋର୍ଟ ଚିଦାମ୍ବରମ୍‌ଙ୍କ ଅଗ୍ରିମ ଜାମିନ ଅବଧିକୁ ଜାନୁୟାରୀ ୧୫ ପର୍ଯ୍ୟନ୍ତ ବୃଦ୍ଧି କରିବା ସହ ତଦନ୍ତରେ ସହଯୋଗ ପାଇଁ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ପୂର୍ବରୁ ତାଙ୍କ ପୁଅ କାର୍ତ୍ତି ଚିଦାମ୍ବରମ୍‌ଙ୍କୁ ଜେରା କରିବା ସହ ୫୪ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରିସାରିଛି। ୨୦୦୭ରେ ଚିଦାମ୍ବରମ୍ ଅର୍ଥମନ୍ତ୍ରୀ ଥିବାବେଳେ ଆଇଏନ୍‌ଏକ୍ସ ମିଡିଆକୁ ୩୦୫ କୋଟି ଟଙ୍କାର ବିଦେଶୀ ପାଣ୍ଠି ଗ୍ରହଣ କରିବା ପାଇଁ ଏଫ୍‌ଆଇପିବି ମଞ୍ଜୁରୀ ଦେଇଥିଲେ। ଉକ୍ତ ମଞ୍ଜୁରୀ ଦେବାରେ ଅର୍ଥ କାରବାର ହୋଇଥିବା ଦର୍ଶାଇ ଇଡି ଚିଦାମ୍ବରମ୍‌ଙ୍କ ବିରୋଧରେ ମାମଲା ରୁଜୁ କରିଛି।

**ଫୁର୍‌ସତ**

## ସାଇରା ବାନୁଙ୍କୁ ମୋଦି ଭରସା



**ମୁମ୍ବାଇ:** ଜମି ମାଫିଆ ସମୀର ଭୋଜୱାନୀ ଜେଲରୁ ମୁକ୍ତ ହେବା ପରେ ଅଭିନେତ୍ରୀ ସାଇରା ବାନୁ ବିଚଳିତ ହୋଇପଡ଼ିଛନ୍ତି। ତାଙ୍କୁ ଏବେ ସ୍ୱାମୀ ଦିଲୀପ କୁମାରଙ୍କ ବାସଭବନ ସୁରକ୍ଷା ଚିନ୍ତା ଘାରିଛି। ମୁମ୍ବାଇର ସହରତଳି ପାଲି ହିଲ୍‌ଠାରେ ଅଭିନେତା ଦିଲୀପ କୁମାରଙ୍କ ୨ଟି ପ୍ଲଟ୍‌ର ମାଲିକାନା ଦାବି କରିଆସୁଛନ୍ତି ଭୋଜୱାନୀ। ଏହାକୁ ଅଦାଲତରେ ଚ୍ୟାଲେଞ୍ଜ୍ କରିଛନ୍ତି ସାଇରା ବାନୁ। ଦିଲୀପ କୁମାର ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବାବେଳେ ଭୋଜୱାନୀଙ୍କ ଅର୍ଥ ଓ ବାହୁବଳକୁ ମୁକାବିଲା କରିବା ସେମାନଙ୍କ ପକ୍ଷେ କଷ୍ଟକର ହୋଇଛି। ସେ ଏହି ମାମଲାରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କ ସହଯୋଗ ଲୋଡ଼ିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମୋଦି ଫଡ଼ନବିସ୍‌ଙ୍କ ସହ ଏ ନେଇ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କୁ ସହଯୋଗ କରିବେ ବୋଲି ସେ ଆଶା ରଖିଛନ୍ତି।

## ଖବରଦାତାଙ୍କ ପାଇଁ ଭାରତ ପଞ୍ଚମ ଘାତକ ଦେଶ

**ଆଫଗାନିସ୍ତାନ ସବୁଠୁ ବିପଜ୍ଜନକ**



**ୱାଶିଂଟନ:** ବିଶ୍ୱର ବିଭିନ୍ନ ଭାଗରେ ଖବରଦାତାଙ୍କୁ ଆକ୍ରମଣ ଘଟଣା ବୃଦ୍ଧିପାଇବାରେ ଲାଗିଛି। ଅନୁସନ୍ଧାନମୂଳକ ତଥ୍ୟ ସଂଗ୍ରହ ସେମାନଙ୍କ ପାଇଁ ଘାତକ ହୋଇଛି। ଅକ୍ଟୋବର ୨ରେ ୱାଶିଂଟନ ପୋଷ୍ଟର ପ୍ରତିନିଧି ସୌଦି ଆରବର ଜମାଲ ଖାସୋଗୀଙ୍କୁ ଇସ୍ତାନବୁଲସ୍ଥିତ ସୌଦି ଆରବ ଦୂତାବାସଠାରେ ନିର୍ମମ ଭାବେ ହତ୍ୟା କରାଯିବା ଏହାର ଏକ ଜ୍ୱଳନ୍ତ ପ୍ରମାଣ। ଏଥିରେ ସୌଦି ରାଜା ମହମ୍ମଦ ବିନ୍ ସଲମନଙ୍କ ସମ୍ପୃକ୍ତି ଅଛି। ଖାସୋଗୀଙ୍କ ଭଳି ଅନେକ ପେଶାଦାର ଖବରଦାତା 'ସଂଘବଦ୍ଧ ଆକ୍ରମଣ', ଅନ୍ତର୍ଜାତୀୟ ମାଫିଆ ଗ୍ୟାଙ୍ଗ, ଆତଙ୍କବାଦୀଙ୍କ ଗତିବିଧି ସମ୍ପର୍କିତ ଗୁପ୍ତ ତଥ୍ୟ ପର୍ଦ୍ଦାଫାଶ୍ କରିବାକୁ ଯାଇ ଜୀବନ ହରାଇଛନ୍ତି। ରିପୋର୍ଟର୍ସ ୱିଦାଉଟ୍ ବର୍ଡର (ଆର୍‌ଏସ୍‌ଏଫ୍) ରିପୋର୍ଟ ଅନୁଯାୟୀ, ୨୦୧୮ରେ ୮୦ ଖବରଦାତାଙ୍କୁ ହତ୍ୟା କରାଯାଇଛି। ୪୯ ପେସାଦାର ଖବରଦାତା ଅର୍ଥନୈତିକ, ରାଜନୈତିକ, ଧାର୍ମିକ ସ୍ୱାର୍ଥକୈନ୍ଦ୍ରିକ ଗୋଷ୍ଠୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ସେହିପରି ୩୪୮ଜଣଙ୍କୁ ଅଟକ ରଖାଯାଇଥିବା ବେଳେ ୬୦ ବନ୍ଦୀ ଓ ୩ ଖବରଦାତା ନିଖୋଜ ରହିଛନ୍ତି। ଖବରଦାତାଙ୍କ ପାଇଁ ସବୁଠାରୁ ଘାତକ ଦେଶ ଆଫଗାନିସ୍ତାନ ହୋଇଥିବାବେଳେ ଭାରତ ପଞ୍ଚମସ୍ଥାନରେ ରହିଛି। ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରେ ଚଳିତବର୍ଷ ୧୮ ଖବରଦାତା ମୃତ ହୋଇଛନ୍ତି। ସିରିୟାରେ ୧୧, ମେକ୍ସିକୋରେ ୯, ୟେମେନରେ ୮, ଭାରତ ଓ ଆମେରିକାରେ ସମାନ ସଂଖ୍ୟକ (୬) ଖବରଦାତା ପ୍ରାଣ ହରାଇଛନ୍ତି। ବିହାରର ଜଣେ ଗ୍ରାମ ମୁଖ୍ୟ ତାଙ୍କ ବିରୋଧରେ ପ୍ରକାଶିତ ଖବରକୁ ନେଇ ୨ ଖବରଦାତା ନବୀନ ନିଶ୍ଚଳ ଏବଂ ବିଜୟ ସିଂଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ। ସେହିପରି ମଧ୍ୟପ୍ରଦେଶରେ ଖବରଦାତା ସନ୍ଦୀପ ଶର୍ମାଙ୍କ ଉପରେ ଟ୍ରକ ଚଢ଼ାଇ ଦିଆଯାଇଥିଲା।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଆକାଶ ମେଘୁଆ ରହିବା ସହିତ ସାମାନ୍ୟ ବର୍ଷା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୧୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୫.୨ | ୧୧.୭ |
| ଚାନ୍ଦବାଲି | ୨୪.୮ | ୧୫.୦ |
| କଟକ | ୨୫.୬ | ୧୩.୮ |
| ପାରାଦ୍ୱୀପ | ୨୫.୩ | ୧୬.୭ |
| ଭୁବନେଶ୍ୱର | ୨୫.୨ | ୧୫.୮ |
| ଗୋପାଳପୁର | ୨୫.୦ | ୧୬.୩ |
| ପୁରୀ | ୨୪.୬ | ୧୬.୫ |
| ଅନୁଗୋଳ | ୨୪.୭ | ୧୩.୦ |
| ବାରିପଦା | ୨୩.୦ | ୧୩.୫ |
| ଝାରସୁଗୁଡ଼ା | ୨୫.୨ | ୧୨.୨ |
| କେନ୍ଦୁଝର | ୨୧.୭ | ୧୨.୨ |
| ସମ୍ବଲପୁର | ୨୫.୨ | ୧୧.୫ |
| ସୁନ୍ଦରଗଡ଼ | ୨୪.୦ | ୧୦.୦ |
| ହୀରାକୁଦ | ୨୪.୧ | ୧୨.୧ |
| ତାଳଚେର | --- | ୧୨.୫ |
| ଭବାନୀପାଟଣା | ୨୧.୮ | ୧୬.୦ |
| ବଲାଙ୍ଗୀର | ୨୩.୫ | ୧୩.୨ |
| କୋରାପୁଟ | ୨୦.୦ | ୧୨.୬ |
| ଫୁଲବାଣୀ | --- | ୧୩.୪ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୨୭.୦ | ୧୮.୫ |
| ସୋନପୁର | ୨୩.୦ | ୧୩.୦ |
| ଦାରିଙ୍ଗିବାଡ଼ି | ୧୫.୫ | ୧୨.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଉଭାନ ହୋଇଯିବ ଶନିର ବଳୟ



**ୱାଶିଂଟନ:** ସୌରମଣ୍ଡଳରେ ଶନିକୁ ବଳୟ ଗ୍ରହ କୁହାଯାଏ। ଶନିକୁ ଘେରି ବଳୟ ଥିବାରୁ ଏହା ଦେଖିବାକୁ ଖୁବ୍ ସୁନ୍ଦର। କିନ୍ତୁ ୧୦୦ ନିୟୁତ ବର୍ଷ ମଧ୍ୟରେ ଶନିର ବଳୟ ନଷ୍ଟ ହେବାକୁ ଯାଉଛି ବୋଲି ବୈଜ୍ଞାନିକମାନେ ଆକଳନ କରିଛନ୍ତି। ଦୀର୍ଘ ୧୦ବର୍ଷ ହେଲା ବଳୟର ଅବକ୍ଷୟ ଘଟୁଥିବା ଭଏଜର ୧ ଏବଂ ୨ ସ୍ପେସ୍‌କ୍ରାଫ୍ଟର ପର୍ଯ୍ୟବେକ୍ଷଣରୁ ଜାଣିବାକୁ ମିଳିଛି।

ନାସା ଗବେଷକଙ୍କ କହିବାନୁଯାୟୀ, ଶନିର ବଳୟ ୧୦୦ ନିୟୁତ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ବିଲୀନ ହୋଇଯିବ। ଉକ୍ତ ବଳୟ ସାଧାରଣତଃ ବଡ ବଡ ବରଫ ଖଣ୍ଡରେ ଗଠିତ। ଉକ୍ତ ବରଫର ଆକୃତି ଦେଖିବାକୁ ଧୂଳିକଣାଠାରୁ ଆରମ୍ଭ କରି ପଥର ଖଣ୍ଡ ପର୍ଯ୍ୟନ୍ତ। ଶନି ଗ୍ରହର ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ବଳୟ ଆକର୍ଷିତ ହୋଇ ରହିଛି। ଏହାଦ୍ୱାରା ଯେତେ ପରିମାଣର ବରଫକଣା ଆକର୍ଷିତ ହେଉଛି, ତାହା ଅଧଘଣ୍ଟା ମଧ୍ୟରେ ଅଲିମ୍ପିକ୍-ଆକୃତିର ଏକ ସୁଇମିଙ୍ଗ୍ ପୁଲ୍‌କୁ ପୂର୍ଣ୍ଣ କରିପାରିବ ବୋଲି ଉକ୍ତ ଅଧ୍ୟୟନର ପ୍ରମୁଖ ଲେଖକ ତଥା ମେରିଲ୍ୟାଣ୍ଡସ୍ଥିତ ନାସାର ଗଡାର୍ଡ ସ୍ପେସ୍ ଫ୍ଲାଇଟ୍ ସେଣ୍ଟର୍‌ର ଜେମ୍‌ସ ଓ ଡୋନୋଘୁ ପ୍ରକାଶ କରିଛନ୍ତି। ଶନିର ଆୟୁକାଳ ୪୦୦କୋଟି ବର୍ଷ ହୋଇଥିବା ବେଳେ ସେ ତୁଳନାରେ ଏହାର ବଳୟର ବୟସ ଖୁବ୍ କମ। ତେବେ ଶନି ଗ୍ରହ ବଳୟ ଥାଇ ଗଠିତ ହୋଇଛି କି ପରେ ଏଥିରେ ବଳୟ ସୃଷ୍ଟି ହୋଇଛି, ସେ ସମ୍ପର୍କରେ ବୈଜ୍ଞାନିକମାନେ ଠିକ୍ ସିଦ୍ଧାନ୍ତରେ ପହଞ୍ଚିପାରି ନାହାନ୍ତି। ବର୍ତ୍ତମାନର ନୂତନ ଗବେଷଣା ଅନୁଯାୟୀ, ଉକ୍ତ ବଳୟ ୧୦୦ନିୟୁତ ବର୍ଷରୁ ଆହୁରି ପୁରୁଣା ହେବ ବୋଲି ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

# ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ




ଦେବଗଡ଼ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାରେ ଅଧିକାରୀମାନେ ମଞ୍ଚାସୀନ।

**ଦେବଗଡ,୧୯।୧୨(ସ୍ୱ.ପ୍ର)**

■ ୭୦୦ ଜଣଙ୍କ ନାମ ପଞ୍ଜୀକରଣ

■ ୧୫୦ ଜଣଙ୍କୁ ସିଧାସଳଖ ନିଯୁକ୍ତି ଅଫର୍

ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ ପରିସରରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବୁଧବାର ଆୟୋଜିତ ହୋଇଯାଇଛି। ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାକୁ ପିଡି ଡିଆରଡିଏ ଭୀମସେଣ୍ଟ ପୁନମ କାନ୍ତ ଏକ୍କା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ସରକାରଙ୍କ ପ୍ରୋତ୍ସାହନରେ ଆୟୋଜିତ ଏଭଳି ନିଯୁକ୍ତି ମେଳା ନିଯୁକ୍ତି ଆଶାୟୀଙ୍କୁ ସେମାନଙ୍କର କାରିଗରି ଜ୍ଞାନକୌଶଳକୁ ନିଯୁକ୍ତି ଦାତାମାନଙ୍କ ନିକଟରେ ଉପସ୍ଥାପିତ କରିବାରେ ସହାୟକ ହେବା ସଙ୍ଗେ ସଙ୍ଗେ ଉପଯୁକ୍ତ ପରାମର୍ଶ ଦ୍ୱାରା ନିଯୁକ୍ତ ପାଇଁ ସୁଯୋଗ ସୃଷ୍ଟି କରିବେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଆଞ୍ଚଳିକ ନିୟୋଜନ ନିର୍ଦ୍ଦେଶକ ସମ୍ବଲପୁର ନନ୍ଦ କିଶୋର ଦାସ, ଓଡିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ନୋଡାଲ ଅଧିକାରୀ ଏସ୍. ଭି. ଏନ୍. ରାଓ ଯୋଗଦେଇ ନିଯୁକ୍ତି ଆଶାୟୀ ପ୍ରାର୍ଥୀମାନେ ନିଜ ଅଞ୍ଚଳରେ ରହି କାର୍ଯ୍ୟ କରିବାର ମାନସିକତାକୁ ପରିହାର କରି ଦେଶର ଯେକୌଣସି ସ୍ଥାନରେ ନିଯୁକ୍ତି ପାଇଲେ କାର୍ଯ୍ୟ କରିବାକୁ ପରାମର୍ଶ ଦେବା ସହ ମେଳା ଆୟୋଜନର ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ଯୋଗଦେଇଥିବା ନିଯୁକ୍ତିଦାତାମାନଙ୍କ ସମ୍ପର୍କରେ ବିସ୍ତୃତ ଭାବରେ ସୂଚନା ପ୍ରଦାନ କରିଥିଲେ। ଏହି ନିଯୁକ୍ତି ମେଳାରେ ଜିଲ୍ଲାର ବିଭିନ୍ନ ବ୍ଲକ ଏବଂ ଦେବଗଡ ପୌରାଞ୍ଚଳରୁ ୭୦୦ଜଣ ଆଶାୟୀ ଯୁବତୀ ଯୁବକ ନିଜର ନାମ ପଞ୍ଜିକୃତ କରାଇଥିଲେ। ମେଳାରେ ଉପସ୍ଥିତ ବିଭିନ୍ନ ଉଦ୍ୟୋଗର କର୍ମକର୍ତ୍ତାଙ୍କଠାରୁ ପରାମର୍ଶ ଗ୍ରହଣ କରିଥିଲେ। ସେମାନଙ୍କ ଦ୍ୱାରା ପ୍ରଦତ୍ତ ଆବଶ୍ୟକୀୟ ପ୍ରମାଣପତ୍ର ଯାଞ୍ଚ ପରେ ୩୦୦ ଜଣଙ୍କୁ ତାଲିମ ପରେ ନିଯୁକ୍ତି ନିମନ୍ତେ ଚୟନ କରାଯାଇଥିବାବେଳେ ୧୫୦ ଜଣଙ୍କୁ ସିଧାସଳଖ ନିଯୁକ୍ତି ଅଫର ଦିଆଯାଇଥିଲା। ଏହି ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାରେ ଓଡିଶା ଓ ବାହାରୁ ୩୦ଟି ସଂସ୍ଥାର କର୍ମକର୍ତ୍ତା ଯୋଗଦେଇଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁ ଏବଂ ଦେବଗଡ ଓର୍‌ମାସ ପ୍ରମୁଖ ସହଯୋଗ କରିଥିଲେ। ମେଳାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲ୍ଲା ନିୟୋଜନ ଅଧିକାରୀ ଚିନ୍ତାମଣି ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

ଦେବଗଡ଼ ଜିଲ୍ଲା ବିକାଶ ମଞ୍ଚ ପକ୍ଷରୁ

# ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ପ୍ରସ୍ତୁତି ବୈଠକ

**ଦେବଗଡ,୧୯।୧୨(ସ୍ୱ.ପ୍ର)**




ଦେବଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକରେ କର୍ମକର୍ତ୍ତା, ଶିକ୍ଷାବିତ, ବୁଦ୍ଧିଜୀବୀ ଉପସ୍ଥିତ।

ସମଗ୍ର ଦେବଗଡ ଜିଲ୍ଲା ବିକାଶ ମଞ୍ଚ ପକ୍ଷରୁ ଆଗାମୀ ଜାନୁଆରୀ ୧ ତଥା ଇଂରାଜୀ ନବବର୍ଷରେ ୨୫ତମ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଏକ ହୋଟେଲରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଆବାହକ ସୁଧୀର କୁମାର ବ୍ରହ୍ମାଙ୍କ ଆବାହକତ୍ୱରେ ମଞ୍ଚର ଉପଦେଷ୍ଟା ବରିଷ୍ଠ ନାଗରିକ ପ୍ରଫୁଲ୍ଲ କୁମାର ମହାପାତ୍ର, ମାର୍କଣ୍ଡେଶ୍ୱର ଶତପଥୀ, ନବୀନ ପାଣି, ପ୍ରଫୁଲ୍ଲ କୁମାର ନାୟକ, ମିତ୍ରଭାନୁ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ନିଜ ମତାମତ ଦେଇଥିଲେ। ଆଲୋଚନା ମୁତାବକ ଜିଲ୍ଲା ସମ୍ବନ୍ଧୀୟ ସ୍କୁଲସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଯଥା ଚିତ୍ରାଙ୍କନ, ଝୋଟି, ରଚନା ପ୍ରବନ୍ଧ ଆଦି ପ୍ରତିଯୋଗିତା, ୧୦ ଜଣଙ୍କୁ ମରଣୋତ୍ତର ସମ୍ମାନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଅନ୍ୟ ସଦସ୍ୟ ତଥା ଖବରଦାତା, ସମାଜସେବୀ, କଳାକାର, ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ପର୍ଯ୍ୟବେକ୍ଷକଙ୍କ ଦେବଗଡ ଜିଲ୍ଲା ଗସ୍ତ

**ଦେବଗଡ, ୧୯।୧୨(ସ୍ୱ.ପ୍ର)**

ବିଭିନ୍ନ ପଞ୍ଚାୟତରେ ଆୟୋଜନ କରାଯାଉଥିବା 'ପିଠା' କାର୍ଯ୍ୟକ୍ରମର ତଦାରଖ ପାଇଁ ରାଜ୍ୟସ୍ତରୀୟ ପର୍ଯ୍ୟବେକ୍ଷକ ଇଡକୋର ଚିଫ୍ ଜେନେରାଲ ମ୍ୟାନେଜର ଗଣେଶ୍ୱର ଜେନା ଦୁଇ ଦିନିଆ ଦେବଗଡ ଗସ୍ତରେ ଆସି ପହଞ୍ଚିଛନ୍ତି। ବୁଧବାର ରିଆମାଳ ବ୍ଲକର ରିଆମାଳ, ତାରଙ୍ଗ ଓ ଟୁହିଲାମାଳ ଗ୍ରାମପଞ୍ଚାୟତରେ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମର ତଦାରଖ କରିଥିଲେ । ରିଆମାଳ ଗ୍ରାମପଞ୍ଚାୟତରେ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ପରେ ଜେନା ତାରଙ୍ଗ ଏବଂ ଟୁହିଲାମାଳ ପଞ୍ଚାୟତ ଗସ୍ତ କରି କାର୍ଯ୍ୟକ୍ରମକୁ ବୁଲି ଦେଖିଥିଲେ । ତାଙ୍କର ଏହି ଗସ୍ତ ସମୟରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲାସ୍ତରୀୟ ନୋଡାଲ ଅଧିକାରୀ ଏବଂ ଏପିଡି ଦୀପକ ବେହେରା ଉପସ୍ଥିତ ଥିଲେ ।


## ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ସୁବର୍ଣ୍ଣପୁର

ପତ୍ର ସଂଖ୍ୟା– ୨୮୧୪ ତା୧୨।୧୨।୧୮

**ନାମ- ଶ୍ରୀ ନିମାଇଁ ଚରଣ ବେହେରା**
**ପିତା- ୰ ଗୁଡ଼ିଆ ବେହେରା**
**ଗ୍ରାମ- କଂଟାବାଂଜି**
**ପୋଷ୍ଟ/ଥାନା- କଂଟାବାଂଜି**
**ଜିଲ୍ଲା- ବଲାଙ୍ଗୀର**

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଆପଣ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ, ସୁବର୍ଣ୍ଣପୁରଙ୍କର ଅଧୀନରେ କନିଷ୍ଠ କିରାଣି ଭାବରେ କାର୍ଯ୍ୟ କରୁଥିବା ସମୟରେ ତା୩୧।୦୮।୨୦୧୮ଠାରୁ କାର୍ଯ୍ୟାଳୟରେ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ଏହି କାର୍ଯ୍ୟାଳୟର ପତ୍ର ସଂଖ୍ୟା ୧୯୪୭ ତା୦୭।୦୯।୨୦୧୮, ୨୦୨୭ ତା୧୮।୦୯।୨୦୧୮, ୨୩୮୨ ତା୨୬।୧୦।୨୦୧୮ ଏବଂ ୨୬୦୫ ତା୨୦।୧୧।୨୦୧୮ ରେଜିଷ୍ଟ୍ରି ଡାକ ଯୋଗେ ଉପରୋକ୍ତ ଠିକଣାରେ କାର୍ଯ୍ୟାଳୟରେ ଯୋଗଦେବା ନିମନ୍ତେ ପତ୍ର ଯୋଗେ ଜଣାଇ ଦିଆଯାଇଥିଲେ ସୁଦ୍ଧା ଆପଣ ଆଜିପର୍ଯ୍ୟନ୍ତ ନିଜେ ଉପସ୍ଥିତ ହୋଇନାହାନ୍ତି କିମ୍ବା କୌଣସି ଯୋଗାଯୋଗ କରିନାହାନ୍ତି। ଏଣୁ ଆପଣଙ୍କୁ ଉକ୍ତ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ ୭ ଦିନ ମଧ୍ୟରେ କାର୍ଯ୍ୟରେ ଯୋଗଦିଅନ୍ତୁ, ନଚେତ୍ ଆଇନ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– ନିର୍ବାହୀ ଯନ୍ତ୍ରୀ
ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ସୁବର୍ଣ୍ଣପୁର



## OFFICE OF THE NOTIFIED AREA COUNCIL, DHAMNAGAR

**Notice No.: 1940** **Date: 17.12.2018**

The Class of Contractor of Sl. No. 1 of the tender vide **Bid Identification No. DNR_05/2018_19** shall be read as "B & C" instead of C & D.

Sl. No. 2 of the tender vide **Bid Identification No. DNR_05/2018_19** is hereby cancelled due to unavoidable circumstances.

**Sd./- Executive Officer, Dhamnagar NAC**



## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

No RDM-LAA-MBJ-0044-2017/32680 R&DM, Dated 31 Aug. 2018

No.-XXI-102: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା– **ଭାଲୁଘର**, ଥାନା– କରଞ୍ଜିଆ ନଂ.–୧୪୫, ତହସିଲ– କରଞ୍ଜିଆ, ଜିଲ୍ଲା– ମୟୂରଭଞ୍ଜରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେଓ ଜଳସେଚନ ପ୍ରକଳ୍ପର ବାମ ପାର୍ଶ୍ୱ ଡିଷ୍ଟ୍ରିବ୍ୟୁଟାରୀ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୩୩୨୬ ତା୧୮।୦୭।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା– **ଭାଲୁଘର**, ଥାନା– କରଞ୍ଜିଆ ନଂ.–୧୪୫, ଜିଲ୍ଲା– ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ www.mayurbhanj.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ–ଅର୍ଜନ ଓ ପୁନଃ ବସତି ଅଧିକାରୀ, କରଞ୍ଜିଆ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: କରଞ୍ଜିଆ**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ଭାଲୁଘର** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨.୮୦ | ଏ. ୧.୧୪ | ଏଥି ସହିତ ସଂଲଗ୍ନ |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: କରଞ୍ଜିଆ**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୨୮।୦୩।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅଭୟ କୁମାର ନାୟକ, ଯୁଗ୍ମ ଶାସନ ସଚିବ

**ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀ,**
**ଦେଓ ଜଳ ପ୍ରକଳ୍ପ, ମୟୂରଭଞ୍ଜ, କରଞ୍ଜିଆ**

**ମୌଜା- ଭାଲୁଘର** **ଥାନା ନଂ.୧୪୫**

| କ୍ର. ନଂ. | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧ | ଭାଲୁଘର | ୫ | ୯ | ୧.୬୬ | ୦.୭୫ | ଶାରଦ ଦୁଇ | ନାରାୟଣ ମାଝୀ, ସାନମାଲଦେ ମାଝୀ, ପି– ହାଦ ମାଝୀ, ଚମ୍ପା ମାଝୀ, ସ୍ୱା– ହାଦ ମାଝୀ, ଜା– ସାନ୍ତାଳ, ବା– ନିଜଗାଁ | |
| | | | ୧୫ | ୧.୦୩ | ୦.୩୮ | ଶାରଦ ଏକ | | |
| | | | ୧୭ | ୦.୧୧ | ୦.୦୧ | ଆଶୁ | | |
| | | **ମୋଟ** | **୩** | **୨.୭୯** | **୧.୧୪** | | | |

24001/14/0422/1819



## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

No RDM-LAA-MBJ-0080-2017/29495 R&DM Dated 8 Aug. 2018

No.-XXI-99: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା– **ନୂଆଖୁଣ୍ଟା**, ଥାନା– ମୋରଡା ନଂ.–୧୩୪, ତହସିଲ– ରାସଗୋବିନ୍ଦପୁର, ଜିଲ୍ଲା– ମୟୂରଭଞ୍ଜରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସଚେନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲର ପିଙ୍ଗୁଳି ମାଇନର ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୮୦୭୦ ତା୧୪।୧୧।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା– **ନୂଆଖୁଣ୍ଟା**, ଥାନା– ମୋରଡା ନଂ.–୧୩୪, ଜିଲ୍ଲା– ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ www.mayurbhanj.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ–ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷୀ, ବାରିପଦାସ୍ଥିତ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: ରାସଗୋବିନ୍ଦପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ନୂଆଖୁଣ୍ଟା** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୫.୯୧ | ଏକର ୩.୪୦ | ଏଥି ସହିତ ସଂଲଗ୍ନ |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: ରାସଗୋବିନ୍ଦପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୨୪।୦୩।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅଭୟ କୁମାର ନାୟକ, ଯୁଗ୍ମ ଶାସନ ସଚିବ

**ଭୂମି ଅନୁସୂଚୀ**

**ଭୂଅର୍ଜନ ମାମଲା ସଂଖ୍ୟା- ୫୨/୨୦୧୭**
**ଏ.୩.୪୦ଡି.**

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବୈଶିଙ୍ଗା ଶାଖା କେନାଲର ପିଙ୍ଗୁଳି ମାଇନର**
**ମୌଜା- ନୂଆଖୁଣ୍ଟା, ଥାନା- ମୋରଡା, ନଂ.-୧୩୪, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ୧୩ | ୧.୩୩ | ୦.୨୦ | ଶାରଦ ଦୁଇ | ଈଶ୍ୱରଚନ୍ଦ୍ର ମହାନ୍ତି, ପି: ଦିନବନ୍ଧୁ ମହାନ୍ତି, ଜା: କରଣ, ବା: କରଞ୍ଜପଡା |
| ୨ | ୯ | ୦.୮୫ | ୦.୨୨ | ଶାରଦ ଦୁଇ | କନ୍ଦା ମାଝୀ, ପି: ଛୋଟା ମାଝୀ, ଜା: ସାନ୍ତାଳ, ବା: କରଞ୍ଜପଡା |
| ୩ | ୪୫/୯୪ | ୦.୨୧ | ୦.୧୫ | ଶାରଦ ଦୁଇ | କାଳିଆ ମାହାଲି, ପି: ମଙ୍ଗଳା ମାହାଲି, ଜା: ମାଜାଲି, ବା: ନିଜଗାଁ |
| ୬ | ୪୭/୯୫ | ୦.୦୮ | ୦.୦୧ | ଶାରଦ ଦୁଇ | ଚାପେ ମାଝୀ, ପି: ଧାନୁ ମାଝୀ, ରୁହିୟା ମାଝୀ, ମାଙ୍ଗାତ ମାଝୀ, ଗୟ ମାଝୀ, ପି: ଚୈତନ୍ୟ ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୮ | ୧୮ | ୦.୭୭ | ୦.୧୪ | ଶାରଦ ଦୁଇ | ଯୁଧିଷ୍ଠିର ଦତ୍ତ, ଅମ୍ବିକା ଦତ୍ତ, ଦୁତୀକା ଦତ୍ତ, ଉମାମଣୀ ଦତ୍ତ, ପି: ପଦ୍ମ ଲୋଚନ ଦତ୍ତ, ଯଦୁନାଥ ଦତ୍ତ, ସୋମନାଥ ଦତ୍ତ, ରାମଚନ୍ଦ୍ର ଦତ୍ତ, ପି: ଦିନବନ୍ଧୁ ଦତ୍ତ, ଜା: ରାହୁ, ବା: କରଞ୍ଜପଡା |
| | ୩୭ | ୦.୩୪ | ୦.୦୯ | ଶାରଦ ଦୁଇ | |
| | ୩୮ | ୦.୪୪ | ୦.୦୮ | ଶାରଦ ଦୁଇ | |
| ୧୦ | ୨୬ | ୦.୭୦ | ୦.୧୭ | ଶାରଦ ଦୁଇ | ଦାମୋଦର ମାଝୀ, ବିଜୟ ମାଝୀ, କାଳିଆ ମାଝୀ, ପି: ରଘୁ ନାଥ ମାଝୀ, ନାରଣ ମାଝୀ, ପି: ବାଘରାଏ ମାଝୀ, ଜା: ସାନ୍ତାଳ, ବା: କାଟୁଣୀ |
| ୧୧ | ୨୭ | ୦.୮୨ | ୦.୦୨ | ଶାରଦ ଦୁଇ | ଦୁଃଖିରାମ ସରେନ, ପଦନ ସରେନ, ପି: ଭଗବାନ ସରେନ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୧୪ | ୫ | ୦.୪୪ | ୦.୧୪ | ଶାରଦ ଦୁଇ | ଫଗଡା ମାଝୀ, ପି: କନ୍ଦା ମାଝୀ, ପାଣ୍ଡୁ ମାଝୀ, ପି: ଫଗଡା ମାଝୀ, ରୁହିଆ ମାଝୀ, ରାମ ମାଝୀ, ବିରଧାନ ମାଝୀ, ଭାଗିରଥି ମାଝୀ, ବିରସିଂ ମାଝୀ, ପି: ଦାସ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୬ | ୭୮ | ୦.୫୩ | ୦.୧୨ | ଶାରଦ ତିନି | ଫଗଡା ମାଝୀ, ରାମ ମାଝୀ, ନାରାନ ମାଝୀ, ପି: କନ୍ଦା ମାଝୀ, ତୁଳସୀ ମାଝୀ, ସ୍ୱା: କନ୍ଦା ମାଝୀ, ପାଣ୍ଡୁ ମାଝୀ, ପି: ଫଗଳା ମାଝୀ, ରୋହିଆ ମାଝୀ, ରାମ ମାଝୀ, ବିରଧାନ ମାଝୀ, ଭାଗିରଥି ମାଝୀ, ବିରସିଂ ମାଝୀ, ପି: ଦାସ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୭ | ୭୭ | ୦.୭୫ | ୦.୧୯ | ଶାରଦ ତିନି | ବାଢା ମାଝୀ, ପି: ଲକ୍ଷ୍ମଣ ମାଝୀ, ଜା: ସାନ୍ତାଳ, ବା: କୋଚିଆଶୁଳ |
| ୨୪ | ୩୦ | ୦.୬୯ | ୦.୧୪ | ଶାରଦ ଦୁଇ | ରେଣ୍ଟା ମାଝୀ, ସୁକୁଲ ମାଝୀ, ପି: ବିଦ ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୨୫ | ୩୧ | ୦.୭୫ | ୦.୧୬ | ଶାରଦ ଦୁଇ | ଲବା ସରେନ, ପି: ରୁଟିଆ ସରେନ, ଜା: ସାନ୍ତାଳ, ବା: ଅଙ୍ଗାରଗଡିଆ, ବେଆଇନ ଖରିଦ ସୂତ୍ରେ ଦଖଲ ଲେଢା ମାଝୀ, ପି; ଦୁର୍ଗା ମାଝୀ, ମାହ୍ଲ ମାଝୀ, ସ୍ୱା: ଲେଢା ମାଝୀ, ଜା: ସାନ୍ତାଳ, ବା: କରଞ୍ଜପଡା, ରେଜେଷ୍ଟ୍ରୀ ଦଲିଲ ନମ୍ବର 2056 ତା7.3.75 ଜରସମନ 1500/- ବା: |
| ୩୧ | ୪ | ୦.୩୫ | ୦.୧୮ | ଶାରଦ ଦୁଇ | ଶ୍ରୀନାଥ ମାଝୀ, ପି: ଭାଗିରଥି ମାଝୀ, ଜା: ସାନ୍ତାଳ, ବା: କାଟୁଣି |
| | ୨୨ | ୧.୧୪ | ୦.୩୧ | ଶାରଦ ଦୁଇ | |
| ୩୨ | ୫୩ | ୧.୭୬ | ୦.୨୬ | ଶାରଦ ଦୁଇ | ହାରି ମାଝୀ, ରଘୁ ମାଝୀ, ଶାମୁ ମାଝୀ, ପି: ଭୀମା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୮୦ | ୧.୧୧ | ୦.୩୪ | ଶାରଦ ତିନି | |
| ୩୨/୧ | ୩୦/୯୬ | ୦.୨୫ | ୦.୧୨ | ଶାରଦ ଦୁଇ | ଶ୍ରୀମତୀ ପାନ ସରେନ, ଅର୍ଜୁନ ସରେନ, ଦାସମାତ ସରେନ, ଗହ୍ନା ସରେନ, ଭକ୍ତୁ ସରେନ, ପି– ସାଉନା ସରେନ, ଜା: ସାନ୍ତାଳ, ବା: କରଞ୍ଜପଡା |
| | ୩୦/୯୭ | ୦.୧୫ | ୦.୦୪ | ଶାରଦ ଦୁଇ | |
| ୩୨/୨ | ୪୭ | ୦.୪୨ | ୦.୧୩ | ଶାରଦ ଦୁଇ | ବିନୁ ହେମ୍ବ୍ରମ, ପି: ବୁଧରାୟ ହେମ୍ବ୍ରମ, ଜା: ସାନ୍ତାଳ, ବା: ବିରିପାଳ |
| ୩୨/୬ | ୧୩/୧୦୩ | ୨.୦୩ | ୦.୧୯ | ଶାରଦ ଦୁଇ | ଝରଣା ପଟ୍ଟନାୟକ, ସ୍ୱା: ଅବନୀ ପଟ୍ଟନାୟକ, ଜା: କରଣ, ବା: ମଧୁବନ ୱା ନଂ.9 ବାରିପଦା |
| ମୋଟ | ୨୨ ପ୍ଲଟ | ଏ.୧୫.୯୧ ଡେ.ମି. | ଏ.୩.୪୦ ଡେ.ମି. | | |

24001/14/0419/1819

# Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : **www.dharitri.com**

# MOCK TEST PAPER # 3

## CLASS-X (MATHEMATICS)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

i. ***All questions are compulsory. There are 30 questions in all.***

ii. ***This question paper has four sections : Section A, Section B, Section C and Section D.***

iii. ***Section A contains 6 questions of one mark each, Section B contains 6 questions of two marks each, Section C contains 10 questions of three marks each, Section D contains 8 questions of four marks each.***

iv. ***There is no overall choice. However, an internal choice has been provided in four questions of three marks each and three questions of four marks each. You have to attempt only one of the choices in such questions.***

v. ***Use of calculators is not permitted.***

### SECTION-A

1. In Euclid's division lemma, the value of r, when a positive integer a is divided by 3, are 0 and 1 only. Is this statement true or false ? Justify your answer

2. Find the least positive value of k for which $x^2 + kx + 16 = 0$ has real roots.

3. What is the distance between the points ($10 \cos 30^0$, 0) and (0, $10 \cos 60^0$) ?

4. In $\Delta$ABC shown below, DE || BC. If BC = 8 cm, DE = 6 cm and area of $\Delta$ADE = 45 cm$^2$, what is the area of $\Delta$ABC ?




5. Find the mode of the data, using an empirical formula, when it is given that median = 41.25 and mean = 33.75

6. The probability of getting a rotten egg from a lot of 400 ergs is 0.035. Find the number of rotten eggs in the lot.

### SECTION-B

| 1 | Last Date / Time for receipt of bids through e-tendering | :: | 31.12.2018 at 3.00 PM instead of 21.12.2018 at 3.00 PM |
| 2 | Date of opening of Technical Bid | :: | 01.01.2019 at 3.00 PM instead of 22.12.2018 at 3.00 PM |
| 3 | Date of opening of Financial Bid | :: | 04.01.2019 at 11.00 AM instead of 31.12.2019 at 11.00 AM |

All other contents will remain unchanged.
**Sd./- Superintending Engineer**
25071/11/0043/1819 **R.W.Circle, Berhampur**

DISTRICT OFFICE, ANGUL
(Social Welfare Section)
No. / SW, Date:

TENDER CALL NOTICE
(ENGAGEMENT OF TRANSPORT CONTRACTOR FOR TRANSPORTING OF WHEAT AND RICE UNDER SNP)

Sealed tenders are invited for engagement of Transporting Contractor for taking transportation of food stuff under Supplementary Nutrition Programme in Angul District. The detailed terms and conditions can be obtained from the Office of the DSWO, Angul or can be downloaded from the District Website www.angul.nic.in till 15.01.2019 by 1.00PM. The tender paper is to be submitted to the DSWO, Angul on or before 16.01.2019, 1.00PM by Registered / Speed Post only. The tender will be opened on the same day at 3.00PM in presence of the members of the Tender Committee and the Tenderers or their authorized representatives. The authority reserves the right to reject / cancel any or all tenders without assigning any reason thereof and shall bear no liability what so ever consequent upon such decision.

*Sd./- COLLECTOR, ANGUL*

OFFICE OF THE
REGULATED MARKET COMMITTEE, ANANDAPUR
AT/PO- GHASIPURA, DIST.- KEONJHAR, PIN NO. 758015
Bid Identification No. 05/RMC, Anandapur/2017-18
Email Address: rmc.anandapur@gmail.com

Tender Call Notice No. 592/RMCA/Dtd.15.12.18

1. Name of the Work : Civil work
2. Number of works : 01
3. Estimated Cost : Rs. 46,06,682/-
4. Period of Completion : 06 (Six) Calendar months
5. Date & time of availability of Bid documents in the portal : From 10.00AM of 18.12.2018 to 5.00PM of 27.12.2018
6. Last date & time for receipt of bids in the portal : By 5.00PM of 27.12.2018
7. Date of opening of Bid : 11.00AM of 28.12.2018
8. Name & address of the Officer inviting Bid : Sub-Collector, Anandapur-cum-Chairman, RMC, Anandapur

Further details can be seen from the e-Procurement portal i.e. http:/tendersodisha.gov.in

*Sd./- Sub-Collector, Anandapur-cum-Chairman, RMC, Anandapur*

OFFICE OF THE JOINT DIRECTOR OF TEXTILES(SD), BERHAMPUR
Industrial Estate, Ankuli, Berhampur-760008, Dist: Ganjam, Odisha
Telefax – 0680-2291293, Email: jdtsdbam@yahoo.com

TENDER NOTICE

Bid Reference No.__486____/ Dated__17/12/2018___/

No.50-PP: Bids in sealed cover are invited under two-bid system from reputed and experienced manpower service provider for providing services of the Peon (01 No.) for a period from 01.02.2019 to 28.02.2019 for the Office of Joint Director of Textiles(SD), Berhampur. The details of the bidding process are as follows.

| Sl. No. | Bidding Schedule | Deadline |
|---|---|---|
| 1 | Date of Issue | 17.12.2018 |
| 2 | Bid Due Date and Time | 15.01.2019 by 4.00 P.M. |
| 3 | Opening of Technical Bid | 18.01.2019 at 11.30 A.M. |
| 4 | Opening of Financial Bid | 25.01.2019 at 11.30 A.M. |

Bidders are required to submit the technical and financial bids separately. The bids in sealed Cover-I containing **"Technical Bid"** and sealed Cover-II containing "Financial Bid" should be placed in a third sealed cover superscribed "Bid for Outsourcing of manpower services" must reach the undersigned on or before 15.01.2019 by **Speed Post/ Registered Post/ Courier** only.

The bid documents containing eligibility criteria, scope of the work, terms and conditions of the tender and draft agreement can be downloaded from the website **"http://ganjam.nic.in/notice_category/tenders/"**.

**Complete Address for submission of Bid**
**Joint Director of Textiles(SD), Berhampur**
**Industrial Estate, Ankuli, Berhampur-760008, Dist.-Ganjam, Odisha.**
**Sd./- (P.K. Singh)**
31010/11/0004/1819 **Deputy Director of Textiles(SD), Berhampur**

## ସଂକ୍ଷେପରେ

"ଦ୍ୱିତୀୟ ଟେଷ୍ଟରେ ଟିମ୍ ପେନ୍‌ଙ୍କ ପ୍ରତି ବିରାଟ କୋହଲିଙ୍କ ବ୍ୟବହାର 'ଅପମାନଜନକ' ଓ 'ପିଲାଳିଆମୀ' ଥିଲା ।"
– ମିଚେଲ ଜନସନ, ପ୍ରାକ୍ତନ ଅଷ୍ଟ୍ରେଲିଆ ବୋଲର



"ରଣଜୀ ଟ୍ରଫିରେ ବରୋଦା ବିପକ୍ଷ ମ୍ୟାଚ୍‌ରେ ସ୍ପିନର ସ୍ୱପ୍ନିଲ ସିଂଙ୍କ ଓଭରରେ ମୁଁ ଲଗାତର ୫ଟି ଛକା ମାରିଥିବାରୁ ଏହାର ପ୍ରଭାବ ଆଇପିଏଲ୍ ନିଲାମୀରେ ପଡ଼ିଥିଲା ।"
– ଶିଭମ ଦୁବେ, ମୁମ୍ବାଇ କ୍ରିକେଟର



### ଚିନ୍ମୟ, ଅଂଶୁ, ଅମୃତଜୟ କ୍ୱାର୍ଟରରେ

ଭୁବନେଶ୍ୱର, ୧୯।୧୨(କ୍ରୀଡ଼ା ପ୍ରତିନିଧି): ପୁରୀରେ ଚାଲିଥିବା ଦୁଶାନ ଦେଓ ମେମୋରିଆଲ ସର୍ବଭାରତୀୟ ପୁରୁଷ ର୍‍ୟାଙ୍କିଂ ଟେନିସ ଟୁର୍ଣ୍ଣାମେଣ୍ଟର ପ୍ରି-କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ବୁଧବାର ଶେଷ ହୋଇଛି। ଏଥିରେ ବିଜୟୀ ହୋଇ ଓଡ଼ିଶାର ଟପ୍ ସିଡ୍ ଚିନ୍ମୟ ପ୍ରଧାନ, ୨ୟ ସିଡ୍ ଅଂଶୁ କୁମାର ଭୂୟାଁ, ଓ ଅମୃତଜୟ ମହାନ୍ତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଚିନ୍ମୟ ନିଜ ରାଜ୍ୟର ଅଭିଷେକ ମହାପାତ୍ରଙ୍କୁ ୬-୩, ୬-୧ ସେଟ୍‌ରେ ହରାଇଥିବାବେଳେ ଅଂଶୁ ତେଲେଙ୍ଗାନାର ସାଜିଦ ଉର୍ ରହମାନଙ୍କୁ ୭-୬(୩), ୬-୩ ଏବଂ ଅମୃତଜୟ ଉତ୍ତର ପ୍ରଦେଶର ହେମନ୍ତ କୁମାରଙ୍କୁ ୬-୧, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ଆଦିତ୍ୟ ଶତପଥୀ, ସ୍ୱସ୍ତିକ ସତ୍ୟକାମ ପ୍ରଧାନ ପ୍ରି-କ୍ୱାର୍ଟରରେ ହାରି ଯାଇଛନ୍ତି। ପୁରୁଷ ଡବଲ୍ସରେ ଓଡ଼ିଶାର ଆଦିତ୍ୟ ଶତପଥୀ-ଚିନ୍ମୟ ପ୍ରଧାନ ଏବଂ ଲଲାଟେନ୍ଦୁ ବର୍ମା-ସ୍ୱସ୍ତିକ ସତ୍ୟକାମ ପ୍ରଧାନ ଯୋଡ଼ି ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି।

### ଶର୍ଟ ଲିଷ୍ଟରେ ପାୱାର, କର୍ଷ୍ଟେନ, ଗିବ୍ସ

ନୂଆଦିଲ୍ଲୀ,୧୯।୧୨: ମହିଳା କ୍ରିକେଟ ଦଳର ମୁଖ୍ୟ କୋଚ୍ ପଦ ପାଇଁ ୨୮ ଜଣ ଆବେଦନ କରିଥିଲେ। ଏଥିରୁ ୧୦ ଜଣଙ୍କ ନାମକୁ ବିସିସିଆଇ ପକ୍ଷରୁ ଶର୍ଟ ଲିଷ୍ଟ କରାଯାଇଛି। ଏଥିରେ ବିଶ୍ୱକପ୍ ଚାମ୍ପିୟନ କୋଚ୍ ଗ୍ୟାରି କର୍ଷ୍ଟେନ, ରମେଶ ପାୱାର ଓ ହର୍ଶେଲ ଗିବ୍ସଙ୍କ ନାମ ରହିଛି। ଏହି ୩ ପୂର୍ବତନ ଖେଳାଳିଙ୍କ ବ୍ୟତୀତ ଡିମିଟ୍ରି ମାସ୍କାରେନ୍‌ହାସ, ବ୍ରାଡ ହଗ୍, ଟ୍ରେଣ୍ଟ ଜନସନ, ଡେଭ ହ୍ୱାଟମୋର, ଡବ୍ଲ୍ୟୁଭି ରମଣ, ମନୋଜ ପ୍ରଭାକର ଓ ମାର୍କ କୋଲେସଙ୍କ ନାମ ମଧ୍ୟ ଶର୍ଟ ଲିଷ୍ଟରେ ସ୍ଥାନ ପାଇଛି। ଏମାନେ ୧୯୮୩ ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳର ଅଧିନାୟକ କପିଳ ଦେବ, ଅଂଶୁମାନ ଗାଏକ୍ୱାଡ୍ ଓ ଶାନ୍ତା ରଙ୍ଗାସ୍ୱାମୀଙ୍କୁ ନେଇ ଗଠିତ ଆଡ୍‌ହକ କମିଟି ସହ ଗୁରୁବାର ସାକ୍ଷାତକାର କରିବେ। ମିଳିଥିବା ସୂଚନା ଅନୁଯାୟୀ, କୋଚ୍ ପଦ ପାଇଁ ଆବେଦନ କରିଥିବା ବିଦେଶୀମାନେ ସ୍କାଏପି ଜରିଆରେ ସାକ୍ଷତ୍‌କାରରେ ଅଂଶଗ୍ରହଣ କରିବେ। ସାକ୍ଷାତ୍‌କାରରେ ଖେଳାଳିମାନଙ୍କୁ କେଉଁଭଳି ପ୍ରସ୍ତୁତ କରାଯିବ, ତାହାକୁ ସେମାନେ ଉପସ୍ଥାନ କରିବେ। ''ପୂର୍ବତନ ଖେଳାଳିଙ୍କ ନେଇ ଗଠିତ ଆଡ୍-ହକ୍ କମିଟି ସଠିକ ଚୟନ କରିବ। ଏଥିରେ କୌଣସି ଦ୍ୱନ୍ଦ୍ୱ ନାହିଁ'' ବୋଲି ବିସିସିଆଇ କର୍ମକର୍ତ୍ତା କହିଛନ୍ତି।

# ପ୍ରତ୍ୟାଶାଙ୍କୁ ୧ ସ୍ୱର୍ଣ୍ଣ, ୨ ରୌପ୍ୟ

**ନ୍ୟାଶନାଲ ସ୍କୁଲ ଗେମ୍ସ ସନ୍ତରଣ**

ଭୁବନେଶ୍ୱର, ୧୯।୧୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ସନ୍ତରଣ ପ୍ରତିଭା ପ୍ରତ୍ୟାଶା ରାୟ ଆକର୍ଷଣୀୟ ପ୍ରଦର୍ଶନ ସହ ବର୍ଷ ଶେଷ କରିଛନ୍ତି। ଦିଲ୍ଲୀର ତାଲକୋଟ୍ରା ଷ୍ଟାଡିୟମରେ ଅନୁଷ୍ଠିତ ୬୪ତମ ନ୍ୟାଶନାଲ ସ୍କୁଲ ଗେମ୍ସ ସନ୍ତରଣ ଚାମ୍ପିୟନଶିପରେ ସେ ୧ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ହାସଲ କରିଛନ୍ତି। ବୁଧବାର ଅନୁଷ୍ଠିତ ୧୭ ବର୍ଷରୁ କମ୍ ବାଳିକା ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସେ ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରତ୍ୟାଶା ୩୨.୫୪ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ଆଲିୟା ସିଂ ୩୨.୪୮ ସେକେଣ୍ଡ ସହ ସ୍ୱର୍ଣ୍ଣ ଏବଂ ଗୋଲି ଜାହ୍ନବୀ ୩୩.୨୮ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି। ପୂର୍ବରୁ ମଙ୍ଗଳବାର ଅନୁଷ୍ଠିତ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ପ୍ରତ୍ୟାଶା ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ଇଭେଣ୍ଟରେ ସେ ୧:୧୦.୫୭ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିବାବେଳେ କର୍ଣ୍ଣାଟକର ଭୂମିକା କେ. ଡାରକାର ରୌପ୍ୟ ଓ ଦିଲ୍ଲୀର ଆର୍ଯ୍ୟା ସିଂ ବ୍ରୋଞ୍ଜ ପଦକ ଜିତିଥିଲେ। ସୋମବାର ପ୍ରତ୍ୟାଶା ୨:୩୪.୭୯ ସେକେଣ୍ଡ ସମୟ ନେଇ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ପାଇଥିଲେ। ନ୍ୟାଶନାଲ ସ୍କୁଲ ଗେମ୍ସ ସନ୍ତରଣ ୧୪, ୧୭ ଓ ୧୯ ବର୍ଷରୁ କମ୍ ବର୍ଗରେ ଆୟୋଜନ ହୋଇଥିଲା। ପ୍ରତ୍ୟାଶା ୧୭ ବର୍ଷରୁ କମ୍ ବର୍ଗରେ ଅଂଶଗ୍ରହଣ କରି ୩ଟି ପଦକ ପାଇବା ସହ ରାଜ୍ୟକୁ ଗର୍ବିତ କରିଛନ୍ତି।

ମା' ଚାରୁଶ୍ରୀ ବେଉରା ଓ ପିତା ରଜତ ରାୟଙ୍କ କନ୍ୟା ପ୍ରତ୍ୟାଶା ପୂର୍ବରୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଅନେକ ସଫଳତା ପାଇଛନ୍ତି। ୨୦୧୬ ଅକ୍ଟୋବର ୧୮ରୁ ୨୩ ପର୍ଯ୍ୟନ୍ତ ଶ୍ରୀଲଙ୍କାର କଲମ୍ବୋରେ ଅନୁଷ୍ଠିତ ସାଉଥ୍ ଏସିଆନ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ସେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସେଠାରେ ସେ ୧୫ ବର୍ଷରୁ କମ୍ କାଟେଗୋରିରେ ଅଂଶଗ୍ରହଣ କରି ୪ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ପାଇଥିଲେ। ଚଳିତ ବର୍ଷ ପ୍ରାରମ୍ଭରେ ଜାନୁୟାରୀ ୩୧ରୁ ଫେବୃୟାରୀ ୮ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ସର୍ବପ୍ରଥମ ଖେଲୋ ଇଣ୍ଡିଆ ସ୍କୁଲ ଗେମ୍ସର ୧୦୦ ଓ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସେ ୨ଟି ବ୍ରୋଞ୍ଜ ପଦକ ପାଇଥିଲେ। ୨୦୧୬ ଜୁଲାଇ ୫ରୁ ୯ ପର୍ଯ୍ୟନ୍ତ ବାଙ୍ଗାଲୋରରେ ଆୟୋଜିତ ୪୩ତମ ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ଗ୍ରୁପ-୨(୧୩-୧୪ ବର୍ଷ) କାଟେଗୋରିରେ ୩ଟି ସ୍ୱର୍ଣ୍ଣ ପଦକ ଜିତି ଓଡ଼ିଶା ପାଇଁ ଇତିହାସ ରଚିଥିଲେ। ପ୍ରତିଯୋଗିତାର ୫୦, ୧୦୦ ଓ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସେ ସ୍ୱର୍ଣ୍ଣ ପଦକ ସୁଇପ୍ କରିଥିଲେ। ଏଥିସହ ଓଡ଼ିଶାର ପ୍ରଥମ ସନ୍ତରଣକାରୀ ଭାବେ ସେ କୌଣସି ଜାତୀୟ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାର ଗୌରବ ଅର୍ଜନ କରିଥିଲେ।


ରୌପ୍ୟ ପଦକ ସହ ପ୍ରତ୍ୟାଶା ରାୟ।


ନୂଆଦିଲ୍ଲୀ: ନୂଆ ଜର୍ସିରେ ଭାରତୀୟ ଫୁଟବଲ ଖେଳାଳିମାନେ।

## ଜାନୁୟାରୀରେ ୨ ଫୁଟବଲ ଟୁର୍ଣ୍ଣାମେଣ୍ଟ

କଟକ ଅଫିସ,୧୯।୧୨

ଓଡ଼ିଶା ଭେଟେରାନ ସ୍ପୋର୍ଟ୍ସ ପର୍ସନ ଆସୋସିଏଶନ ଓ ରୋଭର୍ସ ଆଥ୍‌ଲେଟିକ କ୍ଲବର ସାଧାରଣ ପରିଷଦ ବୈଠକ ବାରବାଟୀ ଷ୍ଟାଡିୟମସ୍ଥିତ ଓଡ଼ିଶା ତୀରନ୍ଦାଜୀ ଆସୋସିଏଶନ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବିଧାୟକ ତଥା ଆସୋସିଏଶନ ସଭାପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ଭେଟେରାନ ସ୍ପୋର୍ଟ୍ସ ପର୍ସନ ଆସୋସିଏଶନ ଆନୁକୂଲ୍ୟରେ ଭଗବାନ ଦାସ ଆନ୍ତଃ ସ୍କୁଲ ଜୁନିୟର ଫୁଟବଲ ପ୍ରତିଯୋଗିତା ଏବଂ ବସନ୍ତ କୁମାର ଦାସ ସିନିୟର ଫୁଟବଲ ପ୍ରତିଯୋଗିତା ଆସନ୍ତା ଜାନୁୟାରୀ ୮ ତାରିଖରୁ ଆରମ୍ଭ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଦୁଇଟି ଯାକ ପ୍ରତିଯୋଗିତା ପ୍ୟାରୀମୋହନ ଏକାଡେମୀ ଖେଳ ପଡ଼ିଆରେ ଅନୁଷ୍ଠିତ ହେବ । ଖେଳାଳିମାନଙ୍କ ନିମନ୍ତେ ଆଧାରକାର୍ଡ ଦାଖଲ କରିବା ବାଧ୍ୟତାମୂଳକ କରାଯାଇଛି। ଜାନୁୟାରୀ ୪ ତାରିଖ ସୁଦ୍ଧା ଉଭୟ ପ୍ରତିଯୋଗିତା ନିମନ୍ତେ ଆବେଦନ କରିପାରିବେ ବୋଲି ଆସୋସିଏଶନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ସୂଚନା ଦେଇଛନ୍ତି । ବୈଠକ ପ୍ରାରମ୍ଭରେ ପରଲୋକ ଘଟିଥିବା ଦୁଇ ସଦସ୍ୟ ପ୍ରଦୀପ କୁମାର ଦାସ ଓ ରଞ୍ଜନ ଜେନାଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା । ସରୋଜ କୁମାର ସିଂ, ସୁନୀଲ ମୁରାରକା, ଡଃ ନିର୍ମଳକାନ୍ତି ସେନ୍, ଶରତ ସାହୁ, ସୁଘୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

■ ରାଜ୍ୟ ବାସ୍କେଟବଲ ଚାମ୍ପିୟନଶିପ ଉଦ୍‌ଘାଟିତ

## ଆର୍‌ଏସ୍‌ପି, ବିଏସ୍‌ଏନ୍‌ଏଲ୍ ବିଜୟୀ

କଟକ ଅଫିସ,୧୯।୧୨

ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୬୦ତମ ରାଜ୍ୟ ସିନିୟର ବାସ୍କେଟବଲ ଚାମ୍ପିୟନଶିପ ନାଲକୋ କପ୍ ବୁଧବାରଠାରୁ ଆରମ୍ଭ ହୋଇଛି। ରାଜ୍ୟ ବାସ୍କେଟବଲ ଆସୋସିଏଶନ ଓ କ୍ଲବ ଦି ସୁପ୍ରିମର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୩୫ଟି ପୁରୁଷ ଓ ୧୫ଟି ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିନରେ ଅନୁଷ୍ଠିତ ମ୍ୟାଚ୍‌ରେ ଆର୍‌ଏସପି ୫୯-୪୧ ପଏଣ୍ଟରେ ଅନୁଗୋଳକୁ, ବିଏସଏନଏଲ ୫୦-୩୬ ପଏଣ୍ଟରେ କେନ୍ଦ୍ରାପଡ଼ାକୁ ଓ ସୁପ୍ରିମ ଦଳ ୪୮-୨୩ ପଏଣ୍ଟରେ ସିବିଏକୁ ପରାସ୍ତ କରିଛି। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଆସୋସିଏଶନ ସମ୍ପାଦକ ଜ୍ଞାନେନ୍ଦ୍ର ପରିଡ଼ା, ଯୁଗ୍ମ ସମ୍ପାଦକ ମଦନ ରାଓ, ବିନୋଦ ସାହୁ, ଉପସଭାପତି ଜେ. କାମେଶ୍ୱର ରାଓ, ଅମୀୟ ମହାପାତ୍ର, କୋଷାଧ୍ୟକ୍ଷ ପ୍ରଦୀପ କୁମାର ବେହେରା, କ୍ଲବ ଦି ସୁପ୍ରିମ ସମ୍ପାଦକ ସୌରଭ କୁମାର ବେହେରା, ସଙ୍ଗଠନ ସମ୍ପାଦକ ବନଜା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ରାଜ୍ୟ ବାସ୍କେଟ୍‌ବଲ ଚାମ୍ପିୟନଶିପର ଉଦ୍‌ଘାଟନୀ ଉତ୍ସବରେ ପ୍ରତିଯୋଗୀମାନେ।

### ଶାକିବ ଦଣ୍ଡିତ

ଢାକା,୧୯।୧୨: ବାଂଲାଦେଶ କ୍ରିକେଟ ଦଳର ଅଧିନାୟକ ଶାକିବ ଅଲ ହାସନଙ୍କୁ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟି୨୦ ମ୍ୟାଚ୍‌ରେ ବିଶୃଙ୍ଖଳିତ ଆଚରଣ ଲାଗି ଦଣ୍ଡିତ କରାଯାଇଛି। ତାଙ୍କ ମ୍ୟାଚ୍ ଫିର ୧୫ ପ୍ରତିଶତ କାଟ୍ କରି ଦିଆଯାଇଛି। ଏ ନେଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ପକ୍ଷରୁ କୁହାଯାଇଛି। ଏଥିସହ ବାଂଲାଦେଶ ଦଳର ବରିଷ୍ଠ ଅଲ୍‌ରାଉଣ୍ଡରଙ୍କୁ ଏକ ଡିମେରିଟ୍ ପଏଣ୍ଟ ଦିଆଯାଇଛି। ୨୦୧୬ ସେପ୍ଟେମ୍ବର ପରେ ସାକିବଙ୍କୁ ଦ୍ୱିତୀୟ ଥର ଲାଗି ଡିମେରିଟ୍ ପଏଣ୍ଟ ମିଳିଛି।

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଆରମ୍ଭ

ଭୁବନେଶ୍ୱର, ୧୯।୧୨(କ୍ରୀଡ଼ା ପ୍ରତିନିଧି)

କିଟ୍ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ(ମହିଳା, ପୁରୁଷ) ଟୁର୍ଣ୍ଣାମେଣ୍ଟ ବୁଧବାର ଆରମ୍ଭ ହୋଇଛି। ୨୩ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଆସୋସିଏଶନ ଅଫ୍ ଇଣ୍ଡିଆ ୟୁନିଭର୍ସିଟିଜ(ଏଆଇୟୁ) ଅନୁମୋଦନକ୍ରମେ କିଟ୍ ବିଶ୍ୱବିଦ୍ୟାଳୟ ଏହି ସମ୍ମାନଜନକ ପ୍ରତିଯୋଗିତାକୁ ଆୟୋଜନ କରୁଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟସଭା ସଦସ୍ୟ ଅଚ୍ୟୁତ ସାମନ୍ତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ବିଧାୟକ ତଥା ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ (ଓଆରଏଫଏ) ସଭାପତି ପ୍ରିୟଦର୍ଶୀ ମିଶ୍ର, ଅଲିମ୍ପିଆନ ଦୂତୀ ଚାନ୍ଦ, ଅନ୍ତର୍ଜାତୀୟ ଆଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଦେଶର ୨୫ଟି ବିଶ୍ୱବିଦ୍ୟାଳୟର ୪୬ଟି ଦଳର ୪୭୦ ଖେଳାଳି ଏଥିରେ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତା ୭-ଏ-ସାଇଡ୍ ଓ ୧୫-ଏ-ସାଇଡ୍ ଭିତ୍ତିରେ ଖେଳାଯିବ। ପ୍ରଫେସର ଅଚ୍ୟୁତ ସାମନ୍ତ ଅଂଶଗ୍ରହଣକାରୀ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପ୍ରଥମଥର ଓଡ଼ିଶା ବାଳିକା ଦଳକୁ ରୌପ୍ୟ ପଦକ

**ଜାତୀୟ ସବଜୁନିୟର ଖୋଖୋ**

ଭୁବନେଶ୍ୱର, ୧୯।୧୨(କ୍ରୀଡ଼ା ପ୍ରତିନିଧି)

ଜାତୀୟ ସବ୍‌ଜୁନିୟର ବାଳିକା, ବାଳକ ଖୋଖୋ ପ୍ରତିଯୋଗିତାର ୨୯ତମ ସଂସ୍କରଣ ଗତ ୧୫ରୁ ୧୯ ପର୍ଯ୍ୟନ୍ତ ଉତ୍ତରାଖଣ୍ଡଠାରେ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଉଦ୍‌ଯାପିତ ପ୍ରତିଯୋଗିତାର ବାଳିକା ବିଭାଗରେ ଓଡ଼ିଶା ଦଳ ରୌପ୍ୟ ପଦକ ଜିତି ଇତିହାସ ରଚିଛି। ପ୍ରଥମଥର ପାଇଁ ଓଡ଼ିଶାକୁ ଏପରି ଏକ ସଫଳତା ମିଳିଛି। ଟୁର୍ଣ୍ଣାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରିଥିବା ଓଡ଼ିଶା ବାଳିକା ଦଳ ଫାଇନାଲରେ ମହାରାଷ୍ଟ୍ରଠାରୁ ହାରି ରନର୍ସଅପ୍ ହୋଇଛି। ଶକ୍ତିଶାଳୀ ମହାରାଷ୍ଟ୍ର ଓଡ଼ିଶା ଦଳକୁ ୭-୬ ପଏଣ୍ଟରେ ପରାସ୍ତ କରିଥିଲା। ଓଡ଼ିଶା ଦଳର ଅର୍ଚ୍ଚନା ମାଝି ୨.୩୦ ମିନିଟ୍ ରନିଂ, ରିତା ବାରିକ ୨ଟି ପଏଣ୍ଟ ହାସଲ କରିବା ସହ ୧ ମିନିଟ୍ ରନିଂ, ଶୁଭଶ୍ରୀ ସିଂ ୨ ପଏଣ୍ଟ ସହ ୧.୨୦ ମିନିଟ୍ ରନିଂ କରିଥିବାବେଳେ କାଦମ୍ବିନୀ ମାଝୀଙ୍କ ପ୍ରଦର୍ଶନ ଆକର୍ଷଣୀୟ ରହିଥିଲା। ସେମିଫାଇନାଲରେ ଓଡ଼ିଶା ୧୦-୮ ପଏଣ୍ଟରେ ଗତବର୍ଷର ଚାମ୍ପିୟନ କର୍ଣ୍ଣାଟକକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଅନନ୍ୟା ପ୍ରଧାନ, ଶିବାନୀ ଗମାଙ୍ଗୋ, ଜୟସ୍ମିତା ତରାଇ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲେ। ପ୍ରଶିକ୍ଷକ ତପନ କୁମାର ଦାସ, ମ୍ୟାନେଜର ରୋଜାଲିନ ପରିଡାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦଳ ସଫଳତା ହାସଲ କରିଛି।



ରୌପ୍ୟ ପଦକ ବିଜୟୀ ଓଡ଼ିଶା ବାଳିକା ଦଳ ଅତିଥିଙ୍କ ଗହଣରେ।

# ଟେନିସର ଲୋକପ୍ରିୟତା ବଢ଼ିଛି: ସୁରେଶ

**ନାଲ୍‌କୋ ଓପନ ଟେନିସ ୨୩ରୁ**

ଭୁବନେଶ୍ୱର, ୧୯।୧୨(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ଜିଲା ଟେନିସ ଆସୋସିଏଶନ ଆନୁକୂଲ୍ୟରେ ନାଲ୍‌କୋ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ୨୦ତମ ସଂସ୍କରଣ ଚଳିତମାସ ୨୩ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କଳିଙ୍ଗ ଷ୍ଟାଡିୟମରେ ଉପଲବ୍ଧ ସିନ୍ଥେଟିକ୍ ଓ କ୍ଲେ କୋର୍ଟରେ ଏହି ପ୍ରତିଯୋଗିତା ୮ଟି କାଟେଗୋରିରେ ଅନୁଷ୍ଠିତ ହେବ। ସେଗୁଡ଼ିକ ହେଲା ପୁରୁଷ ସିଙ୍ଗଲ୍ସ, ଡବଲ୍ସ, ୧୨ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ, ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ୧୬ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଏବଂ ପୁରୁଷ ଭେଟେରାନ (୪୦, ୫୦, ୬୦ ବର୍ଷରୁ ଉର୍ଦ୍ଧ୍ୱ) ଡବଲ୍ସ। ପୁରୁଷ ଭେଟେରାନ ଓ ପୁରୁଷ ଡବଲ୍ସ ପାଇଁ ଏଣ୍ଟ୍ରି ଫି' ୫୦୦ଟଙ୍କା ରଖା ଯାଇଥିବାବେଳେ ପୁରୁଷ ସିଙ୍ଗଲ୍ସ ଓ ମହିଳା ସିଙ୍ଗଲ୍ସ ପାଇଁ ୩୦୦, ୧୪ ବର୍ଷରୁ କମ୍ ବାଳିକା ଓ ୧୬ ବର୍ଷରୁ କମ୍ ବାଳକ ପାଇଁ ୨୦୦ ଏବଂ ୧୨ ବର୍ଷରୁ କମ୍ ବାଳକ କାଟେଗୋରି ପାଇଁ ୧୦୦ଟଙ୍କା ଧାର୍ଯ୍ୟ କରାଯାଇଛି। ଆଗ୍ରହୀ ପ୍ରତିଯୋଗୀମାନେ ପ୍ରବୀଣ କୁମାର ନାୟକଙ୍କ ସହ ଯୋଗାଯୋଗ କରି ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ କରିପାରିବେ। ପୁରସ୍କାର ରାଶିକୁ ୨, ୦୧, ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି, ଯାହାକି ରାଜ୍ୟରେ କୌଣସି ଟେନିସ ଟୁର୍ଣ୍ଣାମେଣ୍ଟ ପାଇଁ ସର୍ବାଧିକ। ପ୍ରତିଯୋଗିତାରେ ପାଖାପାଖି ୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବା ଆଶା କରାଯାଉଛି ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଆସୋସିଏଶନ ସଭାପତି ସୁରେଶ ଚନ୍ଦ୍ର ମହାପାତ୍ର।

ହକି ବିଶ୍ୱକପ ପରେ ଏବେ ଆମେ ରାଜ୍ୟର ଏହି ସମ୍ମାନଜନକ ଟେନିସ ଟୁର୍ଣ୍ଣାମେଣ୍ଟ ଆରମ୍ଭ କରିବାକୁ ଯାଉଛୁ। କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ପ୍ରତିଯୋଗୀଙ୍କୁ ଟି-ଶାର୍ଟ, କ୍ୟାପ୍ ଏବଂ ପୁରସ୍କାର ରାଶି ଦିଆଯିବ। ସେମିଫାଇନାଲିଷ୍ଟଙ୍କୁ ଅଧିକ ଭାବେ ସ୍ମାରକୀ ପ୍ରଦାନ କରାଯାଇ ସମ୍ମାନିତ କରାଯିବ। ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟରେ କୋଚ୍ ମାନଙ୍କୁ ଖେଳିବାର ଅନୁମତି ନ ଥିଲା। ଏଥର କିନ୍ତୁ ସେମାନଙ୍କୁ ଡବଲ୍ସରେ ଅଂଶଗ୍ରହଣର ସୁଯୋଗ ମିଳିବ। ପୂର୍ବାପେକ୍ଷା ରାଜ୍ୟରେ ଟେନିସର ଲୋକପ୍ରିୟତା ବଢ଼ିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଏବେ ପିଲାମାନେ ଟେନିସ ଖେଳୁଛନ୍ତି। ଯୁବ ବର୍ଗର ଖେଳାଳିଙ୍କୁ ଉତ୍ସାହିତ କରିବାକୁ ଏଥର ପ୍ରତି କାଟେଗୋରିର ପୁରସ୍କାର ରାଶିକୁ ବୃଦ୍ଧି କରାଯାଇଛି ବୋଲି ସୁରେଶ କହିଛନ୍ତି। ଓଡ଼ିଶାରେ ଭବିଷ୍ୟତରେ ଡେଭିସ୍ କପ୍ ଭଳି କୌଣସି ବଡ଼ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବାର ସମ୍ଭାବନା ରହିଛି। ସର୍ବଭାରତୀୟ ଟେନିସ ଆସୋସିଏଶନ ଓଡ଼ିଶାରେ ବଡ଼ ଟୁର୍ଣ୍ଣାମେଣ୍ଟ କରିବାକୁ ଆଗ୍ରହୀ ଅଛି। ତେଣୁ ଓଡ଼ିଶା ଟେନିସ ଆସୋସିଏଶନ ସମ୍ଭବତଃ ଏ ସମ୍ପର୍କରେ ଚିନ୍ତା କରୁଛି ଏବଂ ସବୁକିଛି ଠିକ୍ ରହିଲେ ଭବିଷ୍ୟତରେ ଓଡ଼ିଶାରେ ମଧ୍ୟ ଏକ ବଡ଼ ଟୁର୍ଣ୍ଣାମେଣ୍ଟ ଆୟୋଜନ ସମ୍ଭବ ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଜିଲା ଟେନିସ ଆସୋସିଏଶନ ସମ୍ପାଦକ ଶାଶ୍ୱତ ମିଶ୍ର, ଉପସଭାପତି ସଞ୍ଜୀବ ମାରିକ, ଯୁଗ୍ମ ସମ୍ପାଦକ ଆର.ବିଶ୍ୱନାଥ ପ୍ରମୁଖ ଉପସ୍ଥିତ ଥିଲେ।

**ପୁରସ୍କାର ରାଶି**

| କାଟେଗୋରି | ଚାମ୍ପିୟନ | ରନର୍ସଅପ୍ |
|---|---|---|
| ୧୨ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ | ୫୦୦୦ | ୩୫୦୦ |
| ୧୬ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ | ୬୦୦୦ | ୩୫୦୦ |
| ପୁରୁଷ ସିଙ୍ଗଲ୍ସ | ୮୦୦୦ | ୫୦୦୦ |
| ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ | ୫୦୦୦ | ୩୫୦୦ |
| ମହିଳା ସିଙ୍ଗଲ୍ସ | ୮୦୦୦ | ୫୦୦୦ |
| ପୁରୁଷ ଡବଲ୍ସ | ୧୦୦୦୦ | ୭୦୦୦ |
| ଭେଟେରାନ ଡବଲ୍ସ ୪୦+ | ୮୦୦୦ | ୫୦୦୦ |
| ଭେଟେରାନ ଡବଲ୍ସ ୫୦+ | ୬୦୦୦ | ୪୦୦୦ |
| ଭେଟେରାନ ଡବଲ୍ସ ୬୦+ | ୫୦୦୦ | ୩୦୦୦ |


ନାଲ୍‌କୋ ଓପନ ଟେନିସ ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

## ୨୩ବର୍ଷରୁ କମ୍ ଓଡ଼ିଶା ଦଳ ଘୋଷିତ

କଟକ ଅଫିସ,୧୯।୧୨

ଭିଲାଇର ବିଏସପି କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ୨୩ବର୍ଷରୁ କମ୍ ସି.କେ ନାଇଡୁ ଟ୍ରଫିର ଓଡ଼ିଶା-ଛତିଶଗଡ଼ ବିପକ୍ଷ ମ୍ୟାଚ୍ ଡ୍ର ରହିଛି । ଏପରିକି ଲଗାଣ ବର୍ଷା ଫଳରେ ଅନ୍ତିମ ଦୁଇଦିନ ବଲ ମଧ୍ୟ ପଡ଼ି ପାରିନାହିଁ । ଅସମ୍ପୂର୍ଣ୍ଣ ପ୍ରଥମ ଇନିଂସ୍ ଯୋଗୁଁ ଉଭୟ ଦଳକୁ ୧ ପଏଣ୍ଟ ଲେଖାଏ ମିଳିଛି । ଓଡ଼ିଶା ପ୍ରଥମ ଇନିଂସ୍‌ରେ ୯ ଉଇକେଟ ହରାଇ ୧୩୮ରନ୍ କରିଥିଲା । ଜବାବରେ ଛତିଶଗଡ଼ ବିନା ଉଇକେଟରେ ୭୩ରନ୍ କରିଛି। ଅନ୍ୟପକ୍ଷରେ ଆସନ୍ତା ୨୪ ତାରିଖରୁ ବଲାଙ୍ଗୀରର ଗାନ୍ଧି ଷ୍ଟାଡିୟମରେ ଓଡ଼ିଶା ଜମ୍ମୁ କଶ୍ମୀରକୁ ଭେଟିବ । ଏଲିଟ ଗ୍ରୁପ୍-ସିରେ ସ୍ଥାନ ପାଇଥିବା ଓଡ଼ିଶା ୬ଟି ମ୍ୟାଚ୍ ଖେଳି ୩ଟି ପରାଜୟ ଓ ୩ଟି ଡ୍ର ବଳରେ ୭ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ୮ମ ସ୍ଥାନରେ ରହିଛି। ଜମ୍ମୁ କାଶ୍ମୀର ବିପକ୍ଷ ମ୍ୟାଚ୍ ନିମନ୍ତେ ବୁଧବାର ଓଡ଼ିଶା ଦଳ ଘୋଷଣା କରାଯାଇଛି ।

ଓଡ଼ିଶା ଦଳ: ସନ୍ଦୀପ କୁମାର ପଟ୍ଟନାୟକ (ଅଧିନାୟକ), ଅମ୍ରିତ ଖଟୁଆ(ଉପଅଧିନାୟକ), କାର୍ତ୍ତିକ ବିଶ୍ୱାଳ, ସୌଭାଗ୍ୟ ମିଶ୍ର, ରାଜକିଶନ ପଟେଲ, ଆଶିଷ ରାୟ, ଐଶକାନ୍ତ ସାହୁ, ସୌରଭ କନୌଜିଆ, କ୍ଷମାସାଗର ବଳ(ଉଇକେଟ କିପର), ତାରିଣୀ ସ, ସୁନୀଲ ରାଉଳ, ପ୍ରତୀକ ତ୍ରିପାଠୀ, ଅଭିଜିତ ଘାନା, ଅଂଶୁମାନ ମିଶ୍ର, ଆଶିଷ କୁମାର ପ୍ରଧାନ । କୋଚ୍: ସୁରେଶ କୁମାର, ଫିଜିଓ: ବିଶ୍ୱଜିତ ମହାପାତ୍ର, ଟ୍ରେନର: ମହେଶ ମଲ୍ଲ, ନୀରିକ୍ଷକ: ସୂର୍ଯ୍ୟ ନାରାୟଣ ମିଶ୍ର, ମ୍ୟାନେଜର: ଶିବାନନ୍ଦ ବାଗ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଡିସେମ୍ବର ୨୦/୨୦୧୮ Sambalpur, Thursday, December 20/ 2018

### ସିଡିଏମ୍‌ଓଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ଉଦ୍‌ଯାପିତ

# ପ୍ରତିମାସରେ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)**

ଦୁଇଦିନ ଧରି ଚାଲିଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମ୍‌ଓ)ମାନଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ଗତ ୨ବର୍ଷ ମଧ୍ୟରେ ଆରମ୍ଭ କରାଯାଇଥିବା ପ୍ରାୟ ୧୫ଟି ନୂତନ ଯୋଜନା ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ସିଡିଏମଓମାନେ ନିଜ ଜିଲାରେ ଏସବୁ ଯୋଜନାର କାର୍ଯ୍ୟକାରିତାର ତଦାରଖ କରିବେ। ସ୍ୱାସ୍ଥ୍ୟ ଉପକେନ୍ଦ୍ରଠାରୁ ଆରମ୍ଭ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ପ୍ରତି ମାସରେ ନିୟମିତ ପରିଦର୍ଶନ କରି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଅନୁଧ୍ୟାନ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ନିର୍ଦ୍ଦେଶ ଦେଇଛନ୍ତି।

ଚଳିତବର୍ଷ ରାଜ୍ୟ ବଜେଟରେ ବ୍ୟୟବରାଦ ହୋଇଥିବା ଅର୍ଥର ପୂର୍ଣ୍ଣ ବିନିଯୋଗ କରିବାକୁ ଆବଶ୍ୟକ ପଦକ୍ଷେପ ନେବା ଲାଗି ମେହେର୍ଦ୍ଦା ପରାମର୍ଶ ଦେଇଛନ୍ତି। ନିରାମୟ ମାଧ୍ୟମରେ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କୁ ମାଗଣାରେ ଔଷଧ ପ୍ରଦାନ କରାଯାଉଛି। ଯଦି ନିରାମୟରେ କୌଣସି ଔଷଧ ସରିଯାଇଥିବ ତେବେ ସମ୍ପୃକ୍ତ ଡାକ୍ତରଖାନାକୁ ଦିଆଯାଇଥିବା ଅର୍ଥରୁ କର୍ତ୍ତୃପକ୍ଷ ରୋଗୀମାନଙ୍କୁ ଔଷଧ କ୍ରୟ କରି ପ୍ରଦାନ କରିବେ। ନିଦାନ ଯୋଜନାରେ ରୋଗ ନିରୂପଣ ନିମନ୍ତେ ହାଇ-ଏଣ୍ଡ ପାଥୋଲୋଜି ପରୀକ୍ଷାଠାରୁ ଆରମ୍ଭ କରି କଲଚର, ବୋନ୍‌ମ୍ୟାରୋ, ସିଟିସ୍କାନ, ଏମ୍‌ଆର୍‌ଆଇ ଟେଷ୍ଟ, ସହାୟ ଯୋଜନାରେ ମାଗଣା ଡାଏଲିସିସ୍ ସେବା ଆଦି ନିମନ୍ତେ ପର୍ଯ୍ୟାପ୍ତ ଅର୍ଥ ପ୍ରଦାନ କରାଯାଇଛି। ଏସବୁ ସେବା ଆବଶ୍ୟକ କରୁଥିବା ରୋଗୀମାନେ ଯେପରି ଏଥିରୁ ବଞ୍ଚିତ ନ ହୁଅନ୍ତି ତାକୁ ସୁନିଶ୍ଚିତ କରିବାକୁ କୁହାଯାଇଛି। ଡାକ୍ତରଖାନାଗୁଡ଼ିକର ପରିମଳ ବ୍ୟବସ୍ଥା ବଜାୟ ରଖିବା ପାଇଁ ନିର୍ମଳ ଯୋଜନାରେ ଅର୍ଥ ଦିଆଯାଇଛି। ଦୁର୍ଗମ ଅଞ୍ଚଳରେ ଗର୍ଭବତୀମାନଙ୍କୁ ଆନୁଷ୍ଠାନିକ ପ୍ରସବ ନିମନ୍ତେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ନିମନ୍ତେ ବ୍ୟବସ୍ଥା କରାଯାଇଥିବା ୧ ହଜାର ଟଙ୍କା ଏବଂ ପ୍ରସବ ପରେ ଘରକୁ ଫେରିବା ପାଇଁ ୫୦୦ ଟଙ୍କା ସେମାନଙ୍କୁ ତୁରନ୍ତ ପ୍ରଦାନ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ସ୍ୱତନ୍ତ୍ର ସଚିବ ଡା. ବି. କେ. ବ୍ରହ୍ମା, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ହରପ୍ରସାଦ ପଟ୍ଟନାୟକ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ସ୍ୱପ୍ନେଶ୍ୱର ଗଡ଼ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ନୂତନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।

# ଟ୍ରକ୍‌-ବାଇକ୍ ଧକ୍କା: କଲେଜ ଛାତ୍ର ମୃତ

**ଖଡ଼ିଆଲ/ସିନାପାଲି,୧୯।୧୨(ଡି.ଏନ୍.ଏ.)**

ନୂଆପଡ଼ା ଜିଲା ସିନାପାଲି ଥାନା ଗଣ୍ଡାବାହାଲି ଗାଁ ସୁରମା ଫ୍ୟାକ୍ଟ୍ରି ନିକଟରେ ବୁଧବାର ଅପରାହ୍ନରେ ଟ୍ରକ୍-ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଉଛନ୍ତି ବୋଡ଼େନ ଥାନା ଜାମଗାଁର ଘନଶ୍ୟାମ ମନହୀରା (୧୮)। ସେ ଖଡ଼ିଆଲସ୍ଥିତ ମଡେଲ ଡିଗ୍ରୀ କଲେଜର ଯୁକ୍ତ ୩ ଶେଷ ବର୍ଷ ଛାତ୍ର ଥିଲେ। ମିଳିଥିବା ସୂଚନା ଅନୁସାରେ, ଘନଶ୍ୟାମ ମଡେଲ ଡିଗ୍ରୀ କଲେଜକୁ ପ୍ରତିଦିନ ପାଠ ପଢ଼ିବା ପାଇଁ ଯାଆସ କରୁଥିଲେ। ବୁଧବାର କ୍ଲାସ ସାରି ଜାମଗାଁର ମନୋଜ କଟାଙ୍କୁ ଲିଫ୍ଟ ମାଗି ତାଙ୍କ ବାଇକ୍ (ନଂ.-ଓଡି୨୬-ବି୩୬୮୩)ରେ ଘରକୁ ଫେରୁଥିଲେ। ଗଣ୍ଡାବାହାଲି ସୁରମା ଫ୍ୟାକ୍ଟ୍ରି ନିକଟରେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍ (ନଂ.-ସିଜି୦୪-ଏମ୍‌ଏଲ୍‌୭୨୦୦) ସହ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ଫଳରେ ଘନଶ୍ୟାମ ଓ ମନୋଜ ଗୁରୁତର ଆହତ ହୋଇଥିଲେ। ସିନାପାଲି ପୋଲିସ ଓ ଦମକଳ କର୍ମଚାରୀ ଘନଶ୍ୟାମଙ୍କୁ ଉଦ୍ଧାର କରି ଖଡ଼ିଆଲ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ମନୋଜଙ୍କୁ ସ୍ଥାନୀୟ ମିଶନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ରାୟପୁର ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଗୁରୁବାର ଘନଶ୍ୟାମଙ୍କ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି।






### ଓଏଚ୍‌ଆର୍‌ସି ଅଧ୍ୟକ୍ଷ ପଦବୀ ପୂରଣ ହେବ

# ରାଜ୍ୟପାଳଙ୍କୁ ସୁପାରିସ କଲା ଚୟନ କମିଟି

**ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)**

ଓଡ଼ିଶା ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆରସି) ଅଧ୍ୟକ୍ଷ ଏବଂ ସଦସ୍ୟ ପଦବୀ ଖାଲି ପଡ଼ିବା ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହେବା ପରେ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଦୀର୍ଘ ଦିନ ଧରି ଖାଲି ପଡିଥିବା ଏହି ପଦବୀ ପୂରଣ ପାଇଁ ବୁଧବାର ଚୟନ କମିଟି ବୈଠକ ବସି ରାଜ୍ୟପାଳଙ୍କୁ ସୁପାରିସ କରାଯାଇଛି। ରାଜ୍ୟ ଅତିଥି ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚୟନ କମିଟି ବୈଠକରେ ବାଚସ୍ପତି ପ୍ରଦୀପ ଅମାତ ଏବଂ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଯୋଗଦେଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଓଏଚ୍‌ଆର୍‌ସି ଅଧ୍ୟକ୍ଷ ପଦବୀ ପାଇଁ ହାଇକୋର୍ଟର ୨ ଜଣ ପୂର୍ବତନ ବିଚାରପତି, ସଦସ୍ୟ ପାଇଁ ୪ ପୂର୍ବତନ ବିଚାରପତି ଓ ମାନବିକ ଅଧିକାର ଜ୍ଞାନ ଥିବା ଜଣେ ଅବସରପ୍ରାପ୍ତ ଆଇଏଏସ ଅଫିସରଙ୍କ ନାମ ସୁପାରିସ କରାଯାଇଛି। ରାଜ୍ୟପାଳ ଗଣେଶୀ ଲାଲ ଏହି ସୁପାରିସକୁ ଅନୁମୋଦନ କରିବା ପରେ ଖାଲି ପଦବୀଗୁଡ଼ିକ ପୂରଣ ହେବ।

ସୂଚନାଯୋଗ୍ୟ, ଓଏଚ୍‌ଆରସିରେ ଜଣେ ଅଧ୍ୟକ୍ଷ, ଦୁଇଜଣ ସଦସ୍ୟ ରହିବା ବ୍ୟବସ୍ଥା ରହିଛି। ଅଧ୍ୟକ୍ଷ ପଦବୀରୁ ପୂର୍ବତନ ବିଚାରପତି ଜଷ୍ଟିସ ଆର.କେ. ପାତ୍ର ୨୦୧୨ରେ ଅବସର ଗ୍ରହଣ କରିବା ପରେ ଏହି ପଦବୀ ଖାଲି ପଡିଛି। ତେବେ ତତ୍କାଳୀନ ସଦସ୍ୟ ତଥା ପୂର୍ବତନ ଆଇଏଏସ ଅଫିସର ଆର.ଏନ. ବହିଦାର କାମଚଳା ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ। ବହିଦାର ୨୦୧୩ରେ ଏହି ପଦବୀରୁ ଅବ୍ୟାହତି ନେଇଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ୨୦୧୫ରେ ଓଏଚଆରସିରେ ସଦସ୍ୟ ଭାବେ ଯୋଗ ଦେଇଥିଲେ। ୨୦୧୬ରେ ସେ ନିଜ ପଦବୀରୁ ଇସ୍ତଫା ଦେଇଥିଲେ। ସେବେଠାରୁ ପୂର୍ବତନ ବିଚାରପତି ଜଷ୍ଟିସ ବୀର କିଶୋର ମିଶ୍ର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ। ମିଶ୍ରଙ୍କ କାର୍ଯ୍ୟକାଳ ୨୦୧୮ ଅଗଷ୍ଟ ୧୫ରେ ଶେଷ ହୋଇଥିଲା। ଫଳରେ ଓଏଚ୍‌ଆର୍‌ସି ଅଧ୍ୟକ୍ଷ ଓ ସଦସ୍ୟ ଶୂନ୍ୟ ହୋଇଯାଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ମାନବାଧିକାର କମିଶନଗୁଡିକରେ ଅଧ୍ୟକ୍ଷ ପଦବୀ ୬ ମାସରୁ ଅଧିକ ସମୟ ଖାଲି ପଡି ପାରିବ ନାହିଁ। ତେବେ ସ୍ଥାୟୀ ଅଧ୍ୟକ୍ଷ ପଦବୀ ୬ ବର୍ଷ ଧରି ଖାଲି ପଡିଥିଲେ ମଧ୍ୟ ସରକାର ସେଥିପ୍ରତି ଧ୍ୟାନ ଦେଉ ନ ଥିଲେ। ଏ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର ହେବା ପରେ କୋର୍ଟ ସରକାରଙ୍କୁ ଭର୍ତ୍ସନା କରିଥିଲେ।













Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ ।

- ହୋମର



## ସଂକ୍ଷେପରେ

### ବାଇକ୍ ଚୋରି

**ବରଗଡ଼ ଅଫିସ୍,୧୯।୧୨:** ବରଗଡ଼ ସହର ଗାନ୍ଧୀଛକ ନିକଟ ଏକ କପଡ଼ା ଦୋକାନ ସମ୍ମୁଖରୁ ବୁଧବାର ରାତ୍ରି ପ୍ରାୟ ୮ଟାରେ ଏକ ଲାଲ ରଙ୍ଗର ହିରୋହୋଣ୍ଡା ସିଡି ଡିଲକ୍ସ(ନଂ.ଓଆର୧୭ବି/୮୮୨୮) ଚୋରି ହୋଇଛି । ଏ ନେଇ ଅଭିଯୋଗ ହେବା ପରେ ପୋଲିସ ତନାଘନା ଚଳାଇଛି ।

### ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ

**ଘଣ୍ଟାପଡା, ୧୯।୧୨ (ଡି.ଏନ.ଏ):** କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡା ଗ୍ରାମରେ ଇଂ. ରାକେଶ ତ୍ରିପାଠୀ ଓ ତାଙ୍କ ସ୍ତ୍ରୀ ଉଷାରାଣୀ ଦାସ ତ୍ରିପାଠୀ ଅସହାୟ ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗ ମାନଙ୍କୁ କମ୍ବଳ ବଣ୍ଟନ କରିଛନ୍ତି । ପ୍ରତିବର୍ଷ ଭଳି ଏବର୍ଷ ଗ୍ରାମର ୨୫୧ ଜଣଙ୍କୁ କମ୍ବଳ ବଣ୍ଟାଯାଇଛି । ଇଂ. ତ୍ରିପାଠୀ ଚାକିରୀ ଛାଡି ସେବା ମନୋବୃତ୍ତିକୁ ଆପଣାଇଛନ୍ତି ।



### ଆଦର୍ଶ ସ୍କୁଲ ରାସ୍ତା ଶୋଚନୀୟ

**ବୌଦ୍ଧ,୧୯।୧୨(ସ୍ୱ.ପ୍ର):** ବୌଦ୍ଧ ବ୍ଲକର ତେତେଲେଙ୍ଗା ଠାରେ ଥିବା ଆଦର୍ଶ ବିଦ୍ୟାଳୟକୁ ପଡିଥିବା ରାସ୍ତା ଶୋଚନୀୟ ହୋଇପଡିଛି । ଏହି ସ୍କୁଲରେ ଆଜିପର୍ଯ୍ୟନ୍ତ ହଷ୍ଟେଲ ନିର୍ମାଣ ହୋଇ ନ ଥିବାରୁ ଏଠାକାର ପିଲାମାନେ ଘରୁ ଯିବା ଆସିବା କରୁଛନ୍ତି । ଫଳରେ କର୍ଦ୍ଦମାକ୍ତ ରାସ୍ତାରେ ଯାତାୟାତ ବେଳେ ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ବର୍ତ୍ତମାନ ପିଲାଙ୍କ ପାଇଁ ମରଣଯନ୍ତା ପାଲଟିଛି। ଉକ୍ତ ରାସ୍ତାରେ ଚାଲି ଚାଲି ଯିବା ଅସମ୍ଭବ ହୋଇପଡିଥିବା ବେଳେ ସାଇକେଲ ଓ ବାଇକ୍ କଥା ନ କହିବା ଭଲ। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

### ଚାରିଶମ୍ଭୁ ପୀଠରେ ଗୀତା ଜୟନ୍ତୀ

**ଜହ୍ନାପଙ୍କ, ୧୯।୧୨ (ଡି.ଏନ.ଏ):** ବୌଦ୍ଧ ବ୍ଲକ ଅନ୍ତର୍ଗତ ଐତିହାସିକ ଚାରିଶମ୍ଭୁ ପୀଠର ନୀଳମାଧବ ମନ୍ଦିର ପରିସରରେ ଚାରିଶମ୍ଭୁ ବ୍ରହ୍ମ ସମାଜ ପକ୍ଷରୁ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ କର୍ତ୍ତା ଭାବେ ବ୍ରାହ୍ମଣ ସମାଜ ସଭାପତି କିଶୋର ଚନ୍ଦ୍ର ପୁରୋହିତ ଏବଂ ପୂଜକ ପଣ୍ଡିତ ସୁଶୀଲ ପାଣିଗ୍ରାହୀ ପୂଜାକାର୍ଯ୍ୟ କରିଥିଲେ । ପର ଦିନ ୧୨ଟାରୁ ୩ଟା ପର୍ଯ୍ୟନ୍ତ ବ୍ରାହ୍ମଣମାନେ ସାମୂହିକ ଗୀତା ପଠନ କରିଥିଲେ । ପଣ୍ଡିତ ବିଭୀଷଣ ଚାନ୍ଦ, ସଚ୍ଚିଦାନନ୍ଦ ମିଶ୍ର, ରାମଚନ୍ଦ୍ର ପାଣିଗ୍ରାହୀ, ନାରାୟଣ ମିଶ୍ର, ସୁରେଶ ପାଣିଗ୍ରାହୀ, ବାଞ୍ଛାନିଧି ହୋତା, ସୁଧାଂଶୁ ଶେଖର ମିଶ୍ର, ଅନୀଲ ହୋତା ପ୍ରମୁଖ ଗୀତା ପାଠ କରିଥିଲେ । ଜିତେନ୍ଦ୍ର ହୋତା ଆହୂତି ପ୍ରଦାନ କରିଥିଲେ । ନୀଳକଣ୍ଠ ପାଣିଗ୍ରାହୀ, ରାମନାରାୟଣ ପଣ୍ଡା, ଅଜିତ ପାଣିଗ୍ରାହୀ, କୁମୁନୁ ପାଣିଗ୍ରାହୀ, କାକୁନ ହୋତା, ମନୋରଞ୍ଜନ ପୁରୋହିତ ସହଯୋଗ କରିଥିଲେ ।

### ଦୁଗ୍ଧଚାଷୀ ସଂଘ ବୈଠକ

**ଅତାବିରା/ଚିପିଲିମା, ୧୯।୧୨ (ଡି.ଏନ.ଏ):** ଓମଫେଡ ପରିଚାଳିତ ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ସଂଘ ସମ୍ବଲପୁରର ୯୩ ତମ ପରିଚାଳନା ପରିଷଦ ବୈଠକ ଗୋଶାଳା ସ୍ଥିତ ଓମଫେଡ ତାଲିମ ଓ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଦୁଗ୍ଧ ସଂଘ ସଭାପତି ଶତ୍ରୁଘ୍ନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ସଂଘର ସାଧାରଣ ପରିଚାଳକ କେ. ନାରାୟଣ ମୂର୍ତ୍ତି, ଦୁଗ୍ଧ କାରଖାନା ମ୍ୟାନେଜର ଅରୁଣ କୁମାର ସିଂ ପ୍ରମୁଖ ମଞ୍ଚାସୀନ ଥିଲେ । ଉପସ୍ଥିତ ବୋର୍ଡ ସଭ୍ୟାସଭ୍ୟ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ । ଆଲୋଚନା, ପର୍ଯ୍ୟାଲୋଚନା କରି ସମସ୍ୟା ସମାଧାନ କରାଯାଇଥିଲା ।

# ବର୍ଷା ଟଳିଲା, ସରିନି ଚାଷୀଙ୍କ ଦୁଃଖ

**ବରଗଡ଼ ଅଫିସ୍/ଅତାବିରା,୧୯।୧୨**

ସାମୁଦ୍ରିକ ଝଡ଼ ପାଥେଇ ପ୍ରଭାବରେ ଦୁଇଦିନ ଧରି ଲଗାଣ ବର୍ଷା ହୋଇଥିଲା। ଅମଳ ସମୟରେ ଏଭଳି ଆକସ୍ମିକ ବର୍ଷା ଚାଷୀଙ୍କ ଧାନ ଫସଲକୁ ଉଜାଡ଼ି ଦେଇଥିଲା। କ୍ଷେତରେ ରହିଥିବା କଟାଧାନ ବର୍ଷାପାଣିରେ ଭାସି ଥିବାବେଳେ ଖଳାରେ ରହିଥିବା ଧାନ ଭିଜିଥିଲା। ମଣ୍ଡିରେ ସଂଗୃହୀତ ଧାନ ମଧ୍ୟ ସେଥିରୁ ବାଦ୍ ପଡ଼ି ନ ଥିଲା। ଇତିମଧ୍ୟରେ ବର୍ଷା ଟଳିଯାଇଥିଲେ ସୁଦ୍ଧା ଚାଷୀଙ୍କ ଦୁଃଖ ସରିନାହିଁ। ବର୍ଷା ଛାଡ଼ିବା ପରେ ଚାଷୀମାନେ ଭିଜାଧାନକୁ ସାଉଁଟି ରଖୁଥିବା ଦେଖିବାକୁ ମିଳୁଛି । କ୍ଷେତରେ ବର୍ଷାଭିଜା ଧାନପେଟାରୁ କିଏ ପାଣି ନିଗାଡୁଛନ୍ତି ତ ଆଉ କେହି



ବର୍ଷା ଟଳିବା ପରେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଉଦେପୁର ଅଞ୍ଚଳରେ ଚାଷୀମାନେ ଧାନ ଶୁଖାଉଛନ୍ତି ।

ଖଳାରେ ପଡ଼ିଥିବା ଅମଳ ଧାନକୁ ଖରାରେ ଶୁଖାଉଥିବା ଦେଖିବାକୁ ମିଳୁଛି। ସେହିପରି ତାରପୋଲିନରେ ଘୋଡ଼ାଯାଇଥିବା ଧାନ ମଧ୍ୟ ଆଂଶିକ ବର୍ଷାରେ ଭିଜିଥିବା ଯୋଗୁ ଚାଷୀମାନେ ସେହି ଧାନକୁ ବସ୍ତାରୁ କାଢ଼ି ପୁଣି ଖରାରେ ଶୁଖାଇବାକୁ ବାଧ୍ୟ ହେଉଛନ୍ତି । ଏଭଳିସ୍ଥଳେ ବେପାରୀ, ମିଲର୍ସମାନେ ଅଭାବୀ ବିକ୍ରି ପରିସ୍ଥିତି ସୃଷ୍ଟି କରିବା ପାଇଁ ମସୁଧା ଚଳାଇଛନ୍ତି ।

ପ୍ରାଥମିକ ଭାବେ ଜିଲାର ୬ଟି ବ୍ଲକରେ ପ୍ରାୟ ୧ହଜାର ହେକ୍ଟର ଜମିର ଧାନ ଫସଲ ପ୍ରଭାବିତ ହୋଇଥିବା କୃଷି ବିଭାଗ ଆକଳନ କରିଛି । କିନ୍ତୁ ଏବେ ମଧ୍ୟ ଜିଲାର ଅନେକ ସ୍ଥାନକୁ କୃଷି କିମ୍ବା ରାଜସ୍ୱ ବିଭାଗର କର୍ମଚାରୀ ପହଞ୍ଚି ପାରି ନ ଥିବା ଅଭିଯୋଗ ହୋଇଛି । ଫଳରେ ବେସରକାରୀ ଭାବେ କ୍ଷୟକ୍ଷତି ଆହୁରି ଅଧିକ ହେବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଜିଲାର ଅତାବିରା ବ୍ଲକର ବୁଗବୁଗା, ଭେଡ଼େନ ବ୍ଲକର ଦେଶଭଟଲି ପଞ୍ଚାୟତ ଭଳି ଅନେକ ପଞ୍ଚାୟତକୁ କ୍ଷୟକ୍ଷତି ଆକଳନ କରିବା ପାଇଁ କୌଣସି ସରକାରୀ କର୍ମଚାରୀ ପହଞ୍ଚି ନ ଥିବା ଅଭିଯୋଗ ହୋଇଛି ।

ସେହିପରି ମେଘୁଆ ପାଗ ଜାରି ରହି ଥିବାବେଳେ ଧାନ ଉଠାଣ ପ୍ରକ୍ରିୟା ମଧ୍ୟ ମନ୍ଥର ହୋଇପଡ଼ି ଥିବାରୁ ପୁଣି ବର୍ଷା ଆଶଙ୍କାରେ ଚାଷୀକୁଳ ଚିନ୍ତିତ ହୋଇ ପଡ଼ିଛନ୍ତି। ଏବେ ମଧ୍ୟ ଜିଲାର ବିଭିନ୍ନ ମଣ୍ଡିରେ ପ୍ରାୟ ୩ଲକ୍ଷ ପ୍ୟାକେଟ୍ ଧାନ ବିକ୍ରି ହୋଇ ନ ପାରି ପଡ଼ି ରହିଛି। ସେଥିମଧ୍ୟରୁ କେବଳ ୧ଲକ୍ଷ ୧୫ହଜାର ୭୧୩ ପ୍ୟାକେଟ୍ ରହିଛି । ଏ ନେଇ ଜିଲା କୃଷି ଉପନିର୍ଦ୍ଦେଶକ ଦିନବନ୍ଧୁ ଗାନ୍ଧୀ କହିଛନ୍ତି, ପ୍ରାଥମିକ ଆକଳନରେ ଜିଲାର ୧ହଜାର ହେକ୍ଟର ଜମିର ଧାନ ବର୍ଷାରେ ପ୍ରଭାବିତ ହୋଇଥିବା ଜଣାପଡ଼ିଛି । କ୍ଷୟକ୍ଷତି ଆକଳନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିବା ପରେ ତାହା ସରକାରଙ୍କ ନିକଟକୁ ପଠାଯିବ ବୋଲି ସେ କହିଥିଲେ ।

## ବୁଗବୁଗାରେ ଚାଷୀ ସମାବେଶ

**ଅତାବିରା/ ଜାମଟିକ୍ରା, ୧୯।୧୨ (ଡି.ଏନ.ଏ)**

**ଅତାବିରା ବ୍ଲକ**
- ଚାଷୀଙ୍କୁ ସରକାର ଅଣଦେଖା କରୁଛି
- ସମସ୍ୟା ସମାଧାନ ନ କଲେ ଆନ୍ଦୋଳନ

ଚାଷୀମାନେ ଋଣ ଭାରରେ ବୁଡି ରହିଛନ୍ତି । ଦର ବୃଦ୍ଧି ସହିତ କୃଷିଜାତ ଦ୍ରବ୍ୟର ମୂଲ୍ୟ ଠିକ୍ ନ ରହିବାରୁ ଚାଷ ଲାଭଜନକ ହୋଇପାରୁନାହିଁ। ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଘଟିବାରୁ ଚାଷୀମାନେ ତଳି ତଳାନ୍ତ ହୋଇ ଯାଉଛନ୍ତି । ଅର୍ଥ ଲଗାଣକାରୀ ସଂସ୍ଥା ଗୁଡିକ କେବଳ କାଗଜପତ୍ରରେ ଗୋଟିଏ ଦିନରେ ଋଣ ଅସୁଲ ଦେଖାଇ ପରବର୍ତ୍ତି ଦିନରେ ଋଣ ଲଗାଣ କରୁଛନ୍ତି । ଚାଷୀ ଥରେ ଋଣ ନେଲେ କେବଳ ତାର ପରିମାଣ ବଢ଼ି ଚାଲିଛି । ସରକାର ଶିଳ୍ପ ଓ ଅନ୍ୟାନ୍ୟ କ୍ଷେତ୍ରରେ କିଛି ମୁଷ୍ଟିମେୟ ଲୋକଙ୍କୁ ଆର୍ଥିକ ଅନୁକମ୍ପା ପ୍ରଦାନ କରୁଛନ୍ତି । ଲକ୍ଷ ଲକ୍ଷ ଚାଷୀ ଋଣଗ୍ରସ୍ତ ହୋଇଥିବା ବେଳେ କୃଷି ଋଣ ଛାଡ ଏକ ସମସ୍ୟା ନୁହେଁ । ସେଥିପାଇଁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନ କରି ରାଜନୈତିକ ଦଳ ଗୁଡିକ କେବଳ ରାଜନୀତି କରି ଚାଲିଛନ୍ତି। ଏପରି ପରିସ୍ଥିତିରେ ଚାଷୀ ନିଜ ଆୟରୁ ଋଣ ପରିଶୋଧ କରିବା ସମ୍ଭବ ପର ହେଉନାହିଁ । ବିଗତ ୫୦ ବର୍ଷରେ ବିଭିନ୍ନ କ୍ଷେତ୍ରରେ ଯେଉଁ ମୂଲ୍ୟ ବୃଦ୍ଧି ଘଟିଛି କୃଷି କ୍ଷେତ୍ରରେ ତାର ବ୍ୟତିକ୍ରମ ଦେଖାଯାଇଛି। ସରକାରୀ ଚାକିରୀଆଙ୍କ ଦରମା ବୃଦ୍ଧି ହେଉଥିବା ବେଳେ ସରକାର ଚାଷୀମାନଙ୍କୁ ଅଣଦେଖା କରୁଛନ୍ତି ବୋଲି ଅତାବିରା ବ୍ଲକ ବୁଗବୁଗାରେ ଆୟୋଜିତ ସମାବେଶରେ ଚାଷୀ ନେତାମାନେ ଏହା କହିଛନ୍ତି । ଚାଷୀ ନେତା ସୁରେଶ କର୍ଣ୍ଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ରବିନ୍ଦ୍ର ବିଶି, ଚିକିଲାଲ ମିଶ୍ର, ଚୈତନ୍ୟ କର୍ଣ୍ଣ, କୌସ୍ତୁଭ ପ୍ରଧାନ, ରବିନ୍ଦ୍ର ମହାକୁରଙ୍କ ସମେତ ୨୪ଟି ପଞ୍ଚାୟତର ଚାଷୀମାନେ ଉପସ୍ଥିତ ଥିଲେ ।

## ବରଗଡ଼ରେ ଜିଲାସ୍ତରୀୟ ନିଯୁକ୍ତିମେଳା

**ବରଗଡ଼ ଅଫିସ୍,୧୯।୧୨**

ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ବୁଧବାର ଜିଲାସ୍ତରୀୟ ନିଯୁକ୍ତିମେଳା ଅନୁଷ୍ଠିତ ହୋଇଯାଇଛି । ଜିଲା କର୍ମ ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଏହି ମେଳାରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଡିଆର୍‌ଡିଏ ପିଡି କୃତିବାସ ରାଉତ, ଓରମାସ୍‌ର ରାଜଗୋପାଳ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ନିଯୁକ୍ତିମେଳାରେ ବିଭିନ୍ନ ସେକ୍ଟରର ସଂସ୍ଥାମାନେ ଯୋଗଦେଇ ଥିବାବେଳେ ଜିଲାର ବହୁ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ । ଅତିଥିମାନେ ମନୋନୀତ ଯୁବତୀଯୁବକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ ।



ବରଗଡ଼ ଜର୍ଜ ହାଇସ୍କୁଲ ପଡିଆରେ ଆୟୋଜିତ ନିଯୁକ୍ତି ମେଳାରେ ଯୁବକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଉଛି ।

## ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

**ବୌଦ୍ଧ,୧୯।୧୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୀରନରସିଂହପୁର ଠାରେ ଆରମ୍ଭ ହୋଇଥିବା ଦ୍ୱିତୀୟ ରାଜ୍ୟସ୍ତରୀୟ ଗଡଜାତ ଲୋକ ମହୋତ୍ସବ-୨୦୧୮ର ବୁଧବାର ଥିଲା ଚତୁର୍ଥ ସନ୍ଧ୍ୟା । କମିଟି ସଭାପତି ସରପଞ୍ଚ ସୁବର୍ଣ୍ଣ ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ମୁଖ୍ୟଅତିଥି, ନାଟ୍ୟକାର ଭରତ ମିଶ୍ର ସମ୍ମାନୀତ ଅତିଥି ଏବଂ ସିରିଏଲ ନିର୍ଦ୍ଦେଶକ ବାବୁ ରଣା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଖବରଦାତା ଚିତ୍ତରଞ୍ଜନ ସିଂ, ନାଟ୍ୟକାର ଭରତ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବାଲେଶ୍ୱର ଦୟାଲ ଆକାଡେମୀ, କେସିଙ୍ଗାର ଘୁମୁରା, ବଲାଙ୍ଗୀରର ନବୀନ କୁମାର ଗ୍ରୁପ୍ ସାଂସ୍କୃତିକ ପରିବେଷଣ କରିଥିଲେ ।

## ଡାକ୍ତର ନିଯୁକ୍ତି ଦାବିରେ ଧାରଣା

**ବରପାଲି, ୧୯।୧୨ (ଡି.ଏନ.ଏ)**

ବରପାଲି ଡାକ୍ତରଖାନାରେ ୨ବର୍ଷରୁ ଅଧିକ ସମୟ ଧରି ସ୍ତ୍ରୀ ଓ ପ୍ରସୂତୀ ବିଭାଗ ଡାକ୍ତର ନାହାନ୍ତି । ଯିଏ ଅଛନ୍ତି ସେ ବର୍ତ୍ତମାନ ଡାକ୍ତରଖାନାର ମୁଖ୍ୟ ଚିକିତ୍ସା ଅଧିକାରୀ ଦାୟିତ୍ୱରେ ରହିଛନ୍ତି । ସେ ଅନେକ ସମୟରେ ପ୍ରଶାସନିକ କାର୍ଯ୍ୟ ପାଇଁ ଧାଁ ଧପଡ କରିବା ସହ ପ୍ରସୂତୀ କାର୍ଯ୍ୟ ମଧ କରିଥାନ୍ତି । ଏଣୁ ଏଠାରେ ଜଣେ ସ୍ଥାୟୀ ସ୍ତ୍ରୀ ଓ ପ୍ରସୂତୀ ଡାକ୍ତର ନିଯୁକ୍ତି ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଛି। ବିଜେପୁର ଉପନିର୍ବାଚନ ବେଳେ ଏମ୍‌ପି, ମନ୍ତ୍ରୀ ଓ ଏମଏଲଏଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ତାହା ବିଫଳ ହୋଇଛି । ଏବେ ପ୍ରସୂତୀ ବିଭାଗ ଡାକ୍ତର ତଥା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ ସେଠଙ୍କ ପ୍ରମୋସନ ଯୋଗୁ ପଦ୍ମପୁର ଡାକ୍ତରଖାନାକୁ ବଦଳି ହୋଇଛି। ଏହାକୁ ନେଇ ବରପାଲି ଗାଡି ମାଲିକ ସଂଘ ଓ ଡ୍ରାଇଭର ସଂଘ ପକ୍ଷରୁ ଡାକ୍ତର ଦିଅ ଡାକ୍ତର ନିଅ ଦାବି କରି ବୁଧବାର ଡାକ୍ତରଖାନା ପରିସରରେ ଧାରଣା ଦିଆଯାଇଛି । ଏଥିରେ ବିଭିନ୍ନ ସଙ୍ଗଠନ, ମାରୱାଡି ମହିଳା ସଂଘ, ଆଶାକର୍ମୀ ପ୍ରମୁଖ ସାମିଲ ହୋଇଛନ୍ତି । ଏହି ଦାବି ନେଇ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜଣାପଡିଛି । ଏହି ଧାରଣାରେ ଗାଡି ମାଲିକ ସଂଘ ସଭାପତି ସଲିମ୍ ଖାଁ ଓ ଡ୍ରାଇଭର ସଂଘ ସଭାପତି ନବୀନ ପଟ୍ଟନାୟକ, ପ୍ରମୋଦ ସାହୁ, କୈଳାଶ ବେହେରା, ଦିଲୀପ ରାଉତ, ଦୟାଲୁ ସାହୁ, ବିଜୁ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।



ବରପାଲି ଡାକ୍ତରଖାନା ପରିସରରେ ଧାରଣା ଦିଆଯାଇଛି ।

## ଜିଲାସ୍ତରୀୟ ସତରଞ୍ଜ ପ୍ରତିଯୋଗିତା

**ବରଗଡ଼ ଅଫିସ୍,୧୯।୧୨**

ବରଗଡ଼ ଶିକ୍ଷାଜିଲା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ରାଣାପ୍ରତାପ ହାଇସ୍କୁଲ ପରିସରରେ ବୁଧବାର ସତରଞ୍ଜ ପ୍ରତିଯୋଗିତା ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ତ୍ରୈଲୋକ୍ୟ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ୧୨ଟି ବ୍ଲକର ୧୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଖେଳ ଶିକ୍ଷକ ଡାକ୍ତର ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଶିକ୍ଷକ ଆନନ୍ଦ ପାତ୍ର, ପ୍ରେମରାଜ ବଘାର, ଆଦିକନ୍ଦ ସ୍ୱାଇଁ, ପ୍ରକାଶ ଭୋଇ ବିଚାରକ ଥିଲେ । ଡିଇଓ ପ୍ରକାଶ କୁମାର ଯୋଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ୨୫ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ସହିତ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

## ବୌଦ୍ଧ ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପିତ

**ବୌଦ୍ଧ,୧୯।୧୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ଗଠନର ୨୫ବର୍ଷ ପୂର୍ତ୍ତି ପାଇଁ ଆୟୋଜିତ ହେବାକୁ ଥିବା ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ପ୍ରସ୍ତୁତି ଆରମ୍ଭ ହୋଇଛି । ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ସୀତାଂଶୁ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ମହୋତ୍ସବ ପାଇଁ ଗଠିତ କମିଟି ଗୁଡିକ ସେମାନଙ୍କ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଦେଇଥିବା ବେଳେ ବୁଧବାର ପୂର୍ବାହ୍ନରେ ଏହି ରୌପ୍ୟଜୟନ୍ତୀ ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଜିଲାପାଳ ରାଉତ ଭୂମି ପୂଜନ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଭୂମି ପୂଜନ ଉତ୍ସବରେ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟ୍ଟନାୟକ, ଉପଜିଲାପାଳ ଏନସି ଜ୍ୟୋତି ରଞ୍ଜନ ନାଏକ, ଜିଲା ସଂସ୍କୃତି ଅଧିକାରୀ ଶିଶିର କୁମାର ସାହୁ, ଜିଲା କ୍ରୀଡା ଅଧିକାରୀ ପବିତ୍ର କୁମାର ରାଉତ, ବରିଷ୍ଠ ଆଇନଜୀବୀ ତାରିଣୀ କୁମାର ମହପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ଓ ଓରମାସ ଅଧିକାରୀ ଉପସ୍ଥିତ ଥିଲେ। ଆସନ୍ତା ଜାନୁୟାରୀ ୨ ତାରିଖରେ ଜିଲା ସ୍ୱନକ୍ଷତ୍ର ଦିବସଠାରୁ ଏହି ସାଂସ୍କୃତିକ ଉତ୍ସବ ଆରମ୍ଭ ହୋଇ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଶତାଧିକ ପ୍ରଦର୍ଶନୀ ମଣ୍ଡପରେ ଜିଲାର ବିକାଶର ଝଲକ ପ୍ରଦର୍ଶିତ କରାଯିବ। ଚଳିତବର୍ଷ ଜିଲା ଗଠନର ୨୫ବର୍ଷ ପୂର୍ତ୍ତି ହେଉଥିବାରୁ ଉତ୍ସବକୁ ଅଧିକ ଆକର୍ଷଣୀୟ କରିବାକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି ।



ବୌଦ୍ଧ ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି ।

## ଭତ୍ତା ଦାବିରେ ବିକ୍ଷୋଭ

**ତଳଗାଁ,୧୯।୧୨(ଡି.ଏନ.ଏ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତରେ ବହୁ ବୃଦ୍ଧାବୃଦ୍ଧ ଓ ବିଧବା ଆଜି ପର୍ଯ୍ୟନ୍ତ ସରକାରଙ୍କ ଭତ୍ତା ଯୋଜନାରେ ସାମିଲ ହୋଇପାରିନାହାନ୍ତି । ଏହାର ପ୍ରତିବାଦରେ ବୁଧବାର ବୌଦ୍ଧ ଜିଲା ପ୍ରାଉଟିଷ୍ଟ ନେତୃତ୍ୱରେ ଶତାଧିକ ବୃଦ୍ଧାବୃଦ୍ଧ ଓ ବିଧବା ତଳଗାଁ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ । ଏହି ଅବସରରେ ସେମାନେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁରୁଚରଣ ସେଠୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ବିକ୍ଷୋଭ ସମାବେଶରେ ସଭାପତି ଶ୍ରୀଧର ଘିବେଲା, ରାଷ୍ଟ୍ରୀୟ ଆନ୍ଦୋଳନ ସଚିବ କେଦାର ନାଥ ସାହୁ, ସମ୍ପାଦକ ଚମ୍ପେଶ୍ୱର ଦନ୍ତା, ବିଧ୍ୟାଧର ବେହେରା ପ୍ରମୁଖ ସାମିଲ ହୋଇଥିଲେ ।



ଭତ୍ତା ଦାବିରେ ପଞ୍ଚାୟତ ଇଓଙ୍କୁ ଦାବିପତ୍ର ଦିଆଯାଉଛି ।

# ଜଳସେଚିତ ଅଞ୍ଚଳରେ ବି ଦାଦନ ଦୁଃଖ

**ଭେଡେନ, ୧୯।୧୨ (ଡି.ଏନ.ଏ)**

ବରଗଡ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ଝରାପାଲି ଗ୍ରାମ କାନ୍ତିପଡାର ଅଭି ସୁନାଙ୍କର ପୁତ୍ର ଜପ ସୁନା (୩୫) । ସ୍ଥାନୀୟ କେତେ ଜଣ ଦାଦନ ଦଲାଲଙ୍କ ପ୍ରଲୋଭନରେ ପଡି ସେ ଗତ ୨ମାସ ହେବ ଗାଁର ୩ଜଣ ଯୁବକଙ୍କ ସହ ଆନ୍ଧ୍ରପ୍ରଦେଶର ସିକନ୍ଦରାବାଦ ଅଞ୍ଚଳକୁ ଇଟା କାମ କରିବାକୁ ଯାଇଥିଲେ। କିନ୍ତୁ ସେଠାରୁ ସେ ଗୁରୁତର ଆହତ ହୋଇ ଫେରିଛନ୍ତି। ସେଠାରେ ତାଙ୍କୁ ଅସହନୀୟ ଅତ୍ୟାଚାର କରାଯିବାରୁ ଜପ ତାଙ୍କର ସାଙ୍ଗମାନଙ୍କ ସହ ଲୁଚି ଚାଲିଆସିଥିଲେ । କିନ୍ତୁ ଆସିବା ବାଟରେ ତାଙ୍କୁ କେତେ ଜଣ ଯୁବକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ଫଳରେ ସେ ଚେତାଶୂନ୍ୟ ହୋଇ ଯାଇଥିଲେ। ଯେତେବେଳେ ତାଙ୍କର ଚେତା ଆସିଲା ସେ ନିଜକୁ ଏକ ଡାକ୍ତରଖାନାରେ ଥିବା ଦେଖିବାକୁ ପାଇଥିଲେ । ତାଙ୍କର ପେଟରେ ଅସ୍ତ୍ରୋପଚାର ହୋଇଥିଲା। ସେଠାରୁ ତାଙ୍କୁ ଜଣେ ସହୃଦୟ ବ୍ୟକ୍ତି ଟ୍ରେନରେ ବସାଇ ଦେବାରୁ ଜପ ଘରକୁ ଫେରିଥିଲେ । ତାଙ୍କର ଅସ୍ତ୍ରୋପଚାର ସ୍ଥାନରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ମଙ୍ଗଳବାର ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ତାଙ୍କର କିଡ୍‌ନୀ ଚୋରି ହୋଇଛି ବୋଲି ପରିବାର ସଦସ୍ୟମାନେ ଅଭିଯୋଗ କରିଥିଲେ ମଧ ବୁର୍ଲାରେ ଚିକିତ୍ସା ସମୟରେ ସେପରି କିଡ୍‌ନୀ ସମସ୍ୟା ନ ଥିବା ଜଣାପଡିଛି । ବୁଧବାର ସନ୍ଧ୍ୟାରେ ଜପ ସୁନା ଝରାପାଲି ସ୍ଥିତ ତାଙ୍କର ଘରକୁ ଫେରିବା ପରେ ରେମଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ପ୍ରଶାନ୍ତ କୁମାର ପଣ୍ଡା ତାଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିଥିଲେ । ଏ ସମ୍ପର୍କରେ ଡାକ୍ତର ପଣ୍ଡାଙ୍କୁ ପଚାରିବାରୁ ଜପଙ୍କର କିଡନୀ ଚୋରି ହୋଇଛି ବୋଲି ଯାହା କୁହାଯାଉଛି ତାହା ସେପରି କିଛି ହୋଇନାହିଁ । ତେବେ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିବାରୁ ସେଥିରେ ତାଙ୍କ ପେଟର ଅନ୍ତନଳୀରେ ଆଘାତ ଲାଗିଛି। କିଛି ଦିନ ପରେ ଏହି ଆଘାତ ସ୍ଥାନରେ ପୁଣିଥରେ ଅସ୍ତ୍ରୋପଚାର କରାଯିବ ବୋଲି ଡାକ୍ତର ପଣ୍ଡା କହିଥିଲେ । ଏ ସମ୍ପର୍କରେ ଜପ ସୁନାଙ୍କୁ ପଚାରିବାରୁ ସେ କୌଣସି ବିଷୟରେ ସ୍ପଷ୍ଟ ଭାବେ କହିପାରୁ ନ ଥିବା ବେଳେ ତାଙ୍କୁ ସେଠାରେ ଆକ୍ରମଣ କରାଯାଇଥିଲା ବୋଲି କହିଥିଲେ । ତେବେ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ । ଏବେବି ଏହି ଗ୍ରାମର ଆଉ କେତେ ଜଣ ଦାଦନ ଭାବେ ଆନ୍ଧ୍ରପ୍ରଦେଶରେ କାମ କରୁଥିବା ଜଣାପଡିଛି । ଭେଡେନ ଅଞ୍ଚଳ କେନାଲ ଜଳସେଚିତ ହୋଇଥିଲେ ମଧ ଦଲାଲମାନଙ୍କ ପ୍ରଲୋଭନରେ ପଡି ବହୁ ଯୁବକ ଆନ୍ଧ୍ରପ୍ରଦେଶକୁ ଦାଦନ ଖଟିବାକୁ ଯାଉଛନ୍ତି ।



ଦାଦନ ଜପ ସୁନା ।

## ସର୍ବସାଧାରଣ ସୂଚନା

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ., ଭୁବନେଶ୍ୱର, ସତ୍ୟନଗର ଅଞ୍ଚଳରେ ୮୮୫୫୪.୮୩ ବର୍ଗ ପରିମିତ ଅଞ୍ଚଳରେ ଏକ ନୂତନ ବାସୋପଯୋଗୀ ବିଶିଷ୍ଟ (B2+B1+LGF+M2+M1+UGF+G+29) ମହଲା ଆପାର୍ଟମେଣ୍ଟ ଘର ସ୍ଥାପନ ନିମନ୍ତେ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କଠାରୁ ଅନୁମତି ହାସଲ କରିଛନ୍ତି। ଏହାସହିତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ପ୍ରକଳ୍ପ ସରକାରୀ ଏବଂ ବେସରକାରୀ ସହଭାଗୀତା ଯୋଜନାର ଅନ୍ତର୍ଭୁକ୍ତ ଅଟେ। ଉପରୋକ୍ତ ଅନୁମତି ପତ୍ରର ଏକକିତା ନକଲ ଚିଠି ନଂ. ୬୩୬୫/ଏସ୍.ଇ.ଆଇ.ଏ.ଏ., ତା୦୩।୧୨।୨୦୧୮ରିଖ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କ ୱେବ୍‌ସାଇଟ୍ http://www.orissaseiaa.gov.in/ରେ ଉପଲବ୍ଧ ଅଟେ।

–ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ.

## ସର୍ବସାଧାରଣ ସୂଚନା

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ., ଭୁବନେଶ୍ୱର, ସତ୍ୟନଗର ଅଞ୍ଚଳରେ ୪୯୯୨୭.୧୧ ବର୍ଗ ପରିମିତ ଅଞ୍ଚଳରେ ଏକ ନୂତନ ବାସୋପଯୋଗୀ ବିଶିଷ୍ଟ (B2+B1+G+25) ମହଲା ଆପାର୍ଟମେଣ୍ଟ ଘର ସ୍ଥାପନ ନିମନ୍ତେ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କଠାରୁ ଅନୁମତି ହାସଲ କରିଛନ୍ତି। ଏହାସହିତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ପ୍ରକଳ୍ପ ସରକାରୀ ଏବଂ ବେସରକାରୀ ସହଭାଗୀତା ଯୋଜନାର ଅନ୍ତର୍ଭୁକ୍ତ ଅଟେ। ଉପରୋକ୍ତ ଅନୁମତି ପତ୍ରର ଏକକିତା ନକଲ ଚିଠି ନଂ. 63F/ଏସ୍.ଇ.ଆଇ.ଏ.ଏ., ତା୦୩।୧୨।୨୦୧୮ରିଖ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କ ୱେବ୍‌ସାଇଟ୍ http://www.orissaseiaa.gov.in/ରେ ଉପଲବ୍ଧ ଅଟେ।

–ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ.

ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।
- ରବର୍ଟ ୱାଲ୍‌ପୋଲ୍

**ସଂକ୍ଷେପରେ**

## ଚାଷ, ଚାଷୀଙ୍କୁ ନେଇ ବ୍ୟାପକ ଆଲୋଚନା

**ଉଲୁଣ୍ଡା,୧୯।୧୨(ଡି.ଏନ.ଏ.):** ଉଲୁଣ୍ଡା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଆତ୍ମାର ସଭାପତି ସନ୍ତୋଷ ଭୁଲ୍ତାଙ୍କ ପୌରୋହିତ୍ୟ କ୍ରମେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝୀ, ବିଟିଏମ କଳ୍ପନା ପଧାନ, ଉଲୁଣ୍ଡା ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ସଞ୍ଜୟ ମହାକୁର ପ୍ରମୁଖ ଯୋଗଦେଇଥିଲେ। ସାମ୍ପ୍ରତିକ ସମୟରେ କୃଷି ଏବଂ କୃଷକର ବିକାଶ ପାଇଁ ବିଭିନ୍ନ ଦିଗ ଉପରେ ଏହି ଅବସରରେ ଯୋଗଦେଇଥିବା ଅତିଥିବୃନ୍ଦ ଆଲୋଚନା କରିଥିଲେ। ପେଥାଇ ପ୍ରଭାବରେ କ୍ଷତିଗ୍ରସ୍ତ ଚାଷର ଉପଯୁକ୍ତ ଆକଳନ ପାଇଁ କ୍ଷତିପୂରଣ ଦେବା କ୍ଷେତ୍ରରେ ବ୍ୟବସ୍ଥା କରାଯିବାକୁ ମତପ୍ରକାଶ ପାଇଥିଲା। କ୍ଷତିପୂରଣ ଆକଳନ କ୍ଷେତ୍ରରେ କୃଷିବିଭାଗ ସହ ରାଜସ୍ୱ ବିଭାଗର କର୍ମଚାରୀଙ୍କ ସହ ସମନ୍ୱୟ ରକ୍ଷା କରାଯିବା, ରବି ଫସଲ ପାଇଁ ସୂର୍ଯ୍ୟମୁଖୀ, ମୁଗ, ପିଆଜ, ବାଦାମ ଆଦି ଚାଷ ଉପରେ ଗୁରୁତ୍ୱ ଦେବା ସହିତ ଅନୁସୁଚିତ ଜାତି ଓ ଜନଜାତି ଆଗ୍ରହୀ ଚାଷୀଙ୍କ ପାଇଁ କୁକୁଡା ଚିଆଁ ପ୍ରଦାନ ପାଇଁ ଗୁରୁତ୍ୱ ଦିଆଯାଇଥିଲା।

ସୁବର୍ଣ୍ଣପୁରରେ ପେଥାଇ ପ୍ରଭାବ

# ୧୬୯୪ ହେକ୍ଟର ଧାନ ଫସଲ ନଷ୍ଟ

**ସୋନପୁର,୧୯।୧୨(ନି.ପ୍ର.)**

ବାତ୍ୟା ପେଥାଇ ପ୍ରଭାବରେ ସୁବର୍ଣ୍ଣପୁର ଜିଲା ବିନିକାରେ ସର୍ବାଧିକ ୭୮.୮ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଗତ ରବିବାରଠାରୁ ଝିପିଝିପି ବର୍ଷା ସାଙ୍ଗକୁ କୋହଲା ପାଗ ଓ ଶିତୁଆ ପବନ ସାଧାରଣ ଜୀବନ ଯାତ୍ରାକୁ ଅସ୍ତବ୍ୟସ୍ତ କରି ପକାଇଥିଲା । ବୁଧବାର ପାଗ ଶୁଖିଲା ରହିଛି । ତେବେ ବର୍ଷା ଯୋଗୁ ଜିଲାର ୬ଟି ବ୍ଲକରେ ପାଚିଲା ଧାନ ପାଣିରେ ଭାସୁଛି। ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି । ସୋନପୁର, ତରଭା, ବିନିକା, ଡୁଙ୍ଗୁରିପାଲି, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକର ଚାଷ ଜମିରେ କଟା ହୋଇ ପଡିଥିବା ଧାନପେଟା ପାଣିରେ ଭାସୁଥିବା ଅଭିଯୋଗ ହୋଇଛି । ସେହିଭଳି ଅମଳ ହେବା ପରେ ମଣ୍ଡିକୁ ଯାଇଥିବା ହଜାର ହଜାର ବସ୍ତା ଧାନ ଖୋଲା ଆକାଶ ତଳେ ପଡି ରହିଛି । ଅନ୍ୟପକ୍ଷେ କପା ଚାଷ ଓ ପନିପରିବା ଚାଷ ମଧ ବର୍ଷା ଏବଂ ପବନ ଯୋଗୁ କ୍ଷତିଗ୍ରସ୍ତ ହୋଇଛି । ଅନ୍ୟପକ୍ଷେ କେତେ ଫସଲ କ୍ଷତି ହୋଇଛି ତାହାର ଆକଳନ କରି କ୍ଷୟକ୍ଷତି ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି । ଜିଲାପାଳଙ୍କ ରିପୋର୍ଟ ମିଳିବା ପରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏ ସମ୍ପର୍କରେ ସୁବର୍ଣ୍ଣପୁର ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ ଜେନା କହିଥିଲେ ଯେ, ପେଥାଇ ଯୋଗୁ ଜିଲାରେ ବର୍ଷା ହେବାର ସମ୍ଭାବନା ଥିବାରୁ ଚାଷୀମାନଙ୍କୁ ଧାନ ବିଲରୁ ନେଇଯିବାକୁ ଆଗୁଆ ପରାମର୍ଶ ଦିଆଯାଇଥିଲା। ତଥାପି ଜିଲାରେ ବହୁ ଧାନ ଫସଲ ନଷ୍ଟ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଆଖିଦେଖା ଆକଳନରୁ ଜିଲାରେ ପ୍ରାୟ ୧୬୯୪ହେକ୍ଟର ଧାନ ଫସଲ ନଷ୍ଟ ହୋଇଛି। ଏହି ଆକଳନ ଚୂଡାନ୍ତ ରିପୋର୍ଟରେ ବଢିପାରେ କିମ୍ବା କମିପାରେ ବୋଲି ଉପ କୃଷି ନିର୍ଦ୍ଦେଶକ ଜେନା କହିଛନ୍ତି ।



ଭାଜପା ନେତୃବୃନ୍ଦ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

## ଠିକ୍ ଆକଳନ, ତୁରନ୍ତ କ୍ଷତିପୂରଣ ପ୍ରଦାନ ଦାବି କଲା ଭାଜପା

ସୁବର୍ଣ୍ଣପୁର ଜିଲାରେ ପେଥାଇ ପ୍ରଭାବରେ ବ୍ୟାପକ ଧାନ, କପା ଓ ପନିପରିବା ଫସଲ ନଷ୍ଟ ହୋଇଛି । ତେଣୁ ଫସଲ କ୍ଷୟକ୍ଷତିର ସଠିକ୍ ଆକଳନ ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ବୁଧବାର ଭାଜପା ଦାବି କରିଛି। ଏ ସମ୍ପର୍କରେ ଦଳ ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସ୍ମାରକପତ୍ର ଗ୍ରହଣ କରିଥିଲେ । ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଳଦେବ ପ୍ରସାଦ ବେଦ୍‌ବାକଙ୍କ ନେତୃତ୍ୱରେ ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର ବିଶି, ଶ୍ରଦ୍ଧାଞ୍ଜଳି ମିଶ୍ର, ଆଦିତ୍ୟ ମିଶ୍ର, କୃଷକ ମୋର୍ଚ୍ଚାର ସାଧାରଣ ସମ୍ପାଦକ ଗୁରୁ ଚନ୍ଦ୍ର ନାୟକ, ପ୍ରମୋଦ ଗୁରୁ, ସୁଦେଷ୍ଣା ନେଗୀ, ଜିତେନ୍ଦ୍ର ମହାପାତ୍ର, ଶ୍ରିନିବାସ ଚାନ୍ଦ ଇଂ ଆଶ୍ରୟ ମହାନନ୍ଦ, ବାପି ଦାଶ ଓ ସରୋଜ ପାଣିଗ୍ରାହୀ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ ।

## 'ଭାରତରେ ଅସମାନତା' ଶୀର୍ଷକ ଆଲୋଚନାଚକ୍ର

**ବୀରମହାରାଜପୁର,୧୯।୧୨(ଡି.ଏନ୍.ଏ.)**

ବୀରମହାରାଜପୁର କଲେଜର ଅର୍ଥନୀତି ବିଭାଗ ଓ ରାଜନୀତି ବିଭାଗର ମିଳିତ ଆନୁକୁଲ୍ୟରେ ବୁଧବାର ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଯାହାର ଶୀର୍ଷକ ଥିଲା 'ଭାରତରେ ଅସମାନତା' । ଏହି ଅବସରରେ ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପକ ଦିନବନ୍ଧୁ ମେହେର, ରାଜନୀତି ବିଭାଗ ଅଧ୍ୟାପକ ନରେନ୍ଦ୍ର ଝା ଏବଂ ଡ. ହିମାଂଶୁ ଶେଖର ପାଢୀ ମତପ୍ରକାଶ କରିଥିଲେ ଯେ, ଭାରତ ବର୍ଷ ଭଳି ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ରହିଥିବା ବିଭିନ୍ନ କ୍ଷେତ୍ରରେ ଅସମାନତା ଏହାର ଅର୍ଥନୀତିକୁ ପ୍ରଭାବିତ କରିଛି। ସେଥିପାଇଁ ଶିକ୍ଷା, ଟିକସ ଆଦିରେ ସଂସ୍କାର ଅଣାଯିବା ସହ ସ୍ୱଚ୍ଛତା ବଜାୟର ଆବଶ୍ୟକତା ରହିଛି। କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ହୃଷିକେଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରର ସଂଯୋଜନା କରି ଅର୍ଥନୀତି ବିଭାଗ ଅଧ୍ୟାପକ ଯଜ୍ଞେଶ୍ୱର ବିଶି ମତ ରଖିଥିଲେ ଯେ, ଅସମାନତା ଭାରତର ଅର୍ଥନୀତିକୁ ଦୁର୍ବଳ କରୁଛି। ତେଣୁ ଅସମାନତା ଦୂର କରାଯିବାର ବେଳ ପହଞ୍ଚିଛି। ଏଥିରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ସୁଜାତା ମେହେର, ରୁଚିତା ସିଂଘନା, ସ୍ୱାଗତିକା ବଘାର, ମୁକ୍ତିସୁଧା ଚାନ୍ଦ, ମଧୁସ୍ମିତା ପଣ୍ଡା, ରୂପମରୀ ସାହୁ, ଶ୍ରଦ୍ଧାରାଣୀ ଦାଶ, ରାଶେଶ୍ୱରୀ ପଧାନ, ମମିତା ମହାକୁର, ଗଗନ ଜଗଦଲା, ଶିବ ସିଂ ଓ ବୁଲୁ ବଡମାଲି ପ୍ରମୁଖ ସନ୍ଦର୍ଭ ପାଠ କରିଥିଲେ।


**OFFICE OF THE NOTIFIED AREA COUNCIL, DHAMNAGAR**

**Notice No.: 1940** **Date: 17.12.2018**

The Class of Contractor of Sl. No. 1 of the tender vide **Bid Identification No. DNR_05/2018_19** shall be read as "B & C" instead of C & D.

Sl. No. 2 of the tender vide **Bid Identification No. DNR_05/2018_19** is hereby cancelled due to unavoidable circumstances.

**Sd./- Executive Officer, Dhamnagar NAC**



**ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ସୁବର୍ଣ୍ଣପୁର**

ପତ୍ର ସଂଖ୍ୟା– ୨୮୧୪ ତା୧୨।୧୨।୧୮

**ନାମ- ଶ୍ରୀ ନିମାଇଁ ଚରଣ ବେହେରା**
**ପିତା- ୰ ଗୁଡ଼ିଆ ବେହେରା**
**ଗ୍ରାମ- କଂଟାବାଂଜି**
**ପୋଷ୍ଟ/ଥାନା- କଂଟାବାଂଜି**
**ଜିଲ୍ଲା- ବଲାଙ୍ଗୀର**

ଏତଦ୍ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଆପଣ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ, ସୁବର୍ଣ୍ଣପୁରଙ୍କର ଅଧୀନରେ କନିଷ୍ଠ କିରାଣି ଭାବରେ କାର୍ଯ୍ୟ କରୁଥିବା ସମୟରେ ତା୩୧।୦୮।୨୦୧୮ଠାରୁ କାର୍ଯ୍ୟାଳୟରେ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ଏହି କାର୍ଯ୍ୟାଳୟର ପତ୍ର ସଂଖ୍ୟା ୧୯୪୭ ତା୦୬।୦୯।୨୦୧୮, ୨୦୨୭ ତା୧୮।୦୯।୨୦୧୮, ୨୩୮୨ ତା୨୬।୧୦।୨୦୧୮ ଏବଂ ୨୬୦୫ ତା୨୦।୧୧।୨୦୧୮ ରେଜିଷ୍ଟ୍ରି ଡାକ ଯୋଗେ ଉପରୋକ୍ତ ଠିକଣାରେ କାର୍ଯ୍ୟାଳୟରେ ଯୋଗଦେବା ନିମନ୍ତେ ପତ୍ର ଯୋଗେ ଜଣାଇ ଦିଆଯାଇଥିଲେ ସୁଦ୍ଧା ଆପଣ ଆଜିପର୍ଯ୍ୟନ୍ତ ନିଜେ ଉପସ୍ଥିତ ହୋଇନାହାନ୍ତି କିମ୍ବା କୌଣସି ଯୋଗାଯୋଗ କରିନାହାନ୍ତି। ଏଣୁ ଆପଣଙ୍କୁ ଉକ୍ତ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ ୭ ଦିନ ମଧ୍ୟରେ କାର୍ଯ୍ୟରେ ଯୋଗଦିଅନ୍ତୁ, ନଚେତ୍ ଆଇନ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– ନିର୍ବାହୀ ଯନ୍ତ୍ରୀ
ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ସୁବର୍ଣ୍ଣପୁର



**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**

No RDM-LAA-MBJ-0044-2017/32680 R&DM, Dated 31 Aug. 2018

No.-XXI-102: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା– **ଭାଲୁଘର**, ଥାନା– କରଞ୍ଜିଆ ନଂ.–୧୪୫, ତହସିଲ– କରଞ୍ଜିଆ, ଜିଲ୍ଲା– ମୟୂରଭଞ୍ଜରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେଓ ଜଳସେଚନ ପ୍ରକଳ୍ପର ବାମ ପାର୍ଶ୍ୱ ଡିଷ୍ଟ୍ରିବ୍ୟୁଟାରୀ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୩୩୨୬ ତା୧୮।୦୭।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା– **ଭାଲୁଘର**, ଥାନା– କରଞ୍ଜିଆ ନଂ.–୧୪୫, ଜିଲ୍ଲା– ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବସାଇଟ www.mayurbhanj.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ–ଅର୍ଜନ ଓ ପୁନଃ ବସତି ଅଧିକାରୀ, କରଞ୍ଜିଆ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: କରଞ୍ଜିଆ**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ଭାଲୁଘର** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨.୮୦ | ଏ. ୧.୧୪ | ଏଥି ସହିତ ସଂଲଗ୍ନ |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: କରଞ୍ଜିଆ**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ ୨୮।୦୩।୨୦୧୮**

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅଭୟ କୁମାର ନାୟକ, ଯୁଗ୍ମ ଶାସନ ସଚିବ

**ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀ,**
**ଦେଓ ଜଳ ପ୍ରକଳ୍ପ, ମୟୂରଭଞ୍ଜ, କରଞ୍ଜିଆ**

**ମୌଜା- ଭାଲୁଘର** **ଥାନା ନଂ.୧୪୫**

| କ୍ର. ନଂ. | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧ | ଭାଲୁଘର | ୫ | ୯<br>୧୫<br>୧୭ | ୧.୬୬<br>୧.୦୩<br>୦.୧୧ | ୦.୭୫<br>୦.୩୮<br>୦.୦୧ | ଶାରଦ ଦୁଇ<br>ଶାରଦ ଏକ<br>ଆଶୁ | ନାରାୟଣ ମାଝୀ, ସାନମାଲଦେ ମାଝୀ, ପି– ହାଦ ମାଝୀ, ଚମ୍ପା ମାଝୀ, ସ୍ୱା– ହାଦ ମାଝୀ, ଜା– ସାନ୍ତାଳ, ବା– ନିଜଗାଁ | |
| | | **ମୋଟ** | **୩** | **୨.୬୯** | **୧.୧୪** | | | |

24001/14/0422/1819



**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**

No RDM-LAA-MBJ-0080-2017/29495 R&DM Dated 8 Aug. 2018

No.-XXI-99: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା– **ନୂଆଖୁଣ୍ଟା**, ଥାନା– ମୋରଡା ନଂ.–୧୩୪, ତହସିଲ– ରାସଗୋବିନ୍ଦପୁର, ଜିଲ୍ଲା– ମୟୂରଭଞ୍ଜରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସଚେନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲର ପିଙ୍ଗୁଳି ମାଇନର ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୮୦୭୦ ତା୧୪।୧୧।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା– **ନୂଆଖୁଣ୍ଟା**, ଥାନା– ମୋରଡା ନଂ.–୧୩୪, ଜିଲ୍ଲା– ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବସାଇଟ www.mayurbhanj.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ–ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷୀ, ବାରିପଦାସ୍ଥିତ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: ରାସଗୋବିନ୍ଦପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ନୂଆଖୁଣ୍ଟା** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୫.୯୧ | ଏକର ୩.୪୦ | ଏଥି ସହିତ ସଂଲଗ୍ନ |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: ରାସଗୋବିନ୍ଦପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ ୨୪।୦୩।୨୦୧୮**

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅଭୟ କୁମାର ନାୟକ, ଯୁଗ୍ମ ଶାସନ ସଚିବ

**ଭୂମି ଅନୁସୂଚୀ**

**ଭୂଅର୍ଜନ ମାମଲା ସଂଖ୍ୟା- ୫୨/୨୦୧୭**
**ଏ.୩.୪୦ଡି.**

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବୈଶିଙ୍ଗା ଶାଖା କେନାଲର ପିଙ୍ଗୁଳି ମାଇନର**
**ମୌଜା- ନୂଆଖୁଣ୍ଟା, ଥାନା- ମୋରଡା, ନଂ.-୧୩୪, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ୧୩ | ୧.୩୩ | ୦.୨୦ | ଶାରଦ ଦୁଇ | ଈଶ୍ୱରଚନ୍ଦ୍ର ମହାନ୍ତି, ପି: ଦିନବନ୍ଧୁ ମହାନ୍ତି, ଜା: କରଣ, ବା: କରଞ୍ଜପଡା |
| ୨ | ୯ | ୦.୮୫ | ୦.୨୨ | ଶାରଦ ଦୁଇ | କନ୍ଦା ମାଝୀ, ପି: ଛୋଟା ମାଝୀ, ଜା: ସାନ୍ତାଳ, ବା: କରଞ୍ଜପଡା |
| ୩ | ୪୫/୯୪ | ୦.୨୧ | ୦.୧୫ | ଶାରଦ ଦୁଇ | କାଳିଆ ମାହାଲି, ପି: ମଙ୍ଗଲା ମାହାଲି, ଜା: ମାଜାଲି, ବା: ନିଜଗାଁ |
| ୬ | ୪୭/୯୫ | ୦.୦୮ | ୦.୦୧ | ଶାରଦ ଦୁଇ | ଚାପେ ମାଝୀ, ପି: ଧାନୁ ମାଝୀ, ରୁହିୟା ମାଝୀ, ମାଙ୍ଗାତ ମାଝୀ, ଗୟ ମାଝୀ, ପି: ଚୈତନ୍ୟ ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୮ | ୧୮<br>୩୭<br>୩୮ | ୦.୭୭<br>୦.୩୪<br>୦.୪୪ | ୦.୧୪<br>୦.୦୯<br>୦.୦୮ | ଶାରଦ ଦୁଇ<br>ଶାରଦ ଦୁଇ<br>ଶାରଦ ଦୁଇ | ଯୁଧିଷ୍ଠିର ଦତ୍ତ, ଅମ୍ବିକା ଦତ୍ତ, ଦୁତୀକା ଦତ୍ତ, ଉମାମଣୀ ଦତ୍ତ, ପି: ପଦ୍ମ ଲୋଚନ ଦତ୍ତ, ଯଦୁନାଥ ଦତ୍ତ, ସୋମନାଥ ଦତ୍ତ, ରାମଚନ୍ଦ୍ର ଦତ୍ତ, ପି: ଦିନବନ୍ଧୁ ଦତ୍ତ, ଜା: ରାହୁ, ବା: କରଞ୍ଜପଡା |
| ୧୦ | ୨୬ | ୦.୭୦ | ୦.୧୭ | ଶାରଦ ଦୁଇ | ଦାମୋଦର ମାଝୀ, ବିଜୟ ମାଝୀ, କାଳିଆ ମାଝୀ, ପି: ରଘୁ ନାଥ ମାଝୀ, ନାରଣ ମାଝୀ, ପି: ବାଘରାଏ ମାଝୀ, ଜା: ସାନ୍ତାଳ, ବା: କାଟୁଣୀ |
| ୧୧ | ୨୭ | ୦.୮୨ | ୦.୦୨ | ଶାରଦ ଦୁଇ | ଦୁଃଖିରାମ ସରେନ, ପଦନ ସରେନ, ପି: ଭଗବାନ ସରେନ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୧୪ | ୫ | ୦.୪୪ | ୦.୧୪ | ଶାରଦ ଦୁଇ | ଫଗଡା ମାଝୀ, ପି: କନ୍ଦା ମାଝୀ, ପାଣ୍ଡୁ ମାଝୀ, ପି: ଫଗଡା ମାଝୀ, ରୁହିଆ ମାଝୀ, ରାମ ମାଝୀ, ବିରଧାନ ମାଝୀ, ଭାଗିରଥି ମାଝୀ, ବିରସିଂ ମାଝୀ, ପି: ଦାସ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୬ | ୭୮ | ୦.୫୩ | ୦.୧୨ | ଶାରଦ ତିନି | ଫଗଡା ମାଝୀ, ରାମ ମାଝୀ, ନାରାନ ମାଝୀ, ପି: କନ୍ଦା ମାଝୀ, ତୁଳସୀ ମାଝୀ, ସ୍ୱା: କନ୍ଦା ମାଝୀ, ପାଣ୍ଡୁ ମାଝୀ, ପି: ଫଗଳା ମାଝୀ, ରୋହିଆ ମାଝୀ, ରାମ ମାଝୀ, ବିରଧାନ ମାଝୀ, ଭାଗିରଥି ମାଝୀ, ବିରସିଂ ମାଝୀ, ପି: ଦାସ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୭ | ୭୭ | ୦.୭୫ | ୦.୧୯ | ଶାରଦ ତିନି | ବାଢା ମାଝୀ, ପି: ଲକ୍ଷ୍ମଣ ମାଝୀ, ଜା: ସାନ୍ତାଳ, ବା: କୋଚିଆଶୁଳ |
| ୨୪ | ୩୦ | ୦.୬୯ | ୦.୧୪ | ଶାରଦ ଦୁଇ | ରେଣ୍ଟା ମାଝୀ, ସୁକୁଲ ମାଝୀ, ପି: ବିଦ ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୨୫ | ୩୧ | ୦.୭୫ | ୦.୧୬ | ଶାରଦ ଦୁଇ | ଲବା ସରେନ, ପି: ରୁଟିଆ ସରେନ, ଜା: ସାନ୍ତାଳ, ବା: ଅଙ୍ଗାରଗଡିଆ, ବେଆଇନ ଖରିଦ ସୂତ୍ରେ ଦଖଲ ଲେଢା ମାଝୀ, ପି; ଦୁର୍ଗା ମାଝୀ, ମାହ୍ଲ ମାଝୀ, ସ୍ୱା: ଲେଢା ମାଝୀ, ଜା: ସାନ୍ତାଳ, ବା: କରଞ୍ଜପଡା, ରେଜେଷ୍ଟ୍ରୀ ଦଲିଲ ନମ୍ବର 2056 ତା7.3.75 ଜରସମନ 1500/- ବା: |
| ୩୧ | ୪<br>୨୨ | ୦.୩୫<br>୧.୧୪ | ୦.୧୮<br>୦.୩୧ | ଶାରଦ ଦୁଇ<br>ଶାରଦ ଦୁଇ | ଶ୍ରୀନାଥ ମାଝୀ, ପି: ଭାଗିରଥି ମାଝୀ, ଜା: ସାନ୍ତାଳ, ବା: କାଟୁଣି |
| ୩୨ | ୫୩<br>୮୦ | ୧.୭୬<br>୧.୧୧ | ୦.୨୬<br>୦.୩୪ | ଶାରଦ ଦୁଇ<br>ଶାରଦ ତିନି | ହାରି ମାଝୀ, ରଘୁ ମାଝୀ, ଶାମୁ ମାଝୀ, ପି: ଭୀମା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୩୨/୧ | ୩୦/୯୬<br>୩୦/୯୭ | ୦.୨୫<br>୦.୧୫ | ୦.୧୨<br>୦.୦୪ | ଶାରଦ ଦୁଇ<br>ଶାରଦ ଦୁଇ | ଶ୍ରୀମତୀ ପାନ ସରେନ, ଅର୍ଜ୍ଜୁନ ସରେନ, ଦାସମାତ ସରେନ, ଗହ୍ଳା ସରେନ, ଭକ୍ତୁ ସରେନ, ପି– ସାଉନା ସରେନ, ଜା: ସାନ୍ତାଳ, ବା: କରଞ୍ଜପଡା |
| ୩୨/୨ | ୪୭ | ୦.୪୨ | ୦.୧୩ | ଶାରଦ ଦୁଇ | ବିନୁ ହେମ୍ବ୍ରମ, ପି: ବୁଧରାୟ ହେମ୍ବ୍ରମ, ଜା: ସାନ୍ତାଳ, ବା: ବିରିପାଳ |
| ୩୨/୬ | ୧୩/୧୦୩ | ୨.୦୩ | ୦.୧୯ | ଶାରଦ ଦୁଇ | ଝରଣା ପଟ୍ଟନାୟକ, ସ୍ୱା: ଅବନୀ ପଟ୍ଟନାୟକ, ଜା: କରଣ, ବା: ମଧୁବନ ୱା ନଂ.9 ବାରିପଦା |
| **ମୋଟ** | **୨୨ ପ୍ଲଟ** | **ଏ.୧୫.୯୧ ଡେ.ମି.** | **ଏ.୩.୪୦ ଡେ.ମି.** | | |

24001/14/0419/1819



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ବଙ୍ଗୋମୁଣ୍ଡା ବ୍ଲକରେ ବର୍ଷା ଯୋଗୁ ଫସଲ ନଷ୍ଟ

**ବଙ୍ଗୋମୁଣ୍ଡା,୧୯।୧୨(ଡି.ଏନ୍.ଏ.):** ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ତାଲଭଟା ଗ୍ରାମର ଭବସାଗର ବେହେରାଙ୍କ ଫସଲ ବର୍ଷା ଯୋଗୁ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି । ଭବସାଗର ୪ଏକର ଜମିରେ ପୂଜା ଧାନ ବିହନ କୃଷି ବିଭାଗ ତରଫରୁ ନେଇ ଧାନ ଚାଷ କରିଥିଲେ । କେନାଲ ପାଣି ଯୋଗୁ କଷ୍ଟେ ମଷ୍ଟେ ଧାନକୁ ବଞ୍ଚାଇ ରଖିଥିଲେ । ଫସଲ ପାଚିଲା ହେଲେ ଅମଳ ବେଳକୁ ବର୍ଷା ଦାଉ ସାଜିଲା । ବିଲରୁ ଧାନ କାଟି ଖଳାରେ ଅମଳ କରିବା ପାଇଁ ରଖିଥିବାବେଳେ ଅଦିନିଆ ବର୍ଷାରେ ଧାନ ପେଟା ଭିଜିଲା ଫଳରେ ଧାନ ଗଜା ହୋଇଯିବାର ଅଭିଯୋଗ କରିଛନ୍ତି ଭବସାଗର । ନିମ୍ନ ମାନର ଧାନ ହୋଇଯିବା ଫଳରେ କମ୍ ଦରରେ ବିକିବାକୁ ବାଧ ହେବି ବୋଲି ଦୁଃଖରେ ଅଭିଯୋଗ କରିଥିଲେ। ଗରିବ ଶ୍ରେଣୀର ଚାଷୀ ଏବଂ ମରୁଡିରେ କବଳିତ ହୋଇ ଆସୁଥିବା ହେତୁ ଅଦିନିଆ ବର୍ଷାରୁ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ଦାବି ହୋଇଛି । ସେହିପରି ତେତେଲପଡା ଗ୍ରାମର ଚାଷି ରେଭିନ୍ୟୁ ବନଛୋରଙ୍କ ମଧ ଧାନପେଟା ବର୍ଷାରେ ଭିଜି ଯାଇଛି ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ନୂତନ କର୍ମକର୍ତ୍ତା

**ଲୋଇସିଂହା,୧୯।୧୨(ଡି.ଏନ.ଏ):** ଆଗଲପୁର ବ୍ଲକର ଅବସରପ୍ରାପ୍ତ ଶିକ୍ଷକଙ୍କ ଏକ ବୈଠକ ହରଭଙ୍ଗା ଶିବ ମନ୍ଦିରଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଶିକ୍ଷା, ଶିକ୍ଷକ, ଶିକ୍ଷାୟତନ ଓ ସାମୂହିକ ସ୍ୱାର୍ଥର ସୁରକ୍ଷା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା । ଏହି ଅବସରରେ ନୂତନ କର୍ମକର୍ତ୍ତା ଗଠିତ ହୋଇଯାଇଛି । ଜାନୁୟାରୀ ୪ରେ ବ୍ଲକ ଶିକ୍ଷକ ଭବନରେ ପୁଣି ଏକ ବୈଠକ ବସି କାର୍ଯ୍ୟ ପନ୍ଥା ନିର୍ଦ୍ଧାରଣ ପୂର୍ବକ ସଂଘ ମାଧମରେ ପୂର୍ବ ଗୌରବ ଫେରାଇ ଆଣିବାକୁ ବୈଠକରେ ଆଲୋଚନା ହୋଇଥିଲା । ରବିଚନ୍ଦ୍ର ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏହି ବୈଠକ। ସର୍ବସମ୍ମତି କ୍ରମେ ନକୁଳ ପାତ୍ରଙ୍କୁ ସଭାପତି, ଅମର ସାହୁଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା । ଭବଭୂତି ପାଢୀ, ହୃଷିକେଶ ପଧାନ, ବଳଦେବ ଭୋଇ, ରବିଚନ୍ଦ୍ର ଭୋଇ, ଲୋକରାଜ ସାହୁ ପ୍ରମୁଖ ଉପଦେଷ୍ଟା ରହଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧରେ ସର୍ବେଶ୍ୱର ବିଶ୍ୱାଳ, ଗୌରଚନ୍ଦ୍ର ବିଶ୍ୱାଳ, ଉଦେନାଥ ପଧାନ, ବଳରାମ ସାହୁ, ଭୂପାଳଚନ୍ଦ୍ର ଭୋଇ, ନୀଳମଣୀ ଭୋଇ, ଦୁଃଖିଶ୍ୟାମ ପଧାନ, ଧନପତି ପାତ୍ର, ଅମର ସାହୁ, ମନସୀ ସ୍ୱାଇଁ, ମାଗିଖିଆ ନନ୍ଦ, ଭକ୍ତବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

### ବିଦ୍ୟାଳୟରୁ ଚାଉଳ ଚୋରି ଅଭିଯୋଗ

**ଲାଠୋର,୧୯।୧୨(ଡି.ଏନ.ଏ.) :** ବଲାଙ୍ଗୀର ଜିଲା ତୁରେକେଲା ଥାନା ଅଧୀନ ଗଇନ୍ଦିମାଳ ଉଚ୍ଚ ବିଦ୍ୟାଳୟରୁ ମଙ୍ଗଳବାର ବିଳମ୍ବିତ ରାତିରେ ଏମଡିଏମ ଚାଉଳ ଚୋରି ହୋଇଥିବା ନେଇ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଙ୍କର ନାଗ ତୁରେକେଲା ଥାନାରେ ଏତଲା ଦେଇଛନ୍ତି। ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ପ୍ରଥମରୁ ଅଷ୍ଟମ ଯାଏ ୨୫୨ଜଣ ଛାତ୍ରୀଛାତ୍ରଙ୍କୁ ମଧାହ୍ନ ଭୋଜନ ଦିଆଯାଉଛି। ମଙ୍ଗଳବାର ବିଦ୍ୟାଳୟ ଛୁଟି ହେବା ପରେ ସମସ୍ତେ ନିଜ ନିଜ ଘରକୁ ଚାଲିଯାଇଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏମଡିଏମ ଚାଉଳ ରଖାଯାଇଥିବା କୋଠରୀକୁ ସ୍କାଏଲାଇଟ ଭାଙ୍ଗି ଭିତରକୁ ପଶି ୧୬ବସ୍ତା (୮କୁଇଣ୍ଟାଲ) ଚାଉଳ ଚୋରି କରି ନେଇଥିଲେ। ସେଥି ମଧରୁ ୨କୁଇଣ୍ଟାଲ ସ୍କୁଲ ପାଚେରି ପଛପଟେ ଗାତରେ ଏବଂ ୫୦କେଜିର ଏକ ପକେଟ ବିଦ୍ୟାଳୟ ଶୌଚାଳୟ ଭିତରେ ଛାଡି ଚାଲି ଯାଇଥିଲେ। ସକାଳୁ ବିଦ୍ୟାଳୟ ଖୋଲିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଚାଉଳ ଚୋରି ହୋଇଥିବା ଜାଣି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତୁରେକେଲା ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ତୁରେକେଲା ଥାନା କେସ ନଂ ୧୨୭/୧୮ରେ ଦଫା ଏକ ମାମଲା ରୁଜୁ କରି ଆଇଆଇସି ସତ୍ୟଜିତ କାଣ୍ଡେଲକେଲ ଏଏସଆଇ ଶ୍ରୀନିବାସ ମଲିକଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଏସଆଇ ତଦନ୍ତ ଆରମ୍ଭ କରି ପାଞ୍ଚ ପକେଟ ଚାଉଳ ଉଦ୍ଧାର କରି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଥିବାବେଳେ ଅଭିଯୁକ୍ତମାନଙ୍କର ଖୋଜ ଖବର ପାଇ ନ ଥିବା ପ୍ରକାଶ କରିଛନ୍ତି। ବିଦ୍ୟାଳୟରେ ରାତି ଜଗୁଆଳି ନିଯୁକ୍ତି ଦିଆ ଯାଇ ନ ଥିବାରୁ ଏହିପରି ପରିସ୍ଥିତି ସୃଷ୍ଟି ହେଲା ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ପେଥାଇ ଆଣିଲା ଚାଷୀଙ୍କ ଦୁର୍ଗତି



ପାଣିଥିବା ଚାଷ ଜମିରେ ଧାନ ଖରି ଓ ପେଟା ।

**ଲୋଇସିଂହା,୧୯।୧୨(ଡି.ଏନ.ଏ.)**

**ଚାଷୀଙ୍କ ଦୁଃଖ**
- ବର୍ଷାରେ ଭିଜିଲା ଧାନ
- ତହସିଲଦାରଙ୍କୁ ଭେଟିଲେ ଚାଷୀ
- ୧୦ ପଞ୍ଚାୟତରେ ଆରମ୍ଭ ହୋଇଛି ତଦନ୍ତ

ସାମୁଦ୍ରିକ ଝଡ ପେଥାଇ ପ୍ରଭାବରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ରବିବାର ସନ୍ଧ୍ୟାରୁ ମଙ୍ଗଳବାର ପର୍ଯ୍ୟନ୍ତ ବର୍ଷା ଲାଗି ରହିଥିଲା । ଫଳରେ ଜମିରେ ପଡିଥିବା କଟା ଧାନ ଓ ଖଳାରେ ଥିବା ଧାନ ଖରି ବର୍ଷାରେ ଭିଜି ବ୍ୟାପକ କ୍ଷତି ପହଞ୍ଚାଇଛି । ଚାଷୀମାନେ ଭିଜିଥିବା ଧାନ ସବୁ ଗଜା ହେବା ଆଶଙ୍କା କଲେଣି । କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ସରକାରୀ ସହାୟତା ଦେବାକୁ ଦାବି କରି ବିଭିନ୍ନ ବର୍ଗର ଲୋକେ ଲୋଇସିଂହା ତହସିଲଦାରଙ୍କୁ ବୁଧବାର ଭେଟିଛନ୍ତି । ଏ ଯାଏ ରାଜସ୍ୱ ନିରୀକ୍ଷକମାନେ କ୍ଷେତ୍ର ପରିଦର୍ଶନ କରି ନ ଥିବାରୁ ଏହି ପ୍ରତିନିଧି ଦଳ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଉଭୟ ବିଭାଗର ପ୍ରସ୍ତୁତି ପରେ ୧୦ଟି ପଞ୍ଚାୟତରେ ତଦନ୍ତ ଆରମ୍ଭ ହୋଇଥିବା ହସ୍ତଗତ ହୋଇଛି । ଡିସେମ୍ବର ମଧ ଭାଗ ଚାଲିଥିବାରୁ ଏବେ ଖରିପ ଧାନ ଅମଳ ଚାଲିଛି । ଏବେ ପ୍ରାୟତଃ ଚାଷୀ ଥ୍ରେସର ସାହାଯ୍ୟରେ ଧାନ ମଡାଉଥିବାରୁ କଟା ଧାନକୁ ଖଳାକୁ ନ ଆଣି ଜମିରେ ଖରି କରି ରଖିଛନ୍ତି । ଏତେ ପରିମାଣରେ ବର୍ଷା ହୋଇଛି ଯେ, ପ୍ରାୟ ୧୦ରୁ ଅଧିକ ଦିନ ଜମିକୁ ଗାଡି ଯାଇ ପାରିବ ନାହିଁ । ମରୁଡି ଦାଉରୁ ରକ୍ଷା ପାଇଥିବା ଅମଳ ସର୍ବସ୍ୱାନ୍ତକୁ ନେଇ ଭାଙ୍ଗି ପଡିଛନ୍ତି । ବୁଧବାର ମଧାହ୍ନ ସୁଦ୍ଧା ପ୍ରଶାସନ ତରଫରୁ କ୍ଷୟକ୍ଷତି ଆକଳନ ପାଇଁ ଗାଁରେ ପହଞ୍ଚି ନ ଥିବାରୁ ଚାଷୀ ମହଲରେ ଏ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ପରେ ଚାଷୀ ନେତା ହିମାଂଶୁ ଶେଖର ସାହୁ, ଅଦିବାସୀନେତା ଶ୍ୟାମସୁନ୍ଦରଭୋଇ, ଭାଜପା ନେତା ସୁଦୀପ ସା, ଲାଲମନ ନାଗ, ଯଶୋବନ୍ତ ଗଡୁଆ ପ୍ରମୁଖ ତହସିଲଦାର ରୀନା ମେହେରଙ୍କୁ ସାକ୍ଷାତ କରି ଜଣାଇଥିଲେ । ସରଗାଡ ଗ୍ରାମର ଦୁଇ ଜଣ ଚାଷୀ ସନିଶ୍ଚର ପଟଲେ ଓ ପ୍ରସନ୍ନ ପଟେଲ ତାଙ୍କ ଜମିରେ ଧାନ ଉଠିବା ପରେ ଝାଇମୁଗ ବୁଣିଥିଲେ। ତାହା ପାଣିରେ ବୁଡି ଯାଇଥିବାରୁ ସହାୟତା ଦାବି ନେଇ ଗୁହାରୀ କରିଥିଲେ। କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ ଆଲୋଚନା ପରେ କ୍ଷୟକ୍ଷତି ଆକଳନ କରି ଆଇ ଏଷ୍ଟିମେଟ ଜିଲା ପ୍ରଶାସନକୁ ଦିଆଯିବାକୁ କହିଥିଲେ । ବ୍ଲକ ସହକାରୀ କୃଷିଅଧିକାରୀ ସୂଚନାମତେ, ରଜସ୍ୱ ଓ କୃଷି ବିଭାଗର ମିଳିତ ପ୍ରସ୍ତୁତି ବୈଠକ ସରିଯାଇଛି । ବ୍ଲକର ୨୦ଟି ପଞ୍ଚାୟତ ମଧ୍ୟରୁ ୧୦ଟି ପଞ୍ଚାୟତରେ ତଦନ୍ତ ଆରମ୍ଭ ହୋଇଛି। ଲୋଇସିଂହା ଓ ହୀରାପୁର ପଞ୍ଚାୟତରେ ଆଇର କ୍ଷୟକ୍ଷତି ଆକଳନ କରୁଥିବାବେଳେ ବୁଢୀପଦର, ଝାରମୁଣ୍ଡା, କୁଶଙ୍ଗ, କୁଶମେଲ, ବାନିପାଲି, ଝାରମୁଣ୍ଡା, ସରଗାଡ, ରେଙ୍ଗି ପଞ୍ଚାୟତରେ କୃଷିକର୍ମଚାରୀ ଆକଳନ କରୁଛନ୍ତି । ଶୁକ୍ରବାର ଆକଳନ ରିପୋର୍ଟ ହସ୍ତଗତ ହେବ ବୋଲି କହିଥିଲେ । ତେବେ ଲୋଇସିଂହା ବ୍ଲକରେ ୪୪ପ୍ରତିଶତ ବର୍ଷା ରେକର୍ଡ କରାଯାଇଥିବାବେଳେ କୃଷି ବିଭାଗ ପକ୍ଷରୁ ମାତ୍ର ୧୦.୪୦ମିମି ବର୍ଷା ରେକର୍ଡ ସୂଚନା ଦିଆଯାଇଛି । ଯାହାକି କ୍ଷତିଗ୍ରସ୍ତ ଆକଳନ ପରିମାଣକୁ ହ୍ରାସ ପାଇଁ ଏପରି ବିଭ୍ରାନ୍ତି କର ତଥ୍ୟ ରଖାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି ।



ଚାଷୀମାନେ କ୍ଷୟକ୍ଷତି ଆକଳନ ପାଇଁ ତହସିଲଦାରଙ୍କୁ ଭେଟୁଛନ୍ତି।

### କ୍ଷତିଗ୍ରସ୍ତ ଚାଷୀଙ୍କୁ ନିରାଶ କଲେ ବିଡିଓ

**ଲୋଇସିଂହା,୧୯।୧୨(ଡି.ଏନ.ଏ.)**

ପେଥାଇ ପ୍ରଭାବରେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକରେ ଖରିପ ଅମଳଧାନ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି । କ୍ଷତଗ୍ରସ୍ତ ଚାଷକୁ ଡୁଡକା ଗ୍ରାମର ଚାଷୀମାନେ ବିଡିଓ ସୁଦର୍ଶନ ସେଙ୍କୁ ଦେଖାଇଥିଲେ । ତେବେ ବିଡିଓ ଏହା କୃଷି ବିଭାଗର କାମ କହି ଚାଷୀଙ୍କ ସମସ୍ୟାକୁ ଏଡାଇ ଗନ୍ତବ୍ୟ ସ୍ଥଳକୁ ଚାଲି ଯାଇଥିଲେ । ବିଡିଓଙ୍କ ଏଭଳି ଆଚରଣ ଚାଷୀଙ୍କୁ ନିରାଶ କରିବା ସହ ଚାଷୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ପରେ ସେଠାରୁ ଫେରି ଡୁଡକା ଗ୍ରାମରକଲ୍ୟାଣ ମଣ୍ଡପଠାରେ ଆୟୋଜିତ ପିଠା କାର୍ଯ୍ୟକ୍ରମରେ ଜଣାଇବାକୁ ଆସିଥିଲେ । ସେଠାରେ ଥିବା କୃଷି ବିଭାଗ ଷ୍ଟଲରେ କୌଣସି କୃଷି କର୍ମଚାରୀ ନ ଥିବାରୁ ସମସ୍ୟା ଜଣାଇ ନ ପାରି ଚାଷୀମାନେ ନିରାଶ ହୋଇଥିବା ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ବିଡିଓ ସେ ଓ ବ୍ଲକ ସହକାରୀ କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ସେମାନଙ୍କ ପ୍ରତିକ୍ରିୟା ମିଳି ପାରି ନାହିଁ।

## ୧୪ଘଣ୍ଟା ପରେ ହଟିଲା ରାସ୍ତାଜାମ୍

**ଲୋଇସିଂହା,୧୯।୧୨(ଡି.ଏନ.ଏ.)**



ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଗାଡି।

ବଲାଙ୍ଗୀର –ବରଗଡ ୨୬ନଂ ଜାତୀୟ ରାଜପଥ ଲୋଇସିଂହା କୁଶଙ୍ଗା ପୋଲ ନିକଟରେ ମଙ୍ଗଳବାର ରାତିରେ ଦୁର୍ଘଟଣା ଗ୍ରସ୍ତ ଏକ ଟ୍ରକ ପଛରେ ଏକାଧିକ ଟ୍ରକ ଦୁର୍ଘଟଣା ଗ୍ରସ୍ତ ହୋଇ ଜାତୀୟ ରାଜପଥ ଅବରୋଧ ହୋଇଯାଇଥିଲା । ମଙ୍ଗଳବାର ବିଳମ୍ବିତ ରାତିରୁ ବୁଧବାର ମଧାହ୍ନ ସୁଦ୍ଧା ରାସ୍ତାରେ ଗାଡିଚଳାଚଳ ବ୍ୟାହତ ହୋଇପଡିଥିଲା । ବୁଧବାର ପୂର୍ବାହ୍ନ ୨ଟା ସମୟରେ ଗାଡିଚଳାଚଳ ସ୍ୱାଭାବିକ ହୋଇଥିଲା । ଏକ ବଡ ଧରଣର ଦୁର୍ଘଟଣା ଘଟିଥିଲେ ସୁଦ୍ଧା ଏଥିରେ କେହି ମୃତାହତ ହୋଇନାହାନ୍ତି। ଦୁଇ ଜଣ ଗୁରୁତର ଆହତ ହୋଇ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ଲୋଇସିଂହା ପୋଲିସ ସୂତ୍ରରୁ ପ୍ରକାଶ । ପ୍ରକାଶ ଯେ, ବଲାଙ୍ଗୀର ପଟରୁ ବରଗଡ ଅଭିମୁଖେ ଯାଉଥିବା କେମିମାଲ ପାଉଡର ବୋଝେଇ ଟ୍ରକ(ଆରଜେ–୩୬ଜିଏ ୩୫୨୬) ପୂର୍ବରୁ କୁଶଙ୍ଗାଇ ମନ୍ଦିର ନିକଟରେ ବ୍ରେକଡାଉନ ହୋଇ ପଡିଥିଲା । ରାତି ପ୍ରାୟ ସାଢେ ୧୨ଟା ସମୟରେ ଉକ୍ତ ଗାଡି ପଛରେ ପୁଣି ଏକ କୋଇଲା ଓ ପାଉଡର ବୋଝେଇ ଟ୍ରକ ପିଟି ହୋଇଥିଲା । ତା' ପଛକୁ ପଛ ୪ଟି ଟ୍ରକ ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ତେବେ ଏକ ଅତ୍ୟଧିକ ମାଲ ବୋଝେଇ ଟ୍ରକ ରାସ୍ତା ପାରହେଉଥିବାବେଳେ ବର୍ଷା ଯୋଗୁ ମାଟି ଦବି ଯିବାରୁ ଚକ ଭାସି ଅଟକି ରହିଥିଲା । ଫଳରେ ରାସ୍ତା ସମ୍ପୂର୍ଣ୍ଣ ବ୍ଲକ ହୋଇଯାଇଥିଲା । ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଟ୍ରକ, ଯାତ୍ରିବାହୀ ବସ ଅଟକି ରହିଥିଲା । ରାତିରେ ଦୁର୍ଘଟଣା ସମ୍ପର୍କରେ ଲୋଇସିଂହା ପୋଲିସ ଖବରପାଇ ରାସ୍ତା ଖାଲି କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ । ବୁଧବାର ପୂର୍ବାହ୍ନରେ କ୍ରେନ ଆସିବା ପରେ ଦୁର୍ଘଟଣା ଗ୍ରସ୍ତଗାଡିର ମାଲ ହଟାଇ ଅନ୍ୟ ଏକ ଟ୍ରକରେ ଲୋଡ କରି ଦୁର୍ଘଟଣା ଗ୍ରସ୍ତଗାଡିକୁ ରାସ୍ତାରୁ ହଟାଇବା ପରେ ରାସ୍ତାରେ ଯାତାୟତ ସ୍ୱାଭାବିକ ହୋଇଥିବା ଏସଆଇ ଜେକେ ମହାନ୍ତି ସୂଚନା ଦେଇଛନ୍ତି ।

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବି

## ମୁହଁରେ କଳାକନା ବାନ୍ଧି ଅଭିନବ ପ୍ରତିବାଦ

ବଲାଙ୍ଗୀର ଅଫିସ, ୧୯।୧୨



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ୧୭ତମ ଦିନରେ ଆନ୍ଦୋଳନକାରୀ ଧାରଣାରେ ବସିଛନ୍ତି ।

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃପ୍ରତିଷ୍ଠା ଦାବିକୁ ନେଇ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ବୁଧବାର ୧୭ତମ ଦିନରେ ପହଞ୍ଚିଛି । ଏହି ଆନ୍ଦୋଳନ ଫଳରେ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମେତ ସିଭିଲ କୋର୍ଟ, ତହସିଲ ଅଫିସ, ସବ୍‌ରେଜିଷ୍ଟ୍ରି ଅଫିସ ଓ ଜିଲା ଯୋଗାଣ ଅଫିସ ବନ୍ଦ ରହିଛି । ଦୀର୍ଘ ୧୭ଦିନ ଧରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଜିଲା ଓକିଲ ସଂଘ ପକ୍ଷରୁ ଧାରଣା ଜାରି ରହିଛି । ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ ନାୟକ ଓ ଜିଲା ଓକିଲ ସଂଘ ସଭାପତି ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ଚାଲିଥିବା ଧାରଣାରେ ବୁଧବାର ଜିଲା କୃଷକ ମହାସଂଘର ଶତାଧିକ ଚାଷୀ ଓ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍‌ର ସଦସ୍ୟମାନେ ଯୋଗଦେଇ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ବଲାଙ୍ଗୀର ହିଁ ପ୍ରକୃଷ୍ଟ ସ୍ଥାନ ବୋଲି ଦାବି କରିଥିଲେ । ରାଜ୍ୟ ସରକାର ଏହି ପ୍ରସଙ୍ଗକୁ ବିବାଦୀୟ କରିଦେଇଥିବାରୁ ସମାଲୋଚନା କରାଯାଇଥିଲା । ଜିଲା କୃଷକ ମହାସଂଘ ସଭାପତି ଡା ସୁଧୀର ପରିଚ୍ଛା ବକ୍ତବ୍ୟ ରଖି ରାଜ୍ୟ ସରକାର ବଲାଙ୍ଗୀରବାସୀଙ୍କୁ ଭୁଆଁବୁଲାଉଛନ୍ତି ବୋଲି କହିଥିଲେ । ଗଡଜାତ ମିଶ୍ରଣ ପୂର୍ବରୁ ବଲାଙ୍ଗୀରରେ ହାଇକୋର୍ଟ ରହିଥିଲା ଓ ଏବେ ରାଜ୍ୟ ସରକାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ବଲାଙ୍ଗୀରରେ ପ୍ରତିଷ୍ଠା କରିବାକୁ ହେବ ବୋଲି କହିଥିଲେ । ଏହି ସଭାରେ ଚାଷୀନେତା ଗଗନ ନାଥ, ଜିଲା ଓକିଲ ସଂଘ ସମ୍ପାଦକ ଅମନ ନାଗ, ଆଡଭୋକେଟ୍ ଗୋପାଳ ହୋତା, ସରୋଜ ଗୁପ୍ତା, ରାଧାକାନ୍ତ ମହାକୁଡ, ରତନ ମହାରଣା, ସତ୍ୟ ନାଏକ, ପ୍ରିୟରଞ୍ଜନ ବହିଦାର, ନରେନ୍ଦ୍ର ତ୍ରିପାଠୀ, ଦେବେନ୍ଦ୍ର ପାଣିଗ୍ରାହୀ, ଆଶିଷ ଦର୍ଜୀ, ସଞ୍ଜୀବ ହୋତା, ଅଶୋକ ରାଉତ୍, ସତ୍ୟ ଆଚାର୍ଯ୍ୟ, ଦେବାଶିଷ ବିଶ୍ୱାଳ, ଅନନ୍ତ ବିଶ୍ୱାଳ, ନାଗରିକ କମିଟି ସଭାପତି ଭବାନୀ ଶତପଥି, ଜନମୋର୍ଚ୍ଚା ସଭାପତି ବାସୁଦେବ ରଥ ଓ ଅନ୍ୟମାନେ ବକ୍ତବ୍ୟ ରଖିଥିଲେ । ବିଙ୍ଗ ହ୍ୟୁମାନ୍ ଫାଉଣ୍ଡେସନ୍ ସଦସ୍ୟା, ସଦସ୍ୟ ମୁହଁରେ କଳାକନା ବାନ୍ଧି ଅଭିନବ ପ୍ରତିବାଦ ଜଣାଇଥିଲେ। ଫାଉଣ୍ଡେଶନ୍ ସମ୍ପାଦକ ବିବେକାନନ୍ଦ ପଟେଲ, ଲିପି ପଟେଲ ଉଦ୍‌ବୋଧନ ଦେଇଥିଲେ । ଯଶବନ୍ତ ସିଂ କମିଶନ ଆଧାରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ବଲାଙ୍ଗୀର ହିଁ ଉପଯୁକ୍ତ ସ୍ଥାନ ହୋଇଥିବାବେଳେ ରାଜ୍ୟ ସରକାର ଏ ନେଇ ଘୋଷଣା ନ କରିବାକୁ କଠୋର ଭାଷାରେ ସମାଲୋଚନା କରାଯାଇଥିଲା। ଜିଲା କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ନିମେଇ ମିଶ୍ର, ଦିଲୀପ ବିଶି ଓ ଅନ୍ୟମାନେ ମଧ ଧାରଣାରେ ସାମିଲ ହୋଇଥିଲେ ।

### ମଣ୍ଟେସୋରୀ ସ୍କୁଲରେ ପ୍ରାଥମିକ ଚିକିତ୍ସା ଶିବିର

ବଲାଙ୍ଗର ଅଫିସ, ୧୯।୧୨

ବଲାଙ୍ଗୀର ମାଳପଡାସ୍ଥିତ ମଣ୍ଟେସୋରୀ ପବ୍ଲିକ ସ୍କୁଲରେ ବୁଧବାର ଏକଦିବସୀୟ ପ୍ରାଥମିକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ନିର୍ଦ୍ଦେଶକ ତଥା ଅଧକ୍ଷ ରବିଚନ୍ଦ୍ର ଉଦ୍‌ଗାତାଙ୍କ ଅଧକ୍ଷତାରେ ଶିବିରରେ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ରବିଚନ୍ଦ୍ର ପଶାୟତ ସାଧନକର୍ମୀ ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶିବିରରେ ଅଂଶଗ୍ରହଣ କରିଥିବା ୨୩୫ଜଣ ଛାତ୍ରୀଛାତ୍ର, ଶିକ୍ଷକଙ୍କୁ ପ୍ରାଥମିକ ଚିକିତ୍ସାର ତାଲିମ ପ୍ରଦାନ କରିଥିଲେ। ଏଥିରେ ସଇଁତଲା ବ୍ଲକ ଅନ୍ତର୍ଗତ ଡେଙ୍ଗ୍ ହାଇସ୍କୁଲର ଜୁନିଅର ରେଡକ୍ରସ ପରାମର୍ଶଦାତା ରାମନାରାୟଣ ଦାଶ ଏବଂ ସାମାଜିକକର୍ମୀ ଦୀପକ ପଶାୟତ ସହଯାଗ କରିଥିଲେ । ସମ୍ମାନିତ ଅତିଥି ଭାବେ ଏକାଡେମିକ ହେଡ ଶିବାନନ୍ଦ ଦାଶ, ଫାର୍ଷ୍ଟ ଷ୍ଟେପ ପ୍ରିନ୍ସପାଲ ସଞ୍ଜୁକ୍ତା ମିଶ୍ର, ଆକୁଳ ବେହେରା ଯୋଗଦେଇଥିଲେ । ସ୍ୱାଗତ ଦାଶ ସ୍ୱାଗତ ଅଭିଭାଷଣ ଦେଇଥିଲେ ।

### ଏସ୍‌ଏ ରସିଦ୍‌ଙ୍କ ପରଲୋକ

**ବଲାଙ୍ଗୀର ଅଫିସ,୧୯।୧୨**

ବଲାଙ୍ଗୀରର ବ ରିଷ୍ଠ କଳାକାର ଏସ୍‌ଏ ରସିଦ୍(୭୯)ଙ୍କ ହୃତଘାତରେ ମଙ୍ଗଳବାର ରାତିରେ ପରଲୋକ ଘଟିଛି । ମଙ୍ଗଳବାର ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କୁ ପ୍ରଥମେ ବଲାଙ୍ଗୀର ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ପରେ ବୁର୍ଲା ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଉଥିବାବେଳେ ବରଗଡଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବରଗଡ ବିକାଶ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

## ଧନୁଯାତ୍ରା ସ୍ଥଗିତ ରଖିବାକୁ ଫେରାଦ

**ଲୋଇସିଂହା,୧୯।୧୨(ଡି.ଏନ.ଏ)**

ଲୋଇସିଂହା ଥାନା ଅନ୍ତର୍ଗତ ଆଗଲପୁର ବ୍ଲକ ନଅଗାଁ(କ) ଆଞ୍ଚଳିକ ଧନୁଯାତ୍ରାକୁ ନେଇ ବିବାଦ ସୃଷ୍ଟି ହୋଇଛି । ଧାନୁଯାତ୍ରକୁ କେତେକ ବ୍ୟକ୍ତି ବ୍ୟକ୍ତିଗତ ଭାବେ ଆୟବ୍ୟୟ ସମୀକ୍ଷା କରୁନାହାନ୍ତି । ଯାହାକୁ ନେଇ ଗ୍ରାମରେ ଦୁଇ ଗୋଷ୍ଠୀ ହୋଇ ବିବାଦ ଘନେଇବାରେ ଲାଗିଛି। ଏହାର ସମାଧାନ ପାଇଁ ନଅଗାଁ(କ) ପଞ୍ଚାୟତର ପ୍ରତିନିଧିମାନେ ମାସିକ ବୈଠକରେ ସିଦ୍ଧାନ୍ତ ଗ୍ରହଣ କରି ସମାଧାନର ସୂତ୍ର ନ ବାହରିବା ପର୍ଯ୍ୟନ୍ତ ଧନୁଯାତ୍ରାକୁ ସ୍ଥଗିତ ରଖିବାକୁ ଜିଲାପାଳ, ଏସପିଙ୍କଠାରେ ଫେରାଦ ହୋଇଛନ୍ତି। ପ୍ରକାଶ ଯେ, ନଅଗାଁ(କ) ଗ୍ରାମ୍ୟ କମିଟିରେ ଥିବା ୨୦ବର୍ଷର ପାଣ୍ଠିକୁ ଗ୍ରାମର ମୋତିଲାଲ ସରାଫ, ଗୋଲାପ ବେହେରା ଏବଂ ମେଘନାଦ ବିଶ୍ୱାଳ ଗ୍ରାମରେ ଆଞ୍ଚଳିକ ଧନୁଯାତ୍ରା ନା ରେ ଗ୍ରାମ୍ୟ ପାଣ୍ଠିକୁ ଶୋଷଣ କରୁଛନ୍ତି । ଏମାନେ ବିଗତ ୨ବର୍ଷର ଆୟବେୟର କୌଣସି ହିସାବ ସର୍ବସାଧାରଣରେ ରଖୁ ନ ଥିବାରୁ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଉଛି । ଯାହାକୁ ନେଇ ଗ୍ରାମରେ ଦୁଇ ଗୋଷ୍ଠି ହୋଇ ବିବାଦର ସୂତ୍ରପାତ ସୃଷ୍ଟି ହେଉଛି । ପଞ୍ଚାୟତ ଜରିଆରେ ସମାଧାନ ବାହାରିବାକୁ ଉଦ୍ୟମ କରାଗଲେ ସେହି ୩ବ୍ୟକ୍ତି ଆନ୍ତରିକତା ପ୍ରକାଶ କରୁନାହାନ୍ତି । ଯାହାକି ଗତ ୧୬ତାରିଖ ଅନୁଷ୍ଠିତ ପଞ୍ଚାୟତର ମାସିକ ବୈଠକରେ ସରପଞ୍ଚ ଆନନ୍ଦ ବିଶି, ନାଏବ ସରପଞ୍ଚ ଭାରତୀ ସାହୁ, ପଞ୍ଚାୟତ ପ୍ରତିନିଧି ଶୋଭା ଧରୁଆ, ବାସନ୍ତୀ ଷାଣ୍ଡ, ପବିତ୍ର ସାହୁ, ଶ୍ରୀମତି ପୋଡ, ରଞ୍ଜିତ ସାହୁ, ସାଧୁ ମେହେର, କୁନି ମେହେର, ରୀତା ଦେହେରୀ, ମଦନ ଭାଟି, ବିଳାସ ସାହୁ, ଭିକାରୀ ବୁଡେକ, ପଞ୍ଚନନ ସାହୁ, ସୁରୁବାଳି ବିଶ୍ୱାଳ, ଜୟନ୍ତ ପଧାନ, ଉତ୍ତର ବୁଡେକ ପ୍ରମୁଖ ୧୮ଜଣ ସଦସ୍ୟ ପଞ୍ଚାୟତର ବୈଠକର ପରିପତ୍ର ସଂଖ୍ୟା ୫୫ରେ ସିଦ୍ଧାନ୍ତ ଗ୍ରହଣ କରି ଏଭଳି ପଦକ୍ଷେପ ନେଇଥିବା ଜଣାଇଛନ୍ତି।

## ଜିଲା ଦାବି ଆନ୍ଦୋଳନ ଜାରି, 'ପିଠା'କୁ ବିରୋଧ

ଟିଟିଲାଗଡ଼, ୧୯।୧୨ (ଡି.ଏନ.ଏ)




ଜିଲା ଦାବି ନେଇ ଅନ୍ଦୋଳନରେ ସାମିଲ ହୋଇଥିବା ବ୍ୟକ୍ତିବିଶେଷ ।

ଟିଟିଲାଗଡ ଜିଲା ଦାବି ନେଇ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜାରି ରହିଥିବା ଗଣଧାରଣା ବୁଧବାର ୪୯ତମ ଦିନରେ ପହଞ୍ଚିଛି। ଆନ୍ଦୋଳନ ଯୋଗୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି। ବୁଧବାର କୃଷକ ମହାସଂଘର ନେତୃବୃନ୍ଦ ତଥା ଚାଷୀ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା ସହ ଆନ୍ଦୋଳନ ସମର୍ଥନରେ ଗଣଧାରଣାରେ ସାମିଲ ହୋଇଛନ୍ତି। କୃଷକ ମହାସଂଘ ସଭାପତି ଶମ୍ଭୁପ୍ରସାଦ ସାହୁଙ୍କ ନେତୃତ୍ୱରେ ବରିଷ୍ଠ ଚାଷୀ ନେତା ଅଭୟ ସାହୁ, ତ୍ରୈଲୋଚନ ନାଗ, ଝସକେତନ ଛତର, ପଙ୍କଜ ପାଢୀ, ଆଲୋକ ନାୟକ, ଚିତରଞ୍ଜନ ଠେଲା, ଲଳିତ ସାହୁ, ତପନ ଦୀପ, ବସନ୍ତ ଦୀପ, ରାଜୁ ସିଂ, ତୁଳା ପଟେଲ, ରାମ ନାଗ, ସତ୍ୟ ନାଗ, ପିତବାସ ଚିନାଗୁର, ଦିଲୀପ ବେହେରା, ଦୁତିଆ ସାହୁ, ଚୁଡାମଣୀ ଭାଟି ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ଅପରପକ୍ଷରେ ଆନ୍ଦୋଳନ ନେଇ ଅଚଳାବସ୍ଥା ଲାଗି ରହିଥିବାବେଳେ ସରକାରୀ କଳର ନିରବତା ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଏ ନେଇ ରାଜ୍ୟର ସରକାରଙ୍କ 'ପୀଠା' କାର୍ଯ୍ୟକ୍ରମକୁ ତୀବ୍ର ବିରୋଧ ଜାରି ରହିଛି। ବୁଧବାର ଟିଟିଲାଗଡ ବ୍ଲକର ୧୨ଟି ଗ୍ରାମପଞ୍ଚାୟତରେ'ପୀଠା' ଯୋଜନା ଭଣ୍ଡୁର ହୋଇଥିବା ଜଣାଯାଇଛି। କେବଳ ସଭାକୁ ଆସିଥିବା ଲୋକଙ୍କୁ ଭତ୍ତା ବଣ୍ଟନରେ ଯୋଜନାଟି ସୀମିତ ରହିଥିବା ବିଡିଓ ମୋତିଲାଲ ସୁଲିଆ କହିଛନ୍ତି। ବୁଧବାର ଟିଟିଲାଗଡ ଉପଖଣ୍ଡ ଅନ୍ତର୍ଗତ ଲେବଡା, ମାଲିସିରା, ବିଟାବନ୍ଧ ଆଦି କେତେକ ପଞ୍ଚାୟତରେ କାର୍ଯ୍ୟକ୍ରମ ନେଇ କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାନ ପହଞ୍ଚିଥିଲେ। ତେବେ ଜିଲା ସମର୍ଥକଙ୍କ ବିରୋଧ ଯୋଗୁ ସେ ଟିଟିଲାଗଡ ଜିଲା ଦାବିକୁ ଦୋହରାଇ ଫେରିଯାଇଥିବା ଜଣାପଡିଛି। ଅପରପକ୍ଷରେ ଜିଲା ଦାବି ନେଇ ଆନ୍ଦୋଳନ ତୀବ୍ର ହେବା ସହ ଜନଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ସରକାର 'ପୀଠା' କାର୍ଯ୍ୟକ୍ରମକୁଜବରଦସ୍ତିଚଳାଇବାକୁ ଉଦ୍ୟମ କରିବା ନେଇ ଜିଲା କ୍ରିୟାନୁଷ୍ଠାନ କମିଟି ଆବାହକ କୃଷ୍ଣଚନ୍ଦ୍ର ସାହୁ ତୀବ୍ର ନିନ୍ଦା କରିଛନ୍ତି। ଜିଲା ଘୋଷଣା ନ ହେଲା ପର୍ଯ୍ୟନ୍ତ କେବଳ 'ପୀଠା' ନୁହେଁ ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମକୁ ଏଭଳି ବିରୋଧ ଜାରି ରହିବ ବୋଲି ସାହୁ ଚେତାବନୀ ଦେଇଛନ୍ତି।

**ସର୍ବସାଧାରଣ ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ., ଭୁବନେଶ୍ୱର, ସତ୍ୟନଗର ଅଞ୍ଚଳରେ ୮୮୫୫୪.୮୩ ବର୍ଗ ପରିମିତ ଅଞ୍ଚଳରେ ଏକ ନୂତନ ବାସୋପଯୋଗୀ ବିଶିଷ୍ଟ (B2+B1+LGF+M2+M1+UGF+G+29) ମହଲା ଆପାର୍ଟମେଣ୍ଟ ଘର ସ୍ଥାପନ ନିମନ୍ତେ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କଠାରୁ ଅନୁମତି ହାସଲ କରିଛନ୍ତି। ଏହାସହିତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ପ୍ରକଳ୍ପ ସରକାରୀ ଏବଂ ବେସରକାରୀ ସହଭାଗୀତା ଯୋଜନାର ଅନ୍ତର୍ଭୁକ୍ତ ଅଟେ। ଉପରୋକ୍ତ ଅନୁମତି ପତ୍ରର ଏକକିତା ନକଲ ଚିଠି ନଂ. ୬୩୬୫/ଏସ୍.ଇ.ଆଇ.ଏ.ଏ., ତା୦୩।୧୨।୨୦୧୮ରିଖ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କ ୱେବ୍‌ସାଇଟ୍ http://www.orissaseiaa.gov.in/ରେ ଉପଲବ୍ଧ ଅଟେ।

–ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ.

**ସର୍ବସାଧାରଣ ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ., ଭୁବନେଶ୍ୱର, ସତ୍ୟନଗର ଅଞ୍ଚଳରେ ୪୯୯୨୭.୧୧ ବର୍ଗ ପରିମିତ ଅଞ୍ଚଳରେ ଏକ ନୂତନ ବାସୋପଯୋଗୀ ବିଶିଷ୍ଟ (B2+B1+G+25) ମହଲା ଆପାର୍ଟମେଣ୍ଟ ଘର ସ୍ଥାପନ ନିମନ୍ତେ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କଠାରୁ ଅନୁମତି ହାସଲ କରିଛନ୍ତି। ଏହାସହିତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ପ୍ରକଳ୍ପ ସରକାରୀ ଏବଂ ବେସରକାରୀ ସହଭାଗୀତା ଯୋଜନାର ଅନ୍ତର୍ଭୁକ୍ତ ଅଟେ। ଉପରୋକ୍ତ ଅନୁମତି ପତ୍ରର ଏକକିତା ନକଲ ଚିଠି ନଂ. 63F/ଏସ୍.ଇ.ଆଇ.ଏ.ଏ., ତା୦୩।୧୨।୨୦୧୮ରିଖ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କ ୱେବ୍‌ସାଇଟ୍ http://www.orissaseiaa.gov.in/ରେ ଉପଲବ୍ଧ ଅଟେ।

–ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ.

ଧରିତ୍ରୀ DHARITRI
ସମ୍ବଲପୁର, ଗୁରୁବାର, ୨୦ ଡିସେମ୍ବର, ୨୦୧୮



" ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।

- ରବର୍ଟ ୱାଲ୍‌ପୋଲ୍



# ତେଜିଲା କୃଷି ଋଣ ଛାଡ଼ ଦାବି

ବଲାଙ୍ଗୀର ଅଫିସ, ୧୯।୧୨

■ ପେଥାଇ କ୍ଷତିପୂରଣ ଦାବିରେ ବିକ୍ଷୋଭ
■ ଭିଜିଲା ଧାନ ଧରି ଚାଷୀଙ୍କ ନାରାବାଜି
■ କ୍ଷୟକ୍ଷତି ଶୀଘ୍ର ଆକଳନ କର

ପେଥାଇ ପ୍ରଭାବରେ ଗତ ୩ଦିନ ଧରି ବଲାଙ୍ଗୀର ଜିଲାରେ ପ୍ରବଳ ବର୍ଷା ଓ ମେଘୁଆ ପାଗ ଲାଗି ରହିବା ଫଳରେ ଚାଷୀଙ୍କ କଟା ଧାନ ବହୁଳ ଭାବେ ନଷ୍ଟ ହୋଇଯାଇଛି । ଚଳିତ ବର୍ଷ ଜିଲାର ଚାଷୀମାନେ ପ୍ରାରମ୍ଭିକ ମରୁଡିର ଶୀକାର ହୋଇଥିଲେ । ଏହାପରେ ଚକଡା ଉପଦ୍ରବରେ ଚାଷୀଙ୍କ ଧାନ ଫସଲ ପ୍ରଭାବିତ ହୋଇଥିଲା । ଏବେ ପେଥାଇ ବର୍ଷା ଜିଲାର ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି । ଏଭଳି ପରିସ୍ଥିତିରେ ଜିଲା କୃଷକ ମହାସଂଘ ପକ୍ଷରୁ ବୁଧବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଚାଷୀ ବିକ୍ଷୋଭ ପ୍ରଦର୍ଶନ କରି ପେଥାଇ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିବା ସହ ତୁରନ୍ତ ଚାଷୀଙ୍କ କୃଷିଋଣ ଛାଡ କରିବାକୁ ଦାବି କରିଥିଲେ । ଜିଲା କୃଷକ ମହାସଂଘ ସଭାପତି ଡା ସୁଧୀର ପରିଚ୍ଛାଙ୍କ ନେତୃତ୍ୱରେ କ୍ଷତିଗ୍ରସ୍ତ ଚାଷୀମାନେ ପେଥାଇ ପ୍ରଭାବିତ ଧାନକେଣ୍ଡା ଧରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ମହାସଂଘ ପକ୍ଷରୁ ଦାବିପତ୍ର ଦିଆଯାଇଥିଲା । ଚାଷୀଙ୍କ ସମସ୍ତ କୃଷି ଋଣକୁ ତୁରନ୍ତ ଛାଡ କରିବା, ପେଥାଇ କ୍ଷୟକ୍ଷତିର ଆକଳନ କରି ଚାଷୀଙ୍କୁ ବୀମା କ୍ଷତିପୂରଣ ପ୍ରଦାନ କରିବା ଏବଂ ଚାଷୀଙ୍କୁ ଏକର ପିଛା ୧୦ହଜାର ଟଙ୍କା ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି କରାଯାଇଛି । ପେଥାଇ ବର୍ଷାରେ ଚାଷୀଙ୍କ ଧାନ ଫସଲ ପ୍ରଭାବିତ ହୋଇଥିବାରୁ ଏଫ୍‌ଏକ୍ୟୁ ମାନକୁ କୋହଳ କରାଯାଇ ମଣ୍ଡିରେ କିଣିବାକୁ ଦାବି କରାଯାଇଛି । ପଡୋଶୀ ରାଜ୍ୟ ଛତିଶଗଡରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୫ଶହ ଟଙ୍କା ଘୋଷଣା କରାଯାଇଥିବାରୁ ଓଡିଶା ସରକାର ତୁରନ୍ତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୫ଶହ ଟଙ୍କା ଘୋଷଣା କରିବାକୁ ଦାବି କରିଥିଲେ। ଚଳିତବର୍ଷର ମରୁଡି ଆକଳନ ସଠିକ୍ ହୋଇନଥିବାବେଳେ ବହୁ ଚାଷୀ ମରୁଡି ସହାୟତା ପାଇବାରୁ ବଞ୍ଚିତ ହେବା ଆଶଙ୍କା ସୃଷ୍ଟି ହୋଇଛି । ଏଭଳି ପରିସ୍ଥିତିରେ ପେଥାଇ କ୍ଷୟକ୍ଷତିର ସଠିକ୍ ଆକଳନ ନହେଲେ କ୍ଷତିଗ୍ରସ୍ତ ଚାଷୀମାନେ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେବେ ଏବଂ ଦାଦନ ଶ୍ରମିକ ହୋଇ ଅନ୍ୟ ରାଜ୍ୟକୁ ପଳାୟନ କରିବାକୁ ବାଧ ହେବେ ବୋଲି ଚାଷୀନେତା ପରିଚ୍ଛା କହିଥିଲେ । ଦାଦନ ପ୍ରବଣ ବଲାଙ୍ଗୀର ଜିଲାରେ କ୍ରମାଗତ ମରୁଡି, ବନ୍ୟା, ବାତ୍ୟା ଓ ରୋଗପୋକ ଉପଦ୍ରବ ଲାଗି ରହିଥିବାରୁ ଚାଷୀଙ୍କ ଅଣ୍ଟା ଭାଙ୍ଗିଯାଇଛି ବୋଲି ପରିଚ୍ଛା କହିଥିଲେ । କାଳ ବିଳମ୍ବ ନ କରି ଜିଲା ପ୍ରଶାସନ ଓ ରାଜ୍ୟ ସରକାର କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଓ ସରକାରୀ ସହାୟତା ଯୋଗାଇ ଦେବାକୁ ସେ ଦାବି କରିଥିଲେ । ଏହି ବିକ୍ଷୋଭ ସମାବେଶରେ କଂଗ୍ରେସ ଯୁବନେତା ସରୋଜ ରଥ, ଚାଷୀ ଯଦୁପତି ନାଥ, ଉମାକାନ୍ତ ଷାଣ୍ଢ, ବିମ୍ବ ରାଉତ୍, ବିନୋଦ ରାଉତ୍, ଗଣେଶ୍ୱର ଭୋଇ, ପଞ୍ଚାନନ ବିଶି, ଧ୍ରୁବଲେ ବାଗ, ଲଖପତି ଭୁଏ, ରମାକାନ୍ତ ଭୁଏ, ଘନଶ୍ୟାମ ବେହେରା, ସୁରେନ୍ଦ୍ର ବାଗ, ଗଗନ ନାଥ, ସୁବୋଧ ଦାସ, ପଞ୍ଚାନନ ପଟେଲ, ସୁରେଶନ ଦେହେରୀ, ସୁଶାନ୍ତ କରନ୍ ଓ ଅନ୍ୟମାନେ ଯୋଗଦେଇ କୃଷି ଋଣ ଛାଡ ଦାବି କରିଥିଲେ ।



ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପେଥାଇ ପ୍ରଭାବିତ ଚାଷୀଙ୍କ ଧାନକେଣ୍ଡା ଧରି ବିକ୍ଷୋଭ ପ୍ରଦର୍ଶନ ।

## ସଂକ୍ଷେପରେ

### ବାଘମୁଣ୍ଡରେ ହାତୀପଲ, ଲୋକେ ଆତଙ୍କିତ

**ଖପ୍ରାଖୋଲ,୧୯।୧୨(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ବାଘମୁଣ୍ଡ ପଞ୍ଚାୟତର ବିଭିନ୍ନ ଗାଁରେ ଦୁଇ ଦିନ ହେବ ହାତି ପଲ ଦେଖିବାକୁ ମିଳିଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି। ହାତି ପଲରେ ୪୦ଟି ହାତି ଥିବା ପ୍ରତ୍ୟେକ୍ଷ ଦର୍ଶୀଙ୍କଠାରୁ ଜଣାପଡିଛି। ହାତି ପଲ ବାଘମୁଣ୍ଡ ପଞ୍ଚାୟତର ନାଗେନମାଲ, ଖୁଲାଗଡ, ବାନ୍ଧନମାଲ, ଲୁହୁରେଟ, ବରିହାଡେରା, ପ୍ରମୁଖ ଗାଁ ଦେଇ ଯାଇଥିବାବେଳେ କେତେକ ଚାଷିଙ୍କ ଫସଲ ମଧ ନଷ୍ଟ କରିଥିବା ଜଣାପଡିଛି। ୨ଦିନ ଧରି ହାତିପଲ ପାଇଁ ଭୟ ଓ ଆତଙ୍କ ଖେଳିଯାଇଥିବାବେଳେ ବୁଧବାର ସନ୍ଧ୍ୟା ସୁଦ୍ଧା ହାତି ପଲ ଖୁଲାଗଡ ଦେଇ ବୁଢାରଜା ସଂରକ୍ଷିତ ଜଙ୍ଗଲକୁ ଯାଇଥିବା ଜଙ୍ଗଲ ବିଭାଗ ସୁତ୍ରରୁ ପ୍ରକାଶ । ଏ ନେଇ ପାଢେଲ ବନପାଳ ଅରବିନ୍ଦ ଧରୁଆଙ୍କୁ ପଚାରିବାରୁ ହାତି ପଲ ବରଗଡ ଜିଲା ପଟେ ଚାଲିଯାଇଛନ୍ତି । ଚାଷିଙ୍କ ଯାହା କ୍ଷୟ କ୍ଷତି ହୋଇଛି ତାର ସର୍ଭେ କଲା ପରେ ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ମିଳିବ ବୋଲି କହିଛନ୍ତି ।

### ଫୁଟବଲ ଟୁର୍ଣ୍ଣାମେଣ୍ଟ

## ସେମିରେ ତୁଷୁରା

ଟିକ୍ରାପଡା,୧୯।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କରମତଲାଠାରେ ଯୁବ ସମାଜ ଆନୁକୂଲ୍ୟରେ ଆୟୋଜିତ ଦଶମ ବାର୍ଷିକ ଜୟ ବୁଢାରଜା ଫୁଟବଲ ଟୁର୍ଣ୍ଣାମେଣ୍ଟର ବୁଧବାର ଥିଲା ଚତୁର୍ଥ ଦିବସ । ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଚଲକି ଓ ତୁଷୁରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଚଲକି ଦଳକୁ ୧–୦ଗୋଲରେ ହରାଇ ତୁଷୁରା ସେମି ଫାଇନାଲରେ ପ୍ରବେଶ କରିଛି । ବଳରାମ ବାଗ, ସଂଜନ ଭୋଇ, ଦିବ୍ୟସିଂ ଭୋଇ ଖେଳ ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ହିମାଞ୍ଚଳ ବୁଡେକ ଯୋଗଦେଇଥିଲେ । ପୁର ଦାଶ, ଶେଷଦେବ ରଣା ଧାରା ବିବରଣୀ ପ୍ରଦାନ କରିଥିଲେ । ଗୁରୁବାର ମ୍ୟାଚ ନାଇକେନସିରା ବନାମ ସିକାପତ୍ରାପାଲି ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ ।

**OFFICE OF THE**
**NOTIFIED AREA COUNCIL, DHAMNAGAR**
**Notice No.: 1940** **Date: 17.12.2018**
The Class of Contractor of Sl. No. 1 of the tender vide **Bid Identification No. DNR_05/2018_19** shall be read as "B & C" instead of C & D.
Sl. No. 2 of the tender vide **Bid Identification No. DNR_05/2018_19** is hereby cancelled due to unavoidable circumstances.
**Sd./- Executive Officer, Dhamnagar NAC**

**ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ସୁବର୍ଣ୍ଣପୁର**
ପତ୍ର ସଂଖ୍ୟା– ୨୮୧୪ ତା୧୨।୧୨।୧୮
**ନାମ- ଶ୍ରୀ ନିମାଇଁ ଚରଣ ବେହେରା**
**ପିତା- ୰ ଗୁଡ଼ିଆ ବେହେରା**
**ଗ୍ରାମ- କଂଟାବାଂଜି**
**ପୋଷ୍ଟ/ଥାନା- କଂଟାବାଂଜି**
**ଜିଲ୍ଲା- ବଲାଙ୍ଗୀର**
ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଆପଣ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ, ସୁବର୍ଣ୍ଣପୁରଙ୍କର ଅଧୀନରେ କନିଷ୍ଠ କିରାଣି ଭାବରେ କାର୍ଯ୍ୟ କରୁଥିବା ସମୟରେ ତା୩୧।୦୮।୨୦୧୮ଠାରୁ କାର୍ଯ୍ୟାଳୟରେ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ଏହି କାର୍ଯ୍ୟାଳୟର ପତ୍ର ସଂଖ୍ୟା ୧୯୪୭ ତା୦୭।୦୯।୨୦୧୮, ୨୦୨୭ ତା୧୮।୦୯।୨୦୧୮, ୨୩୮୨ ତା୨୬।୧୦।୨୦୧୮ ଏବଂ ୨୬୦୫ ତା୨୦।୧୧।୨୦୧୮ ରେଜିଷ୍ଟ୍ରି ଡାକ ଯୋଗେ ଉପରୋକ୍ତ ଠିକଣାରେ କାର୍ଯ୍ୟାଳୟରେ ଯୋଗଦେବା ନିମନ୍ତେ ପତ୍ର ଯୋଗେ ଜଣାଇ ଦିଆଯାଇଥିଲେ ସୁଦ୍ଧା ଆପଣ ଆଜିପର୍ଯ୍ୟନ୍ତ ନିଜେ ଉପସ୍ଥିତ ହୋଇନାହାନ୍ତି କିମ୍ବା କୌଣସି ଯୋଗାଯୋଗ କରିନାହାନ୍ତି। ଏଣୁ ଆପଣଙ୍କୁ ଉକ୍ତ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ ୭ ଦିନ ମଧ୍ୟରେ କାର୍ଯ୍ୟରେ ଯୋଗଦିଅନ୍ତୁ, ନଚେତ୍ ଆଇନ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ସ୍ୱା./– ନିର୍ବାହୀ ଯନ୍ତ୍ରୀ
ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ସୁବର୍ଣ୍ଣପୁର

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

No RDM-LAA-MBJ-0044-2017/32680 R&DM, Dated 31 Aug. 2018

No.-XXI-102: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା– **ଭାଲୁଘର**, ଥାନା– କରଞ୍ଜିଆ ନଂ.–୧୪୫, ତହସିଲ– କରଞ୍ଜିଆ, ଜିଲ୍ଲା– ମୟୂରଭଞ୍ଜରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେଓ ଜଳସେଚନ ପ୍ରକଳ୍ପର ବାମ ପାର୍ଶ୍ୱ ଡିଷ୍ଟ୍ରିବ୍ୟୁଟାରୀ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୩୩୨୬ ତା୧୮।୦୭।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା– **ଭାଲୁଘର**, ଥାନା– କରଞ୍ଜିଆ ନଂ.–୧୪୫, ଜିଲ୍ଲା– ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ www.mayurbhanj.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ–ଅର୍ଜନ ଓ ପୁନଃ ବସତି ଅଧିକାରୀ, କରଞ୍ଜିଆ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: କରଞ୍ଜିଆ**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ଭାଲୁଘର** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨.୮୦ | ଏ. ୧.୧୪ | ଏଥି ସହିତ ସଂଲଗ୍ନ |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: କରଞ୍ଜିଆ**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୨୮।୦୩।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅଭୟ କୁମାର ନାୟକ, ଯୁଗ୍ମ ଶାସନ ସଚିବ

**ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀ,**
**ଦେଓ ଜଳ ପ୍ରକଳ୍ପ, ମୟୂରଭଞ୍ଜ, କରଞ୍ଜିଆ**

**ମୌଜା- ଭାଲୁଘର** **ଥାନା ନଂ.୧୪୫**

| କ୍ର. ନଂ. | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧ | ଭାଲୁଘର | ୫ | ୯<br>୧୫<br>୧୭ | ୧.୬୬<br>୧.୦୩<br>୦.୧୧ | ୦.୭୫<br>୦.୩୮<br>୦.୦୧ | ଶାରଦ ଦୁଇ<br>ଶାରଦ ଏକ<br>ଆଶୁ | ନାରାୟଣ ମାଝୀ, ସାନମାଲଦେ ମାଝୀ, ପି– ହାଦ ମାଝୀ, ଚମ୍ପା ମାଝୀ, ସ୍ୱା– ହାଦ ମାଝୀ, ଜା– ସାନ୍ତାଳ, ବା– ନିଜଗାଁ | |
| | | **ମୋଟ** | **୩** | **୨.୬୯** | **୧.୧୪** | | | |

24001/14/0422/1819

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

No RDM-LAA-MBJ-0080-2017/29495 R&DM Dated 8 Aug. 2018

No.-XXI-99: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା– **ନୂଆଖୁଣ୍ଟା**, ଥାନା– ମୋରଡା ନଂ.–୧୩୪, ତହସିଲ– ରାସଗୋବିନ୍ଦପୁର, ଜିଲ୍ଲା– ମୟୂରଭଞ୍ଜରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲର ପିଙ୍ଗୁଳି ମାଇନର ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୮୦୭୦ ତା୧୪।୧୧।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା– **ନୂଆଖୁଣ୍ଟା**, ଥାନା– ମୋରଡା ନଂ.–୧୩୪, ଜିଲ୍ଲା– ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ www.mayurbhanj.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ–ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷୀ, ବାରିପଦାସ୍ଥିତ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: ରାସଗୋବିନ୍ଦପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ନୂଆଖୁଣ୍ଟା** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୫.୯୧ | ଏକର ୩.୪୦ | ଏଥି ସହିତ ସଂଲଗ୍ନ |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: ରାସଗୋବିନ୍ଦପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୨୪।୦୩।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅଭୟ କୁମାର ନାୟକ, ଯୁଗ୍ମ ଶାସନ ସଚିବ

**ଭୂମି ଅନୁସୂଚୀ**

**ଭୂଅର୍ଜନ ମାମଲା ସଂଖ୍ୟା- ୫୨/୨୦୧୭**
**ଏ.୩.୪୦ଡି.**

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବୈଶିଙ୍ଗା ଶାଖା କେନାଲର ପିଙ୍ଗୁଳି ମାଇନର**
**ମୌଜା- ନୂଆଖୁଣ୍ଟା, ଥାନା- ମୋରଡା, ନଂ.-୧୩୪, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ୧୩ | ୧.୩୩ | ୦.୨୦ | ଶାରଦ ଦୁଇ | ଈଶ୍ୱରଚନ୍ଦ୍ର ମହାନ୍ତି, ପି: ଦିନବନ୍ଧୁ ମହାନ୍ତି, ଜା: କରଣ, ବା: କରଞ୍ଜପଡା |
| ୨ | ୯ | ୦.୮୫ | ୦.୨୨ | ଶାରଦ ଦୁଇ | କନ୍ଧା ମାଝୀ, ପି: ଛୋଟା ମାଝୀ, ଜା: ସାନ୍ତାଳ, ବା: କରଞ୍ଜପଡା |
| ୩ | ୪୫/୯୪ | ୦.୨୧ | ୦.୧୫ | ଶାରଦ ଦୁଇ | କାଳିଆ ମାହାଲି, ପି: ମଙ୍ଗଲା ମାହାଲି, ଜା: ମାଜାଲି, ବା: ନିଜଗାଁ |
| ୬ | ୪୭/୯୫ | ୦.୦୮ | ୦.୦୧ | ଶାରଦ ଦୁଇ | ଚାପେ ମାଝୀ, ପି: ଧାନୁ ମାଝୀ, ରୁହିୟା ମାଝୀ, ମାଙ୍ଗାତ ମାଝୀ, ଗୟ ମାଝୀ, ପି: ଚୈତନ୍ୟ ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୮ | ୧୮<br>୩୭<br>୩୮ | ୦.୭୭<br>୦.୩୪<br>୦.୪୪ | ୦.୧୪<br>୦.୦୯<br>୦.୦୮ | ଶାରଦ ଦୁଇ<br>ଶାରଦ ଦୁଇ<br>ଶାରଦ ଦୁଇ | ଯୁଧିଷ୍ଠିର ଦତ୍ତ, ଅମ୍ବିକା ଦତ୍ତ, ଦୁତୀକା ଦତ୍ତ, ଉମାମଣୀ ଦତ୍ତ, ପି: ପଦ୍ମ ଲୋଚନ ଦତ୍ତ, ଯଦୁନାଥ ଦତ୍ତ, ସୋମନାଥ ଦତ୍ତ, ରାମଚନ୍ଦ୍ର ଦତ୍ତ, ପି: ଦିନବନ୍ଧୁ ଦତ୍ତ, ଜା: ରାହୁ, ବା: କରଞ୍ଜପଡା |
| ୧୦ | ୨୬ | ୦.୭୦ | ୦.୧୭ | ଶାରଦ ଦୁଇ | ଦାମୋଦର ମାଝୀ, ବିଜୟ ମାଝୀ, କାଳିଆ ମାଝୀ, ପି: ରଘୁ ନାଥ ମାଝୀ, ନାରଣ ମାଝୀ, ପି: ବାଘରାଏ ମାଝୀ, ଜା: ସାନ୍ତାଳ, ବା: କାଟୁଣୀ |
| ୧୧ | ୨୭ | ୦.୮୨ | ୦.୦୨ | ଶାରଦ ଦୁଇ | ଦୁଃଖିରାମ ସରେନ, ପଦନ ସରେନ, ପି: ଭଗବାନ ସରେନ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୧୪ | ୫ | ୦.୪୪ | ୦.୧୪ | ଶାରଦ ଦୁଇ | ଫଗଡା ମାଝୀ, ପି: କନ୍ଧା ମାଝୀ, ପାଣ୍ଡୁ ମାଝୀ, ପି: ଫଗଡା ମାଝୀ, ରୁହିଆ ମାଝୀ, ରାମ ମାଝୀ, ବିରଧାନ ମାଝୀ, ଭାଗିରଥି ମାଝୀ, ବିରସିଂ ମାଝୀ, ପି: ଦାସ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୬ | ୭୮ | ୦.୫୩ | ୦.୧୨ | ଶାରଦ ତିନି | ଫଗଡା ମାଝୀ, ରାମ ମାଝୀ, ନାରାନ ମାଝୀ, ପି: କନ୍ଧା ମାଝୀ, ତୁଳସୀ ମାଝୀ, ସ୍ୱା: କନ୍ଧା ମାଝୀ, ପାଣ୍ଡୁ ମାଝୀ, ପି: ଫଗଲା ମାଝୀ, ରୋହିଆ ମାଝୀ, ରାମ ମାଝୀ, ବିରଧାନ ମାଝୀ, ଭାଗିରଥି ମାଝୀ, ବିରସିଂ ମାଝୀ, ପି: ଦାସ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୭ | ୭୭ | ୦.୭୫ | ୦.୧୯ | ଶାରଦ ତିନି | ବାଢା ମାଝୀ, ପି: ଲକ୍ଷ୍ମଣ ମାଝୀ, ଜା: ସାନ୍ତାଳ, ବା: କୋଚିଆଶୁଳ |
| ୨୪ | ୩୦ | ୦.୬୯ | ୦.୧୪ | ଶାରଦ ଦୁଇ | ରେଣ୍ଟା ମାଝୀ, ସୁକୁଲ ମାଝୀ, ପି: ବିଦ ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୨୫ | ୩୧ | ୦.୭୫ | ୦.୧୬ | ଶାରଦ ଦୁଇ | ଲବା ସରେନ, ପି: ରୁଟିଆ ସରେନ, ଜା: ସାନ୍ତାଳ, ବା: ଅଙ୍ଗାରଗଡିଆ, ବେଆଇନ ଖରିଦ ସୂତ୍ରେ ଦଖଲ ଲେଢା ମାଝୀ, ପି; ଦୁର୍ଗା ମାଝୀ, ମାହ୍ଲ ମାଝୀ, ସ୍ୱା: ଲେଢା ମାଝୀ, ଜା: ସାନ୍ତାଳ, ବା: କରଞ୍ଜପଡା, ରେଜେଷ୍ଟ୍ରୀ ଦଲିଲ ନମ୍ବର 2056 ତା7.3.75 ଜରସମନ 1500/- ବା: |
| ୩୧ | ୪<br>୨୨ | ୦.୩୫<br>୧.୧୪ | ୦.୧୮<br>୦.୩୧ | ଶାରଦ ଦୁଇ<br>ଶାରଦ ଦୁଇ | ଶ୍ରୀନାଥ ମାଝୀ, ପି: ଭାଗିରଥି ମାଝୀ, ଜା: ସାନ୍ତାଳ, ବା: କାଟୁଣି |
| ୩୨ | ୫୩<br>୮୦ | ୧.୭୬<br>୧.୧୧ | ୦.୨୬<br>୦.୩୪ | ଶାରଦ ଦୁଇ<br>ଶାରଦ ତିନି | ହାରି ମାଝୀ, ରଘୁ ମାଝୀ, ଶାମୁ ମାଝୀ, ପି: ଭୀମା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୩୨/୧ | ୩୦/୯୬<br>୩୦/୯୭ | ୦.୨୫<br>୦.୧୫ | ୦.୧୨<br>୦.୦୪ | ଶାରଦ ଦୁଇ<br>ଶାରଦ ଦୁଇ | ଶ୍ରୀମତୀ ପାନ ସରେନ, ଅର୍ଜୁନ ସରେନ, ଦାସମାତ ସରେନ, ଗହ୍ଲା ସରେନ, ଭକ୍ତୁ ସରେନ, ପି– ସାଉନା ସରେନ, ଜା: ସାନ୍ତାଳ, ବା: କରଞ୍ଜପଡା |
| ୩୨/୨ | ୪୭ | ୦.୪୨ | ୦.୧୩ | ଶାରଦ ଦୁଇ | ବିନୁ ହେମ୍ବ୍ରମ, ପି: ବୁଧରାୟ ହେମ୍ବ୍ରମ, ଜା: ସାନ୍ତାଳ, ବା: ବିରିପାଳ |
| ୩୨/୬ | ୧୩/୧୦୩ | ୨.୦୩ | ୦.୧୯ | ଶାରଦ ଦୁଇ | ଝରଣା ପଟ୍ଟନାୟକ, ସ୍ୱା: ଅବନୀ ପଟ୍ଟନାୟକ, ଜା: କରଣ, ବା: ମଧୁବନ ୱା ନଂ.9 ବାରିପଦା |
| **ମୋଟ** | **୨୨ ପ୍ଲଟ** | **ଏ.୧୫.୯୧ ଡେ.ମି.** | **ଏ.୩.୪୦ ଡେ.ମି.** | | |

24001/14/0419/1819



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ

## ସଂକ୍ଷେପରେ



### ଆତ୍ମରକ୍ଷା କୌଶଳ ତାଲିମ ଶିବିର

ଭବାନୀପାଟଣା,୧୯।୧୨(ଡି.ଏନ.ଏ.)- ବୁଧବାର ସ୍ଥାନୀୟ ବିବେକାନନ୍ଦ ପବ୍ଲିକ୍ ସ୍କୁଲରେ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧକ୍ଷ ଶିବରାମ ନାଏକଙ୍କ ନେତୃତ୍ୱରେ ଆୟୋଜିତ ଶିବିରର ସ୍କୁଲର ଉପଦେଷ୍ଟା ମଣ୍ଡଳିର ମୁଖ୍ୟ ସୁତମ ନାୟକ ଯୋଗଦେଇ ଶିବିର ପରିଚାଳନା କରିଥିଲେ। ଅନୁଷ୍ଠିତ ତାଲିମ ଶିବିରରେ ସ୍କୁଲର ସମସ୍ତ ଛାତ୍ରୀ ତାଲିମରେ ଅଂଶଗ୍ରହଣ କରିଥିଲେ। ଜୟନ୍ତୀ ଭୋଇ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରିଥିଲେ। ସ୍କୁଲର ନରେନ୍ଦ୍ର ଶୁନାନୀ, ଶାନ୍ତି ପ୍ରଧାନ, ମାଧୁରି ସରାଫ, ବନିତା ସରାଫ, ସରୋଜିନି ଜାଲ, ସିତା ମୁର୍ମୁ ଓ ରଶ୍ମି ପ୍ରଧାନ ସହଯୋଗ କରିଥିଲେ।

### ରାସ୍ତା ପାଲଟିଛି ମରଣଯନ୍ତା

ଭବାନୀପାଟଣା,୧୯।୧୨(ଡି.ଏନ.ଏ.)- କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ସଦର ବ୍ଲକ କାର୍ଯ୍ୟାଳୟଠାରୁ ପ୍ରାୟ ଏକ କିଲୋମିଟିର ଦୂରତା ମଧରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟ ରାସ୍ତା ମରଣଯନ୍ତା ପାଲଟିଛି। ବିଦ୍ୟାଳୟକୁ ଯିବା ପାଇଁ ଥିବା ଏହି ରସ୍ତାରେ ବର୍ଷା ହେଲେ କାଦୁଅ ଜମି ରହୁଛି। ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବଦବଣ୍ଡେଲ ଗ୍ରାମ ଯାଏଁ ଥିବା ଏହି ରାସ୍ତା କାମ ଦୀର୍ଘ ଦୁଇ ବର୍ଷ ହେଲା ଜଣେ ଠିକାଦାର କରୁଥିବା ବେଳେ ଆଜିଯାଏ ତାହା ସମ୍ପୂର୍ଣ୍ଣ ହୋଇପାରିନି। ଫଳରେ ସାମାନ୍ୟ ବର୍ଷାରେ ରାସ୍ତାରେ ପାଣି ଜମି କାଦୁଅ ହୋଇଯାଉଥିବାରୁ ଛାତ୍ରୀଛାତ୍ରମାନେ ଯାତାୟାତରେ ହଇରାଣ ହେଉଛନ୍ତି। ବିଦ୍ୟାଳୟ ପ୍ରତିଷ୍ଠା ହେବା ଦିନଠାରୁ ଏ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ ସତ୍ତ୍ୱେ ରାସ୍ତା ନିର୍ମାଣ କରାଯାଇନାହିଁ। ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଏ ଦିଗରେ ଦୃଷ୍ଟି ଦେଇ ନୂତନ ରାସ୍ତା ନିର୍ମାଣ କରିବାକୁ ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ ଓ ଅଞ୍ଚଳବାସୀ ଦାବି କରିଛନ୍ତି।



### ସତ୍‌ସଙ୍ଗ ବିହାରଠାରେ ପୁନଃ ନିର୍ମିତ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଭବାନୀପାଟଣା,୧୯।୧୨(ଡି.ଏନ.ଏ.)- ୧୯୬୭ଠାରୁ ଭବାନୀପାଟଣାଠାରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ମନ୍ଦିରକୁ ସାମ୍ପ୍ରତିକ ପରିବେଶକୁ ଦୃଷ୍ଟିରେ ରଖି ପୁନଃନିର୍ମାଣ କରାଯାଇ ଏହାର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି। ୨ ମହଲା ବିଶିଷ୍ଟ କାରୁକାର୍ଯ୍ୟପୂର୍ଣ୍ଣ ଏହି ଭବ୍ୟ ମନ୍ଦିରକୁ ସତ୍‌ସଙ୍ଗ ଆଚାର୍ଯ୍ୟ ଦେବଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ କନିଷ୍ଠ ପୁତ୍ର ଅନିନ୍ଦ୍ୟଦ୍ୟୁତି ଚକ୍ରବର୍ତ୍ତୀ ଉପସ୍ଥିତ ରହି ଶ୍ରୀଶ୍ରୀ ଠାକୁର, ଶ୍ରୀଶ୍ରୀ ବଡମା ଓ ଶ୍ରୀଶ୍ରୀ ବଡଦାଙ୍କ ବିଗ୍ରହ ପ୍ରତିଷ୍ଠା କରିଥିଲେ। ଏହି ପୁଣ୍ୟ ଦିବସ ପ୍ରତ୍ୟୁଷରୁ ବେଦମାଙ୍ଗଳିକ ଓ ଉଷା କୀର୍ତ୍ତନ ପରେ ଉନ୍ମୋଚନ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ସମବେତ ପ୍ରାର୍ଥନା, ସଙ୍ଗୀତାଞ୍ଜଳି, ସ୍ୱସ୍ତିମହା ଯଜ୍ଞ, ମାତୃ ସମ୍ମିଳନ, ସାଧାରଣ ସଭା ଏବଂ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପବିତ୍ର ଭଜନ କାର୍ଯ୍ୟକ୍ରମରେ ଭୁବନେଶ୍ୱରରୁ ଓ ଦେଓଘରରୁ ଆସିଥିବା ଶ୍ରଦ୍ଧାଳୁମାନେ ଭଜନ ପରିଶେଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ କଟକସ୍ଥିତ ସତ୍‌ସଙ୍ଗ ବିହାରର ଅଧକ୍ଷ ଡମ୍ବରୁଧର ଦାସ ଅଧକ୍ଷତା କରିଥିଲା ବେଳେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ବିଧାୟକ ଅନାମ ନାଏକ, ବିଶେଷ ଅତିଥି ଭାବରେ ସତ୍‌ସଙ୍ଗ ଦେଓଘରର ସହସମ୍ପାଦକ ଡା.ବିନାୟକ ମହାପାତ୍ର ଓ ମୁଖ୍ୟବକ୍ତା କେନ୍ଦ୍ରୀୟକର୍ମୀ ଶ୍ରୀଧର ସୁନ୍ଦର ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଓଡିଶୀ ନୃତ୍ୟଗୁରୁ ଶାଶ୍ୱତ ଯୋଷୀ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରି ପରିବେଶକୁ ସଂସ୍କୃତିମୟ କରିଥିଲେ।



କୋକସରା ବ୍ଲକ ଅଞ୍ଚଳରେ ଚାଷୀମାନେ ଧାନକୁ ଘୋଡ଼ାଇ ରଖୁଛନ୍ତି।



ପେଥାଇ ପରେ ଚାଷୀ ଭିଜା ଧାନ ସଂଗ୍ରହ କରୁଛି ।

# ବ୍ୟାପକ ଧାନ, ରବି ଫସଲ ନଷ୍ଟ

**ପେଥାଇ ପ୍ରଭାବ**

କୋକସରା,୧୯।୧୨ (ଡି.ଏନ.ଏ.)

ସାମୁଦ୍ରିକ ଝଡ ପେଥାଇ ପ୍ରଭାବରେ କଳାହାଣ୍ଡି ଜିଲା କୋକସରା ବ୍ଲକରେ ଝିପିଝିପି ଲଗାଣ ବର୍ଷା ସହ କୋହଲା ପାଗ ଲାଗିରହିଥିଲା । ଫଳରେ ଅମଳକ୍ଷମ ଧାନ ଫସଲ ସହ ରବି ଫସଲ ଯଥା ମୁଗ, ବିରି, କୋଳଥ ଏବଂ ଅନ୍ୟାନ୍ୟ ତୈଳବୀଜ ଓ ଡାଲି ଜାତୀୟ ଫସଲ ମଧ୍ୟ ବ୍ୟାପକ ମାତ୍ରାରେ ନଷ୍ଟ ହୋଇଯାଇଛି । ଖୋଲାମଣ୍ଡି ଓ ଖଳାରେ ରହିଥିବା ଧାନ ମଧ୍ୟ ବର୍ଷାରେ ଭିଜିବା ସହ ନଷ୍ଟ ହେବା ଓ ଆଗକୁ ଧାନର ମାନ ଖରାପ ହେବା ନେଇ ଯଥେଷ୍ଟ ସମ୍ଭାବନା ଦେଖାଦେଇଛି । ଆଗକୁ ମଣ୍ଡିରେ ଧାନ ବିକ୍ରି କରିବା ନେଇ ମିଲର୍ସମାନେ ଧାନର ମାନ ଖରାପ ଦର୍ଶାଇ କଟନି ଛଟନି ଆଳରେ ଛାଷୀମାନଙ୍କୁ ଶୋଷଣ କରିବା ଆଶଙ୍କା ଦେଖାଦେଇଛି। କୋକସରା ବ୍ଲକରେ ଚଳିତବର୍ଷ ୧୯୩୨୭ ହେକ୍ଟର ଚାଷ ଜମିରେ ଧାନ ଚାଷ ହୋଇଥିଲା । ରୋଗ ପୋକ ଓ ମରୁଡି ଦାଉରୁ ଯାହା ବି ଧାନ ଫସଲ ରକ୍ଷା ପାଇଥିଲା । କିନ୍ତୁ ଶେଷ ଅମଳ ସମୟରେ ସାମୁଦ୍ରିକ ଝଡ ପେଥାଇର ପ୍ରଭାବରେ ଚାଷୀମାନଙ୍କ ବର୍ଷଯାକର କଷ୍ଟ ଉପାର୍ଜିତ ଫସଲ ନଷ୍ଟ କରିଦେଇଛି । ବିଲରୁ କାଟି ଖଳାରେ ଆଣି ରଖିଥିବା ବେଳେ ବିଲ ମଧ୍ୟରେ କଟା ହୋଇଥିବା ଧାନ ପଡି ରହିଥିବା ତାହା ପାଣିରେ ଭିଜି ନଷ୍ଟ ହୋଇଯାଇଛି । ଲାଗି ରହିଥିବା ବର୍ଷା ଯୋଗୁ ବିଲରେ ପଡିଥିବା କଟା ଧାନସବୁ ପାଣିରେ ବୁଡି ରହି ଧାନ ଗଜା ହେବାକୁ ବସିଲାଣି । ଅଦିନିଆ ବର୍ଷା ଚାଷୀକୁଳଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ପେଥାଇ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ କୋକସରା ବ୍ଲକର ହଜାର ହଜାର ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି । ଧାନ ଚାଷ ଅମଳକ୍ଷମ ସମୟରେ ଖଳା ଓ ମଣ୍ଡିରେ ପଲିଥିନ ଏବଂ ପାଲ ଡାଙ୍କି ଚାଷୀମାନେ ଜଗି ରହିଛନ୍ତି । ଅନ୍ୟପଟେ ପ୍ରଶାସନ କେବଳ ପୂର୍ବରୁ ସାମୁଦ୍ରିକ ଲଘୁଚାପ ବର୍ଷାର ସୂଚନା ଦେଇଥିବାବେଳେ ଆବଶ୍ୟକ ମୁତାବକ ପଲିଥିନ ନ ଥିବାରୁ ଚାଷୀମାନେ ନିଜ ଉଦ୍ୟମରେ ବର୍ଷଯାକର କଷ୍ଟ ଉପାର୍ଜିତ ଚାଷକୁ ସୁରକ୍ଷିତ ରଖିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । କୋକସରା ବ୍ଲକ ଏକ ଅଣଜଳସେଚିତ ଅଞ୍ଚଳ ହୋଇଥିବାବେଳେ ଧାନ ଚାଷ ପରେ ସାଧାରଣତ ଡାଲିଜାତୀୟ ଓ ତୈଳବୀଜ ଫସଲ ପାଇଁ ଚାଷୀମାନେ ପରିବାର ପ୍ରତିପୋଷଣ କରିବା ପାଇଁ ପ୍ରାଧାନ୍ୟ ଦେଇଥାନ୍ତି । ତେବେ ପେଥାଇ ପ୍ରଭାବରେ ଚଳିତବର୍ଷ ଚାଷୀମାନଙ୍କ ଚାଷ ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ ହୋଇଛି । କୃଷି ବିଭାଗ କ୍ଷୟକ୍ଷତି ଆକଳନ କରି ଯୁଦ୍ଧକାଳୀନ ଭିତ୍ତିରେ ଚାଷୀମାନଙ୍କୁ ସହାୟତା ଯୋଗାଇ ଦେବାପାଇଁ ସାଧାରଣରେ ଦାବି ହେଉଛି ।

**ସେରଗଡ଼,(ଡି.ଏନ.ଏ.):** ସେହିପରି ନର୍ଲା ଓ ମ.ରାମପୁର ବ୍ଲକରେ ପେଥାଇ ପ୍ରଭାବରେ ଶହ ଶହ ହେକ୍ଟର ଧାନ, କପା ଓ ପନିପରିବା ଫସଲ ନଷ୍ଟ ହୋଇଯାଇଛି । ନର୍ଲା ବ୍ଲକର ୨୬ଟି ଓ ମ.ରାମପୁରର ୧୯ଟି ପଞ୍ଚାୟତ ଚାଷୀଙ୍କୁ ଏବେ ପେଥାଇ ଚିନ୍ତା ବଢ଼ାଇ ଦେଇଛି । ଗତ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ଲଗାଣ ବର୍ଷା ହେବା ଯୋଗୁ ଧାନ, ହରଡ, ମୁଗ, ବୁଟ, ଚଣା, କପା ସଙ୍ଗେ ପନିପରିବା ବ୍ୟାପକ କ୍ଷୟକ୍ଷତି ହୋଇଛି । ଅନେକ ଜମିରେ ଧାନ କଟା ସରି ଯାଇଥିବା ବେଳେ ବର୍ତ୍ତମାନ ପାଣି ଭିତରେ ଧାନ ପଡିରହି ଗଜା ହେବା ଉପରେ ବସିଛି । ମଙ୍ଗଳବାର ଅପରାହ୍ନରେ ବର୍ଷା ଟିକିଏ ଛାଡି ଯାଇଥିବାରୁ ଚାଷ ଜମିରେ ଥିବା କଟା ଧାନ ଖଳାକୁ ଆଣିବାକୁ ଚାଷୀ ଲାଗିପଡିଛନ୍ତି । ବିଶେଷ କରି ମ.ରାମପୁର ବ୍ଲକର ବୁରାଟ ଗ୍ରାମରେ ବହୁତ କ୍ଷୟକ୍ଷତି ହୋଇଥିବା ଚାଷୀ କୁବେର ବିଶି, ସୁବାଶ ବିଶି, ବାଳକୃଷ୍ଣ ବିଶି ପ୍ରକାଶ କରିଛନ୍ତି। ବର୍ଷାରେ ଭିଜିଥିବା ଧାନକୁ ବର୍ତ୍ତମାନ ବିକ୍ରି ସମୟରେ ଚାଷୀ ବହୁ ଅସୁବିଧାର ସମ୍ମୁଖିନ ହେବ, ମଣ୍ଡିରେ କଟନିଛଟନି ବହୁତ ବଢ଼ିଯିବ ବୋଲି ଚାଷୀମାନେ ଚିନ୍ତା ପ୍ରକଟ କରୁଛନ୍ତି। ବନ୍ୟା ପରେ ମରୁଡି ତାପରେ ରୋଗପୋକ ଚାଷୀଙ୍କୁ ଦାଉ ସାଜିଥିବା ବେଳେ ବର୍ତ୍ତମାନ ଅମଳ ସମୟରେ ପେଥାଇ ଚାଷୀଙ୍କ ନିଦ ହଜି ଯାଇଛି । ଏଣୁ ମଣ୍ଡିଗୁଡିକରେ ଧାନର ମାନରେ କିଛି କୋହଳ କରାଯାଇ ଚାଷୀଙ୍କୁ ସୁହାଇଲା ଭଳି କିଛି ପଦକ୍ଷେପ ନେବା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ ରିଲିଫ କୋଡ ଅନୁଯାୟୀ ସହାୟତା ଯୋଗାଇ ଦେବାକୁ ବିଭିନ୍ନ ମହଲରୁ ଦାବି କରିଛନ୍ତି ।

# ୩ ସ୍କୁଲର ୭ ଶିକ୍ଷକ, ସିଆରସିସିଙ୍କ ଦରମା ବନ୍ଦ

ଜୁନାଗଡ,୧୯।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ବୁଡିଦର ପଞ୍ଚାୟତର ୩ଟି ବିଦ୍ୟାଳୟର ୭ଜଣ ଶିକ୍ଷକ ଓ ସ୍ଥାନୀୟ ସିଆରସିସି ନିଜ କାର୍ଯ୍ୟରେ ଅବହେଳା କରିବା ଅଭିଯୋଗ ନେଇ ଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ସ୍ୱରୁପ ସେମାନଙ୍କ ଦରମା ବନ୍ଦ କରାଯାଇଛି। ଏଥିରେ ବୁଡିଦର ପଞ୍ଚାୟତ ବିଜରାଦର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୌଶିକ ବେମାଲ, ସହକାରୀ ଶିକ୍ଷକ ପଦ୍ମନାଭ ମେହେର, କନ୍ଦର୍ପ ନାଏକ, ଲଖନପଡା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଶି କେଶନ ନାଏକ, ସହକାରୀ ଶିକ୍ଷକ ସୋମନାଥ ପ୍ରଧାନ, ବେହେରାଗୁଡା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ରବି କୁମାର କୋରୋକୁଣ୍ଡା, ସହକାରୀ ଶିକ୍ଷକ ଦିନେଶ କୁମାର ମେହେର ଓ ସ୍ଥାନୀୟ ସିଆରସିସି ଅକ୍ଷୟ ମେହେର ପ୍ରମୁଖ ରହିଛନ୍ତି। ଦୁର୍ଗମ ଅଞ୍ଚଳରେ ଏହି ସ୍କୁଲଗୁଡିକ ରହିଥିବାରୁ ଏହି ଶିକ୍ଷକମାନେ ନିଜ କାର୍ଯ୍ୟରେ ଅବହେଳା କରି ସ୍କୁଲକୁ ଅଧିକାଂଶ ସମୟରେ ଯାଉ ନ ଥିଲେ। ସେମାନେ ବ୍ୟକ୍ତିଗତ ଭାବେ ସେଠାକାର ଶିକ୍ଷିତ ଯୁବତୀଯୁବକଙ୍କୁ ଟଙ୍କା ଦେଇ ଡମି ଶିକ୍ଷକ ନିଯୁକ୍ତି କରି କାମ ଚଳାଉଥିଲେ। ସେହିପରି ଉକ୍ତ ସ୍କୁଲଗୁଡିକୁ ତଦାରଖ କରିବା ପାଇଁ ନିଯୁକ୍ତ ସ୍ଥାନୀୟ ସିଆରସିସି ମଧ ଏଥିପ୍ରତି ଦୃଷ୍ଟି ଦେଇ ନ ଥିଲେ। ଏହିସବୁ ଜଣାପଡିବା ପରେ ମଙ୍ଗଳବାର ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ବାଳା ଦେବୀ ପ୍ରାଥମିକ ତଦନ୍ତ କରି ସେମାନଙ୍କ ଦରମା ବନ୍ଦ କରି ଦେଇଥିବା ଜଣାପଡିଛି।

# ୪୨ ଛାତ୍ରୀଛାତ୍ରଙ୍କୁ ଚଷମା ପ୍ରଦାନ

କର୍ଲାମୁଣ୍ଡା,୧୯।୧୨(ଡି.ଏନ.ଏ.)

କଳହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସାପଲହରା ପଞ୍ଚାୟତସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ଲାମୁଣ୍ଡା ପକ୍ଷରୁ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଚଷମା ବଣ୍ଟନ କରାଯାଇଛି। ଏଥିରେ ଦନ୍ତ ଡାକ୍ତର ସୁନୀଲ ସେଠୀ, ଭ୍ରାମ୍ୟମାଣ ଚିକିତ୍ସାଧିକାରୀ ଶୀଖିଧ୍ୱଜ ପଟେଲ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀପ୍ରସାଦ ସାହୁ, ବିପିଏମ ଅଜିତ ସିଂ କୁମାର, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ରାଷ୍ଟ୍ରଚନ୍ଦ୍ର ସେନାପତି, ପ୍ରଧାନଶିକ୍ଷକ ଶେଷଦେବ ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟରେ ଅଧ୍ୟୟନରତ ପ୍ରଥମରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରିବା ସହ ୪୨ ଜଣ ଛାତ୍ରୀଛାତ୍ରଙ୍କୁ ନୂତନ ଚଷମା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହଶିକ୍ଷକ ଦୁର୍ଗା ପ୍ରସାଦ ସାହୁ ସଂଯୋଜନା କରିଥିବା ବେଳେ ଶିକ୍ଷକ ଯୁଗଳ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।



ଡାକ୍ତରୀ ଦଳ ଓ ଅତିଥିମାନଙ୍କ ଗ୍ରହଣରେ ଛାତ୍ରୀଛାତ୍ର ।

# ଜିଲା ଯୁବ ସମାବେଶ

**ବିଜୁ ଯୁବ ବାହିନୀ**

ଭବାନୀପାଟଣା,୧୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ବିଜୁ ଯୁବ ବାହିନୀ ଓ ଜିଲା ପ୍ରଶାସନ ଅନୁକୂଲ୍ୟରେ ଭବାନୀପାଟଣା ସହରସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଇନଡୋର ଷ୍ଟାଡିୟମଠାରେ ଜିଲା ଯୁବ ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭବାନୀପାଟଣା ସଦର ବିଧାୟକ ଅନାମ ନାଏକ ମୁଖ୍ୟଅତିଥି, ମଧୁସୂଦନ ଦାସ ମୁଖ୍ୟବକ୍ତା, ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ, ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ପିଡି ଡିଆରଡିଏ ପ୍ରଶନ୍ନ ଷଡଙ୍ଗୀ, ଜିଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ, ଡ.ଉମେଶ ଚନ୍ଦ୍ର ଶତପଥୀ, ପରମେଶ୍ୱର ମୁଣ୍ଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବକମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ଯୁବ ସଂଯୋଜକ ଅବିନାଶ ଠାକୁର ପରିଚାଳନା କରିଥିବା ବେଳେ ଶ୍ରୀନିବାସ ରଥ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ୫ ଜଣ ଯୁବତୀଯୁବକଙ୍କୁ ମୁଁ ହିରୋ ମୁଁ ଓଡିଶା ପୁରସ୍କାର ଦିଆଯାଇଥିଲା। ଲାଞ୍ଜିଗଡର ଗୋବର୍ଦ୍ଧନପୁର, ନର୍ଲାର ମାଣ୍ଡେଲ, ଗୋଲାମୁଣ୍ଡାର ବିଜୁ ଯୁବ ବାହୀନୀକୁ ଆଦର୍ଶ ଯୁବବାହିନିଭାବେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲାର ସମସ୍ତ ପଞ୍ଚାୟତର ପ୍ରାୟ ୧୫୦୦ ବିଜୁ ବାହିନୀର ସ୍ୱେଚ୍ଛାସେବୀ ଯୋଗଦେଇଥିଲେ।




ଜିଲା ଯୁବ ସମାବେଶରେ ଯୋଗ ଦେଇଥିବା ଅତିଥି।

# ବ୍ଲକ କାର୍ଯ୍ୟାଳୟ, ବ୍ୟାଙ୍କ ବନ୍ଦ କଲେ ଓକିଲ ସଂଘ

ଜୟପାଟଣା,୧୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୟପାଟଣାଠାରେ ଦେୱାନୀ ବିଚାରପତି (ବରିଷ୍ଠ ବିଭାଗ) ଏବଂ ସହକାରୀ ଦୌରାଜଜ୍‌ଙ୍କ କାର୍ଯ୍ୟାଳୟ ସ୍ଥାପନ ଦାବି ନେଇ ଜୟପାଟଣା ଓକିଲ ସଂଘ ତରଫରୁ ବୁଧବାର ବ୍ଲକ କାର୍ଯ୍ୟାଳୟ, ଉପ କୋଷାଗାର, ଏସ୍‌ବିଆଇ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ, କେନ୍ଦ୍ର ସମବାୟ ବ୍ୟାଙ୍କ ଜୟପାଟଣା ଶାଖା ବନ୍ଦ କରାଯାଇଥିଲା । ଓକିଲ ଗଙ୍ଗା ପାତ୍ର, ପ୍ରମୋଦ ପଣ୍ଡା, ମହେଶ ପଣ୍ଡା, ରଜନୀକାନ୍ତ ପଣ୍ଡା, ନିହାର ରଞ୍ଜନ ବେହେରା, ଅନ୍ତିମ ପାଢ଼ୀ, କେଦାରନାଥ ସାହୁ, ପଦ୍ମଚରଣ ନାଏକ, ମଧୁ ମଙ୍ଗଳ ପଣ୍ଡା, ଜିତେନ୍ଦ୍ର ପଟେଲ, ସୌଦାମିନୀ ଦିବେଦୀ ପ୍ରମୁଖ ବନ୍ଦରେ ଅଂଶ ଗ୍ରହଣ କରିଥିଲେ। ଗୁରୁବାର ଓକିଲ ସଂଘ ତରଫରୁ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବା ପାଇଁ ସ୍ଥିରି ହୋଇଛି। ଦାବି ପୂରଣ ନ ହେବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ଓକିଲ ସଂଘ ତରଫରୁ କୁହାଯାଇଛି ।

## ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

# ଦିବ୍ୟାଙ୍ଗ ୩୨ ଶିଶୁଙ୍କ ଅସ୍ତ୍ରୋପଚାର

ଭବାନୀପାଟଣା,୧୯।୧୨(ଡି.ଏନ.ଏ.)

ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ତରଫରୁ ରାଷ୍ଟ୍ରୀୟ ବାଲ ସୁରକ୍ଷା କାର୍ଯ୍ୟକ୍ରମ ସହଯୋଗରେ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ମାଗଣା ଅସ୍ତ୍ରୋପଚାର ଶିବିର ଆୟୋଜନ କରାଯାଇଛି । ଏହି ଅବସରରେ ୩୨ ଜଣ ଦିବ୍ୟାଙ୍ଗ ଶିଶୁଙ୍କ ମାଗଣା ଅସ୍ତ୍ରୋପଚାର କରାଯାଇଛି। ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର, ସର୍ବଶିକ୍ଷା ଅଭିଯାନ ଓ ରାଷ୍ଟ୍ରୀୟ ବାଲ ସୁରକ୍ଷା କାର୍ଯ୍ୟକ୍ରମ ତରଫରୁ ଚିହ୍ନଟ ହୋଇଥିବା ୫୭ ଜଣ ଶିଶୁମାନଙ୍କ ମଧ୍ୟରୁ ୩୨ ଜଣଙ୍କ ଅସ୍ତ୍ରୋପଚାର କଟକ, ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ପୁନର୍ବାସ ଓ ଗବେଷଣା ପ୍ରତିଷ୍ଠାନର ଅଭିଜ୍ଞ ଡାକ୍ତରୀଦଳଙ୍କ ଦ୍ୱାରା ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅସ୍ତ୍ରୋପଚାର କରାଯାଇଛି।

ଏହି ଅସ୍ତ୍ରୋପଚାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡିଶା ସରକାରଙ୍କ ସମ୍ପୂର୍ଣ୍ଣ ଆର୍ଥିକ ଅନୁଦାନରେ କରାଯାଇଛି। ଏହି ଅସ୍ତ୍ରୋପଚାର ହୋଇଥିବା ଶିଶୁମାନଙ୍କୁ ଜିଲା ମୁଖ୍ୟଚିକିତ୍ସାଳୟରେ ଏକ ସ୍ୱତନ୍ତ୍ର ୱାର୍ଡରେ ଦୀର୍ଘ ୨୧ ଦିନ ଅସ୍ତ୍ରୋପଚାର ପରବର୍ତ୍ତି ସେବା ପ୍ରଦାନ କରାଯିବା ସହିତ ତାଙ୍କ ପାଇଁ ସ୍ୱତନ୍ତ୍ର ଉପକରଣ ପ୍ରଦାନର ମଧ ବନ୍ଦୋବସ୍ତ ରହିଛି । ଯଦ୍ଦ୍ୱାରାକି ଭିନ୍ନକ୍ଷମ ଶିଶୁଟି ସାଧାରଣ ଶିଶୁ ଭଳି ଚଳପ୍ରଚଳ କରିବା ସହିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରିବ। ଏଥିପାଇଁ ଦୀର୍ଘ ୪ ମାସର ବ୍ୟବଧାନିକ ସେବା ପ୍ରଦାନ କରାଯାଇଥାଏ। ଏହି ଶିବିରକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଭୋଲାନାଥ ନାଏକ, ଅତିରିକ୍ତ ମୁଖ୍ୟଚିକିତ୍ସା ଅଧିକାରୀ ଡା. କବିରାଜ ଚୌଧୁରୀ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସୁନିଲ କୁମାର ପାଢୀ, ତଥା ଜିଲା ଭିନ୍ନକ୍ଷମ ପୁର୍ନବାସ କେନ୍ଦ୍ର, ସର୍ବ ଶିକ୍ଷା ଅଭିଯାନ ଓ ଜିଲା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ସକ୍ରୀୟ ସହଯୋଗ କରିଥିଲେ। ଏହା ସହିତ ମାରୱାଡି ଯୁବ ମଞ୍ଚ କଳାହାଣ୍ଡି ସ୍ୱେଚ୍ଛାସେବୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି।



ଜିଲା ମୁଖ୍ୟ ଚିକିତ୍ସାଳୟରେ ଦିବ୍ୟାଙ୍ଗ ଶିଶୁଙ୍କ ଅସ୍ତ୍ରୋପଚାର କରାଯାଇଛି।

# ଅନୁସୂଚିତ ଜାତି ଓ ଜନଜାତି ବର୍ଗ ପ୍ରାର୍ଥିତ୍ୱ ଦାବି

ଜୁନାଗଡ,୧୯।୧୨(ଡି.ଏନ.ଏ.)

ସ୍ୱାଧୀନତାର ୭୨ବର୍ଷ ପରେ ମଧ ଧର୍ମଗଡ ଉପଖଣ୍ଡ ଅଞ୍ଚଳର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଆର୍ଥିକ, ସାମାଜିକ ଓ ରାଜନୈତିକ କ୍ଷେତ୍ରରେ କୌଣସି ଉନ୍ନତି ହୋଇନାହିଁ। ଧର୍ମଗଡ ଉପଖଣ୍ଡ ଅଞ୍ଚଳରେ ଜୁନାଗଡ ଓ ଧର୍ମଗଡ ୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି। ଆସନ୍ତା ସାଧାରଣ ନିର୍ବାଚନରେ ଉପରୋକ୍ତ ୨ଟି ନିର୍ବାଚନ ମଣ୍ଡଳୀରେ ସମସ୍ତ ରାଜନୈତିକ ଦଳ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପ୍ରାର୍ଥିତ୍ୱ କରିବାକୁ ଦାବି କରିଥିଲେ। ଯଦି ଏହା ନ ହୁଏ ତାହା ହେଲେ ଅନୁସୂଚିତ ଜାତି ଓ ଜନଜାତି ପକ୍ଷରୁ ସ୍ୱାଧୀନ ଭାବେ ପ୍ରାର୍ଥୀତ୍ୱ ଛିଡା ହେବେ ନଚେତ ଭୋଟ ବର୍ଜନ କରିବେ ବୋଲି ବୁଧବାର ଜୁନାଗଡ ନିୟନ୍ତ୍ରିତ ବଜାର କମିଟି ସଭାଗୃହଠାରେ ଧର୍ମଗଡ ଉପଖଣ୍ଡ ଅନୁସୂଚିତ ଜାତି ଓ ଜନଜାତି ବିକାଶ ମଞ୍ଚ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି । ଏଥିରେ ଧର୍ମଗଡ ଉପଖଣ୍ଡ ଅନୁସୂଚିତ ଜାତି ଓ ଜନଜାତି ବିକାଶ ମଞ୍ଚର ଆବାହକ ବିଶ୍ୱନାଥ କର, ଜିଲା ଆଦିବାସୀ ସଂଘ ସଭାପତି କିଶୋର ଚନ୍ଦ୍ର ଭୋଇ, ଜିଲା ଅନୁସଚିତ ଜାତିର ସଭାପତି ସୁଗ୍ରୀବ ଦୀପ, ଧର୍ମଗଡ ଉପଖଣ୍ଡ ସଭାପତି ଗୋବର୍ଦ୍ଧନ ବାଗ ପ୍ରମୁଖ ଯୋଗଦେଇ ଏହା କହିଛନ୍ତି । ୨୦୧୧ ଜନଗଣନା ଅନୁଯାୟୀ ଜୁନାଗଡ ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨ ଲକ୍ଷ୨୫ ହଜାର ୬୯୫ ଭୋଟର ରହିଛନ୍ତି। ସେଥିମଧ୍ୟରୁ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ୯୨ ହଜାର ଭୋଟର ରହିଛନ୍ତି। ଯାହାକି ନିର୍ବାଚନ ମଣ୍ଡଳୀର ସମୁଦାୟ ଭୋଟର ସଂଖ୍ୟାର ୪୨ ପ୍ରତିଶତ। ସେହିପରି ଧର୍ମଗଡ ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨ ଲକ୍ଷ ୪୦ ହଜାର ଭୋଟର ରହିଛନ୍ତି। ସେଥିମଧ୍ୟରୁ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ୮୫ ହଜାର ଭୋଟର ରହିଛନ୍ତି। ଯାହାକି ନିର୍ବାଚନ ମଣ୍ଡଳୀର ସମୁଦାୟ ଭୋଟର ସଂଖ୍ୟାର ୩୭ ପ୍ରତିଶତ। ଉପରୋକ୍ତ ନିର୍ବାଚନ ମଣ୍ଡଳୀରେ ଜଣେ ପ୍ରାର୍ଥୀ ବିଜୟୀ ହେବାକୁ ହେଲେ ଏହି ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଭୋଟ ଉପରେ ନିର୍ଭର କରିଥାଏ। ତେବେ ସାଧାରଣ ନିର୍ବାଚନ ସମୟରେ ଉପରୋକ୍ତ ୨ଟି ନିର୍ବାଚନ ମଣ୍ଡଳୀରେ କୌଣସି ରାଜନୈତିକ ଦଳ ପକ୍ଷରୁ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପ୍ରାର୍ଥୀଙ୍କୁ ଟିକଟ ଦିଆଯାଉ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦିଗାମ୍ବର ଦୁରିଆ, ଲକ୍ଷ୍ମୀକାନ୍ତ ବାଗ, ରାମକୁମାର ସେନାପତି, ଦୁର୍ଯୋଧନ ମାଝି, ହରେକୃଷ୍ଣ ମାଝି, କୃଷ୍ଣଚନ୍ଦ୍ର ନିଆଲ, ଗଣେଶ ରାମ ବାଗ, ଜତିନ୍ଦ୍ର କର, ଉଦିଆ ସୁନାନୀ, ସୁଶାନ୍ତ ମାଝି, ରୁତୁରାଜ ମାଝି ପ୍ରମୁଖ ଉପସ୍ଥିତ ଥିଲେ।




ଆୟୋଜିତ ଖବରଦାତା ସମ୍ମିଳନୀ।

## ସର୍ବସାଧାରଣ ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ., ଭୁବନେଶ୍ୱର, ସତ୍ୟନଗର ଅଞ୍ଚଳରେ ୮୮୫୫୪.୮୩ ବର୍ଗ ପରିମିତ ଅଞ୍ଚଳରେ ଏକ ନୂତନ ବାସୋପଯୋଗୀ ବିଶିଷ୍ଟ (B2+B1+LGF+M2+M1+UGF+G+29) ମହଲା ଆପାର୍ଟମେଣ୍ଟ ଘର ସ୍ଥାପନ ନିମନ୍ତେ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କଠାରୁ ଅନୁମତି ହାସଲ କରିଛନ୍ତି। ଏହାସହିତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ପ୍ରକଳ୍ପ ସରକାରୀ ଏବଂ ବେସରକାରୀ ସହଭାଗୀତା ଯୋଜନାର ଅନ୍ତର୍ଭୁକ୍ତ ଅଟେ। ଉପରୋକ୍ତ ଅନୁମତି ପତ୍ରର ଏକକିତା ନକଲ ଚିଠି ନଂ. ୬୩୬୫/ଏସ୍.ଇ.ଆଇ.ଏ.ଏ., ତା୦୩।୧୨।୨୦୧୮ରିଖ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କ ୱେବ୍‌ସାଇଟ୍ http://www.orissaseiaa.gov.in/ରେ ଉପଲବ୍ଧ ଅଟେ।

–ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ.

## ସର୍ବସାଧାରଣ ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ., ଭୁବନେଶ୍ୱର, ସତ୍ୟନଗର ଅଞ୍ଚଳରେ ୪୯୯୨୭.୧୧ ବର୍ଗ ପରିମିତ ଅଞ୍ଚଳରେ ଏକ ନୂତନ ବାସୋପଯୋଗୀ ବିଶିଷ୍ଟ (B2+B1+G+25) ମହଲା ଆପାର୍ଟମେଣ୍ଟ ଘର ସ୍ଥାପନ ନିମନ୍ତେ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କଠାରୁ ଅନୁମତି ହାସଲ କରିଛନ୍ତି। ଏହାସହିତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ପ୍ରକଳ୍ପ ସରକାରୀ ଏବଂ ବେସରକାରୀ ସହଭାଗୀତା ଯୋଜନାର ଅନ୍ତର୍ଭୁକ୍ତ ଅଟେ। ଉପରୋକ୍ତ ଅନୁମତି ପତ୍ରର ଏକକିତା ନକଲ ଚିଠି ନଂ. 63F/ଏସ୍.ଇ.ଆଇ.ଏ.ଏ., ତା୦୩।୧୨।୨୦୧୮ରିଖ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କ ୱେବ୍‌ସାଇଟ୍ http://www.orissaseiaa.gov.in/ରେ ଉପଲବ୍ଧ ଅଟେ।

–ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ.



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।

- ସିସେରୋ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାତ ନାହିଁ ଯାହାର**
**ବାତ୍ ନାହିଁ ତାହାର**
**ନାତ୍ ନାହିଁ ତାହାର**
**ଜାତି ନାହିଁ ତାହାର ।**

ଆଜିର ଅର୍ଥ ସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ଯାହା ପାଖରେ ଅର୍ଥ ଅଛି ତା'ର ମାନ ମହତ କାହିଁ କେତେ ବେଶି। କିନ୍ତୁ ଯାହା ପାଖରେ ଅର୍ଥ ନାହିଁ ତାକୁ କେହି ପାସଙ୍ଗରେ ପକାଇ ନ ଥାନ୍ତି। କଥା କହିବା ତ ଦୂରର କଥା ତାଙ୍କ ମୁହଁକୁ ମଧ୍ୟ ଚାହିଁ ନ ଥାନ୍ତି। ଅବହେଳାର ଶିକାର ହେବା ସହ ଥଟ୍ଟା ପରିହାସର ପାତ୍ର ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଭିଡ଼ କାମକୁ ପାରିବି ନାହିଁ ଲୋ**
**ଅଣ୍ଟାରେ ପଡ଼ିଛି ବାତ**
**ଖଣତି ଖଣ୍ଡିଏ ଦିଅ ଲୋ ମାଆ**
**ବସି ଖୋଳୁଥାଏ ଗାତ ।**

ଅଳସୁଆ ଓ ନିକମା ପ୍ରକୃତିର ବ୍ୟକ୍ତି କାମ କରିବା କଥା ଶୁଣିଲେ ଛାନିଆ ହୋଇଯାଆନ୍ତି। କଷ୍ଟ କରି କାମ କରିବା ତାଙ୍କ ଜାତକରେ ଲେଖା ନ ଥାଏ। କିଛି କାମ କରିବା କଥା ପଡ଼ିଲେ ନିଜ ଦେହ ଖରାପର ଆଳ ଦେଖାଇ ସହଜ ସୁବିଧା କାମ ଆବୋରି ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଛାତ୍ରୀଙ୍କୁ ଅସଦାଚରଣ ମାମଲା: ତତ୍କାଳୀନ ପ୍ରଧାନଶିକ୍ଷକ ନିଲମ୍ବିତ

**ଭବାନୀପାଟଣା, ୧୯।୧୨ (ଡି.ଏନ.ଏ.)**

କର୍ତ୍ତବ୍ୟରେ ଅବହେଳା ଓ ଅନ୍ତେବାସୀ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକ ସିରିମସ୍କା ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ବାଳକୃଷ୍ଣ ମହାପାତ୍ରଙ୍କୁ ଜିଲା ଶିକ୍ଷା ପ୍ରଶାସନ ଗତ ଡିସେମ୍ବର ପହିଲାରେ ସ୍କୁଲରୁ ହଟାଇ ଦେଇ ଜୁନାଗଡ ବ୍ଲକ ଅନ୍ତର୍ଗତ ଦେଦର ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତର କରିଥିଲେ । ଏହି ଘଟଣା ପରେ ପୀଡ଼ିତା ଛାତ୍ରୀ ଜଣକ ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଜିଲା ମଙ୍ଗଳ ଅଧିକାରୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ଓ ଆସିଷ୍ଟାଣ୍ଟ କଲେକ୍ଟର ପ୍ରମୁଖ ସିରିମସ୍କା ସ୍କୁଲ ଓ ପୀଡ଼ିତା ଛାତ୍ରୀଙ୍କ ଗ୍ରାମକୁ ଯାଇ ତାଙ୍କ ପିତା ମାତାଙ୍କ ବୟାନ ରେକର୍ଡ କରିବା ସହ ଘଟଣାର ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଉକ୍ତ ରିପୋର୍ଟ ଆଧାରରେ ଜିଲାପାଳ ଗାଭାଲି ପରାଗ ହର୍ଷଦଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂହ ଅଭିଯୁକ୍ତ ଶିକ୍ଷକ ବାଳକୃଷ୍ଣ ମହାପାତ୍ରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି । ଏଥିସହ ଜିଲା ମଙ୍ଗଳ ଅଧିକାରୀ ସମ୍ପୃକ୍ତ ଶିକ୍ଷକ ବାଳକୃଷ୍ଣ ମହାପାତ୍ରଙ୍କ ବିରୋଧରେ ଥୁ.ରାମପୁର ଥାନାରେ ଘଟଣା ସମ୍ପର୍କରେ ଏତଲା ଦେଇଥିଲେ । ଥୁ. ରାମପୁର ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ଜିଲା ମଙ୍ଗଳ ଅଧିକାରୀ ପୀଡ଼ିତା ଛାତ୍ରୀଙ୍କୁ ଜିଲା ଶିଶୁ ମଙ୍ଗଳ ସମିତିରେ ଦାଖଲ କରିବା ପରେ ଶିଶୁ ମଙ୍ଗଳ ସମିତି ପୀଡ଼ିତା ଛାତ୍ରୀଙ୍କୁ ଭବାନୀପାଟଣାସ୍ଥିତ ମୁକ୍ତ ଆଶ୍ରୟସ୍ଥଳୀରେ ଥଇଥାନ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ସିରିମସ୍କା ସ୍କୁଲ ପ୍ରଧାନଶିକ୍ଷକ ବାଳକୃଷ୍ଣ ମହାପାତ୍ର ଗତ ୨୦୦୦ରୁ ଏହି ସ୍କୁଲରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହିଥିଲେ । ସେ କଳାହାଣ୍ଡି ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମଧ୍ୟ ଥିଲେ । ତାଙ୍କ ବିରୋଧରେ ଏଭଳି ଗୁରୁତର ଅଭିଯୋଗ ଆସିବା ପରେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସଭାପତି ପଦରୁ ବହିଷ୍କାର କରାଯାଇଥିଲା ।

# କଂଗ୍ରେସ କଥାରେ ନୁହେଁ କାମରେ ବିଶ୍ୱାସ କରେ: ଭକ୍ତ

**ଭବାନୀପାଟଣା, ୧୯।୧୨ (ଡି.ଏନ.ଏ.)**

ଓଡ଼ିଶାରେ ମଧ୍ୟ ଚାଷୀମାନେ ବିଜେଡି ସରକାରକୁ ଛତିଶଗଡ ଭଳି ପ୍ରତ୍ୟାଖ୍ୟାନ କରି ସତ୍ତାରୁ ହଟାଇବେ ବୋଲି ରାଜ୍ୟ ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ବାସ ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଛତିଶଗଡରେ ଚାଷୀମାନେ ଜିଦ ଧରି ମଣ୍ଡିରେ ଧାନ ନ ବିକି ପ୍ରଥମେ କଂଗ୍ରେସ ସରକାରକୁ କ୍ଷମତାକୁ ଆଣିବା ପାଇଁ ଦୃଢ ନିଷ୍ପତ୍ତି ନେଇଥିଲେ। ବର୍ତ୍ତମାନ କଂଗ୍ରେସକୁ ଶାସନାଧୀନ କରି ଧାନ ବିକ୍ରି କରିବା ଆରମ୍ଭ କରିଛନ୍ତି। ସେହି ଢାଞ୍ଚାରେ ଆଗାମୀ ସାଧାରଣ ନିର୍ବାଚନରେ ଚାଷୀମାନେ ବିଜେଡି ସରକାରଙ୍କୁ ଗାଦିଚ୍ୟୁତ କରିବେ ବୋଲି ଭକ୍ତ କହିଛନ୍ତି । ଶପଥ ନେଇଥିବା ପ୍ରଥମ ଦିନ ତିନି ରାଜ୍ୟ ଯେମିତି କୃଷିଋଣ ଛାଡ କରିବା ସଙ୍ଗେ ଧାନର ସହାୟକ ମୂଲ୍ୟ ବୃଦ୍ଧି କରି ୨୫୦୦ଟଙ୍କା ଧାର୍ଯ୍ୟ କରିଛନ୍ତି। ଏଥିରୁ ପ୍ରାମାଣିତ ଯେ କଂଗ୍ରେସ କଥାରେ ନୁହେଁ କାମରେ ବିଶ୍ୱାସ କରେ। ଯଦି ଓଡ଼ିଶାରେ ବି କଂଗ୍ରେସ ସରକାର କରିବ ତାହାଲେ କୃଷିଋଣ ଛାଡ ହେବା ସହିତ ଧାନର କୁଇଣ୍ଟାଲ ପିଛା ସହାୟକ ମୂଲ୍ୟ ୨୫୦୦ ଟଙ୍କାକୁ ବୃଦ୍ଧି କରାଯିବ ସହ ଅଧା ଦରରେ କୃଷକମାନଙ୍କୁ ବିଜୁଳି ଯୋଗାଇ ଦିଆଯିବ ବୋଲି ପୂର୍ବ କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟ ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସ ପ୍ରକାଶ କରିଛନ୍ତି।

# ଗୀତା ଶ୍ଳୋକ ପାଠ ପ୍ରତିଯୋଗିତା

**ରେଙ୍ଗାଲି, ୧୯।୧୨ (ଡି.ଏନ.ଏ)**

ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୀତା ଶ୍ଳୋକ ପାଠ ପ୍ରତିଯୋଗିତା କରାଯାଇଛି । ଏହି ଅବସରରେ ଗୋପାଳମାଳ କ୍ରିୟାଯୋଗ ଆଶ୍ରମର ସ୍ୱାମୀ ଗୁରୁ ସେବାନନ୍ଦ ଗିରି ମୁଖ୍ୟଅତିଥି ଓ ରେଙ୍ଗାଲି ବ୍ଲକ ଏବିଡିଓ ରବୀନ୍ଦ୍ର ରଣା ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ । ବିଚାରକ ଭାବରେ ରାମଚନ୍ଦ୍ର ନଗର ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ବିଭୂତିଭୂଷଣ ମହାନ୍ତି ଯୋଗ ଦେଇଥିଲେ।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD, GAMS (PATNA)
DR. PREM KUMAR, BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

**OFFICE OF THE SUPERINTENDENT**
**MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL, BRAHMAPUR, - 760004, GANJAM, ODISHA**
Tel. 0680-2292624, Fax: 0680-2292752, Email: supdtmkcg@gmail.com, mkcgmchberhampur@gmail.com, website: www.mkcgmch.org

No. 16359/MCH/CS/2018 Dt./Berhampur the 17.12.18

**1st CORRIGENDUM TO THIS OFFICE TENDER CALL NOTICES NO-14912 DT. 15.11.2018 PUBLISHED IN ODIA DAILY "DHARITRI" & ENGLISH DAILY "THE PIONEER" DT. 18.11.2018**

No.676-E: The last date of receipt of the tender for supply of **"Medicine Items"** to this hospital is extended up to **01.01.2019 (by 5.00 P.M.)** and will be opened on **03.01.2019**. If the opening day falls on public holiday the bids will be opened on next working day.

The Tender Call Notice No- 14912 dt. 15.11.2018 and terms & conditions, the details list and specifications can available in website **www.ganjam.nic.in** and in the office of the undersigned.

Other terms and conditions remain unaltered.

**Sd./- Superintendent,**
**M.K.C.G. Medical College Hospital, Berhampur**

10028/11/0016/1819

**OFFICE OF THE DIRECTOR**
**FORESTRY TRAINING, ODISHA FOREST RANGERS' COLLEGE, ANGUL**

No.121-MM **PHONE NO./ FAX-06764-233652,**
**E-mail: directorofrcangul@gmail.com**

**Tender/ Bid Information Sheet for "Tender for supply of Shoes, Sports T Shirt, Track Suit, Brown Shoe, Binocular, Swiss Knife, Hard Disk ITB, Digital camera/ Laptop/ Tab in the Odisha Forest Rangers' College, Angul"**

| | | |
|---|---|---|
| Date & Time per-Bid Meeting | : | 14.01.2019 |
| Late Date & Time for submission of Tender | : | 15.01.2019 |
| Date & Time of Technical Bid opening | : | 16.01.2019 |
| Place of opening of Tender/Bid | : | Officer of OFRC, Angul |
| Date & Time of Financial Bid opening | : | 16.01.2019 (11.00 AM) |

Important Notes: Prospective Bidders are requested to remain update for any notices/ amendments clarifications etc. to the Tender Document through the website www. tenderodisha.gov.in / Notice Board of the office of OFRC, Angul. No separate notifications will be issued for such notices/ amendments/ clarifications etc. in the print media of individually.

Address for Communication:

**Sd./- Director**
**Forestry Training**
**Odisha Forest Rangers' College**
**Angul**

08027/11/0005/1819


# CLASSIFIED DISPLAY

**ALL EDITION-B/W (Every Day)** | **For Booking Contact: 0674-2580385, 7894447131, 7894447148, 9437038266, 7894447166**

**GET INSTANT CASH AGAINST GOLD**
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

**SMS JOB**
ଭାରତର Reputed Company ରେ SMS JOB କରି Part/Full Time ଘରେ ବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+ Sim + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9631847145
9006905977

**ଧୂପକାଠି ମେସିନ୍**
DEP, PERFUME, MATCH BOX, READYMADE COVER, PREMIX
ସହଜ ଋଣ ବ୍ୟବସ୍ଥା ଉପଲବ୍ଧ
ଧୂପକାଠି ମେସିନ୍ ବସାଇ ତିଆରି ପ୍ରଡକ୍ଟସ୍‌କୁ ଆମ ମାଧ୍ୟମରେ ବିକ୍ରୟ କରି ଦିନକୁ ୧୫୦୦/- ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ ଏବଂ ସମସ୍ତ ପ୍ରକାର ଧୂପକାଠି କଞ୍ଚାମାଲ୍ ସୁଲଭ ମୂଲ୍ୟରେ ଉପଲବ୍ଧ ।
SAMEEPTA INDUSTRIES PVT. LTD
B-157, Baramunda, BBSR
9777196285
9861088447

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୯୮, ଅଶୋକ ନଗର, ୟୁନିଟ୍-୨। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**M. GROUP FINANCE CO.**
DIWALI OFFER (Govt. Approved)
• Personal Loan • Business Loan • Salary Slip Loan • Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

**FINANCE**
National Corporation
ପର୍ସନାଲ, ଏଜୁ୍ୟକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

**BUSINESS**
ନ୍ୟାଶନାଲ କମ୍ପାନୀ
ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୭୦ ଲକ୍ଷ
ଭଡ଼ା ୩୫,୦୦୦
୧ ବ୍ୟକ୍ତିଙ୍କ ପାଇଁ ୩୫,୦୦୦ର ଅନ୍ୟାନ୍ୟ ସୁବିଧା
7048574723
7048574637
Add : 41/14, Sce.1, Pushp Vihar, Delhi-17

**ନବବର୍ଷ ଧମାକା !!!**
କୁବେର ଫାଇନାନ୍ସ
ଖର୍ଚ୍ଚ ଋଣରୁ କଟିବ (ପଞ୍ଜୀକୃତ)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍
ସମସ୍ତ ଋଣ ୧% ସୁଧ, ୪୦% ରିହାତି
9354181401
8375014500
41/14, ସେକ୍ଟର-1, ପୁଷ୍ପ ବିହାର, ଦିଲ୍ଲୀ-110017

**BALADEV FINANCE**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

**FINANCE**
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

**ଟି.ସି.ଏଫ୍. ଫାଇନାନ୍ସ**
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୮୫୯୬୬୮୫୫୮
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

**BUSINESS**
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୬୫ ଲକ୍ଷ
ଭଡ଼ା ୭୫,୦୦୦
କୌଣସି ଏଗ୍ରିମେଣ୍ଟ ଦେୟ ନାହିଁ
6391829110
6391829112
Add : T-51, Gautampuri Delhi-53

**BUSINESS**
SURYA କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 1 କୋଟି, ଭଡ଼ା 55000/- + ଗାଡ଼ି।
ଯୋଗାଯୋଗ କରନ୍ତୁ
9804822350

**TCF FINANCE**
TCF ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧ ଦିନରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8938866345
7088891905

**!!! ଋଣ ଋଣ ଋଣ !!!**
କ୍ୟାପିଟାଲ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 5 ଲକ୍ଷ) ଋଣ ଉପଲବ୍ଧ
ଯୋଗାଯୋଗ
9667895027
7835981792
capitalfinanceindialtd@gmail.com
Add : - 41/14, Sec.1, Pushp Vihar, Delhi

**ବାବା ବଙ୍ଗାଳୀ**
ଫ୍ରି ସେବା ବାବା ବଙ୍ଗାଳୀ ୧୫ ମିନିଟ୍‌ରେ ଘରେବସି ସମାଧାନ
ସ୍ପେଶାଲିଷ୍ଟ: ପ୍ରେମବିବାହ, ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁମୁକ୍ତି, ପତି - ପତ୍ନୀ ଅନବନ, ପାଠରେ ମନ ନଲାଗିବା, ଗୃହକ୍ଳେଶ, ବ୍ୟବସାୟରେ ବାଧା । A to Z ସମସ୍ୟାର ଘରେବସି ୧୦୧% ଗ୍ୟାରେଣ୍ଟେଡ ଫ୍ରୀ ସମାଧାନ
9982292667
8239254882

**SMS JOB**
PTJ କମ୍ପାନୀରେ SMS JOB ପାଇଁ ୩୯୦ ଯୁବକ, ଯୁବତୀ ଘରେବସି Part/Full Time JOB କରି ୧୪୦୦୦/- ରୁ ୪୨୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+ Printer FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9135595515
7870216361

**ITEL** କମ୍ପାନୀ ଦ୍ୱାରା ଖାଲି ଜମି ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ, ଅଗ୍ରିମ - ୯୦ ଲକ୍ଷ, ଭଡ଼ା - ୪୫୦୦୦ + ମାସିକ ୧୫୦୦୦ର ଅନ୍ୟାନ୍ୟ ସୁବିଧା + ଆଜୀବନ ଜୀବନ ବୀମା + ମେଡିକାଲ ସୁବିଧା ମାଗଣା ।
Email- iteltowerltd@gmail.com
WhatsApp
7788995264
9126351642
Gram Bakrihari, Dhaka, East Champaran, Bihar - 845418

**LOAN**
ସୁବର୍ଣ୍ଣ ସୁଯୋଗ ।
ଓଡ଼ିଶାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ କମ୍ ସୁଧରେ ଏବଂ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଉଛି।
(ମହିଳାମାନଙ୍କ ପାଇଁ ବିଶେଷ ରିହାତି)
B-19, New Moti Bagh, New Delhi- 110021
8658167603
7064382081

**LOAN**
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

**MAHENDAR FINANCE**
• Personal Loan • Business Loan • Salary Slip Loan • Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

**TARIFF — MORE SPACE • SAME PRICE**

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଘରେ ବସି SMS JOB**
Mobile Telecom କମ୍ପାନୀରେ ଘରେ ବସି SMS ଜବ୍ କରି ପୁଅ, ଝିଅ, ଗୃହିଣୀ, ଅବସରପ୍ରାପ୍ତ କର୍ମଚାରୀ, ବିଦ୍ୟାର୍ଥୀ, ସମସ୍ତ ବେରୋଜଗାର ପାର୍ଟଟାଇମ୍, ଫୁଲ୍‌ଟାଇମ୍ କାମ କରି ରୋଜଗାର କରନ୍ତୁ
15000 ରୁ 35000 ମାସିକ
ଏହା ସହିତ ଲାପଟପ୍ + ମୋବାଇଲ + ପ୍ରିଣ୍ଟର + ଡାଟା କାର୍ଡ + SMS ଖର୍ଚ୍ଚ
କମ୍ପାନୀ ଦ୍ୱାରା ଫ୍ରି
ବୁକାରୋ ମାଲେପୁର, ଜାମୁଇ, ବିହାର - 811313
8084778397
8084682610

**FINANCE**
ଧନଲକ୍ଷ୍ମୀ ଋଣ ଲିମିଟେଡ୍ ଭରସାର ପ୍ରତୀକ ସରକାରୀ ପଞ୍ଜିକୃତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଗୃହଋଣ ମାତ୍ର ୨୪ ଘଣ୍ଟାରେ । 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କୁ ବିଶେଷ ଛାଡ
Plot No-155, Lewis Road, Bangalore
7504330336
9114377090

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

**NATIONAL FINANCE**
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର, ୨୪ ଘଣ୍ଟାରେ ସରକାରୀ ଯୋଜନା ଅଧୀନରେ ଘରେ ବସି ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ବିପିଏଲ୍ କାର୍ଡ, ବାମାଶା କାର୍ଯ୍ୟ ବେରୋଜଗାର ଋଣ, ମହିଳା ଗ୍ରୁପ୍ ଋଣ ସବୁ ଋଣ ବ୍ୟାଙ୍କରୁ ପାଆନ୍ତୁ। ୨% ସୁଧ ୪୦% ସରକାରୀ ସବ୍‌ସିଡି।
Helpline Numbers
7626989818
7626900218
T-51, Gali No.8, Gautampuri, Delhi-110053



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



# ମଣ୍ଡି ବୁଲି ଦେଖିଲେ ଏ.ଭି. ସ୍ୱାମୀ

ନୂଆପଡା ଅଫିସ,୧୯।୧୨



ସାରାବଙ୍ଗ ମଣ୍ଡିରେ ରାଜ୍ୟ ସଭା ସଦସ୍ୟ ଏ.ଭି. ସ୍ୱାମୀ ଧାନର ଅବସ୍ଥା ଦେଖୁଛନ୍ତି ।

- ଚାଷୀଙ୍କ ଦୁଃଖ ଦେଖି ବିଚଳିତ
- ଜିଲାସ୍ତରୀୟ ଅଧିକାରୀଙ୍କୁ ଅବଗତ କଲେ

ଲଘୁଚାପ ବର୍ଷା ଯୋଗୁ ବର୍ତ୍ତମାନ ଜିଲାରେ ଚାଷୀଙ୍କ ଅବସ୍ଥା ବେହାଲ ହୋଇପଡିଛି । ଲଗାଣ ବର୍ଷା ଯୋଗୁ ଜମିଗୁଡିକରେ ଅମଳ ହେଉଥିବା ଧାନ କିଆରିରେ ପଡିଥିବାବେଳେ ବହୁ କ୍ଷେତ୍ରରେ ଚାଷୀମାନେ ବିକ୍ରି ପାଇଁ ମଣ୍ଡିକୁ ନେଇ ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ମୁଣ୍ଡରେ ହାତ ଦେଇ ବସିଛନ୍ତି। ମିଲର୍ସମାନେ ବିଭିନ୍ନ ବାହାନା କରି ଧାନକୁ ନେଉ ନ ଥିବାରୁ ଶତାଧିକ ବସ୍ତାଧାନ ପଡିରହିଛି । ଚାଷୀଙ୍କ ସୂତ୍ରରୁ ଖବର ପାଇ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏ.ଭି. ସ୍ୱାମୀ ସ୍ଥାନୀୟ ସାରାବଙ୍ଗ ଅଞ୍ଚଳର ମଣ୍ଡିକୁ ବୁଲି ଦେଖିଛନ୍ତି । ସେଠାରେ ଚାଷୀଙ୍କ ଦୁଃଖ ଦେଖି ବିଚଳିତ ହୋଇପଡିଥିବା ବେଳେ ବିଭାଗୀୟ ଅଧିକାରୀମାନଙ୍କୁ ତାଗିଦ କରିଛନ୍ତି । ନୂଆପଡା ଜିଲା ସଦର ମହକୁମାଠାରୁ ମାତ୍ର ୭ କି.ମି. ଦୂର ସାରାବଙ୍ଗ ପ୍ରାଥମିକ ସେବା ସମବାୟ ସମିତି ଜରିଆରେ ମିନିଷ୍ଟାଡିୟମ ପରିସରରେ ଚାଲିଛି ଧାନ ମଣ୍ଡି । ଆଜିକୁ ସାତ ଆଠ ଦିନ ହେବ ଏଠାରୁ ଧାନ ଉଠିପାରୁନାହିଁ। ଚାଷୀମାନେ ଧାନ ମଣ୍ଡିକୁ ଆଣିଥିଲେ ମଧ୍ୟ କୌଣସି ମିଲର୍ସ ଏଠାକୁ ଆସୁନାହାନ୍ତି । ଯେଉଁମାନେ ଆସିଥିଲେ ମଧ୍ୟ କୁଇଣ୍ଟାଲ ପିଛା ୫ କି ଗ୍ରା କଟନି କରିବାକୁ ବିଭିନ୍ନ ବାହାନା କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ତେବେ ଏହା ଉପରେ ଚାଷୀମାନେ ରାଜି ନ ହେବାରୁ ଧାନ ଉଠିପାରୁନାହିଁ । ବର୍ତ୍ତମାନ ଏଠାରେ ଲଗାଣ ବର୍ଷା ଯୋଗୁ ଧାନ ବସ୍ତା ସବୁ ମଣ୍ଡିରେ ପଡି ରହିଛି । ଗୋଟିଏପଟେ ବିଭାଗ ତରଫରୁ ଠିକ ଭାବରେ ଛାଉଣି କରାଯାଇ ନ ଥିବାରୁ ଧାନ ବସ୍ତା ସବୁ ଭିଜିଯାଉଛି । ଏହି ଖବର ପାଇ ଏ.ଭି.ସ୍ୱାମୀ ଏଠାକୁ ଗସ୍ତ କରିଥିଲେ । ବୁଧବାର ଅପରାହ୍ନ ୪ଟାରେ ସେଠାରେ ପହଞ୍ଚିବା ବେଳେ ଚାଷୀମାନେ ରୁଣ୍ଡ ହୋଇ ତାଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ । ତୁରନ୍ତ ସ୍ୱାମୀ ଜିଲା ଯୋଗାଣ ଅଧିକାରୀ ଅଶୋକ ଦାସଙ୍କୁ ଯୋଗାଯୋଗ କରି ସମସ୍ୟା ସମ୍ପର୍କରେ ଜଣାଇଥିଲେ । ଏହା ଉପରେ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ କହିଥିଲେ। ଚାଷୀମାନେ ଯେଭଳି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ । ସୂଚନାଯୋଗ୍ୟ ଯେ, ମଣ୍ଡିରେ ଆଜିକୁ ସାତ ଦିନ ହେବ ମୋଟ ୮୭୯ କୁଇଣ୍ଟାଲ ଅର୍ଥାତ ୧୭୫୮ ବସ୍ତା ଧାନ ପଡିରହିଛି । ଏପଟେ ଧାନ ଖରାପ ହୋଇଯାଇଥିବା ନେଇ ମିଲର୍ସ ଧାନ ଉଠାଇବାକୁ ନାରାଜ। ଏହା ଉପରେ ଖୋଦ ଜିଲାପାଳ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଚାଷୀ ମହଲରେ ଦାବି ହେଉଛି ।

## ତରବୋଡ଼ ଧନୁଯାତ୍ରା ଜମୁଛି
# ପୁତନା ନିଧନ ଖବର ଶୁଣି କଂସ ମର୍ମାହତ

ତରବୋଡ,୧୯।୧୨(ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ତରବୋଡଠାରେ ଚାଲିଥିବା ଧନୁଯାତ୍ରା ମହୋତ୍ସବ ଚତୁର୍ଥ ଦିନରେ ପହଞ୍ଚିଛି । ମଙ୍ଗଳବାର କୃଷ୍ଣଜନ୍ମ ହୋଇଥିବା ବେଳେ ବସୁଦେବ ଶ୍ରୀକୃଷ୍ଣଙ୍କୁ ଗୋପପୁରରେ ନନ୍ଦରାଣୀଙ୍କ କୋଳରେ ଛାଡି ଚାଲି ଆସିଛନ୍ତି । ବିଜୁଳି କନ୍ୟାଙ୍କୁ ମାରିବାକୁ କଂସ ଉଦ୍ୟତ ହେଉଥିବା ବେଳେ ବିଜୁଳୀ କନ୍ୟାର ବାଣୀ ସୁଣି କଂସ ବ୍ୟତିବ୍ୟସ୍ତ ହୋଇପଡିଛନ୍ତି। ବୁଧବାର ଗୋପପୁରରେ ନନ୍ଦ ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇଛି। କୃଷ୍ଣଙ୍କୁ ମାରିବାକୁ ମାୟାବିନୀ ପୁତନାକୁ କଂସ ଗୋପପୁର ପଠାଇଥିବା ବେଳେ ଶ୍ରୀକୃଷ୍ଣ କ୍ଷୀର ସଙ୍ଗେ ପୁତନାର ପ୍ରାଣ ନେଇ ଯାଇଛନ୍ତି । ଏପଟେ ମଥୁରାରେ କଂସ ପୁତନା ନିଧନ ଖବର ସୁଣି ମର୍ମାହତ ହୋଇପଡିଛନ୍ତି ।

ପାତ୍ରମନ୍ତ୍ରୀଙ୍କ ସହ ମନ୍ତ୍ରଣା କରୁଥିବା ବେଳେ ରାଣୀ ପଦ୍ମାବତୀ ଧନେଶ୍ରୀ ଓଷା ଆରମ୍ଭ କରିଛନ୍ତି। ମଙ୍ଗଳବାର ତରବୋଡ ଫାଣ୍ଡି ଅଧିକାରୀ ଲଛିନ୍ଦ୍ର ଚଲାନ, ଦେବରାଜ ଶବର, ମନୋଜ ଗହିର, ଜୟ ହଂସ ପ୍ରମୁଖ ଅତିଥି ଭାବେ କଂସ ଦରବାରରେ ଉପସ୍ଥିତ ଥିଲେ। ବୁଧବାର ନୂଆପଡା ପୂର୍ବତନ ବିଧାୟକ ତଥା ବିଜେଡି ଜିଲା ସଭାପତି ରାଜେନ୍ଦ୍ର ଢୋଲକିଆ ଅତିଥି ଭାବେ ଯୋଗଦେଇଥିଲେ । ଧନୁଯାତ୍ରା କମିଟି ସଭାପତି ଅମିତ ଅହିର, ସମ୍ପାଦକ ଦୁଃଖଭଞ୍ଜନ ନାୟକ, ଉପସଭାପତି ଶ୍ରୀକାନ୍ତ ପ୍ରଧାନ, କୋଷାଧ୍ୟକ୍ଷ କୁଳ ବେମାଲ, ସହସମ୍ପାଦକ ଅର୍ଜୁନ ସୁନାନୀ, ଗୋପି ଅହିର ଏବଂ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ୧୧ ମହିଳାଙ୍କ ସମେତ ୨୬ ଦାଦନ ଶ୍ରମିକ ଉଦ୍ଧାର

ଖଡିଆଲ,୧୯।୧୨(ଡି.ଏନ.ଏ.)

ଖଡିଆଲ ସହରଠାରୁ ଦେଢ଼ କି.ମି. ଦୂର ବୁନ୍ଦିଆ ଡଙ୍ଗର ପାହାଡ ନିକଟରୁ ଖଡିଆଲ ପୋଲିସର ଏକ ଟିମ୍ ଚଢ଼ାଉ କରି ୧୧ ମହିଳାଙ୍କ ସମେତ ୨୬ ଦାଦନ ଶ୍ରମିକଙ୍କ ଉଦ୍ଧାର କରିଛି। ଉଦ୍ଧାର ଶ୍ରମିକମାନେ ନୂଆପଡା ଜିଲା ସିନାପାଲି ଥାନା କୋଟାମାଲ, ବୋଡେନ ଥାନା ବାବେବୀର ଗାଁ, କଳାହାଣ୍ଡି ଜିଲା ଜୟପାଟଣା ଥାନା ଜୟନ୍ତପୁର ଗାଁ ଓ କୋକସରା ଥାନା ଅଞ୍ଚଳର । ପୋଲିସ ପକ୍ଷରୁ ଶ୍ରମ ବିଭାଗକୁ ଅବଗତ କରିଥିଲା। ଶ୍ରମ ବିଭାଗ ଘଟଣାର ତଦନ୍ତ କରି ଦାଦନ ଚାଲାଣ କରୁଥିବା ସର୍ଦ୍ଦାରଙ୍କ ଲାଇସେନ୍ସ ଥିବାରୁ ମାମଲା ରୁଜୁ ନ କରି ଉଦ୍ଧାର ଶ୍ରମିକମାନଙ୍କୁ ନିଜ ଗାଁକୁ ପଠାଇ ଦେଇଥିବା ଜଣାପଡିଛି। ଉଦ୍ଧାର ଶ୍ରମିକମାନେ ଚଳିତବର୍ଷ ମରୁଡିର ସମ୍ମୁଖିନ ହୋଇ କାମ ଧନ୍ଦା ଅନ୍ୱେଷଣରେ ବାହାର ରାଜ୍ୟକୁ କାମ କରିବା ପାଇଁ ଯିବାକୁ ବାଧ ହୋଇଥିବା କହିଛନ୍ତି । ଖଡିଆଲ ସହରଠାରୁ ଦେଢ଼ କି.ମି. ଦୂର ବୁନ୍ଦିଆ ଡଙ୍ଗର ପାହାଡ ନିକଟରୁ ବାହାର ରାଜ୍ୟକୁ ଚାଲାଣ କରିବା ପାଇଁ ଦାଦନ ସର୍ଦ୍ଦାର ଅଟକ ରଖିଥିଲେ । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଖଡିଆଲ ପୋଲିସର ଏକ ଟିମ୍ ଚଢ଼ାଉ ସମସ୍ତ ଦାଦନ ଶ୍ରମିକଙ୍କ ଉଦ୍ଧାର କରିଛି ।

**OFFICE OF THE**
**NOTIFIED AREA COUNCIL, DHAMNAGAR**

**Notice No.: 1940** **Date: 17.12.2018**

The Class of Contractor of Sl. No. 1 of the tender vide **Bid Identification No. DNR_05/2018_19** shall be read as "B & C" instead of C & D.
Sl. No. 2 of the tender vide **Bid Identification No. DNR_05/2018_19** is hereby cancelled due to unavoidable circumstances.

**Sd./- Executive Officer, Dhamnagar NAC**

**ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ସୁବର୍ଣ୍ଣପୁର**

ପତ୍ର ସଂଖ୍ୟା– ୨୮୧୪ ତା୧୨।୧୨।୧୮

**ନାମ- ଶ୍ରୀ ନିମାଇଁ ଚରଣ ବେହେରା**
**ପିତା- ୰ ଗୁଡ଼ିଆ ବେହେରା**
**ଗ୍ରାମ- କଂଟାବାଂଜି**
**ପୋଷ୍ଟ/ଥାନା- କଂଟାବାଂଜି**
**ଜିଲ୍ଲା- ବଲାଙ୍ଗୀର**

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଆପଣ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ, ସୁବର୍ଣ୍ଣପୁରଙ୍କର ଅଧୀନରେ କନିଷ୍ଠ କିରାଣି ଭାବରେ କାର୍ଯ୍ୟ କରୁଥିବା ସମୟରେ ତା୩୧।୦୮।୨୦୧୮ଠାରୁ କାର୍ଯ୍ୟାଳୟରେ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ଏହି କାର୍ଯ୍ୟାଳୟର ପତ୍ର ସଂଖ୍ୟା ୧୯୪୭ ତା୦୬।୦୯।୨୦୧୮, ୨୦୨୭ ତା୧୮।୦୯।୨୦୧୮, ୨୩୮୨ ତା୨୬।୧୦।୨୦୧୮ ଏବଂ ୨୬୦୫ ତା୨୦।୧୧।୨୦୧୮ ରେଜିଷ୍ଟ୍ରି ଡାକ ଯୋଗେ ଉପରୋକ୍ତ ଠିକଣାରେ କାର୍ଯ୍ୟାଳୟରେ ଯୋଗଦେବା ନିମନ୍ତେ ପତ୍ର ଯୋଗେ ଜଣାଇ ଦିଆଯାଇଥିଲେ ସୁଦ୍ଧା ଆପଣ ଆଜିପର୍ଯ୍ୟନ୍ତ ନିଜେ ଉପସ୍ଥିତ ହୋଇନାହାନ୍ତି କିମ୍ବା କୌଣସି ଯୋଗାଯୋଗ କରିନାହାନ୍ତି। ଏଣୁ ଆପଣଙ୍କୁ ଉକ୍ତ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ ୭ ଦିନ ମଧ୍ୟରେ କାର୍ଯ୍ୟରେ ଯୋଗଦିଅନ୍ତୁ, ନଚେତ୍ ଆଇନ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– ନିର୍ବାହୀ ଯନ୍ତ୍ରୀ
ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ସୁବର୍ଣ୍ଣପୁର

**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**

No RDM-LAA-MBJ-0044-2017/32680 R&DM, Dated 31 Aug. 2018

No.-XXI-102: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ଭାଲୁଘର**, ଥାନା- କରଞ୍ଜିଆ ନଂ.-୧୪୫, ତହସିଲ- କରଞ୍ଜିଆ, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେଓ ଜଳସେଚନ ପ୍ରକଳ୍ପର ବାମ ପାର୍ଶ୍ୱ ଡିଷ୍ଟ୍ରିବ୍ୟୁଟାରୀ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୩୩୨୬ ତା୧୮।୦୭।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ଭାଲୁଘର**, ଥାନା- କରଞ୍ଜିଆ ନଂ.-୧୪୫, ଜିଲ୍ଲା- ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ www.mayurbhanj.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀ, କରଞ୍ଜିଆ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: କରଞ୍ଜିଆ**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ଭାଲୁଘର** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨.୮୦ | ଏ. ୧.୧୪ | ଏଥି ସହିତ ସଂଲଗ୍ନ |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: କରଞ୍ଜିଆ**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୨୮।୦୩।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅଭୟ କୁମାର ନାୟକ, ଯୁଗ୍ମ ଶାସନ ସଚିବ

**ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀ,**
**ଦେଓ ଜଳ ପ୍ରକଳ୍ପ, ମୟୂରଭଞ୍ଜ, କରଞ୍ଜିଆ**

**ମୌଜା- ଭାଲୁଘର** **ଥାନା ନଂ.୧୪୫**

| କ୍ର. ନଂ. | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧ | ଭାଲୁଘର | ୫ | ୯<br>୧୫<br>୧୭ | ୧.୬୬<br>୧.୦୩<br>୦.୧୧ | ୦.୭୫<br>୦.୩୮<br>୦.୦୧ | ଶାରଦ ଦୁଇ<br>ଶାରଦ ଏକ<br>ଆଶୁ | ନାରାୟଣ ମାଝୀ, ସାନମାଲଦେ ମାଝୀ, ପି- ହାଦ ମାଝୀ, ଚମ୍ପା ମାଝୀ, ସ୍ୱା- ହାଦ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| | | **ମୋଟ** | **୩** | **୨.୭୯** | **୧.୧୪** | | | |

24001/14/0422/1819

**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**

No RDM-LAA-MBJ-0080-2017/29495 R&DM Dated 8 Aug. 2018

No.-XXI-99: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ନୂଆଖୁଣ୍ଟା**, ଥାନା- ମୋରଡା ନଂ.-୧୩୪, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସଚେନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲର ପିଙ୍ଗୁଳି ମାଇନର ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୮୦୭୦ ତା୧୪।୧୧।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ନୂଆଖୁଣ୍ଟା**, ଥାନା- ମୋରଡା ନଂ.-୧୩୪, ଜିଲ୍ଲା- ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ www.mayurbhanj.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷୀ, ବାରିପଦାସ୍ଥିତ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: ରାସଗୋବିନ୍ଦପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ନୂଆଖୁଣ୍ଟା** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୫.୯୧ | ଏକର ୩.୪୦ | ଏଥି ସହିତ ସଂଲଗ୍ନ |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: ରାସଗୋବିନ୍ଦପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୨୪।୦୩।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅଭୟ କୁମାର ନାୟକ, ଯୁଗ୍ମ ଶାସନ ସଚିବ

**ଭୂମି ଅନୁସୂଚୀ**

**ଭୂଅର୍ଜନ ମାମଲା ସଂଖ୍ୟା- ୫୨/୨୦୧୭**
**ଏ.୩.୪୦ଡି.**

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବୈଶିଙ୍ଗା ଶାଖା କେନାଲର ପିଙ୍ଗୁଳି ମାଇନର**
**ମୌଜା- ନୂଆଖୁଣ୍ଟା, ଥାନା- ମୋରଡା, ନଂ.-୧୩୪, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ୧୩ | ୧.୩୩ | ୦.୨୦ | ଶାରଦ ଦୁଇ | ଈଶ୍ୱରଚନ୍ଦ୍ର ମହାନ୍ତି, ପି: ଦିନବନ୍ଧୁ ମହାନ୍ତି, ଜା: କରଣ, ବା: କରଞ୍ଜପଡା |
| ୨ | ୯ | ୦.୮୫ | ୦.୨୨ | ଶାରଦ ଦୁଇ | କନ୍ଦା ମାଝୀ, ପି: ଛୋଟା ମାଝୀ, ଜା: ସାନ୍ତାଳ, ବା: କରଞ୍ଜପଡା |
| ୩ | ୪୫/୯୪ | ୦.୨୧ | ୦.୧୫ | ଶାରଦ ଦୁଇ | କାଳିଆ ମାହାଲି, ପି: ମଙ୍ଗଳା ମାହାଲି, ଜା: ମାଜାଲି, ବା: ନିଜଗାଁ |
| ୭ | ୪୭/୯୫ | ୦.୦୮ | ୦.୦୧ | ଶାରଦ ଦୁଇ | ଚାପେ ମାଝୀ, ପି: ଧାନୁ ମାଝୀ, ରୁହିୟା ମାଝୀ, ମାଙ୍ଗାତ ମାଝୀ, ଗୟ ମାଝୀ, ପି: ଚୈତନ୍ୟ ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୮ | ୧୮<br>୩୭<br>୩୮ | ୦.୭୭<br>୦.୩୪<br>୦.୪୪ | ୦.୧୪<br>୦.୦୯<br>୦.୦୮ | ଶାରଦ ଦୁଇ<br>ଶାରଦ ଦୁଇ<br>ଶାରଦ ଦୁଇ | ଯୁଧିଷ୍ଠିର ଦତ୍ତ, ଅମ୍ବିକା ଦତ୍ତ, ଦୁତୀକା ଦତ୍ତ, ଉମାମଣୀ ଦତ୍ତ, ପି: ପଦ୍ମ ଲୋଚନ ଦତ୍ତ, ଯଦୁନାଥ ଦତ୍ତ, ସୋମନାଥ ଦତ୍ତ, ରାମଚନ୍ଦ୍ର ଦତ୍ତ, ପି: ଦିନବନ୍ଧୁ ଦତ୍ତ, ଜା: ରାହୁ, ବା: କରଞ୍ଜପଡା |
| ୧୦ | ୨୬ | ୦.୭୦ | ୦.୧୭ | ଶାରଦ ଦୁଇ | ଦାମୋଦର ମାଝୀ, ବିଜୟ ମାଝୀ, କାଳିଆ ମାଝୀ, ପି: ରଘୁ ନାଥ ମାଝୀ, ନାରଣ ମାଝୀ, ପି: ବାଘରାଏ ମାଝୀ, ଜା: ସାନ୍ତାଳ, ବା: କାଟୁଣୀ |
| ୧୧ | ୨୭ | ୦.୮୨ | ୦.୦୨ | ଶାରଦ ଦୁଇ | ଦୁଃଖିରାମ ସରେନ, ପଦନ ସରେନ, ପି: ଭଗବାନ ସରେନ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୧୪ | ୫ | ୦.୪୪ | ୦.୧୪ | ଶାରଦ ଦୁଇ | ଫଗଡା ମାଝୀ, ପି: କନ୍ଦା ମାଝୀ, ପାଣ୍ଡୁ ମାଝୀ, ପି: ଫଗଡା ମାଝୀ, ରୁହିଆ ମାଝୀ, ରାମ ମାଝୀ, ବିରଧାନ ମାଝୀ, ଭାଗିରଥି ମାଝୀ, ବିରସିଂ ମାଝୀ, ପି: ଦାସ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୬ | ୭୮ | ୦.୫୩ | ୦.୧୨ | ଶାରଦ ତିନି | ଫଗଡା ମାଝୀ, ରାମ ମାଝୀ, ନାରାନ ମାଝୀ, ପି: କନ୍ଦା ମାଝୀ, ତୁଳସୀ ମାଝୀ, ସ୍ୱା: କନ୍ଦା ମାଝୀ, ପାଣ୍ଡୁ ମାଝୀ, ପି: ଫଗଳା ମାଝୀ, ରୋହିଆ ମାଝୀ, ରାମ ମାଝୀ, ବିରଧାନ ମାଝୀ, ଭାଗିରଥି ମାଝୀ, ବିରସିଂ ମାଝୀ, ପି: ଦାସ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୭ | ୭୭ | ୦.୭୫ | ୦.୧୯ | ଶାରଦ ତିନି | ବାଢ଼ା ମାଝୀ, ପି: ଲକ୍ଷ୍ମଣ ମାଝୀ, ଜା: ସାନ୍ତାଳ, ବା: କୋଚିଆଶୁଳ |
| ୨୪ | ୩୦ | ୦.୬୯ | ୦.୧୪ | ଶାରଦ ଦୁଇ | ରେଣ୍ଟା ମାଝୀ, ସୁକୁଲ ମାଝୀ, ପି: ବିଦ ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୨୫ | ୩୧ | ୦.୭୫ | ୦.୧୬ | ଶାରଦ ଦୁଇ | ଲବା ସରେନ, ପି: ରୁଟିଆ ସରେନ, ଜା: ସାନ୍ତାଳ, ବା: ଅଙ୍ଗାରଗଡିଆ, ବେଆଇନ ଖରିଦ ସୂତ୍ରେ ଦଖଲ ଲେଡା ମାଝୀ, ପି; ଦୁର୍ଗା ମାଝୀ, ମାହ୍ଲ ମାଝୀ, ସ୍ୱା: ଲେଡା ମାଝୀ, ଜା: ସାନ୍ତାଳ, ବା: କରଞ୍ଜପଡା, ରେଜେଷ୍ଟ୍ରୀ ଦଲିଲ ନମ୍ବର 2056 ତା7.3.75 ଜରସମନ 1500/- ବା: |
| ୩୧ | ୪<br>୨୨ | ୦.୩୫<br>୧.୧୪ | ୦.୧୮<br>୦.୩୧ | ଶାରଦ ଦୁଇ<br>ଶାରଦ ଦୁଇ | ଶ୍ରୀନାଥ ମାଝୀ, ପି: ଭାଗିରଥି ମାଝୀ, ଜା: ସାନ୍ତାଳ, ବା: କାଟୁଣି |
| ୩୨ | ୫୩<br>୮୦ | ୧.୭୬<br>୧.୧୧ | ୦.୨୬<br>୦.୩୪ | ଶାରଦ ଦୁଇ<br>ଶାରଦ ତିନି | ହାରି ମାଝୀ, ରଘୁ ମାଝୀ, ଶାମୁ ମାଝୀ, ପି: ଭୀମା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୩୨/୧ | ୩୦/୯୬<br>୩୦/୯୭ | ୦.୨୫<br>୦.୧୫ | ୦.୧୨<br>୦.୦୪ | ଶାରଦ ଦୁଇ<br>ଶାରଦ ଦୁଇ | ଶ୍ରୀମତୀ ପାନ ସରେନ, ଅର୍ଜ୍ଜୁନ ସରେନ, ଦାସମାତ ସରେନ, ଗହ୍ନା ସରେନ, ଭକ୍ତୁ ସରେନ, ପି– ସାଉନା ସରେନ, ଜା: ସାନ୍ତାଳ, ବା: କରଞ୍ଜପଡା |
| ୩୨/୨ | ୪୭ | ୦.୪୨ | ୦.୧୩ | ଶାରଦ ଦୁଇ | ବିନୁ ହେମ୍ବ୍ରମ, ପି: ବୁଧରାୟ ହେମ୍ବ୍ରମ, ଜା: ସାନ୍ତାଳ, ବା: ବିରିପାଳ |
| ୩୨/୬ | ୧୩/୧୦୩ | ୨.୦୩ | ୦.୧୯ | ଶାରଦ ଦୁଇ | ଝରଣା ପଟ୍ଟନାୟକ, ସ୍ୱା: ଅବନୀ ପଟ୍ଟନାୟକ, ଜା: କରଣ, ବା: ମଧୁବନ ୱା ନଂ.9 ବାରିପଦା |
| **ମୋଟ** | **୨୨ ପ୍ଲଟ** | **ଏ.୧୫.୯୧ ଡେ.ମି.** | **ଏ.୩.୪୦ ଡେ.ମି.** | | |

24001/14/0419/1819



ଆମକୁ ପାପ କାର୍ଯ୍ୟ କରିବାରେ ଯିଏ ବାଧା ଦିଏ, ସେ ପ୍ରକୃତରେ ବନ୍ଧୁ।

- ଶଙ୍କରାଚାର୍ଯ୍ୟ

## ସଂକ୍ଷେପରେ

### ଅଣସଂଗଠିତ ନିର୍ମାଣ ଶ୍ରମିକ କାର୍ଡ: ୪ବର୍ଷ ପରେ ନବୀକରଣ

**ରାଉରକେଲା ଅଫିସ,୧୯। ୧୨**-ଲାଠିକଟା ବ୍ଲକ ହାତୀବନ୍ଧା ପଞ୍ଚାୟତ କଂସର ଅଞ୍ଚଳର ମହିଳା ଶ୍ରମିକ ମଙ୍ଗବତୀ ଭୂମିଜା ସେ ୨୦୧୪ରେ ଜଣେ ମଧ୍ୟସ୍ଥଙ୍କ ଜରିଆରେ ଜିଲା ଶ୍ରମ ଦପ୍ତରରେ ନାମ ପଞ୍ଜୀକରଣ କରିଥିଲେ। ହେଲେ ନାମ ପଞ୍ଜୀକରଣ ହେବାର ୫ବର୍ଷ ପରେ ମଧ ତାଙ୍କୁ କୌଣସି ସରକାରୀ ସହାୟତା ମିଳି ପାରୁ ନ ଥିଲା। ଏନେଇ ସେ ବାରମ୍ବାର ବିଭାଗୀୟ କାର୍ଯ୍ୟାଳୟକୁ ଆସିଥିଲେ ମଧ ତାଙ୍କୁ କୌଣସି ସୁଫଳ ମିଳୁ ନ ଥିଲା। ଶେଷରେ ମଙ୍ଗବତୀ ଲାଠିକଟା ନିକଟସ୍ଥ ଏରଗେଡା ଅଞ୍ଚଳର ମହିଳା ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲଙ୍କୁ ଘଟଣା ସଂକ୍ରାନ୍ତରେ ଜଣାଇଥିଲେ। ଏହା ଜାଣି ଚାନ୍ଦମଣି ତାଙ୍କୁ ଜିଲା ଶ୍ରମ ଦପ୍ତରକୁ ଆଣି ନବୀକରଣ ନ ହେବା ପଛରେ କାରଣ ଖୋଜିଥିଲେ। ଏଥିରେ ଜଣା ପଡିଥିଲା ଯେ, ପ୍ରତି ବର୍ଷ ମଙ୍ଗବତୀଙ୍କଠାରୁ ମଧସ୍ଥ ଜଣଙ୍କ ନବୀକରଣ ଉଦ୍ଦେଶ୍ୟରେ ଅର୍ଥ ଆଣିଛନ୍ତି। ହେଲେ ଏହାକୁ ଶ୍ରମ ଦପ୍ତରରେ ଜମା ଦେଇ ନାହାଁନ୍ତି। ଏହା ମଙ୍ଗବତୀ ଜାଣି ପାରୁ ନ ଥିଲେ। ସାମାଜିକ କର୍ମୀ ଏନେଇ ସମ୍ପୃକ୍ତ ମଧସ୍ଥଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ଟଙ୍କା ଖର୍ଚ୍ଚ ହୋଇଯାଇଛି, ସୁବିଧା ହେଲେ ନବୀକରଣ କରିଦେବି। ଏପରି ଅବସ୍ଥାରେ ଚାନ୍ଦମଣି ଜିଲା ଶ୍ରମ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ମଙ୍ଗବତୀଙ୍କ ଲେବର କାର୍ଡ ନବୀକରଣ କରିଛନ୍ତି।

### ଗ୍ରାମୀଣ ଡାକ ସେବକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଲହୁଣୀପଡା, ୧୯।୧୨ (ଡି.ଏନ.ଏ)**- ୧୦ ଦଫା ଦାବିନେଇ ଗ୍ରାମୀଣ ଡାକ ସେବକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ଡାକ ସେବା ଠପ୍ ହୋଇଛି। ଫଳରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଲହୁଣୀପଡା ଉପଡାକ କେନ୍ଦ୍ର ଅଧିନସ୍ଥ ୧୭ଟି ଶାଖା ଡାକ ଘର ରହିଛି। ଏଥିରେ ପ୍ରାୟ ୩୫ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଅଖିଳ ଗ୍ରାମୀଣ ଡାକ ସେବକ ସଂଘ ଓ ନେସନାଲ ଗ୍ରାମୀଣ ଡାକ ସେବକ ସଂଘର ଆହ୍ୱାନ କ୍ରମେ ମଙ୍ଗଳବାର ଠାରୁ ଆନ୍ଦୋଳନ ଆରମ୍ଭ ହୋଇଛି। ସୁନ୍ଦରଗଡ ମଣ୍ଡଳସଭାପତି ପର୍ଶୁରାମ ଦାଶ, ମଣ୍ଡଳ ସମ୍ପାଦକ ଯୁଗଳ କିଶୋର ମହାନ୍ତିଙ୍କ ନେତୃତ୍ୱରେ ଆନ୍ଦୋଳନ ଆରମ୍ଭ ହୋଇଛି। ବୁଧବାର ଲହୁଣୀପଡା ଉପଡାକ ଘରଠାରେ ମଣ୍ଡଳ ସମ୍ପାଦକ ଯୁଗଳ କିଶୋର ମାହାନ୍ତି, ସଲମନ କାଣ୍ଡୁଲାନ, ଗିରିଧାରୀ ବେହେରା, ହାବିଲ ମୁଣ୍ଡା, ରାଜାରାମ ମାହାନ୍ତ, ମୋହନ ମାହାନ୍ତ, ବିଜୟ ମୁଣ୍ଡା, ବ୍ରଜେଶ ମାହାନ୍ତ, ଜାଟା ଟିଗା, ଫକିର ମହାନ୍ତ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିବା ଦେଖିବାକୁ ମିଳିଥିଲା।

### ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା ଫଳ ପ୍ରକାଶିତ

କଟକ ଅଫିସ, ୧୯।୧୨-ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ ପରୀକ୍ଷା-୨୦୧୭ ଫଳ ବୁଧବାର ପ୍ରକାଶ ପାଇଛି। ବ୍ୟକ୍ତିତ୍ୱ ପରୀକ୍ଷଣ ପ୍ରକ୍ରିୟାରେ ମୋଟ ୧୦୬ ଜଣଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ଚୟନ କରାଯାଇଛି। ଓଡ଼ିଶା ସିଭିଲ ସର୍ଭିସ୍ କାଟାଗୋରି-୧ ଓ କାଟାଗୋରି-୨ ଅନୁଯାୟୀ ଏମାନଙ୍କୁ ନିଯୁକ୍ତି ଦିଆଯିବ। ବ୍ୟକ୍ତିତ୍ୱ ପରୀକ୍ଷଣ ପ୍ରକ୍ରିୟା ଗତ ୩ରୁ ୧୦ ତାରିଖ ମଧରେ କରାଯାଇଥିଲା। ପ୍ରକାଶ ପାଇଥିବା ତାଲିକାରେ ଆୟୁଷୀ ମହାପାତ୍ର ଶୀର୍ଷ ସ୍ଥାନରେ ରହିଛନ୍ତି।

# ପାଣିରେ ବୁଡ଼ିଛି ଅମଳ ଧାନ

**ବଡ଼ଗାଁ ବ୍ଲକ**
- ବର୍ଷା ଯୋଗୁ ଚାଷ କ୍ଷତିଗ୍ରସ୍ତ
- ଅନୁଧ୍ୟାନ କଲେ ତହସିଲଦାର

**ବଡ଼ଗାଁ, ୧୯।୧୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଖରିଫ ଧାନ ଚାଷ ପ୍ରାୟ ୭୦ ପ୍ରତିଶତ ନଷ୍ଟ ହୋଇଥିଲାବେଳେ ବାହାଲ ଜମିର ଧାନ ଚାଷ ଉପରେ ଚାଷୀ ଭରସା ରଖିଥିଲେ। କିନ୍ତୁ ଅଦିନିଆ ବର୍ଷା ଚାଷୀଙ୍କୁ ବେହାଲ କରିଦେଇଛି। ଗତ ୧୭ ଓ ୧୮ରେ ବର୍ଷା ହେବାରୁ ଚାଷ କ୍ଷତିଗ୍ରସ୍ତ ହୋଇଛି। ୧୭ରେ ୨୦ମିମି ଓ ୧୮ରେ ୪୦ମି.ମି. ବର୍ଷା ହୋଇଥିଲା। ଚାଷୀମାନେ ବାହାଲ ଧାନ ଅମଳ କରି ଗଦା କରିଥିଲେ। ଏହି ସମୟରେ ବର୍ଷା ହେବାରୁ ଅନେକ ଚାଷୀଙ୍କ କଟା ଧାନ ପାଣିରେ ଭାସୁଛି। କଟା ଯାଇଥିବାରୁ ଧାନ ଗଜା ହୋଇଯାଇଛି। ଏହି କ୍ଷୟକ୍ଷତିର ଆକଳନ ଓ ଅନୁଧ୍ୟାନ ପାଇଁ ବଡଗାଁ ତହସିଲଦାର ସୋନାଲି ଚାନ୍ଦ, ଆରଆଇ ଏବଂ ସୁପରଭାଇଜରଙ୍କୁ ନେଇ ବଡଗାଁ ଭଦ୍ରିବନ୍ଧ (ପୋଖରୀ) ତଳ ବେଲମୁଣ୍ଡା, ଦଲକିବାହାଲ ଓ ଆଖାପାଖ ଜମିରେ ଧାନ ଚାଷ ବୁଲି ଦେଖିଥିଲେ। ଏ ସମ୍ପର୍କରେ ତାଙ୍କୁ ପଚାରିବାରେ ବର୍ଷା ଯୋଗୁ (ପେଥାଇ) ହୋଇଥିବା କ୍ଷତିର ଅନୁଧ୍ୟାନ କରାଯାଇଛି ଓ ଏହା ଉପରେ ସରକାରଙ୍କୁ ରିପୋର୍ଟ ଦିଆଯିବ କହିଛନ୍ତି। ତେବେ ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବାହାଲ ଜମିରେ ଧାନ ଚାଷ କରିଥିବା ବଡଗାଁର ପ୍ରଫୁଲ୍ଲ ମେହେର, ଲବଣୀଧର ପାଣିଗ୍ରାହୀ, ପରମାନନ୍ଦ ପାଣିଗ୍ରାହୀ, ସୁଧିର ପଟେଲ, ଯୋଗିନ୍ଦ୍ର ସେଠ, ଶିବ ଶଙ୍କର ସେଠ, ଭେଷାଳଭାଡିର ଚିନ୍ମୟ ମାଝି, ଧୁମାଗଡାର ସନ୍ତୋଷ ଅତା, ଭୋଇପାଲି ଗ୍ରାମର ପ୍ରକାଶ ମେହେରଙ୍କ କଟାଯାଇଥିବା ଧାନ ବିଲରେ ରହିଥିବାରୁ ଗଜା ହେବାକୁ ବସିଲାଣି ବୋଲି ସେମାନଙ୍କଠାରୁ ଜଣାପଡିଛି। ଇତମା ପଞ୍ଚାୟତର ସାଇବିରା ଗ୍ରାମର ପ୍ରକାଶ କୁମାର ମାଝି, ଫକିର ପ୍ରଧାନ, ଶରତ କୁମାର ଦେଓ, ଦୁଷ୍ମନ୍ତ ସାହୁଙ୍କ ମୋଟ ୧୫ ଏକର ଜମିରେ କଟା ଧାନ ପାଣିରେ ବୁଡ଼ିରହିଛି। ଇତମା ଗ୍ରାମରେ ମଧ୍ୟ ପ୍ରାୟ ୧୫ ଏକର ବାହାଲ ଜମିରେ କଟାଧାନ ନଷ୍ଟ ହେଲାଣି। ବ୍ଲକ ଅଞ୍ଚଳର ମୋଟ ଦେଢଶହରୁ ଊର୍ଦ୍ଧ୍ୱ ଏକର ବାହାଲ ଜମିର ଧାନ ଗଜା ହେବାକୁ ବସିଲାଣି। ଏହି ଅଦିନିଆ ବର୍ଷା ବାହାଲ ଜମିର ଚାଷ ନଷ୍ଟ କରିଥିଲାବେଳେ ପନିପରିବା ଚାଷ ଉଜାଡି ଦେଇଛି। ସ୍ୱଳ୍ପ ବର୍ଷା ଯୋଗୁ ମାଲ, ଗୋଡା, ବେର୍ଣ୍ଣା ଓ ଅଦିନିଆ ବର୍ଷାରେ ବାହାଲ ଧାନ, ପନିପରିବା ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ସରକାର ଚାଷୀଙ୍କ ପାଇଁ କୌଣସି ବ୍ୟବସ୍ଥା ନ କଲେ ଆର୍ଥିକ କ୍ଷତି ସହିଥିବା ଚାଷୀ ଉଧାଇବା କଷ୍ଟକର।



ବର୍ଷାପାଣି ଭିତରେ ଅମଳ ଧାନ।

### ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା: ଥାନାରେ ଅଭିଯୋଗ

**ରାଉରକେଲା ଅଫିସ,୧୯। ୧୨**

ପ୍ଲାଣ୍ଟସାଇଟ ଥାନା ଛକ ନିକଟ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା ନେଇ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ବୁଧବାର ପ୍ଲାଣ୍ଟ ସାଇଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏକରି କି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସୂଚନାଯୋଗ୍ୟ, ବୁଧବାର ଅପରାହ୍ନ ସାଢେ ୩ଟାବେଳେ ପ୍ରତିମୂର୍ତ୍ତିର ଫାଉଣ୍ଡେଶନ ଭଙ୍ଗା ଯାଇଥିବା ଦେଖାଯାଇଥିଲା। କୌଣସି ଭାରିଯାନ କିମ୍ବା ଅନ୍ୟ କେହି ଦୁର୍ବୃତ୍ତ ପ୍ରତିମୂର୍ତ୍ତି ଭାଙ୍ଗି ଦେଇଥିବା ଦଳ ପକ୍ଷରୁ ସନ୍ଦେହ କରାଯାଉଛି। ଜିଲା କଂଗ୍ରେସ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ସଭାପତି ରବି ରାୟଙ୍କ ନେତୃତ୍ୱରେ ଘଟଣାସ୍ଥଳ ପରିଦର୍ଶନ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## କୃଷିବିଜ୍ଞାନ କେନ୍ଦ୍ରରେ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

**ସୁନ୍ଦରଗଡ଼, ୧୯।୧୨ (ଡି.ଏନ୍.ଏ)**

ସୁନ୍ଦରଗଡ କିରେଇସ୍ଥିତ କୃଷିବିଜ୍ଞାନ ସଭାଗୃହରେ ୧୫ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଡା. ମନୋରଞ୍ଜନ ମହାପାତ୍ରଙ୍କର ଅଧ୍ୟକ୍ଷତାରେ ରବି ୨୦୧୭-୧୮ ଓ ଖରିଫ -୨୦୧୮ର କାର୍ଯ୍ୟାବଳୀ ସମୀକ୍ଷା କରାଯାଇଥିଲା। କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ ଲକ୍ଷ୍ମୀପ୍ରିୟା ପ୍ରଧାନ କୃଷିବିଜ୍ଞାନ କେନ୍ଦ୍ରର କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଏହି ବୈଠକରେ ଜିଲା କୃଷି ଉପ ନିର୍ଦ୍ଦେଶକ ରବି ନାରାୟଣ ଶତପଥୀ, ଜିଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଡି. ବାଗୁଡାଇ, ଅଗ୍ରଣୀ ଚାଷୀ ସୁରେନ୍ଦ୍ର ନାଥ ପଟେଲ, ଜିଲା ମତ୍ସ୍ୟ ଅଧିକାରୀ ସୁରେନ୍ଦ୍ର କାଲୋ, ଜଳଛାୟା ମିଶନର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ପୀତବାସ ସାହୁ, ନାବାର୍ଡର ମୁଖ୍ୟ ପ୍ରବନ୍ଧକ ଶକ୍ତିପ୍ରସନ୍ନ ମହାପାତ୍ର, ଜିଲା ଶିଳ୍ପକେନ୍ଦ୍ରର ଇଡି ରାଜୁ, ଫିଲିପ କୁମାର ବାଗ୍, ଜିଲା ସମାଜ ମଙ୍ଗଳ ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ସାଉଣ୍ଡି ଲାକ୍ରା, ରାଉରକେଲା ପାନପୋଷ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ମାନସୀ ମହାନ୍ତି, ଝାରସୁଗୁଡା କୃଷି ବିଜ୍ଞାନ କେନ୍ଦ୍ରର ଜ୍ୟୋତିର୍ମୟୀ ଉଦଗାତା, ଆଞ୍ଚଳିକ ଗବେଷଣା ଉପକେନ୍ଦ୍ର ସୁନ୍ଦରଗଡର ଭାରପ୍ରାପ୍ତ ଅଧିକାରୀ ଡ. ସଞ୍ଜୀବ ବିଶ୍ୱାସୀ, ଜିଲା ପ୍ରାଣୀସମ୍ପଦ ବିଭାଗର ନୋଡାଲ ଅଫିସର ସୁଶାନ୍ତ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିଙ୍କ ଦ୍ୱାରା କୃଷି ବିଜ୍ଞାନ କେନ୍ଦ୍ରର ଷଡମାସିକ ସମାଚାରପତ୍ର ଚାଷବାସ୍ ଓ ସମ୍ପ୍ରସାରଣ ପୁସ୍ତିକା ପୁଷ୍ଟି ନିରାପତ୍ତା କରାଯାଇଥିଲା। ସମସ୍ତେ କିରେଇ କୃଷିବିଜ୍ଞାନ କେନ୍ଦ୍ର ପରିସରସ୍ଥିତ ପ୍ରଦର୍ଶନୀ ଗୃହଗୁଡିକୁ ବୁଲି ଦେଖିଥିଲେ। ଡ. ମନୋରଞ୍ଜନ ମହାପାତ୍ରଙ୍କ ସହ କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସଦର ବ୍ଲକ ଲହଣ୍ଡାବୁଡ ଗ୍ରାମକୁ ପରିଦର୍ଶନରେ ଯାଇ ସେଠାରେ ପ୍ରଗତି ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାଙ୍କ ହିତ ଆଲୋଚନା କରିଥିଲେ।

### ହଳଦୀକୁଦର ଶିଶୁ ମନ୍ଦିରର ବନବିହାର ଉତ୍ସବ

**ଲହୁଣୀପଡା, ୧୯।୧୨ (ଡି.ଏନ.ଏ)**

ଲହୁଣୀପଡା ବ୍ଲକ ହଳଦୀକୁଦର ଶିଶୁ ମନ୍ଦିର ପକ୍ଷରୁ ଖୁଣ୍ଟଗାଁ ପଞ୍ଚାୟତ ଦଡିବାହାଲ ଗ୍ରାମ ସ୍ଥିତ ସିଦ୍ଧେଶ୍ୱର ବାବା ମଠ ପ୍ରାଙ୍ଗଣରେ ସୋମବାର ବନବିହାର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଅବସରରେ ସଭାର ଆୟୋଜନ କରାଯାଇଥିଲା। ଏଥିରେ ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତା ତଥା ପଶ୍ଚିମ ଓଡିଶା ଧର୍ମ ପ୍ରସାର ସମ୍ପାଦକ ଶାନ୍ତନୁ କୁସୁମ, ମଠର ପରିଚାଳକ କୁମୁଦ ଚନ୍ଦ୍ର ମାଝି, ଗୋପିଚନ୍ଦ୍ର ନାଏକ, ଗୁରୁଚରଣ ନାଏକ, ଗୁଣନିଧି ମାହାନ୍ତ, ଭଦ୍ର କିଷାନ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ଭାରତ ମାତାଙ୍କ ଫଟୋଚିତ୍ରରେ ଧୂପ, ଦୀପ, ପୁଷ୍ପମାଲ୍ୟ କଲାପରେ ରାଷ୍ଟ୍ର ବନ୍ଦନା ଗାନ କରାଯାଇଥିଲା। ପରେ ଶିଶୁ ମନ୍ଦିର ଛାତ୍ରୀଛାତ୍ରଙ୍କ ମଧରେ ବିଭିନ୍ନ କୌତୁକପୂର୍ଣ୍ଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନୃତ୍ୟ, ଗୀତର ଆସର ଜମିଥିଲା। ଶେଷରେ ସମସ୍ତେ ବଣଭୋଜିର ଆନନ୍ଦ ନେଇଥିଲେ। ଶିଶୁ ମନ୍ଦିର ପ୍ରଧାନ ଗୁରୁମା ଦମୟନ୍ତି ନାଏକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁନିତା ଗୁରୁ, ରୀତାଞ୍ଜଳି ପାହ୍ଲୁଳ, ପ୍ରତିମା ଧରୁଆ, ସରସ୍ୱତୀ ମାହାନ୍ତ, ତୁଳାକାନ୍ତ ନାଏକ, ରେବତୀ ବାରିକ, ସୁରେଖା ମାହାନ୍ତ, ଉମାକାନ୍ତ ନାଏକ, ଅଞ୍ଜନା ଧରୁଆ, ତପନ କିଶାନ ପ୍ରମୁଖ ସହଯୋଗ କରିଥିଲେ।

■ ସ୍ୱାମୀଙ୍କ ପରକୀୟା ପ୍ରୀତିକୁ ବରଦାସ୍ତ କରିପାରିଲେନି ସ୍ତ୍ରୀ

## ସ୍ୱାମୀଙ୍କ ପ୍ରେମିକାଙ୍କୁ ଏସିଡ୍ ମାଡ଼

**ରାଉରକେଲା ଅଫିସ,୧୯।୧୨**

ଓକିଲ ସ୍ୱାମୀଙ୍କ ପରକୀୟା ପ୍ରୀତିକୁ ବରଦାସ୍ତ କରି ପାରିଲେନି ସ୍ତ୍ରୀ। ବୁଧବାର ସନ୍ଧ୍ୟାରେ ରାଉରକେଲା ରେଳ ଷ୍ଟେଶନରେ ସ୍ୱାମୀଙ୍କ ସହ ପ୍ରେମିକା ଠିଆ ହୋଇଥିବାବେଳେ ସ୍ତ୍ରୀ ତାଙ୍କ ଉପରକୁ ଏସିଡ୍ ମାଡ଼ କରିଛନ୍ତି। ଏସିଡ୍ ମାଡ଼ରେ ମହିଳା ଜଣକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଭର୍ତ୍ତି କରାଯାଇଛି। ଘଟଣାକୁ ନେଇ ପ୍ଲାଣ୍ଟ ସାଇଟ୍ ଥାନାରେ ଦୁଇଟି ଅଭିଯୋଗ ହୋଇଛି। ଏସିଡ୍ ପୀଡ଼ିତାଙ୍କ ପକ୍ଷରୁ ଆକ୍ରମଣକାରୀଙ୍କ ବିରୋଧରେ ଅଭିଯୋଗ ହୋଇଥିବାବେଳେ ସମ୍ପୃକ୍ତ ଓକିଲଙ୍କ ସ୍ତ୍ରୀ ଅନ୍ୟ ଏକ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଉଭୟ ପକ୍ଷଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ପ୍ରେମିକା ଦକ୍ଷିଣ ରାଉରକେଲା ଉତ୍କଳନଗର ଅଞ୍ଚଳ ବାସିନ୍ଦା ବୋଲି ସୂଚନା ମିଳିଛି। ବନ୍ଧମୁଣ୍ଡା ଅଞ୍ଚଳର ଏହି ଓକିଲ ଜଣକ କୁଆଡ଼େ ନିୟମିତ ତାଙ୍କ ଘରକୁ ଯାତାୟାତ କରନ୍ତି। ବୁଧବାର ସେ ପ୍ରେମିକାଙ୍କୁ ଧରି ରାଉରକେଲା ସହରରେ ବୁଲାବୁଲି କରୁଥିବା ବେଳେ ତାଙ୍କ ସ୍ତ୍ରୀ ପଛରେ ରହି ଦୁଇ ଜଣଙ୍କ ଗତିବିଧି ଉପରେ ନଜର ରଖିଥିଲେ। ସନ୍ଧ୍ୟା ସାଢ଼େ ୭ଟାରେ ଦୁହେଁ ରାଉରକେଲା ରେଳ ଷ୍ଟେଶନରେ ପହଞ୍ଚିବା କ୍ଷଣି ସେଠାରେ ଜଗି ରହିଥିବା ସ୍ତ୍ରୀ ପ୍ରେମିକାଙ୍କ ଉପରକୁ ଏସିଡ୍ ଫିଙ୍ଗି ଦେଇଥିଲେ।

■ ଆନ୍ଧ୍ରରେ ଓଡ଼ିଆ ଶ୍ରମିକଙ୍କୁ ନିର୍ଯ୍ୟାତନା ଘଟଣା

## ଉଦ୍ଧାର ପାଇଁ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠିତ

**ସୁନ୍ଦରଗଡ଼/ହେମଗିର, ୧୯।୧୨ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ହେମଗିର ଥାନା ବୁରତା ଗ୍ରାମର ୧୧ଜଣ ଓଡ଼ିଆ ଶ୍ରମିକ ଆନ୍ଧ୍ରପ୍ରଦେଶକୁ ଇଟା ଭାଟିରେ କାମ କରିବାକୁ ଯାଇ ସେଠାରେ ନିର୍ଯ୍ୟାତିତ ହେବା ଘଟଣାରେ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଅଟକ ଥିବା ଶ୍ରମିକଙ୍କୁ ଉଦ୍ଧାର ପାଇଁ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସେଠାରେ କାର୍ଯ୍ୟ କରୁଥିବା ଜୟଦେବ ଚନ୍ଦନିଆଁ ନାମକ ଜଣେ ଶ୍ରମିକଙ୍କୁ ଇଟାଭାଟି ମାଲିକ ଏସିଡ୍ ମାଡ କରିବା ଓ ଅନ୍ୟଜଣେ ଶ୍ରମିକଙ୍କ ଆଙ୍ଗୁଠି କାଟି ଦିଆଯିବା ଓ ପରବର୍ତ୍ତୀ ସମୟରେ ଜୟଦେବଙ୍କ ସମେତ ୪ଜଣ ଶ୍ରମିକ ସେଠାରୁ କୌଶଳ କ୍ରମେ ଖସି ଆସି ନିଜ ଗ୍ରାମରେ ପହଞ୍ଚିବା ପରେ ଏଭଳି ଏକ ଲୋମହର୍ଷଣକାରୀ ନିର୍ଯ୍ୟାତନାର ଘଟଣା ପଦାକୁ ଆସିଛି। ପରେ ଜିଲା ଶ୍ରମବିଭାଗର ସହକାରୀ ଶ୍ରମ ଅଧିକାରୀ ରବୀନ୍ଦ୍ର କୁମାର ବାର୍ଲା ଓ ହେମଗିର ଥାନା ପୋଲିସ ମଙ୍ଗଳବାର ରାତିରେ ସେହି ଗ୍ରାମକୁ ଯାଇ ଶ୍ରମିକ ନିର୍ଯ୍ୟାତନା ଘଟଣାର ତଦନ୍ତ କରିବା ସହ ଏସିଡ୍ ମାଡରେ ଆହତ ଶ୍ରମିକ ଜୟଦେବଙ୍କୁ ରାତିରେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣି ଭର୍ତ୍ତି କରିଥିଲେ। ବୁଧବାର ରାତିରେ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ବୁର୍ଲା ନିଆଯାଇଛି। ବୁଧବାର ରାଉରକେଲାର ଡିଭିଜନାଲ ଶ୍ରମ କମିଶନର ପ୍ରଶାନ୍ତ କୁମାର ବଳିୟାରସିଂ ସୁନ୍ଦରଗଡ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ ପରେ ଜିଲାପାଳ ସୁରେନ୍ଦ୍ର କୁମାର ମୀନାଙ୍କ ନିର୍ଦ୍ଦେଶକ୍ରମେ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଇଟାଭାଟି ମାଲିକଙ୍କ ପାଖରେ ବନ୍ଧା ପଡିଥିବା ୭ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠିତ ହୋଇଛି। ଜିଲା ରେଡ୍‌କ୍ରସରୁ ୨୫ ହଜାର ଟଙ୍କା ସହାୟତା ଦିଆଯାଇଛି। ଗତ ଅକ୍ଟୋବର ୨୫ରେ ଏହି ଗ୍ରାମରୁ ଶ୍ରମିକମାନେ ଆନ୍ଧ୍ରପ୍ରଦେଶକୁ ଇଟାଭାଟିକୁ କାମ କରିବାକୁ ଯାଇଥିଲେ। ପରେ ସେଠାରେ ଶ୍ରମିକଙ୍କ ଉପରେ ଇଟାଭାଟି ମାଲିକଙ୍କ ଦ୍ୱାରା ପାଉଣା ବଦଳରେ ଶାରୀରିକ ନିର୍ଯ୍ୟାତନା ଦିଆଯିବା ପରେ ୪ଜଣ ଶ୍ରମିକ ଖସି ଆସିଥିବା ବେଳେ ୩ଜଣ ମହିଳା ସମେତ ୭ ଶ୍ରମିକ ସେଠାରେ ବନ୍ଧା ପଡିଛନ୍ତି।

■ ନକ୍‌ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## ଫୁଲକୁଡି ୧-୦ରେ ବିଜୟୀ

**ବାଲିଶଙ୍କରା, ୧୯।୧୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବାଲିଶଙ୍କରା ତ୍ରିଦିବସୀୟ ନକଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପୋଲିସ ଆଇଆଇସି ତଥା ସମାଜସେବୀ ଦିଲୀପ କୁମାର ସାଏ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରତିନିଧି ପର୍ଶୁରାମ ପଟେଲ, ସ୍ଥାନୀୟ ସରପଞ୍ଚ ଦୀନବନ୍ଧୁ ସାଏ, ଟଙ୍କଧର ପଣ୍ଡା, ବାପୁଜୀ କ୍ଲବ ସଭାପତି ବୈରାଗୀ ତନ୍ତି, ଇଣ୍ଡେନ୍ ଗ୍ୟାସ ବିତରଣ ସୁରଜ ଏକ୍କା ପ୍ରମୁଖ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟ ବାଲିଶଙ୍କରା ବାପୁଜୀ କ୍ଲବ ଆୟୋଜନ କରିଥିବା ବେଳେ ପ୍ରଥମ ଦିବସରେ ମୁଖ୍ୟଅତିଥିଙ୍କ ଦ୍ୱାରା ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ପ୍ରଥମ ମ୍ୟାଚ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ବିବିଏଫଏ ବନ୍ଧବାହାଲ ଓ ଫୁଲକୁଡି ସୁନ୍ଦରଗଡ ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଫୁଲକୁଡି ୧-୦ରେ ବିଜୟ ଲାଭ କରିଥିଲା। ଏହି ନକ୍‌ଆଉଟ୍ ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୧୬ଟି ଦଳ ଭାଗ ନେଇଥିବା ବେଳେ ତିନି ଦିନ ଧରି ଖେଳ ଅନୁଷ୍ଠିତ ହେବ। ମ୍ୟାଚ ରେଫରି ଭାବେ ରୋମାଞ୍ଚ ଭଏଁସାଲ, କ୍ଷେତ୍ରମଣୀ ଦେହୁରୀ, ଅଶୋକ ପାଣ୍ଡବ, କୁମରମଣୀ ଛତ୍ରିୟା, ନିତ୍ୟାନନ୍ଦ ମେହେର ଓ ହେମନ୍ତ ଦାଶ ପ୍ରମୁଖ ଖେଳ ପରିଚାଳନା କରୁଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଓଡିଶାର କଟକ, ଟିଆରସି ବେଲପାହାଡ, ସୁନ୍ଦରଗଡ, ଛତିଶଗଡର ଅମ୍ବିକାପୁର, ରାଉରକେଲ ଦଳ ଭାଗ ନେଇଛନ୍ତି।



ବାଲିଶଙ୍କରା ତ୍ରିଦିବସୀୟ ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅତିଥି, ଆୟୋଜକଙ୍କ ସହ ଖେଳାଳି।

# ସଂଘର୍ଷ ହିଁ ସଫଳତା ଆଣିଦିଏ

**ନୂଆଗାଁ, ୧୯।୧୨ (ଡି.ଏନ.ଏ)**

ନିଜ ଭବିଷ୍ୟତ ନିଜ ହାତରେ। ତେଣୁ ନିଜ ଜୀବନକୁ ଗଢ଼ି ତୋଳିବାର ପ୍ରୟାସକର। କାରଣ ଆଜିର ସମାଜ ଚାହୁଁଛି ଛାତ୍ରୀଛାତ୍ର ଜଣେ ଜଣେ ଭଲ ମଣିଷ ହୁଅନ୍ତୁ। କେବଳ ନିଜ ପାଇଁ ନୁହେଁ, ସମାଜ ପାଇଁ ମଧ କିଛି କରିବାର ସ୍ୱପ୍ନ ନେଇ ଆଗକୁ ବଢ଼ିଚାଲ। ତେବେ ଯାଇ ନିଜର, ପରିବାରର, ସମାଜର ଓ ଅନୁଷ୍ଠାନର ସୁନାମ ହୋଇପାରିବ ବୋଲି ବୁଧବାର ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକର ପୂର୍ବନାମିତ ପଞ୍ଚାୟତ ସମିତି ମହାବିଦ୍ୟାଳୟ ତଥା ଆଜିର ପଞ୍ଚାୟତ ସମିତି ଉଚ୍ଚ ମାଧମିକ ସ୍କୁଲର ରଜତ ଜୟନ୍ତୀ ସମାରୋହ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁନ୍ଦରଗଡ ଜିଲାପାଳ ସୁରେନ୍ଦ୍ର କୁମାର ମୀନା ପ୍ରକାଶ କରିଥିଲେ। ଏପରିକି ଜିଲାପାଳ ନିଜ ଛାତ୍ର ଜୀବନର ସଂଘର୍ଷମୟ କାହାଣୀ ଗୁଡିକୁ ଛାତ୍ରୀଛାତ୍ରଙ୍କୁ କହିବା ସହ ସଂଘର୍ଷ ହିଁ ଜୀବନର ସଫଳତା ଆଣିଦିଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ନୂଆଗାଁ ବ୍ଲକ ଉନ୍ନୟନ ଅଧିକାରୀ ତୃପ୍ତି ବରାଇ କହିଥିଲେ ଯେ, ଏବେ ହିଁ ସମୟ ଛାତ୍ରୀଛାତ୍ରଙ୍କ ପାଠ ପଢ଼ିବା ପାଇଁ। ତେଣୁ ସଂଯମତା ରକ୍ଷା କରି ନିଜ ଅଧ୍ୟୟନ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ବୀରମିତ୍ରପୁର ବିଧାୟକ ତଥା ଉଚ୍ଚ ମାଧମିକ ସ୍କୁଲର ସଭାପତି ଜର୍ଜ ତିର୍କୀ ଯୋଗଦେଇ ଅନୁଷ୍ଠାନର ଉନ୍ନତି ପାଇଁ ଅଭିଭାବକ ତଥା ସ୍ଥାନୀୟ ଲୋକଙ୍କ ସହଯୋଗ ଲୋଡା ବୋଲି କହିଥିଲେ। ଅନ୍ୟତମ ଅତିଥି ତଥା ଅନୁଷ୍ଠାନର ପୂର୍ବତନ ସମ୍ପାଦକ ନୂଆଗାଁ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା ଯୋଗଦେଇ ସମ୍ପୃକ୍ତ ଶିକ୍ଷା ଅନୁଷ୍ଠାନର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ପାନପୋଷ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ କୁମାର ଖେସ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଆଗାମୀ ଦିନରେ ଉଚ୍ଚ ସଂକଳ୍ପ ନେଇ ଆଗେଇ ଯିବାକୁ ପରାମର୍ଶ ଦେଇଥିଲେ। ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରଜତ ଜୟନ୍ତୀ ପାଳନ କରୁଥିବା ଏହି ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଦୀପ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ସମସ୍ୟା ଦେଇ ଗତି କରିଥିବା ଉକ୍ତ ଅନୁଷ୍ଠାନ ଆଜି ତାର ରଜତ ଜୟନ୍ତୀ ପାଳନ କରୁଛି ବୋଲି ଅଧ୍ୟକ୍ଷ ଦାସ ପ୍ରକାଶ କରିଥିଲେ। ସବୁଠାରୁ ଖୁସିର କଥା ଦୀର୍ଘ ୨୫ ବର୍ଷ ପରେ ଉପାନ୍ତ ଅଞ୍ଚଳରେ ଥିବା ଏହି ଅନୁଷ୍ଠାନରେ ଜିଲାପାଳଙ୍କ ପାଦ ପଡିଥିବାରୁ କେବଳ ଅନୁଷ୍ଠାନ ନୁହେଁ, ଛାତ୍ରୀଛାତ୍ର, ଅଭିଭାବକ ଓ ସାଧାରଣ ଲୋକଙ୍କ ମଧରେ ଖୁସିର ଲହରୀ ଖେଳିଯାଇଥିଲା। ଜିଲାପାଳ ନିଶ୍ଚିତ ରୂପେ ଏହି ଅନୁଷ୍ଠାନରେ ଥିବା ସମସ୍ୟା ଗୁଡିକୁ ହୃଦୟଙ୍ଗମ କରି ଯଥାସମ୍ଭବ ସମାଧାନ କରିବା ଦିଗରେ ପଦକ୍ଷେପ ନେବେ ବୋଲି ଲୋକେ ଆଶା ବାନ୍ଧିଛନ୍ତି। ଅନୁଷ୍ଠାନର ଅର୍ଥନୀତି ବିଭାଗର ଅଧ୍ୟାପକ ଫୁଲଜେନ୍ସ କେରକେଟାଙ୍କ ଦ୍ୱାରା ପରିଚାଳିତ ଏହି ଉତ୍ସବର ଅନ୍ୟମାନଙ୍କ ମଧରେ ଅଧ୍ୟାପକ ପୁଷ୍ପାଞ୍ଜଳି ନାଏକ, ଜିସି ବାରିକ, ବିଶ୍ରା କଲେଜର ଅଧ୍ୟକ୍ଷ କ୍ଷୀରୋଦ କୁମାର ବରାଳ ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ।




ବିଦ୍ୟାଳୟର ରଜତ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

## ସର୍ବସାଧାରଣ ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ., ଭୁବନେଶ୍ୱର, ସତ୍ୟନଗର ଅଞ୍ଚଳରେ ୮୮୫୫୪.୮୩ ବର୍ଗ ପରିମିତ ଅଞ୍ଚଳରେ ଏକ ନୂତନ ବାସୋପଯୋଗୀ ବିଶିଷ୍ଟ (B2+B1+LGF+M2+M1+UGF+G+29) ମହଲା ଆପାର୍ଟମେଣ୍ଟ ଘର ସ୍ଥାପନ ନିମନ୍ତେ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କଠାରୁ ଅନୁମତି ହାସଲ କରିଛନ୍ତି। ଏହାସହିତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ପ୍ରକଳ୍ପ ସରକାରୀ ଏବଂ ବେସରକାରୀ ସହଭାଗୀତା ଯୋଜନାର ଅନ୍ତର୍ଭୁକ୍ତ ଅଟେ। ଉପରୋକ୍ତ ଅନୁମତି ପତ୍ରର ଏକକିତା ନକଲ ଚିଠି ନଂ. ୬୩୬୫/ଏସ୍.ଇ.ଆଇ.ଏ.ଏ., ତା୦୩।୧୨।୨୦୧୮ରିଖ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କ ୱେବ୍‌ସାଇଟ୍ http://www.orissaseiaa.gov.in/ରେ ଉପଲବ୍ଧ ଅଟେ।

-ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ.

## ସର୍ବସାଧାରଣ ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ., ଭୁବନେଶ୍ୱର, ସତ୍ୟନଗର ଅଞ୍ଚଳରେ ୪୯୯୨୭.୧୧ ବର୍ଗ ପରିମିତ ଅଞ୍ଚଳରେ ଏକ ନୂତନ ବାସୋପଯୋଗୀ ବିଶିଷ୍ଟ (B2+B1+G+25) ମହଲା ଆପାର୍ଟମେଣ୍ଟ ଘର ସ୍ଥାପନ ନିମନ୍ତେ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କଠାରୁ ଅନୁମତି ହାସଲ କରିଛନ୍ତି। ଏହାସହିତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ପ୍ରକଳ୍ପ ସରକାରୀ ଏବଂ ବେସରକାରୀ ସହଭାଗୀତା ଯୋଜନାର ଅନ୍ତର୍ଭୁକ୍ତ ଅଟେ। ଉପରୋକ୍ତ ଅନୁମତି ପତ୍ରର ଏକକିତା ନକଲ ଚିଠି ନଂ. 63F/ଏସ୍.ଇ.ଆଇ.ଏ.ଏ., ତା୦୩।୧୨।୨୦୧୮ରିଖ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କ ୱେବ୍‌ସାଇଟ୍ http://www.orissaseiaa.gov.in/ରେ ଉପଲବ୍ଧ ଅଟେ।

-ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ.




ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।
- ଗୀତା






ଇଣ୍ଡୋ ଇଂଲିଶ ମାଧ୍ୟମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବରେ ଅତିଥିଙ୍କ ସହ କୃତୀ ଛାତ୍ରୀମାନେ।

# ଇଣ୍ଡୋ ଇଂଲିଶ ସ୍କୁଲ ବାର୍ଷିକ କ୍ରୀଡ଼ା

**ରାଉରକେଲା ଅଫିସ,୧୯। ୧୨**–ବିଦ୍ୟାଳୟ ଜୀବନର ନୈସର୍ଗିକ ଆନନ୍ଦକୁ ଉପଲବ୍ଧି କରିବା, ସାଙ୍ଗସାଥି ମେଳରେ ଏକ ସୁବର୍ଣ୍ଣ ସମୟକୁ ହାତ ମୁଠାରେ ବାନ୍ଧି ରଖିବା ଭଳି ବିଶେଷ ମୁହୂର୍ତ୍ତକୁ କେବେ ପାଶୋରି ହୁଏ ନାହିଁ। ଶ୍ରେଣୀ କୋଠରିରେ ପାଠ ପଢା ଓ ବିଦ୍ୟାଳୟ ହତାରେ ଖେଳକୁଦ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ପାଇଁ ଏକ ଅଭୁଲା ଅତୀତ ହୋଇ ରହିବ ବୋଲି ବୁଧବାର ବିଶ୍ରା ଡାହାର ରୋଡଠାରେ ଆୟୋଜିତ ଇଣ୍ଡୋ ଇଂଲିଶ ମାଧ୍ୟମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ ଟେକନୋଲୋଜି(ବିପିୟୁଟି) ରେଜିଷ୍ଟ୍ରାର ହିମାଂଶୁଶେଖର ବେହେରା ଏଭଳି ମତ ପ୍ରକାଶ କରିଥିଲେ। ଉତ୍ସବର ଉଦ୍‌ଘାଟନ କରି କହିଥିଲେ ଯେ, ଛାତ୍ରୀଛାତ୍ର ପାଠପଢା ସହ କ୍ରୀଡ଼ା ପ୍ରତି ମନୋନିବେଶ କରିବା ଉଚିତ। ଫଳରେ ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶ ଘଟିବା ସହ କର୍ମ ପ୍ରବଣତା ବୃଦ୍ଧି ପାଇବ ବୋଲି ସେ କହିଥିଲେ, ଅଧକ୍ଷା ବାସନ୍ତୀ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜାତୀୟ ଆଥଲେଟ ପଞ୍ଚାନନ ଗନ୍ତାୟତ ଯୋଗଦେଇ କହିଥିଲେ। ଶୈକ୍ଷିକ ଜନିତ ଚାପ ଯୋଗୁ ଅନେକ ଛାତ୍ରୀଛାତ୍ର ଆଗ୍ରହ ସତ୍ତ୍ୱେ ନିଜ ଅନ୍ତର୍ନିହିତ କ୍ରୀଡ଼ା ପ୍ରତିଭାକୁ ବିକଶିତ କରିବାରୁ ବଞ୍ଚିତ ରହୁଛନ୍ତି। ଏନେଇ ବିଚଳିତ ନ ହୋଇ ସମୟର ସଦୁପଯୋଗ କରି ପାରିଲେ ନିଶ୍ଚିତ ସୁଯୋଗ ଓ ସଫଳତା ମିଳି ପାରିବ ବୋଲି ଗନ୍ତାୟତ ମତପ୍ରକାଶ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ଅଧକ୍ଷା ମଞ୍ଜୁ ମୁଖାର୍ଜୀ ଅତିଥିଙ୍କୁ ସ୍ୱାଗତ କରି ଏହି ଅନୁଷ୍ଠାନର ଗାରିମାମୟ ଅତୀତ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ପ୍ରତିଷ୍ଠାତା ଏ.ବି ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କ୍ରୀଡ଼ା ପ୍ରତିଯୋଗୀଙ୍କ ମଧ୍ୟରେ ଶପଥପାଠ ପରେ ବିଭିନ୍ନ ପ୍ରକାର ଖେଳ ଆରମ୍ଭ ହୋଇଥିଲା। ଏଥିରେ ସବୁ ବର୍ଗର ଛାତ୍ରୀଛାତ୍ର ଭାଗ ନେଇ ନିଜ ଦକ୍ଷତା ପ୍ରତିପାଦନ କରିଥିଲେ।

■ ଦୀର୍ଘ ବର୍ଷ ପରେ ପୂରଣ ହେଲା ଦାବି

# ଆର୍‌ଏଣ୍ଡସି, ସିପିପି–୧ ବିଭାଗ କର୍ମଚାରୀଙ୍କ ପଦ ପରିବର୍ତ୍ତିତ

ରାଉରକେଲା ଅଫିସ,୧୯।୧୨

ସେକ୍ଟର–୫ ଅଧୀନ ଗୋଲଘରଠାରେ ଥିବା ଆଞ୍ଚଳିକ ଶ୍ରମ ଆୟୁକ୍ତ(କେନ୍ଦ୍ରୀୟ) କାର୍ଯ୍ୟାଳୟରେ ବୁଧବାର ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଓ ସ୍ୱୀକୃତିପ୍ରାପ୍ତ ୟୁନିୟନ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ(ଆରଆଇକେକେଏସ୍) ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଯାଇଛି। ରାଜିନାମା ଅନୁସାରେ ଆର୍‌ଏସ୍‌ପି ଅନ୍ତର୍ଗତ ଆର୍‌ଏଣ୍ଡସି ଲାବ ଏବଂ ସିପିପି–୧ ବିଭାଗରେ କାର୍ଯ୍ୟରତ ବରିଷ୍ଠ କର୍ମଚାରୀଙ୍କ ପଦ ନାମ ପରିବର୍ତ୍ତନ କରାଯାଇଛି। ଆରଏଣ୍ଡସି ଲାବରେ କାର୍ଯ୍ୟରତ ଜୁନିୟର କ୍ୱାଲିଟି କଣ୍ଟ୍ରୋଲର ପଦରେ କାର୍ଯ୍ୟରତ ଏସ୍–୯ ଏବଂ ଏହାଠୁ ଅଧିକ ଗ୍ରେଡର ସମସ୍ତ କର୍ମଚାରୀ ଏଣିକି କ୍ୱାଲିଟି କଣ୍ଟ୍ରୋଲର ଭାବେ ବିବେଚିତ ହେବେ।

ସୂଚନାଯୋଗ୍ୟ, କାର୍ଯ୍ୟକାଳ ଆରମ୍ଭରୁ ଶେଷ ଯାଏ ଏହି କର୍ମଚାରୀଙ୍କୁ ଜୁନିୟର କ୍ୱାଟିଲି କଣ୍ଟ୍ରୋଲର ଭାବେ ଗଣା ଯାଉଥିଲା। ଏଣୁ ଜୁନିୟର ପଦ ହଟାଇବାକୁ ଏମାନେ ଦୀର୍ଘ ବର୍ଷ ହେବ ଦାବି କରି ଆସୁଥିଲେ। ସେହିଭଳି ଆରଏଣ୍ଡସି ଲାବ ବିଭାଗରେ ଜୁନିୟର କେମିଷ୍ଟ ନାମରେ କାର୍ଯ୍ୟରତ ଥିବା ଏସ୍–୯ ଏବଂ ତାଠୁ ଅଧିକ ଗ୍ରେଡର ସମସ୍ତ କର୍ମଚାରୀଙ୍କ ପଦନାମ ପରିବର୍ତ୍ତନ କରାଯାଇ ଆସିଷ୍ଟାଣ୍ଟ କେମିଷ୍ଟ କରାଯାଇଛି। ଏହି ଚୁକ୍ତିନାମା ଦ୍ୱାରା ଆରଏଣ୍ଡସି ଲାବ ବିଭାଗର ୩୦ବର୍ଷ ତଳର ଦାବି ପୂରଣ ହୋଇପାରିଛି। ଏହା ବ୍ୟତୀତ ସିପିପି–୧ ବିଭାଗରେ କାର୍ଯ୍ୟରତ ଆସିଷ୍ଟାଣ୍ଟ ବୟଲର କଣ୍ଟ୍ରୋଲର ପଦନାମ ପରିବର୍ତ୍ତନ କରାଯାଇ ସେମାନଙ୍କୁ ବୟଲର କଣ୍ଟ୍ରୋଲର ଭାବେ ବିବେଚନା କରାଯିବ ବୋଲି ଚୁକ୍ତିନାମାରେ ଉଲ୍ଲେଖ ରହିଛି। ଯେଉଁ କର୍ମଚାରୀ ଏସ୍–୯ ଏବଂ ତାଠୁ ଅଧିକ ଗ୍ରେଡରେ ଥିବେ ଓ ପ୍ରଥମ ଶ୍ରେଣୀ ବୟଲର ସାର୍ଟିଫିକେଟ ଡ଼ିଗ୍ରୀଧାରୀ ହୋଇଥିବେ ସେମାନଙ୍କ ପଦନାମ ପରିବର୍ତ୍ତନ ହୋଇ ବୟଲର କଣ୍ଟ୍ରୋଲର ଭାବେ ବିବେଚନା କରାଯିବ। ଏହା ଦ୍ୱାରା ୧୬ବର୍ଷ ତଳର ପୁରୁଣା ଦାବି ପୂରଣ ହୋଇ ପାରିଛି ବୋଲି ୟୁନିୟନ ପକ୍ଷରୁ କୁହାଯାଇଛି। ଏହି ରାଜିନାମାରେ ଆର୍‌ଏସ୍‌ପି ପକ୍ଷରୁ ଡିଜିଏମ୍ ପର୍ସନାଲ ୱାର୍କସ ରାଜେନ୍ଦ୍ର ମିଶ୍ର, ଡିଜିଏମ୍ ପର୍ସନାଲ ନନ ୱାର୍କସ ବିଜୟା ମିଶ୍ର, ଡିଜିଏମ୍ ଆଇଆର୍ ଏବଂ ରୁଲ୍ସ ଡ. ପି.କେ. ସାହୁ, ମ୍ୟାନେଜର ବି.ବି. ରାଓ, ସୁଧାଂଶୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆର୍‌ଆଇକେକେଏସ୍ ପକ୍ଷରୁ ସଭାପତି ବିବେକ ମହାନ୍ତ, ସାଧାରଣ ସମ୍ପାଦକ ହିମାଂଶୁ ବଳ, ସହ ସାଧାରଣ ସମ୍ପାଦକ ବିକାଶ ହାଲଦାର, ସଂଗଠନ ସମ୍ପାଦକ ପ୍ରଦୋଷ ପଣ୍ଡା, ଯୁଗ୍ମ ସମ୍ପାଦକ ମୁରଲୀ ମଥାନ, ରାଖାଲ ଦାସ, ହରିଶ୍ଚନ୍ଦ୍ର ଜେନା, ଦିଲୀପ ଦାସ, ବିଜେନ୍ଦ୍ର ତରାଇ, ବେଣୁଧର ତ୍ରିପାଠୀ, ଶୁଭ୍ରାଂଶୁ ମିଶ୍ର, ଅଜୟ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଲେବର କମିଶନର ଅଶୋକ ମହାନ୍ତ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଚୁକ୍ତିନାମାର ସଫଳତା ନେଇ ୟୁନିୟନ ସାଧାରଣ ସମ୍ପାଦକ ହିମାଂଶୁ ବଳ ଆର୍‌ଏସ୍‌ପି ସିଇଓ ଅଶ୍ୱିନୀ କୁମାରଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।



ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

## ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ସୁବର୍ଣ୍ଣପୁର

ପତ୍ର ସଂଖ୍ୟା– ୨୮୧୪ ତା୧୨।୧୨।୧୮

**ନାମ- ଶ୍ରୀ ନିମାଇଁ ଚରଣ ବେହେରା**
**ପିତା- ୰ ଗୁଡ଼ିଆ ବେହେରା**
**ଗ୍ରାମ- କଂଟାବାଂଜି**
**ପୋଷ୍ଟ/ଥାନା- କଂଟାବାଂଜି**
**ଜିଲ୍ଲା- ବଲାଙ୍ଗୀର**

ଏତଦ୍ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଆପଣ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ, ସୁବର୍ଣ୍ଣପୁରଙ୍କର ଅଧୀନରେ କନିଷ୍ଠ କିରାଣି ଭାବରେ କାର୍ଯ୍ୟ କରୁଥିବା ସମୟରେ ତା୩୧।୦୮।୨୦୧୮ଠାରୁ କାର୍ଯ୍ୟାଳୟରେ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ଏହି କାର୍ଯ୍ୟାଳୟର ପତ୍ର ସଂଖ୍ୟା ୧୯୪୭ ତା୦୭।୦୯।୨୦୧୮, ୨୦୨୭ ତା୧୮।୦୯।୨୦୧୮, ୨୩୮୨ ତା୨୬।୧୦।୨୦୧୮ ଏବଂ ୨୬୦୫ ତା୨୦।୧୧।୨୦୧୮ ରେଜିଷ୍ଟ୍ରି ଡାକ ଯୋଗେ ଉପରୋକ୍ତ ଠିକଣାରେ କାର୍ଯ୍ୟାଳୟରେ ଯୋଗଦେବା ନିମନ୍ତେ ପତ୍ର ଯୋଗେ ଜଣାଇ ଦିଆଯାଇଥିଲେ ସୁଦ୍ଧା ଆପଣ ଆଜିପର୍ଯ୍ୟନ୍ତ ନିଜେ ଉପସ୍ଥିତ ହୋଇନାହାନ୍ତି କିମ୍ବା କୌଣସି ଯୋଗାଯୋଗ କରିନାହାନ୍ତି। ଏଣୁ ଆପଣଙ୍କୁ ଉକ୍ତ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ ୭ ଦିନ ମଧ୍ୟରେ କାର୍ଯ୍ୟରେ ଯୋଗଦିଅନ୍ତୁ, ନଚେତ୍ ଆଇନ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– ନିର୍ବାହୀ ଯନ୍ତ୍ରୀ
ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ସୁବର୍ଣ୍ଣପୁର

## OFFICE OF THE NOTIFIED AREA COUNCIL, DHAMNAGAR

**Notice No.: 1940** **Date: 17.12.2018**

The Class of Contractor of Sl. No. 1 of the tender vide **Bid Identification No. DNR_05/2018_19** shall be read as "B & C" instead of C & D.

Sl. No. 2 of the tender vide **Bid Identification No. DNR_05/2018_19** is hereby cancelled due to unavoidable circumstances.

**Sd./- Executive Officer, Dhamnagar NAC**

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

No RDM-LAA-MBJ-0044-2017/32680 R&DM, Dated 31 Aug. 2018

No.-XXI-102: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା– **ଭାଲୁଘର**, ଥାନା– କରଞ୍ଜିଆ ନଂ.–୧୪୫, ତହସିଲ– କରଞ୍ଜିଆ, ଜିଲ୍ଲା– ମୟୂରଭଞ୍ଜରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେଓ ଜଳସେଚନ ପ୍ରକଳ୍ପର ବାମ ପାର୍ଶ୍ୱ ଡିଷ୍ଟ୍ରିବ୍ୟୁଟାରୀ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୩୩୨୬ ତା୧୮।୦୭।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା– **ଭାଲୁଘର**, ଥାନା– କରଞ୍ଜିଆ ନଂ.–୧୪୫, ଜିଲ୍ଲା– ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ www.mayurbhanj.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ–ଅର୍ଜନ ଓ ପୁନଃ ବସତି ଅଧିକାରୀ, କରଞ୍ଜିଆ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: କରଞ୍ଜିଆ**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ଭାଲୁଘର** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨.୮୦ | ଏ. ୧.୧୪ | ଏଥି ସହିତ ସଂଲଗ୍ନ |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: କରଞ୍ଜିଆ**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୨୮।୦୩।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅଭୟ କୁମାର ନାୟକ, ଯୁଗ୍ମ ଶାସନ ସଚିବ

**ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀ,**
**ଦେଓ ଜଳ ପ୍ରକଳ୍ପ, ମୟୂରଭଞ୍ଜ, କରଞ୍ଜିଆ**

**ମୌଜା- ଭାଲୁଘର** **ଥାନା ନଂ.୧୪୫**

| କ୍ର. ନଂ. | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧ | ଭାଲୁଘର | ୫ | ୯<br>୧୫<br>୧୭ | ୧.୬୬<br>୧.୦୩<br>୦.୧୧ | ୦.୭୫<br>୦.୩୮<br>୦.୦୧ | ଶାରଦ ଦୁଇ<br>ଶାରଦ ଏକ<br>ଆଶୁ | ନାରାୟଣ ମାଝୀ, ସାନମାଲଦେ ମାଝୀ, ପି– ହାଦ ମାଝୀ, ଚମ୍ପା ମାଝୀ, ସ୍ୱା– ହାଦ ମାଝୀ, ଜା– ସାନ୍ତାଳ, ବା– ନିଜଗାଁ | |
| | | **ମୋଟ** | **୩** | **୨.୬୯** | **୧.୧୪** | | | |

24001/14/0422/1819

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

No RDM-LAA-MBJ-0080-2017/29495 R&DM Dated 8 Aug. 2018

No.-XXI-99: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା– **ନୂଆଖୁଣ୍ଟା**, ଥାନା– ମୋରଡା ନଂ.–୧୩୪, ତହସିଲ– ରାସଗୋବିନ୍ଦପୁର, ଜିଲ୍ଲା– ମୟୂରଭଞ୍ଜରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସଚେନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲର ପିଙ୍ଗୁଳି ମାଇନର ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୮୦୭୦ ତା୧୪।୧୧।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା– **ନୂଆଖୁଣ୍ଟା**, ଥାନା– ମୋରଡା ନଂ.–୧୩୪, ଜିଲ୍ଲା– ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ www.mayurbhanj.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ–ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷୀ, ବାରିପଦାସ୍ଥିତ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: ରାସଗୋବିନ୍ଦପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ନୂଆଖୁଣ୍ଟା** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୫.୯୧ | ଏକର ୩.୪୦ | ଏଥି ସହିତ ସଂଲଗ୍ନ |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: ରାସଗୋବିନ୍ଦପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୨୪।୦୩।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅଭୟ କୁମାର ନାୟକ, ଯୁଗ୍ମ ଶାସନ ସଚିବ

**ଭୂମି ଅନୁସୂଚୀ**

**ଭୂଅର୍ଜନ ମାମଲା ସଂଖ୍ୟା- ୫୨/୨୦୧୭**
**ଏ.୩.୪୦ଡି.**

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବୈଶିଙ୍ଗା ଶାଖା କେନାଲର ପିଙ୍ଗୁଳି ମାଇନର**
**ମୌଜା- ନୂଆଖୁଣ୍ଟା, ଥାନା- ମୋରଡା, ନଂ.-୧୩୪, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ୧୩ | ୧.୩୩ | ୦.୨୦ | ଶାରଦ ଦୁଇ | ଈଶ୍ୱରଚନ୍ଦ୍ର ମହାନ୍ତି, ପି: ଦିନବନ୍ଧୁ ମହାନ୍ତି, ଜା: କରଣ, ବା: କରଞ୍ଜପଡା |
| ୨ | ୯ | ୦.୮୫ | ୦.୨୨ | ଶାରଦ ଦୁଇ | କନ୍ଦା ମାଝୀ, ପି: ଛୋଟା ମାଝୀ, ଜା: ସାନ୍ତାଳ, ବା: କରଞ୍ଜପଡା |
| ୩ | ୪୫/୯୪ | ୦.୨୧ | ୦.୧୫ | ଶାରଦ ଦୁଇ | କାଳିଆ ମାହାଲି, ପି: ମଙ୍ଗଲା ମାହାଲି, ଜା: ମାଜାଲି, ବା: ନିଜଗାଁ |
| ୭ | ୪୭/୯୫ | ୦.୦୮ | ୦.୦୧ | ଶାରଦ ଦୁଇ | ଚାପେ ମାଝୀ, ପି: ଧାନୁ ମାଝୀ, ରୁହିୟା ମାଝୀ, ମାଙ୍ଗାତ ମାଝୀ, ଗୟ ମାଝୀ, ପି: ଚୈତନ୍ୟ ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୮ | ୧୮<br>୩୭<br>୩୮ | ୦.୭୭<br>୦.୩୪<br>୦.୪୪ | ୦.୧୪<br>୦.୦୯<br>୦.୦୮ | ଶାରଦ ଦୁଇ<br>ଶାରଦ ଦୁଇ<br>ଶାରଦ ଦୁଇ | ଯୁଧିଷ୍ଠିର ଦତ୍ତ, ଅମ୍ବିକା ଦତ୍ତ, ଦୁତୀକା ଦତ୍ତ, ଉମାମଣୀ ଦତ୍ତ, ପି: ପଦ୍ମ ଲୋଚନ ଦତ୍ତ, ଯଦୁନାଥ ଦତ୍ତ, ସୋମନାଥ ଦତ୍ତ, ରାମଚନ୍ଦ୍ର ଦତ୍ତ, ପି: ଦିନବନ୍ଧୁ ଦତ୍ତ, ଜା: ରାହୁ, ବା: କରଞ୍ଜପଡା |
| ୧୦ | ୨୬ | ୦.୭୦ | ୦.୧୭ | ଶାରଦ ଦୁଇ | ଦାମୋଦର ମାଝୀ, ବିଜୟ ମାଝୀ, କାଳିଆ ମାଝୀ, ପି: ରଘୁ ନାଥ ମାଝୀ, ନାରଣ ମାଝୀ, ପି: ବାଘରାଏ ମାଝୀ, ଜା: ସାନ୍ତାଳ, ବା: କାଟୁଣୀ |
| ୧୧ | ୨୭ | ୦.୮୨ | ୦.୦୨ | ଶାରଦ ଦୁଇ | ଦୁଃଖିରାମ ସରେନ, ପଦନ ସରେନ, ପି: ଭଗବାନ ସରେନ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୧୪ | ୫ | ୦.୪୪ | ୦.୧୪ | ଶାରଦ ଦୁଇ | ଫଗଡା ମାଝୀ, ପି: କନ୍ଦା ମାଝୀ, ପାଣ୍ଡୁ ମାଝୀ, ପି: ଫଗଡା ମାଝୀ, ରୁହିଆ ମାଝୀ, ରାମ ମାଝୀ, ବିରଧାନ ମାଝୀ, ଭାଗିରଥି ମାଝୀ, ବିରସିଂ ମାଝୀ, ପି: ଦାସ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୬ | ୭୮ | ୦.୫୩ | ୦.୧୨ | ଶାରଦ ତିନି | ଫଗଡା ମାଝୀ, ରାମ ମାଝୀ, ନାରାନ ମାଝୀ, ପି: କନ୍ଦା ମାଝୀ, ତୁଳସୀ ମାଝୀ, ସ୍ୱା: କନ୍ଦା ମାଝୀ, ପାଣ୍ଡୁ ମାଝୀ, ପି: ଫଗଲା ମାଝୀ, ରୋହିଆ ମାଝୀ, ରାମ ମାଝୀ, ବିରଧାନ ମାଝୀ, ଭାଗିରଥି ମାଝୀ, ବିରସିଂ ମାଝୀ, ପି: ଦାସ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୭ | ୭୭ | ୦.୭୫ | ୦.୧୯ | ଶାରଦ ତିନି | ବାଢା ମାଝୀ, ପି: ଲକ୍ଷ୍ମଣ ମାଝୀ, ଜା: ସାନ୍ତାଳ, ବା: କୋଚିଆଶୁଳ |
| ୨୪ | ୩୦ | ୦.୬୯ | ୦.୧୪ | ଶାରଦ ଦୁଇ | ରେଣ୍ଟା ମାଝୀ, ସୁକୁଲ ମାଝୀ, ପି: ବିଦ ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୨୫ | ୩୧ | ୦.୭୫ | ୦.୧୬ | ଶାରଦ ଦୁଇ | ଲବା ସରେନ, ପି: ରୁଟିଆ ସରେନ, ଜା: ସାନ୍ତାଳ, ବା: ଅଙ୍ଗାରଗଡିଆ, ବେଆଇନ ଖରିଦ ସୂତ୍ରେ ଦଖଲ ଲେଢା ମାଝୀ, ପି; ଦୁର୍ଗା ମାଝୀ, ମାହ୍ଲ ମାଝୀ, ସ୍ୱା: ଲେଢା ମାଝୀ, ଜା: ସାନ୍ତାଳ, ବା: କରଞ୍ଜପଡା, ରେଜେଷ୍ଟ୍ରୀ ଦଲିଲ ନମ୍ବର 2056 ତା7.3.75 ଜରସମନ 1500/- ବା: |
| ୩୧ | ୪<br>୨୨ | ୦.୩୫<br>୧.୧୪ | ୦.୧୮<br>୦.୩୧ | ଶାରଦ ଦୁଇ<br>ଶାରଦ ଦୁଇ | ଶ୍ରୀନାଥ ମାଝୀ, ପି: ଭାଗିରଥି ମାଝୀ, ଜା: ସାନ୍ତାଳ, ବା: କାଟୁଣି |
| ୩୨ | ୫୩<br>୮୦ | ୧.୭୬<br>୧.୧୧ | ୦.୨୬<br>୦.୩୪ | ଶାରଦ ଦୁଇ<br>ଶାରଦ ତିନି | ହାରି ମାଝୀ, ରଘୁ ମାଝୀ, ଶାମୁ ମାଝୀ, ପି: ଭୀମା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୩୨/୧ | ୩୦/୯୬<br>୩୦/୯୭ | ୦.୨୫<br>୦.୧୫ | ୦.୧୨<br>୦.୦୪ | ଶାରଦ ଦୁଇ<br>ଶାରଦ ଦୁଇ | ଶ୍ରୀମତୀ ପାନ ସରେନ, ଅର୍ଜ୍ଜୁନ ସରେନ, ଦାସମାତ ସରେନ, ଗହ୍ନା ସରେନ, ଭକ୍ତୁ ସରେନ, ପି– ସାଉନା ସରେନ, ଜା: ସାନ୍ତାଳ, ବା: କରଞ୍ଜପଡା |
| ୩୨/୨ | ୪୭ | ୦.୪୨ | ୦.୧୩ | ଶାରଦ ଦୁଇ | ବିନୁ ହେମ୍ବ୍ରମ, ପି: ବୁଧରାୟ ହେମ୍ବ୍ରମ, ଜା: ସାନ୍ତାଳ, ବା: ବିରିପାଳ |
| ୩୨/୬ | ୧୩/୧୦୩ | ୨.୦୩ | ୦.୧୯ | ଶାରଦ ଦୁଇ | ଝରଣା ପଟ୍ଟନାୟକ, ସ୍ୱା: ଅବନୀ ପଟ୍ଟନାୟକ, ଜା: କରଣ, ବା: ମଧୁବନ ୱା ନଂ.9 ବାରିପଦା |
| ମୋଟ | **୨୨ ପ୍ଲଟ** | **ଏ.୧୫.୯୧ ଡେ.ମି.** | **ଏ.୩.୪୦ ଡେ.ମି.** | | |

24001/14/0419/1819



"ଚାଷୀ ମୂଲିଆଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବା ଅର୍ଥ ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସଙ୍ଗେ ସମାନ।
- ଭଗବତୀ ଚରଣ ପାଣିଗ୍ରାହୀ



## ସଂକ୍ଷେପରେ

### ରେଳଯାତ୍ରୀଙ୍କ ପାଇଁ ମାଗଣା ବସ୍ ସେବା

**ସମ୍ବଲପୁର,୧୯।୧୨(ବ୍ୟୁରୋ)-** ବିଶାଖାପାଟଣା-ଅମୃତସର-ବିଶାଖାପାଟଣା ହୀରାକୁଦ ଏକ୍ସପ୍ରେସ ପୂର୍ବରୁ ଝାରସୁଗୁଡା ଜଙ୍କସନ ଦେଇ ଚଳାଚଳ କରୁଥିଲା। ମଙ୍ଗଳବାରଠାରୁ ଏହା ଝାରସୁଗୁଡା ଜଙ୍କସନ ପରିବର୍ତ୍ତେ ଝାରସୁଗୁଡା ରୋଡ ଷ୍ଟେଶନ ଦେଇ ଚଳାଚଳ ଆରମ୍ଭ କରିଛି। ଏହି ଟ୍ରେନର ଗତିପଥ ପରିବର୍ତ୍ତନ ଯୋଗୁ ସଂରକ୍ଷିତ ଯାତ୍ରୀମାନଙ୍କ ସୁବିଧା ପାଇଁ ସମ୍ବଲପୁର ରେଳ ପ୍ରଶାସନ ମାଗଣା ବସ୍ ସୁବିଧା ଯୋଗାଇ ଦେଇଛି। ଏହା ମାର୍ଚ୍ଚ ୧୧ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ ବୋଲି ମଙ୍ଗଳବାର ଏକ ପ୍ରେସ ବିବୃତିରେ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ଜନସମ୍ପର୍କ ଅଫିସ ପକ୍ଷରୁ ଏହି ସୂଚନା ଦିଆଯାଇଛି।

### ବୃଦ୍ଧାଙ୍କୁ ଦଳି ଦେଲା ଦନ୍ତା ହାତୀ

**ସମ୍ବଲପୁର,୧୯।୧୨(ବ୍ୟୁରୋ)-** ସମ୍ବଲପୁର ବନଖଣ୍ଡ ପଡିଆବାହାଲ ରେଞ୍ଜ ଅନ୍ତର୍ଗତ ବୁରୋମାଲ ଗ୍ରାମରେ ବୁଧବାର ଭୋରରେ ଜଣେ ବୃଦ୍ଧାଙ୍କୁ ଏକ ହାତୀ ଦଳି ଦେଇଛି। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ଏହି ବୃଦ୍ଧା ଜଣକ ହେଲେ ପାର୍ବତୀ ପ୍ରଧାନ (୭୦)। ପରିବାର ଲୋକେ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ପଡିଆବାହାଲ ରେଞ୍ଜର ସୁରେଶ ମିର୍ଦ୍ଧା ପାର୍ବତୀଙ୍କ ପରିବାରକୁ ୪୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି । ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି । ଘର ପଛପଟକୁ ପାର୍ବତୀ ଶୌଚ ପାଇଁ ଯାଇଥିଲେ । ଏହି ସମୟରେ ଏକ ଦନ୍ତା ହାତୀ ତାଙ୍କ ପାଖକୁ ଚାଲି ଆସିଥିଲା । ସେ ଜୀବନ ବିକଳରେ ଦୌଡି ପଳାଇବାକୁ ଚେଷ୍ଟା କରିଥିଲେ । ହେଲେ ଦନ୍ତା ତାଙ୍କୁ ଶୁଣ୍ଢରେ ଟେକି ନେଇ ପ୍ରାୟ ୩୦ରୁ ୪୦ ଫୁଟ ହେବ ଦୂରକୁ ଫୋପାଡି ଦେଇଥିଲା।

### ଦେଉଳଝରି ଗୁମ୍ଫାକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି

**ରେଢ଼ାଖୋଲ,୧୯।୧୨(ଡି.ଏନ.ଏ.)-** ରେଢ଼ାଖୋଲ ବ୍ଲକର ଭରତାପୁର ପଞ୍ଚାୟତରେ ଅବସ୍ଥିତ ଦେଉଳଝରି ଗୁମ୍ଫାକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦିଆଯାଉ। ଏହି ଦାବି କରି ଭରତାପୁର ପଞ୍ଚାୟତବାସୀଙ୍କ ପକ୍ଷରୁ ପର୍ଯ୍ୟଟନ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ ବଣପାହାଡ ଘେରା ଏହି ଅଞ୍ଚଳରେ ସ୍ଥଳଭାଗଠାରୁ ପ୍ରାୟ ୩ ରୁ ୪ ହଜାର ଫୁଟ ଉଚ୍ଚରେ ରହିଛି ଏହି ବୃହତ ଦେଉଳଝରି ଗୁମ୍ଫା। ଏହି ଗୁମ୍ଫାରେ ଏକ ସୁଡଙ୍ଗ ରହିଛି, ଯାହାକି ଚନ୍ଦନ ଅର୍ଗଳି ଭାବେ ଅଞ୍ଚଳବାସୀଙ୍କ ମଧରେ ପରିଚିତ। ଗୁମ୍ଫା ମଧରେ ବହୁ ବର୍ଷ ହେଲା ବାବା ସିଦ୍ଧେଶ୍ୱର ପୂଜା ପାଇ ଆସୁଛନ୍ତି। ପାହାଡ ତଳେ ଏକ ଚିରସ୍ରୋତା ଝରଣା ବହି ଯାଇଛି। ଅନେକ ଗୁଡିଏ ପଥର ନିର୍ମିତ ପାଣି କୁଣ୍ଡ ଆବାହମାନ କାଳରୁ ରହିଛି। ବିଶ୍ୱାସ ରହିଆସିଛି ଯେ ଏହି ଝରଣାର ଜଳ ସ୍ପର୍ଶ କଲେ ପାପରୁ ମୁକ୍ତି ମିଳେ । ଚାଷ ସମୟରେ ବାର୍ଷାର ଅଭବ ହେଲେ ଅଞ୍ଚଳବାସୀ ଏହି ପିଠକୁ ଯାଇ ନାମ ଯଜ୍ଞ ଓ ସଂକୀର୍ତ୍ତନ କଲେ ବର୍ଷା ହୋଇଥାଏ। ଅଞ୍ଚଳବାସୀଙ୍କ ଉଦ୍ୟମ ଓ ସହଯୋଗ କ୍ରମେ ଏଠାରେ ଏକ ଆଶ୍ରୟ ସ୍ଥଳ, ଯଜ୍ଞ ମଣ୍ଡପ ଓ ବୈଠକ ମଣ୍ଡପ ନିର୍ମାଣ କରାଯିବା ସହ ଏକ ଖୋଲା କୁପ ଖନନ କରାଯାଇଛି। ଭରତାପୁର ପଞ୍ଚାୟତ ସଦର ମହକୁମାରୁ ପ୍ରାୟ ୧୫ କି.ମି. ଦୂରରେ ଥିବା ଏହି ଦେଉଳଝରି ଗୁମ୍ଫାକୁ ସବୁଦିନିଆ ରାସ୍ତାଟିଏ ନାହିଁ। ବିଭିନ୍ନ ଅଞ୍ଚଳରୁ ଆସୁଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେକ ମାସରେ ଅଞ୍ଚଳବାସୀ ସିଦ୍ଧେଶ୍ୱର ବାବାଙ୍କ ପିଠରେ ସଂକ୍ରାନ୍ତି ଉତ୍ସବ ପାଳନ କରିଆସୁଛନ୍ତି। ଦିର୍ଘ ବର୍ଷ ହେବ ଏହି ଗୁମ୍ଫାରେ ୨ଜଣ ସନ୍ନ୍ୟାସୀ ରହୁଛନ୍ତି। ଏହି ଦେଉଳଝରି ଗୁମ୍ଫାର ଉନ୍ନତି କରାଯାଇ ପର୍ଯ୍ୟଟନସ୍ଥଳର ମାନ୍ୟତା ପ୍ରଦାନ କରାଗଲେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ପଞ୍ଚାୟତବାସୀ ପର୍ଯ୍ୟଟନ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଓଡ଼ିଶା ଧାନ ଛତିଶଗଡ଼ ମୁହାଁ

**ଝାରସୁଗୁଡା ଅଫିସ,୧୯।୧୨**

ପଡୋଶୀ ଛତିଶଗଡ଼ରେ କଂଗ୍ରେସ ସରକାରକୁ ଫେରିବା ପରେ କୃଷି ଋଣ ଛାଡ ସହ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୫୦୦ ଟଙ୍କାକୁ ବୃଦ୍ଧିର ପ୍ରଭାବ ସିଧାସଳଖ ଓଡ଼ିଶାର ସୀମାନ୍ତ ଜିଲା ଉପରେ ପଡିଛି। ସେଥିରୁ ବାଦ ପଡିନି ଝାରସୁଗୁଡ଼ା ଜିଲା। ଜିଲାରୁ ସମୁଦାୟ ଯେତିକି ଧାନ ସଂଗ୍ରହ ହୁଏ, ତାର ଅଧା କେବଳ ଲଖନପୁର ବ୍ଲକ୍‌ରୁ ସଂଗୃହୀତ ହୋଇଥାଏ। ଛତିଶଗଡ଼କୁ ଲାଗି ରହିଥିବା ଝାରସୁଗୁଡ଼ା ଜିଲାର ଲଖନପୁର ବ୍ଲକର ଚାଷୀ ଛତିଶଗଡ଼ରେ ଧାନ ବିକ୍ରି କରିବାକୁ ଯୋଜନା ଆରମ୍ଭ କରିଦେଇଛନ୍ତି। ଏପରି କି ଛତିଶଗଡ଼କୁ ଲାଗି ରହିଥିବା ଓଡ଼ିଶା ସୀମାନ୍ତ ୮ଟି ଜିଲାର ଚାଷୀ ଏବେ ଧାନ ଧରି ଛତିଶଗଡ଼ ମୁହାଁ ହୋଇଛନ୍ତି। ସେଥିମଧ୍ୟରୁ ଝାରସୁଗୁଡ଼ା ଜିଲାରେ ସ୍ପଷ୍ଟ ପ୍ରଭାବ ପରିଲକ୍ଷିତ ହୋଇଛି। ୧୫ ଦିନରୁ ଅଧିକ ହେବ ଜିଲାରେ ଖରିଫ୍ ଧାନ ସଂଗ୍ରହ ଆରମ୍ଭ ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ମଣ୍ଡିକୁ ମାତ୍ର ୬୬୧୩.୦୧ କୁଇଣ୍ଟାଲ ଧାନ ଆସିଥିବା ରିପୋର୍ଟରୁ ଜଣାପଡିଛି। ଧାନ ସଂଗୃହୀତ ହାର ହ୍ରାସ ପାଇଥିବାରୁ ଜିଲା ପ୍ରଶାସନ ଚିନ୍ତାରେ ପଡିଛି। ଚଳିତ ବର୍ଷ ଲକ୍ଷ୍ୟ ପୂରଣ ହେବା ନେଇ ଏକ ପ୍ରକାର ଆଶଙ୍କା ସୃଷ୍ଟି ହୋଇଛି।



ଟ୍ରାକ୍ଟରରେ ଧାନ ବୋଝେଇ ହୋଇଥିବାର ଫାଇଲ ଫଟୋ।

- ଝାରସୁଗୁଡ଼ାରେ ଧାନ ସଂଗ୍ରହ ଶିଥିଳ
- ୪୧ ମଣ୍ଡିରୁ ୩୪ରେ ଧାନ ଶୂନ୍ୟ

ସରକାରୀ ନିର୍ଦ୍ଦେଶ ଅନୁସାରେ ଚଳିତ ବର୍ଷ ୪୫୮୮୨.୩୫୨ ମେଟ୍ରିକ୍ ଟନ୍ ଧାନ ଏବଂ ୩୧୨୦୦ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏନେଇ ଯୋଗାଣ ବିଭାଗ, ଜିଲା ସମବାୟ ସହକାରୀ ନିବନ୍ଧକ ଏବଂ ନିୟନ୍ତ୍ରିତ ବଜାର କମିଟି ଡିସେମ୍ବର ୩ ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଉଦ୍‌ଘାଟନ କରିଛନ୍ତି। ଜିଲାରେ ୩୨ଟି ପ୍ରାଥମିକ କୃଷି ସେବା ସମବାୟ ସମିତି(ପ୍ୟାକ୍ସ) ସମେତ ମୋଟ ୪୧ଟି ଧାନ ସଂଗ୍ରହ କେନ୍ଦ୍ର ଖୋଲାଯାଇଛି। ଏଫଏକ୍ୟୁ ସାଧାରଣ କିସମର ଧାନର ସର୍ବନିମ୍ନ ମୂଲ୍ୟ କୁଇଣ୍ଟାଲ ପିଛା ୧୭୫୦ ଟଙ୍କା ଏବଂ ଗ୍ରେଡ-ଏ କିସମ ଧାନର ମୂଲ୍ୟ ୧୭୭୦ ଟଙ୍କା ଧାର୍ଯ୍ୟ ହୋଇଛି। ଜଳସେଚିତ ଜମିରୁ ଏକର ପିଛା ୧୯ କୁଇଣ୍ଟାଲ ଏବଂ ଅଣଜଳସେଚିତ ଜମିରୁ ଏକର ପିଛା ୧୩ କୁଇଣ୍ଟାଲ ଧାନ କ୍ରୟ କରାଯିବ ବୋଲି ଚାଷୀଙ୍କୁ ସୂଚନା ଦିଆଯାଇଛି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ମଣ୍ଡିକୁ ଧାନ ଆସିବା ଧିମେଇ ଯାଇଛି। ରିପୋର୍ଟ ମୁତାବକ ଝାରସୁଗୁଡ଼ା ବ୍ଲକର ୩ଟି ପ୍ୟାକ୍ସ, ଲଇକେରା ବ୍ଲକର ୩ଟି ଏବଂ କିର୍ମିରା ବ୍ଲକର ଗୋଟିଏ ପ୍ୟାକ୍ସକୁ ମୋଟ ୬୬୧୩.୦୧ କୁଇଣ୍ଟାଲ ଧାନ ଆସିଛି।

ଝାରସୁଗୁଡ଼ା ବ୍ଲକର ଦୁର୍ଲଗା ପ୍ୟାକ୍ସରେ ୧୫୧୭.୯୧ କୁଇଣ୍ଟାଲ, ଶ୍ରୀପୁରା ପ୍ୟାକ୍ସରେ ୧୮୩.୫୭ କୁଇଣ୍ଟାଲ ଏବଂ ଲହଣ୍ଡାବୁଡ ପ୍ୟାକ୍ସରେ ୨୯୦.୬୦ କୁଇଣ୍ଟାଲ ଧାନ ଚାଷୀଙ୍କଠୁ କିଣାଯାଇଛି। ସେହିପରି ଲଇକେରା, ପାକେଲପଡା ଏବଂ ସାହସପୁର ପ୍ୟାକ୍ସକୁ ୯୮୭.୪୧ କୁଇଣ୍ଟାଲ, ୪୪୪.୪୪ କୁଇଣ୍ଟାଲ ଏବଂ ୨୯୬୭.୯୩ କୁଇଣ୍ଟାଲ ଧାନ ଆସିଛି। କିର୍ମିରାର ଏକମାତ୍ର ପ୍ୟାକ୍ସକୁ ୨୨୧.୧୫ କୁଇଣ୍ଟାଲ ଧାନ ଆସିଥିବା ତଥ୍ୟରୁ ଜଣାପଡିଛି। ଜିଲାର ଲଖନପୁର ଏବଂ କୋଲାବିରା ବ୍ଲକରେ ଧାନ କିଣା ଆରମ୍ଭ ହୋଇନାହିଁ। ଅନ୍ୟପକ୍ଷ ଚାଷୀଙ୍କ ପାଖରେ ଧାନ ରହିଥିଲେ ମଧ ଓଡ଼ିଶା ସରକାରଙ୍କୁ ଧାନ ଦେବାକୁ ଚାଷୀ ଇଚ୍ଛା ପ୍ରକାଶ କରୁ ନ ଥିବା ଜଣେ ଚାଷୀ କହିଛନ୍ତି। ଏହାକୁ ନେଇ ରାଜ୍ୟ ଯୋଗାଣ ବିଭାଗଠାରୁ ଜିଲା ଅଧିକାରୀଙ୍କ ସହ ଘନଘନ ଆଲୋଚନା କରାଯାଇ ଧାନ ସଂଗ୍ରହ କରିବାକୁ ଚାପ ପକାଯାଉଥିବା ସୂଚନା ମିଳିଛି। ଏହି ବାବଦରେ ଜିଲା ଯୋଗାଣ ଅଧିକାରୀ ଉଦିତ୍ ପଟ୍ଟନାୟକ କହିଲେ, ପାଗ ଖରାପ ଯୋଗୁ ଧାନ ସଂଗ୍ରହ ସାମାନ୍ୟ ଧିମା ରହିଥିଲା। ବର୍ତ୍ତମାନ ଚାଷୀ ଧାନ ଆଣିବା ଆରମ୍ଭ କଲେଣି। ଜିଲା ପାଇଁ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ପୂରଣ ହୋଇଯିବ ବୋଲି ସେ କହିଛନ୍ତି।

# ସୋନପୁର-ନାଗପୁର ଗଞ୍ଜେଇ ଚାଲାଣ
## ୧୨ କେଜି ଗଞ୍ଜେଇ ଜବତ, ୨ ଗିରଫ

**ଝାରସୁଗୁଡା ଅଫିସ,୧୯।୧୨**

ଗଞ୍ଜେଇ ଚୋରା ଚାଲାଣ କରୁଥିବାବେଳେ ଝାରସୁଗୁଡ଼ା ଜିଆର୍‌ପି ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରିଛି। ପୋଲିସ ସେମାନଙ୍କ ନିକଟରୁ ୧୨ କେ.ଜି ଗଞ୍ଜେଇ ସହ ୧୧ଶହ ଟଙ୍କା ଜବତ କରିଛି। ବୁଧବାର ଦୁଇ ଅଭିଯୁକ୍ତ ବଲାଙ୍ଗୀରର ବସନ୍ତ କୁମାର ଲେଙ୍କା(୩୬) ଏବଂ ସୋନପୁରର ପ୍ରବୀଣ ମେହେର(୨୨)ଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜିଆର୍‌ପି ପୋଲିସ ପକ୍ଷରୁ କୁହାଯାଇଛି।

ପୋଲିସ ସୂଚନା ମୁତାବକ, ବସନ୍ତ ଏବଂ ପ୍ରବୀଣ ସୋନପୁରରୁ ନାଗପୁରକୁ ଗଞ୍ଜେଇ ଚାଲାଣ କରୁଥିଲେ। ମଙ୍ଗଳବାର ସକାଳେ ସେମାନେ ୨ଟି ବ୍ୟାଗ ଧରି ଝାରସୁଗୁଡା ଷ୍ଟେଶନରୁ ବସ୍‌ଷ୍ଟାଣ୍ଡ ଯାଉଥିଲେ। ସେତିକିବେଳେ ଜିଆର୍‌ପି ପୋଲିସ ସେମାନଙ୍କୁ ପିଛା କରି ଅଟକାଇ ଥିଲା। ପୋଲିସ ପରିଚୟପତ୍ର ଏବଂ ବ୍ୟାଗ ଯାଞ୍ଚ ବେଳେ ୧୨ କେ.ଜି ଗଞ୍ଜେଇ ଜବତ କରିଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଇନ୍ସପେକ୍ଟର ବିନୟ ପ୍ରକାଶ ମିଞ୍ଜ ଏବଂ ଏସ୍‌ଆଇ ଦେବେନ୍ଦ୍ର ନାୟକ ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତ ବସନ୍ତ ଏବଂ ପ୍ରବୀଣ।

# ବୁଗବୁଗାରେ ଚାଷୀ ସମାବେଶ

**ଅତାବିରା/ ଜାମଟିକ୍ରା, ୧୯।୧୨ (ଡି.ଏନ.ଏ)**

**ଅତାବିରା ବ୍ଲକ**
- ଚାଷୀଙ୍କୁ ସରକାର ଅଣଦେଖା କରୁଛି
- ସମସ୍ୟା ସମାଧାନ ନ କଲେ ଆନ୍ଦୋଳନ

ଚାଷୀମାନେ ଋଣ ଭାରରେ ବୁଡି ରହିଛନ୍ତି । ଦର ବୃଦ୍ଧି ସହିତ କୃଷିଜାତ ଦ୍ରବ୍ୟର ମୂଲ୍ୟ ଠିକ୍ ନ ରହିବାରୁ ଚାଷ ଲାଭଜନକ ହୋଇପାରୁନାହିଁ। ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଘଟିବାରୁ ଚାଷୀମାନେ ତଳି ତଳାନ୍ତ ହୋଇ ଯାଉଛନ୍ତି । ଅର୍ଥ ଲଗାଣକାରୀ ସଂସ୍ଥା ଗୁଡିକ କେବଳ କାଗଜପତ୍ରରେ ଗୋଟିଏ ଦିନରେ ଋଣ ଅସୁଲ ଦେଖାଇ ପରବର୍ତ୍ତି ଦିନରେ ଋଣ ଲଗାଣ କରୁଛନ୍ତି । ଚାଷୀ ଥରେ ଋଣ ନେଲେ କେବଳ ତାର ପରିମାଣ ବଢ଼ି ଚାଲିଛି । ସରକାର ଶିଳ୍ପ ଓ ଅନ୍ୟାନ୍ୟ କ୍ଷେତ୍ରରେ କିଛି ମୁଷ୍ଟିମେୟ ଲୋକଙ୍କୁ ଆର୍ଥିକ ଅନୁକମ୍ପା ପ୍ରଦାନ କରୁଛନ୍ତି । ଲକ୍ଷ ଲକ୍ଷ ଚାଷୀ ଋଣଗ୍ରସ୍ତ ହୋଇଥିବା ବେଳେ କୃଷି ଋଣ ଛାଡ ଏକ ସମସ୍ୟା ନୁହେଁ । ସେଥିପାଇଁ ନିର୍ଦ୍ଧିଷ୍ଟ ବ୍ୟବସ୍ଥା ନ କରି ରାଜନୈତିକ ଦଳ ଗୁଡିକ କେବଳ ରାଜନୀତି କରି ଚାଲିଛନ୍ତି। ଏପରି ପରିସ୍ଥିତିରେ ଚାଷୀ ନିଜ ଆୟରୁ ଋଣ ପରିଶୋଧ କରିବା ସମ୍ଭବ ପର ହେଉନାହିଁ । ବିଗତ ୫୦ ବର୍ଷରେ ବିଭିନ୍ନ କ୍ଷେତ୍ରରେ ଯେଉଁ ମୂଲ୍ୟ ବୃଦ୍ଧି ଘଟିଛି କୃଷି କ୍ଷେତ୍ରରେ ତାର ବ୍ୟତିକ୍ରମ ଦେଖାଯାଇଛି। ସରକାରୀ ଚାକିରୀଆଙ୍କ ଦରମା ବୃଦ୍ଧି ହେଉଥିବା ବେଳେ ସରକାର ଚାଷୀମାନଙ୍କୁ ଅଣଦେଖା କରୁଛନ୍ତି ବୋଲି ଅତାବିରା ବ୍ଲକ ବୁଗବୁଗାରେ ଆୟୋଜିତ ସମାବେଶରେ ଚାଷୀ ନେତାମାନେ ଏହା କହିଛନ୍ତି । ଚାଷୀ ନେତା ସୁରେଶ କର୍ଣ୍ଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ରବିନ୍ଦ୍ର ବିଶି, ଟିକିଲାଲ ମିଶ୍ର, ଚୈତନ୍ୟ କର୍ଣ୍ଣ, କୌସ୍ତୁଭ ପ୍ରଧାନ, ରବିନ୍ଦ୍ର ମହାକୁରଙ୍କ ସମେତ ୨୪ଟି ପଞ୍ଚାୟତର ଚାଷୀମାନେ ଉପସ୍ଥିତ ଥିଲେ ।

# ବର୍ଷା ଟଳିଲା, ସରିନି ଚାଷୀଙ୍କ ଦୁଃଖ

**ବରଗଡ଼ ଅଫିସ୍/ଅତାବିରା,୧୯।୧୨**

ସାମୁଦ୍ରିକ ଝଡ଼ ପାଥେଇ ପ୍ରଭାବରେ ଦୁଇଦିନ ଧରି ଲଗାଣ ବର୍ଷା ହୋଇଥିଲା। ଅମଳ ସମୟରେ ଏଭଳି ଆକସ୍ମିକ ବର୍ଷା ଚାଷୀଙ୍କ ଧାନ ଫସଲକୁ ଉଜାଡ଼ି ଦେଇଥିଲା। କ୍ଷେତରେ ରହିଥିବା କଟାଧାନ ବର୍ଷାପାଣିରେ ଭାସି ଥିବାବେଳେ ଖଳାରେ ରହିଥିବା ଧାନ ଭିଜିଥିଲା। ମଣ୍ଡିରେ ସଂଗୃହୀତ ଧାନ ମଧ୍ୟ ସେଥିରୁ ବାଦ୍ ପଡ଼ି ନ ଥିଲା। ଇତିମଧ୍ୟରେ ବର୍ଷା ଟଳିଯାଇଥିଲେ ସୁଦ୍ଧା ଚାଷୀଙ୍କ ଦୁଃଖ ସରିନାହିଁ। ବର୍ଷା ଛାଡ଼ିବା ପରେ ଚାଷୀମାନେ ଭିଜାଧାନକୁ ସାଉଁଟି ରଖୁଥିବା ଦେଖିବାକୁ ମିଳୁଛି । କ୍ଷେତରେ ବର୍ଷାଭିଜା ଧାନପେଟାରୁ କିଏ ପାଣି ନିଗାଡୁଛନ୍ତି ତ ଆଉ କେହି ଖଳାରେ ପଡ଼ିଥିବା ଅମଳ ଧାନକୁ ଖରାରେ ଶୁଖାଉଥିବା ଦେଖିବାକୁ ମିଳୁଛି। ସେହିପରି ତାରପୋଲିନରେ ଘୋଡ଼ାଯାଇଥିବା ଧାନ ମଧ୍ୟ ଆଂଶିକ ବର୍ଷାରେ ଭିଜିଥିବା ଯୋଗୁ ଚାଷୀମାନେ ସେହି ଧାନକୁ ବସ୍ତାରୁ କାଢ଼ି ପୁଣି ଖରାରେ ଶୁଖାଇବାକୁ ବାଧ୍ୟ ହେଉଛନ୍ତି । ଏଭଳିସ୍ଥଳେ ବେପାରୀ, ମିଲର୍ସମାନେ ଅଭାବୀ ବିକ୍ରି ପରିସ୍ଥିତି ସୃଷ୍ଟି କରିବା ପାଇଁ ମସୁଧା ଚଳାଇଛନ୍ତି ।

ପ୍ରାଥମିକ ଭାବେ ଜିଲାର ୬ଟି ବ୍ଲକରେ ପ୍ରାୟ ୧ହଜାର ହେକ୍ଟର ଜମିର ଧାନ ଫସଲ ପ୍ରଭାବିତ ହୋଇଥିବା କୃଷି ବିଭାଗ ଆକଳନ କରିଛି । କିନ୍ତୁ ଏବେ ମଧ୍ୟ ଜିଲାର ଅନେକ ସ୍ଥାନକୁ କୃଷି କିମ୍ବା ରାଜସ୍ୱ ବିଭାଗର କର୍ମଚାରୀ ପହଞ୍ଚି ପାରି ନ ଥିବା ଅଭିଯୋଗ ହୋଇଛି । ଫଳରେ ବେସରକାରୀ ଭାବେ କ୍ଷୟକ୍ଷତି ଆହୁରି ଅଧିକ ହେବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଜିଲାର ଅତାବିରା ବ୍ଲକର ବୁଗବୁଗା, ଭେଡ଼େନ ବ୍ଲକର ଦେଶଭଟଲି ପଞ୍ଚାୟତ ଭଳି ଅନେକ ପଞ୍ଚାୟତକୁ କ୍ଷୟକ୍ଷତି ଆକଳନ କରିବା ପାଇଁ କୌଣସି ସରକାରୀ କର୍ମଚାରୀ ପହଞ୍ଚି ନ ଥିବା ଅଭିଯୋଗ ହୋଇଛି ।

ସେହିପରି ମେଘୁଆ ପାଗ ଜାରି ରହି ଥିବାବେଳେ ଧାନ ଉଠାଣ ପ୍ରକ୍ରିୟା ମଧ୍ୟ ମନ୍ଥର ହୋଇପଡ଼ି ଥିବାରୁ ପୁଣି ବର୍ଷା ଆଶଙ୍କାରେ ଚାଷୀକୁଳ ଚିନ୍ତିତ ହୋଇ ପଡ଼ିଛନ୍ତି। ଏବେ ମଧ୍ୟ ଜିଲାର ବିଭିନ୍ନ ମଣ୍ଡିରେ ପ୍ରାୟ ୩ଲକ୍ଷ ପ୍ୟାକେଟ୍ ଧାନ ବିକ୍ରି ହୋଇ ନ ପାରି ପଡ଼ି ରହିଛି। ସେଥିମଧ୍ୟରୁ କେବଳ ୧ଲକ୍ଷ ୧୫ହଜାର ୭୧୩ ପ୍ୟାକେଟ୍ ରହିଛି । ଏ ନେଇ ଜିଲା କୃଷି ଉପନିର୍ଦ୍ଦେଶକ ଦିନବନ୍ଧୁ ଗାନ୍ଧୀ କହିଛନ୍ତି, ପ୍ରାଥମିକ ଆକଳନରେ ଜିଲାର ୧ହଜାର ହେକ୍ଟର ଜମିର ଧାନ ବର୍ଷାରେ ପ୍ରଭାବିତ ହୋଇଥିବା ଜଣାପଡ଼ିଛି । କ୍ଷୟକ୍ଷତି ଆକଳନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିବା ପରେ ତାହା ସରକାରଙ୍କ ନିକଟକୁ ପଠାଯିବ ବୋଲି ସେ କହିଥିଲେ ।



ବର୍ଷା ଟଳିବା ପରେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଉଦେପୁର ଅଞ୍ଚଳରେ ଚାଷୀମାନେ ଧାନ ଶୁଖାଉଛନ୍ତି ।

# ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଆନନ୍ଦପୁର/କେନ୍ଦୁଝର ୧୯।୧୨(ସ୍ୱ.ପ୍ର.):** ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ଆନନ୍ଦପୁର ଜଳସମ୍ପଦ ବିଭାଗ ବ୍ୟାରେଜ ଡିଭିଜନ ସହକାରୀ ଯନ୍ତ୍ରୀ ନନ୍ଦ କିଶୋର ସାହୁଙ୍କ ଅଫିସ ଓ ଘରେ କେନ୍ଦୁଝର ଭିଜିଲାନ୍ସ ୟୁନିଟ ଚଢ଼ାଉ କରିଛି। ଏକକାଳୀନ ଆନନ୍ଦପୁର ଉପଖଣ୍ଡ ଶାଳପଡ଼ାସ୍ଥିତ ଅଫିସ ଓ ସରକାରୀ ବାସଭବନ, ଘଷିପୁରାସ୍ଥିତ ପୈତୃକ ଘର ଏବଂ କେନ୍ଦୁଝରରେ ଥିବା ଅଟ୍ଟାଳିକାରେ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ଜମି କାଗଜପତ୍ର, ଜୀବନବୀମା ବଣ୍ଡ ସହ ବ୍ୟାଙ୍କ ଲକର ଚାବି ଜବତ ହୋଇଛି। କେନ୍ଦୁଝର ଓ ବାଲେଶ୍ୱର ଭିଜିଲାନ୍ସ ବିଭାଗର ୧୨ ଜଣିଆ ସଦସ୍ୟ ଥିବା ୨ଟି ଟମ୍ ଚଢ଼ାଉ କରିଥିଲେ। କେନ୍ଦୁଝର, ଭାଲୁକିପତଳାରେ ଥିବା ବାସଭବନରୁ ଟଙ୍କା, ସୁନାଗହଣା, ଆସବାବପତ୍ର ଠାବ ହୋଇଛି। ହିସାବ ପରେ ପ୍ରକୃତ ସମ୍ପତ୍ତି ପରିମାଣ ଜଣାପଡିବ ବୋଲି ଭିଜିଲାନ୍ସ ଓ ଇନ୍ସପେକ୍ଟର ହେମାମାଳିନୀ ନାୟକ କହିଛନ୍ତି। ନନ୍ଦକିଶୋର ବହୁ ବର୍ଷ ହେଲା କେନ୍ଦୁଝର ଜିଲାରେ ରହି ବ୍ଲକ, ଡିଆର୍‌ଡିଏ ଆଦିରେ କାମ କରିଆସୁଥିବା ଜଣାପଡ଼ିଛି।

**ଆଜି ମହାପ୍ରଭୁଙ୍କ ବନକଲାଗି**

# ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

**ପୁରୀ ଅଫିସ,୧୯।୧୨:** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି ଗୁରୁବାର ଅନୁଷ୍ଠିତ ହେବ। ଏହି ଗୁପ୍ତ ନୀତି ପାଇଁ ଅପରାହ୍ନ ପ୍ରାୟ ସାଢେ ୪ଟାରୁ ରାତି ସାଢେ ୮ଟା ଅର୍ଥାତ୍ ୪ ଘଣ୍ଟା ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଅଧିକାରୀ ସୁଦୀପ୍ ଚାଟାର୍ଜୀ କହିଛନ୍ତି। ତାଙ୍କ ସୂଚନା ମୁତାବକ, ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ ହେବ।

# ନବଙ୍କ ଗୁପ୍ତ ବୈଠକରେ ବିଜେଡି କର୍ମୀ

**ସମ୍ବଲପୁର/ଜମନକିରା,୧୯।୧୨ (ବ୍ୟୁରୋ/ଡି.ଏନ.ଏ)**

ଝାରସୁଗୁଡା ବିଧାୟକ ନବ ଦାସ କଂଗ୍ରେସ ଛାଡି ବିଜେଡିରେ ମିଶିବେ। କିଛି ଦିନ ହେଲା ଏହି ଚର୍ଚ୍ଚା ଜୋର ଧରିଛି। ଗଣମାଧମରେ ବି ଏହା ପୃଷ୍ଠାମଣ୍ଡନ କରିଥିଲା। ରାଜନୈତିକ ଆଲୋଚକ, କର୍ମୀ, ସାଧାରଣ ଲୋକଙ୍କ ମଧରେ ଏବେ ଏହି ଗୋଟିଏ ଆଲୋଚନା ହେଉଛି। ବିଜେଡି ବିରୋଧରେ ନବ ଏବେ ଆଉ ସେମିତି କିଛି ପଦଟେ ବି କହୁ ନାହାନ୍ତି। । ହେଲେ ସେ କଂଗ୍ରେସରେ ରହିଛନ୍ତି ଆଉ ରହିବେ। ଦଳ ପରିବର୍ତ୍ତନ କଥା ସ୍ୱପ୍ନରେ ବି ଭାବି ନାହାନ୍ତି ବୋଲି ନିକଟରେ ଗଣମାଧମକୁ ସଫେଇ ଦେଇଛନ୍ତି। ହେଲେ ବୁଧବାର ସମ୍ବଲପୁର ଜିଲା କୁଚିଣ୍ଡା ବିଧାନସଭା ମଣ୍ଡଳି ଅଧୀନ ଜମକିରା ବ୍ଲକ ବଡରମା ପଞ୍ଚାୟତ କୁରେଇବାହାଲ ନିକଟରେ ଏକ ଗୁପ୍ତ ବୈଠକ କରିଛନ୍ତି। ଏଥିରେ କଂଗ୍ରେସ ଦଳ ଅପେକ୍ଷା ବିଜେଡି ଦଳର ନେତା ଓ କର୍ମୀ ଉପସ୍ଥିତ ଥିଲେ। ଏଣୁ ନବଙ୍କ ଦଳ ବଦଳ ନେଇ ପୁଣି ଚର୍ଚ୍ଚା ସୃଷ୍ଟି ହୋଇଛି। ଗଣମାଧମ ବିନା ନବ କୌଣସି ସଭାସମିତି କରନ୍ତି ନାହିଁ, ହେଲେ ଏହି ବୈଠକ ସମ୍ପର୍କରେ ଜନକିରା ଅଞ୍ଚଳର କୌଣସି ଗଣମାଧମ ପ୍ରତିନିଧିଙ୍କୁ ସୂଚନା ଦିଆଯାଇ ନ ଥିଲା। ଏହି ବୈଠକରେ ନବଙ୍କ ବଡଭାଇ ରାଜକିଶୋର ଦାସ ଯୋଗ ଦେଇଥିଲେ। ତେବେ ଏହି ବୈଠକ ସମ୍ପର୍କରେ ନବଙ୍କୁ ପଚାରିବାରୁ ଏହା ମିଛ। ସେ ରାଜ୍ୟ ବାହାରକୁ ଯାଇଥିଲେ। ଆଜି ଫେରଛନ୍ତି ବୋଲି କହି ବାଏଁ ବାଏଁ ଉଡାଇ ଦେଇଛନ୍ତି।



କୁରେଇବାହାଲ ନିକଟରେ ଏକ ଗୁପ୍ତ ବୈଠକରେ ବିଧାୟକ ନବ ଦାସଙ୍କ ସହ ଅନ୍ୟମାନେ।

- ଦଳ ବଦଳ ନେଇ ପୁଣି ଚର୍ଚ୍ଚା, ସନ୍ଦେହ
- ଗଣମାଧମ ପ୍ରତିନିଧିଙ୍କଠୁ ଦୂରେଇ ରହିଲେ
- ଅଭିଯୋଗକୁ ବାଏଁ ବାଏଁ ଉଡାଇ ଦେଲେ

## ସର୍ବସାଧାରଣ ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ., ଭୁବନେଶ୍ୱର, ସତ୍ୟନଗର ଅଞ୍ଚଳରେ ୮୮୫୫୪.୮୩ ବର୍ଗ ପରିମିତ ଅଞ୍ଚଳରେ ଏକ ନୂତନ ବାସୋପଯୋଗୀ ବିଶିଷ୍ଟ (B2+B1+LGF+M2+M1+UGF+G+29) ମହଲା ଆପାର୍ଟମେଣ୍ଟ ଘର ସ୍ଥାପନ ନିମନ୍ତେ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କଠାରୁ ଅନୁମତି ହାସଲ କରିଛନ୍ତି। ଏହାସହିତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ପ୍ରକଳ୍ପ ସରକାରୀ ଏବଂ ବେସରକାରୀ ସହଭାଗୀତା ଯୋଜନାର ଅନ୍ତର୍ଭୁକ୍ତ ଅଟେ। ଉପରୋକ୍ତ ଅନୁମତି ପତ୍ରର ଏକକିତା ନକଲ ଚିଠି ନଂ. ୬୩୬୫/ଏସ୍.ଇ.ଆଇ.ଏ.ଏ., ତା୦୩।୧୨।୨୦୧୮ରିଖ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କ ୱେବ୍‌ସାଇଟ୍ http://www.orissaseiaa.gov.in/ରେ ଉପଲବ୍ଧ ଅଟେ।

–ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ.

## ସର୍ବସାଧାରଣ ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ., ଭୁବନେଶ୍ୱର, ସତ୍ୟନଗର ଅଞ୍ଚଳରେ ୪୯୯୨୭.୧୧ ବର୍ଗ ପରିମିତ ଅଞ୍ଚଳରେ ଏକ ନୂତନ ବାସୋପଯୋଗୀ ବିଶିଷ୍ଟ (B2+B1+G+25) ମହଲା ଆପାର୍ଟମେଣ୍ଟ ଘର ସ୍ଥାପନ ନିମନ୍ତେ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କଠାରୁ ଅନୁମତି ହାସଲ କରିଛନ୍ତି। ଏହାସହିତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ପ୍ରକଳ୍ପ ସରକାରୀ ଏବଂ ବେସରକାରୀ ସହଭାଗୀତା ଯୋଜନାର ଅନ୍ତର୍ଭୁକ୍ତ ଅଟେ। ଉପରୋକ୍ତ ଅନୁମତି ପତ୍ରର ଏକକିତା ନକଲ ଚିଠି ନଂ. 63F/ଏସ୍.ଇ.ଆଇ.ଏ.ଏ., ତା୦୩।୧୨।୨୦୧୮ରିଖ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କ ୱେବ୍‌ସାଇଟ୍ http://www.orissaseiaa.gov.in/ରେ ଉପଲବ୍ଧ ଅଟେ।

–ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ.




ବରପାଲି ଡାକ୍ତରଖାନା ପରିସରରେ ଧାରଣା ଦିଆଯାଇଛି ।

# ଡାକ୍ତର ନିଯୁକ୍ତି ଦାବିରେ ଧାରଣା

**ବରପାଲି, ୧୯।୧୨ (ଡି.ଏନ.ଏ)**

ବରପାଲି ଡାକ୍ତରଖାନାରେ ୨ବର୍ଷରୁ ଅଧିକ ସମୟ ଧରି ସ୍ତ୍ରୀ ଓ ପ୍ରସୂତୀ ବିଭାଗ ଡାକ୍ତର ନାହାନ୍ତି । ଯିଏ ଅଛନ୍ତି ସେ ବର୍ତ୍ତମାନ ଡାକ୍ତରଖାନାର ମୁଖ୍ୟ ଚିକିତ୍ସା ଅଧିକାରୀ ଦାୟିତ୍ୱରେ ରହିଛନ୍ତି । ସେ ଅନେକ ସମୟରେ ପ୍ରଶାସନିକ କାର୍ଯ୍ୟ ପାଇଁ ଧାଁ ଧପଡ କରିବା ସହ ପ୍ରସୂତୀ କାର୍ଯ୍ୟ ମଧ କରିଥାନ୍ତି । ଏଣୁ ଏଠାରେ ଜଣେ ସ୍ଥାୟୀ ସ୍ତ୍ରୀ ଓ ପ୍ରସୂତୀ ଡାକ୍ତର ନିଯୁକ୍ତି ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଛି। ବିଜେପୁର ଉପନିର୍ବାଚନ ବେଳେ ଏମ୍‌ପି, ମନ୍ତ୍ରୀ ଓ ଏମଏଲଏଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ତାହା ବିଫଳ ହୋଇଛି । ଏବେ ପ୍ରସୂତୀ ବିଭାଗ ଡାକ୍ତର ତଥା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ ସେଠଙ୍କ ପ୍ରମୋସନ ଯୋଗୁ ପଦ୍ମପୁର ଡାକ୍ତରଖାନାକୁ ବଦଳି ହୋଇଛି। ଏହାକୁ ନେଇ ବରପାଲି ଗାଡି ମାଲିକ ସଂଘ ଓ ଡ୍ରାଇଭର ସଂଘ ପକ୍ଷରୁ ଡାକ୍ତର ଦିଅ ଡାକ୍ତର ନିଅ ଦାବି କରି ବୁଧବାର ଡାକ୍ତରଖାନା ପରିସରରେ ଧାରଣା ଦିଆଯାଇଛି । ଏଥିରେ ବିଭିନ୍ନ ସଙ୍ଗଠନ, ମାରୱାଡି ମହିଳା ସଂଘ, ଆଶାକର୍ମୀ ପ୍ରମୁଖ ସାମିଲ ହୋଇଛନ୍ତି । ଏହି ଦାବି ନେଇ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜଣାପଡିଛି । ଏହି ଧାରଣାରେ ଗାଡି ମାଲିକ ସଂଘ ସଭାପତି ସଲିମ୍ ଖାଁ ଓ ଡ୍ରାଇଭର ସଂଘ ସଭାପତି ନବୀନ ପଟ୍ଟନାୟକ, ପ୍ରମୋଦ ସାହୁ, କୈଳାଶ ବେହେରା, ଦିଲୀପ ରାଉତ, ଦୟାଳୁ ସାହୁ, ବିଜୁ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।



ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।

- ରବର୍ଟ ୱାଲ୍‌ପୋଲ୍



## ସଂକ୍ଷେପରେ

### ଢେଙ୍କାନାଳ ଶେଲ୍‌ଟର ହୋମ୍ ନିର୍ଯାତନା ମାମଲା

## ଜାମିନ ପାଇଁ ଫୟାଜ ରହମନ ହାଇକୋର୍ଟଙ୍କ ଦ୍ୱାରସ୍ଥ

**କଟକ ଅଫିସ,୧୯।୧୨:** ବହୁଚର୍ଚ୍ଚିତ ଢେଙ୍କାନାଳ ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଶେଲ୍‌ଟର ହୋମ୍ ଯୌନ ନିର୍ଯାତନା ଘଟଣାର ମୁଖ୍ୟ ଅଭିଯୁକ୍ତ ଫୟାଜ୍ ରହମନ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେହିଭଳି ଉକ୍ତ ମାମଲାରେ ସମ୍ପୃକ୍ତ ଅନ୍ୟ ୧୩ ଜଣ ଅଭିଯୁକ୍ତ ମଧ ପୋଲିସ ଗିରଫଦାରିରୁ ବର୍ତ୍ତିବା ପାଇଁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ସୂଚନାଥାଉକି, ଏହି ଶେଲ୍‌ଟର ହୋମ୍‌ରେ ରହୁଥିବା ଅନ୍ତେବାସୀଙ୍କୁ ଯୌନ ନିର୍ଯାତନା ଦିଆଯାଉଥିଲା। ଉକ୍ତ ଘଟଣାକୁ ନେଇ ଶେଲ୍‌ଟର ହୋମ୍‌ର ମୁଖ୍ୟ ଫୟାଜ୍ ରହମନଙ୍କୁ ପୋଲିସ ଗିରଫ କରିଥିଲା। ପୂର୍ବରୁ ନିମ୍ନ ଅଦାଲତ ଫୟାଜ୍‌ଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ।

### ସୁବର୍ଣ୍ଣପୁରରେ ପେଥାଇ ପ୍ରଭାବ

# ୧୬୯୪ ହେକ୍ଟରର ଧାନ ଫସଲ ନଷ୍ଟ

ସୋନପୁର,୧୯।୧୨(ନି.ପ୍ର.)

ବାତ୍ୟା ପେଥାଇ ପ୍ରଭାବରେ ସୁବର୍ଣ୍ଣପୁର ଜିଲା ବିନିକାରେ ସର୍ବାଧିକ ୬୮.୮ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଗତ ରବିବାରଠାରୁ ଝିପିଝିପି ବର୍ଷା ସାଙ୍ଗକୁ କୋହଲା ପାଗ ଓ ଶିତୁଆ ପବନ ସାଧାରଣ ଜୀବନ ଯାତ୍ରାକୁ ଅସ୍ତବ୍ୟସ୍ତ କରି ପକାଇଥିଲା । ବୁଧବାର ପାଗ ଶୁଖିଲା ରହିଛି । ତେବେ ବର୍ଷା ଯୋଗୁ ଜିଲାର ୬ଟି ବ୍ଲକରେ ପାଚିଲା ଧାନ ପାଣିରେ ଭାସୁଛି। ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି । ସୋନପୁର, ତରଭା, ବିନିକା, ଡୁଙ୍ଗୁରିପାଲି, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକର ଚାଷ ଜମିରେ କଟା ହୋଇ ପଡିଥିବା ଧାନପେଟା ପାଣିରେ ଭାସୁଥିବା ଅଭିଯୋଗ ହୋଇଛି । ସେହିଭଳି ଅମଳ ହେବା ପରେ ମଣ୍ଡିକୁ ଯାଇଥିବା ହଜାର ହଜାର ବସ୍ତା ଧାନ ଖୋଲା ଆକାଶ ତଳେ ପଡି ରହିଛି । ଅନ୍ୟପକ୍ଷେ କପା ଚାଷ ଓ ପନିପରିବା ଚାଷ ମଧ ବର୍ଷା ଏବଂ ପବନ ଯୋଗୁ କ୍ଷତିଗ୍ରସ୍ତ ହୋଇଛି । ଅନ୍ୟପକ୍ଷେ କେତେ ଫସଲ କ୍ଷତି ହୋଇଛି ତାହାର ଆକଳନ କରି କ୍ଷୟକ୍ଷତି ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି । ଜିଲାପାଳଙ୍କ ରିପୋର୍ଟ ମିଳିବା ପରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏ ସମ୍ପର୍କରେ ସୁବର୍ଣ୍ଣପୁର ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ ଜେନା କହିଥିଲେ ଯେ, ପେଥାଇ ଯୋଗୁ ଜିଲାରେ ବର୍ଷା ହେବାର ସମ୍ଭାବନା ଥିବାରୁ ଚାଷୀମାନଙ୍କୁ ଧାନ ବିଲରୁ ନେଇଯିବାକୁ ଆଗୁଆ ପରାମର୍ଶ ଦିଆଯାଇଥିଲା। ତଥାପି ଜିଲାରେ ବହୁ ଧାନ ଫସଲ ନଷ୍ଟ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଆଖିଦେଖା ଆକଳନରୁ ଜିଲାରେ ପ୍ରାୟ ୧୬୯୪ହେକ୍ଟର ଧାନ ଫସଲ ନଷ୍ଟ ହୋଇଛି। ଏହି ଆକଳନ ଚୂଡାନ୍ତ ରିପୋର୍ଟରେ ବଢିପାରେ କିମ୍ବା କମିପାରେ ବୋଲି ଉପ କୃଷି ନିର୍ଦ୍ଦେଶକ ଜେନା କହିଛନ୍ତି ।



ଭାଜପା ନେତୃବୃନ୍ଦ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

### ଠିକ୍ ଆକଳନ, ତୁରନ୍ତ କ୍ଷତିପୂରଣ ପ୍ରଦାନ ଦାବିକଲା ଭାଜପା

ସୁବର୍ଣ୍ଣପୁର ଜିଲାରେ ପେଥାଇ ପ୍ରଭାବରେ ବ୍ୟାପକ ଧାନ, କପା ଓ ପନିପରିବା ଫସଲ ନଷ୍ଟ ହୋଇଛି । ତେଣୁ ଫସଲ କ୍ଷୟକ୍ଷତିର ସଠିକ୍ ଆକଳନ ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ବୁଧବାର ଭାଜପା ଦାବି କରିଛି। ଏ ସମ୍ପର୍କରେ ଦଳ ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସ୍ମାରକପତ୍ର ଗ୍ରହଣ କରିଥିଲେ । ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଳଦେବ ପ୍ରସାଦ ବେଦ୍‌ବାକଙ୍କ ନେତୃତ୍ୱରେ ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର ବିଶି, ଶ୍ରଦ୍ଧାଞ୍ଜଳି ମିଶ୍ର, ଆଦିତ୍ୟ ମିଶ୍ର, କୃଷକ ମୋର୍ଚ୍ଚାର ସାଧାରଣ ସମ୍ପାଦକ ଗୁରୁ ଚନ୍ଦ୍ର ନାୟକ, ପ୍ରମୋଦ ଗୁରୁ, ସୁଦେଷ୍ଣା ନେଗୀ, ଜିତେନ୍ଦ୍ର ମହାପାତ୍ର, ଶ୍ରିନିବାସ ଚାନ୍ଦ ଇଂ ଆଶ୍ରୟ ମହାନନ୍ଦ, ବାପି ଦାଶ ଓ ସରୋଜ ପାଣିଗ୍ରାହୀ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ ।

### ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷାଫଳ ପ୍ରକାଶିତ

## ଶୀର୍ଷ ସ୍ଥାନରେ ଆୟୁଷୀ ମହାପାତ୍ର

କଟକ ଅଫିସ, ୧୯।୧୨

ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ ପରୀକ୍ଷା-୨୦୧୭ ଫଳ ବୁଧବାର ପ୍ରକାଶ ପାଇଛି। ବ୍ୟକ୍ତିତ୍ୱ ପରୀକ୍ଷଣ ପ୍ରକ୍ରିୟାରେ ମୋଟ ୧୦୬ ଜଣଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ଚୟନ କରାଯାଇଛି। ଓଡ଼ିଶା ସିଭିଲ ସର୍ଭିସ୍‌ର କାଟାଗୋରି-୧ ଓ କାଟାଗୋରି-୨ ଅନୁଯାୟୀ ଏମାନଙ୍କୁ ନିଯୁକ୍ତି ଦିଆଯିବ। ବ୍ୟକ୍ତିତ୍ୱ ପରୀକ୍ଷଣ ପ୍ରକ୍ରିୟା ଚଳିତ ଡିସେମ୍ବର ୩ରୁ ୧୦ ତାରିଖ ମଧ୍ୟରେ କରାଯାଇଥିଲା। ପ୍ରକାଶ ପାଇଥିବା ତାଲିକାରେ ଆୟୁଷୀ ମହାପାତ୍ର ଶୀର୍ଷ ସ୍ଥାନରେ ରହିଛନ୍ତି।


**OFFICE OF THE**
**NOTIFIED AREA COUNCIL, DHAMNAGAR**

**Notice No.: 1940** **Date: 17.12.2018**

The Class of Contractor of Sl. No. 1 of the tender vide **Bid Identification No. DNR_05/2018_19** shall be read as "B & C" instead of C & D.

Sl. No. 2 of the tender vide **Bid Identification No. DNR_05/2018_19** is hereby cancelled due to unavoidable circumstances.

**Sd./- Executive Officer, Dhamnagar NAC**



**ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ସୁବର୍ଣ୍ଣପୁର**

ପତ୍ର ସଂଖ୍ୟା- ୨୮୧୪ ତା୧୨।୧୨।୧୮

**ନାମ- ଶ୍ରୀ ନିମାଇଁ ଚରଣ ବେହେରା**
**ପିତା- ୰ ଗୁଡ଼ିଆ ବେହେରା**
**ଗ୍ରାମ- କଂଟାବାଂଜି**
**ପୋଷ୍ଟ/ଥାନା- କଂଟାବାଂଜି**
**ଜିଲ୍ଲା- ବଲାଙ୍ଗୀର**

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଆପଣ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ, ସୁବର୍ଣ୍ଣପୁରଙ୍କର ଅଧୀନରେ କନିଷ୍ଠ କିରାଣି ଭାବରେ କାର୍ଯ୍ୟ କରୁଥିବା ସମୟରେ ତା୩୧।୦୮।୨୦୧୮ଠାରୁ କାର୍ଯ୍ୟାଳୟରେ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ଏହି କାର୍ଯ୍ୟାଳୟର ପତ୍ର ସଂଖ୍ୟା ୧୯୪୭ ତା୦୭।୦୯।୨୦୧୮, ୨୦୨୭ ତା୧୮।୦୯।୨୦୧୮, ୨୩୮୨ ତା୨୬।୧୦।୨୦୧୮ ଏବଂ ୨୬୦୫ ତା୨୦।୧୧।୨୦୧୮ ରେଜିଷ୍ଟ୍ରି ଡାକ ଯୋଗେ ଉପରୋକ୍ତ ଠିକଣାରେ କାର୍ଯ୍ୟାଳୟରେ ଯୋଗଦେବା ନିମନ୍ତେ ପତ୍ର ଯୋଗେ ଜଣାଇ ଦିଆଯାଇଥିଲେ ସୁଦ୍ଧା ଆପଣ ଆଜିପର୍ଯ୍ୟନ୍ତ ନିଜେ ଉପସ୍ଥିତ ହୋଇନାହାନ୍ତି କିମ୍ବା କୌଣସି ଯୋଗାଯୋଗ କରିନାହାନ୍ତି। ଏଣୁ ଆପଣଙ୍କୁ ଉକ୍ତ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ ୭ ଦିନ ମଧ୍ୟରେ କାର୍ଯ୍ୟରେ ଯୋଗଦିଅନ୍ତୁ, ନଚେତ୍ ଆଇନ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ନିର୍ବାହୀ ଯନ୍ତ୍ରୀ
ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ସୁବର୍ଣ୍ଣପୁର



**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**

No RDM-LAA-MBJ-0044-2017/32680 R&DM, Dated 31 Aug. 2018

No.-XXI-102: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ଭାଲୁଘର**, ଥାନା- କରଞ୍ଜିଆ ନଂ.-୧୪୫, ତହସିଲ- କରଞ୍ଜିଆ, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେଓ ଜଳସେଚନ ପ୍ରକଳ୍ପର ବାମ ପାର୍ଶ୍ୱ ଡିଷ୍ଟ୍ରିବ୍ୟୁଟାରୀ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୩୩୨୬ ତା୧୮।୦୭।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ଭାଲୁଘର**, ଥାନା- କରଞ୍ଜିଆ ନଂ.-୧୪୫, ଜିଲ୍ଲା- ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବସାଇଟ www.mayurbhanj.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀ, କରଞ୍ଜିଆ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: କରଞ୍ଜିଆ**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ଭାଲୁଘର** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨.୮୦ | ଏ. ୧.୧୪ | ଏଥି ସହିତ ସଂଲଗ୍ନ |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: କରଞ୍ଜିଆ**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ ୨୮।୦୩।୨୦୧୮**

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଅଭୟ କୁମାର ନାୟକ, ଯୁଗ୍ମ ଶାସନ ସଚିବ**

**ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀ,**
**ଦେଓ ଜଳ ପ୍ରକଳ୍ପ, ମୟୂରଭଞ୍ଜ, କରଞ୍ଜିଆ**

**ମୌଜା- ଭାଲୁଘର** **ଥାନା ନଂ.୧୪୫**

| କ୍ର. ନଂ. | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧ | ଭାଲୁଘର | ୫ | ୯<br>୧୫<br>୧୭ | ୧.୬୬<br>୧.୦୩<br>୦.୧୧ | ୦.୭୫<br>୦.୩୮<br>୦.୦୧ | ଶାରଦ ଦୁଇ<br>ଶାରଦ ଏକ<br>ଆଶୁ | ନାରାୟଣ ମାଝୀ, ସାନମାଲଦେ ମାଝୀ, ପି- ହାଦ ମାଝୀ, ଚମ୍ପା ମାଝୀ, ସ୍ୱା- ହାଦ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| | | **ମୋଟ** | **୩** | **୨.୬୯** | **୧.୧୪** | | | |

24001/14/0422/1819



**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**

No RDM-LAA-MBJ-0080-2017/29495 R&DM Dated 8 Aug. 2018

No.-XXI-99: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ନୂଆଖୁଣ୍ଟା**, ଥାନା- ମୋରଡା ନଂ.-୧୩୪, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସଚେନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲର ପିଙ୍ଗୁଳି ମାଇନର ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୮୦୭୦ ତା୧୪।୧୧।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ନୂଆଖୁଣ୍ଟା**, ଥାନା- ମୋରଡା ନଂ.-୧୩୪, ଜିଲ୍ଲା- ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବସାଇଟ www.mayurbhanj.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷୀ, ବାରିପଦାସ୍ଥିତ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: ରାସଗୋବିନ୍ଦପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ନୂଆଖୁଣ୍ଟା** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୫.୯୧ | ଏକର ୩.୪୦ | ଏଥି ସହିତ ସଂଲଗ୍ନ |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: ରାସଗୋବିନ୍ଦପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ ୨୪।୦୩।୨୦୧୮**

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଅଭୟ କୁମାର ନାୟକ, ଯୁଗ୍ମ ଶାସନ ସଚିବ**

**ଭୂମି ଅନୁସୂଚୀ**

**ଭୂଅର୍ଜନ ମାମଲା ସଂଖ୍ୟା- ୫୨/୨୦୧୭**
**ଏ.୩.୪୦ଡି.**

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବୈଶିଙ୍ଗା ଶାଖା କେନାଲର ପିଙ୍ଗୁଳି ମାଇନର**
**ମୌଜା- ନୂଆଖୁଣ୍ଟା, ଥାନା- ମୋରଡା, ନଂ.-୧୩୪, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ୧୩ | ୧.୩୩ | ୦.୨୦ | ଶାରଦ ଦୁଇ | ଈଶ୍ୱରଚନ୍ଦ୍ର ମହାନ୍ତି, ପି: ଦିନବନ୍ଧୁ ମହାନ୍ତି, ଜା: କରଣ, ବା: କରଞ୍ଜପଡା |
| ୨ | ୯ | ୦.୮୫ | ୦.୨୨ | ଶାରଦ ଦୁଇ | କନ୍ଦା ମାଝୀ, ପି: ଛୋଟା ମାଝୀ, ଜା: ସାନ୍ତାଳ, ବା: କରଞ୍ଜପଡା |
| ୩ | ୪୫/୯୪ | ୦.୨୧ | ୦.୧୫ | ଶାରଦ ଦୁଇ | କାଳିଆ ମାହାଲି, ପି: ମଙ୍ଗଲା ମାହାଲି, ଜା: ମାଜାଲି, ବା: ନିଜଗାଁ |
| ୭ | ୪୭/୯୫ | ୦.୦୮ | ୦.୦୧ | ଶାରଦ ଦୁଇ | ଚାପେି ମାଝୀ, ପି: ଧାନୁ ମାଝୀ, ରୁହିୟା ମାଝୀ, ମାଙ୍ଗାତ ମାଝୀ, ଗୟ ମାଝୀ, ପି: ଚୈତନ୍ୟ ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୮ | ୧୮<br>୩୭<br>୩୮ | ୦.୭୭<br>୦.୩୪<br>୦.୪୪ | ୦.୧୪<br>୦.୦୯<br>୦.୦୮ | ଶାରଦ ଦୁଇ<br>ଶାରଦ ଦୁଇ<br>ଶାରଦ ଦୁଇ | ଯୁଧିଷ୍ଠିର ଦତ୍ତ, ଅମ୍ବିକା ଦତ୍ତ, ଦୁତୀକା ଦତ୍ତ, ଉମାମଣୀ ଦତ୍ତ, ପି: ପଦ୍ମ ଲୋଚନ ଦତ୍ତ, ଯଦୁନାଥ ଦତ୍ତ, ସୋମନାଥ ଦତ୍ତ, ରାମଚନ୍ଦ୍ର ଦତ୍ତ, ପି: ଦିନବନ୍ଧୁ ଦତ୍ତ, ଜା: ରାହୁ, ବା: କରଞ୍ଜପଡା |
| ୧୦ | ୨୬ | ୦.୭୦ | ୦.୧୭ | ଶାରଦ ଦୁଇ | ଦାମୋଦର ମାଝୀ, ବିଜୟ ମାଝୀ, କାଳିଆ ମାଝୀ, ପି: ରଘୁ ନାଥ ମାଝୀ, ନାରଣ ମାଝୀ, ପି: ବାଘରାଏ ମାଝୀ, ଜା: ସାନ୍ତାଳ, ବା: କାଟୁଣୀ |
| ୧୧ | ୨୭ | ୦.୮୨ | ୦.୦୨ | ଶାରଦ ଦୁଇ | ଦୁଃଖିରାମ ସରେନ, ପଦନ ସରେନ, ପି: ଭଗବାନ ସରେନ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୧୪ | ୫ | ୦.୪୪ | ୦.୧୪ | ଶାରଦ ଦୁଇ | ଫଗଡା ମାଝୀ, ପି: କନ୍ଦା ମାଝୀ, ପାଣ୍ଡୁ ମାଝୀ, ପି: ଫଗଡା ମାଝୀ, ରୁହିଆ ମାଝୀ, ରାମ ମାଝୀ, ବିରଧାନ ମାଝୀ, ଭାଗିରଥି ମାଝୀ, ବିରସିଂ ମାଝୀ, ପି: ଦାସ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୬ | ୭୮ | ୦.୫୩ | ୦.୧୨ | ଶାରଦ ତିନି | ଫଗଡା ମାଝୀ, ରାମ ମାଝୀ, ନାରାନ ମାଝୀ, ପି: କନ୍ଦା ମାଝୀ, ତୁଳସୀ ମାଝୀ, ସ୍ୱା: କନ୍ଦା ମାଝୀ, ପାଣ୍ଡୁ ମାଝୀ, ପି: ଫଗଲା ମାଝୀ, ରୋହିଆ ମାଝୀ, ରାମ ମାଝୀ, ବିରଧାନ ମାଝୀ, ଭାଗିରଥି ମାଝୀ, ବିରସିଂ ମାଝୀ, ପି: ଦାସ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୭ | ୭୭ | ୦.୭୫ | ୦.୧୯ | ଶାରଦ ତିନି | ବାଢା ମାଝୀ, ପି: ଲକ୍ଷ୍ମଣ ମାଝୀ, ଜା: ସାନ୍ତାଳ, ବା: କୋଚିଆଶୁଳ |
| ୨୪ | ୩୦ | ୦.୬୯ | ୦.୧୪ | ଶାରଦ ଦୁଇ | ରେଣ୍ଟା ମାଝୀ, ସୁକୁଲ ମାଝୀ, ପି: ବିଦ ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୨୫ | ୩୧ | ୦.୭୫ | ୦.୧୬ | ଶାରଦ ଦୁଇ | ଲବା ସରେନ, ପି: ରୁଟିଆ ସରେନ, ଜା: ସାନ୍ତାଳ, ବା: ଅଙ୍ଗାରଗଡିଆ, ବେଆଇନ ଖରିଦ ସୂତ୍ରେ ଦଖଲ ଲେଢା ମାଝୀ, ପି; ଦୁର୍ଗା ମାଝୀ, ମାହ୍ଲ ମାଝୀ, ସ୍ୱା: ଲେଢା ମାଝୀ, ଜା: ସାନ୍ତାଳ, ବା: କରଞ୍ଜପଡା, ରେଜେଷ୍ଟ୍ରୀ ଦଲିଲ ନମ୍ବର 2056 ତା7.3.75 ଜରସମନ 1500/- ବା: |
| ୩୧ | ୪<br>୨୨ | ୦.୩୫<br>୧.୧୪ | ୦.୧୮<br>୦.୩୧ | ଶାରଦ ଦୁଇ<br>ଶାରଦ ଦୁଇ | ଶ୍ରୀନାଥ ମାଝୀ, ପି: ଭାଗିରଥି ମାଝୀ, ଜା: ସାନ୍ତାଳ, ବା: କାଟୁଣି |
| ୩୨ | ୫୩<br>୮୦ | ୧.୭୬<br>୧.୧୧ | ୦.୨୬<br>୦.୩୪ | ଶାରଦ ଦୁଇ<br>ଶାରଦ ତିନି | ହାରି ମାଝୀ, ରଘୁ ମାଝୀ, ଶାମୁ ମାଝୀ, ପି: ଭୀମା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୩୨/୧ | ୩୦/୯୬<br>୩୦/୯୭ | ୦.୨୫<br>୦.୧୫ | ୦.୧୨<br>୦.୦୪ | ଶାରଦ ଦୁଇ<br>ଶାରଦ ଦୁଇ | ଶ୍ରୀମତୀ ପାନ ସରେନ, ଅର୍ଜୁନ ସରେନ, ଦାସମାତ ସରେନ, ଗହ୍ଳା ସରେନ, ଭକ୍ଲୁ ସରେନ, ପି- ସାଉନା ସରେନ, ଜା: ସାନ୍ତାଳ, ବା: କରଞ୍ଜପଡା |
| ୩୨/୨ | ୪୭ | ୦.୪୨ | ୦.୧୩ | ଶାରଦ ଦୁଇ | ବିନୁ ହେମ୍ବ୍ରମ, ପି: ବୁଧରାୟ ହେମ୍ବ୍ରମ, ଜା: ସାନ୍ତାଳ, ବା: ବିରିପାଳ |
| ୩୨/୬ | ୧୩/୧୦୩ | ୨.୦୩ | ୦.୧୯ | ଶାରଦ ଦୁଇ | ଝରଣା ପଟ୍ଟନାୟକ, ସ୍ୱା: ଅବନୀ ପଟ୍ଟନାୟକ, ଜା: କରଣ, ବା: ମଧୁବନ ୱା ନଂ.9 ବାରିପଦା |
| **ମୋଟ** | **୨୨ ପ୍ଲଟ** | **ଏ.୧୫.୯୧ ଡେ.ମି.** | **ଏ.୩.୪୦ ଡେ.ମି.** | | |

24001/14/0419/1819